Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୦ ଗ
ସଂ ୧୬ ଖ୍ୟା

ତା ୧୮ ରଙ୍ଗ ମାହେ ଏପ୍ରେଲ ସନ ୧୮୮୫ ଇଷ୍ଟା । ମୁ। ଚୈତ୍ର ଶୁ ୪ ଦିନ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ ॥ | ଟ ୩ |
| ଡାକମାସୁଲ | ଟ ୦ ।୰ | ଟ ।୯ |

କାର୍ଯ୍ୟବିଭାଗର ଅମଲାମାନଙ୍କ କାର୍ଯ୍ୟ ଓ ବେତନର ସୁବ୍ୟବସ୍ଥା କରିବା କାରଣ ଯେଉଁ କମିଟି ଅମୂମାନଙ୍କ ଗେଷ୍ଟଲିଟ ସାହେବଙ୍କ ଅଧିକ୍ରମେ ବସିଅଛି ତହିଁର ସଭ୍ୟ ଅର୍ଥାତ୍ ଶ୍ରୀଯୁକ୍ତ କମନ୍ ଓ ଡ୍ରାମଣ୍ଡ ସାହେବମାନେ ଏବେ କାର୍ ଦୁର୍ଗଗଡ଼ ବାଳର୍ଦ୍ଧା ଅପଣାର କର୍ମରୁ ଅବ୍ୟାହତି ପାଇ କେବଳ ଏହି କର୍ମରେ ନିଯୁକ୍ତ ହୋଇ ଅଛନ୍ତି । ଏଥିରୁ ଜଣା ଯାଏ ଯେ ଏମାନେ ବଙ୍ଗପ୍ରଦେଶର ନାନା ଜିଲ୍ଲାରେ ଭ୍ରମଣ କରି କେଉଁଠାରେ କି ଶୃଙ୍ଖଳାରେ କାର୍ଯ୍ୟ ହେଉଅଛି ଦେଖିବେ ଓ ତହିଁ ଉପରୁ କାର୍ଯ୍ୟର ସୁବନ୍ଦୋବସ୍ତ କରିବେ ।

---

ସୁଦାନର ଯୁଦ୍ଧ ସମ୍ପର୍କରେ ଏ ସପ୍ତାହରେ ବିଶେଷ କିଛି ସମ୍ବାଦ ନାହିଁ । ଗତମାସ ତା ୧୦ ରଖ ତାରସମ୍ବାଦରୁ ଜଣାଯାଏ ଯେ ବିଦ୍ରୋହିମାନଙ୍କ ବଶ୍ୟତା ସ୍ୱୀକାର କରିବା ଏବଂ ମୂଲ୍ୟ ଗ୍ରହଣପୂର୍ବକ ଇଂରାଜ ସେନାକୁ ଖାଦ୍ୟ ଯୋଗାଇବା କାରଣ ଜେନରଲ ଗ୍ରେହାମ ଇସ୍ତାହାର ଦେଇଅଛନ୍ତି ଏବଂ ବିଜ୍ଞାପନରେ ଲେଖା ଅଛି ଏହାକୁ ଅବଜ୍ଞା କଲେ ତହିଁର ଫଳ ସେମାନେ ଭୋଗ କରିବେ । ଏଥିପୂର୍ବେ ହୋଇଥିବା ଯୁଦ୍ଧର ବାହୁଲ୍ୟ ବିବରଣ ଏଥି ମଧ୍ୟରେ ଆସିଅଛି । ତହିଁରୁ ପ୍ରକାଶ ଯେ ବିଦ୍ରୋହିମାନେ ପୁନଃ ପରାସ୍ତ ହେଲେହେଁବା ଶାନ୍ତ ହୋଇ କାହାନ୍ତି ପୁରୁଷଙ୍କ ସଙ୍ଗେ ସ୍ତ୍ରୀ ଓ ପିଲାମାନେ ଯୁଦ୍ଧ କରିବାକୁ ବାହାରି ଅଛନ୍ତି ।

---

ସୁନା ପରୀକ୍ଷା କରିବାର ଗୋଟିଏ ଉପାୟ ଏକ ସମ୍ବାଦପତ୍ରରେ ଏହିପରି ଲେଖାଅଛି କି ନାଇଟ୍ରିକ ଏସିଡ ( ଯବକ୍ଷାର ଅମ୍ଳ ) ପୂର୍ଣ୍ଣ ବୋତଲରେ ଗୋଟିଏ ପକ୍ଷୀ ବୁଡାଇ କୌଣସି ସୁନାର ଅଳଙ୍କାରାଦିରେ ଲଗାଇ ଦେଲେ ଯେବେ ତହିଁରୁ ଧୂଆଁ ବାହାରିବ ତେବେ ଜାଣିବ ଯେ ସେ ସୁନା ଶୁଦ୍ଧ ନୁହଇ ତହିଁରେ ଅନ୍ୟ ଧାତୁ ମିଶି ଅଛି । ଯେବେ ଆଦୌ ଧୂଆଁ ବାହାରିବ ନାହିଁ ତେବେ ବୁଝିବ ଯେ ସେ ସୁନା ବିଶୁଦ୍ଧ ତହିଁରେ କିଛି ମିଶି ନାହିଁ କାରଣ ନାଇଟ୍ରିକ ଏସିଡର ଗୁଣ ଏହି କି ସବୁ ଧାତୁକୁ ଖାଇ ଯାଏ ମାତ୍ର ସୁନାକୁ ଖାଇ ବା ଦ୍ରବାଇ ପାରେ ନାହିଁ । କାର୍ଯ୍ୟତଃ ଏ ପରୀକ୍ଷାର ମୂଲ୍ୟ କେତେ ଆମ୍ଭେମାନେ କହି ନ ପାରୁଁ କାରଣ ସ୍ୱତନ୍ତ୍ରର ଯେଉଁ ସୁନାରେ ଅଳଙ୍କାରାଦି ପ୍ରସ୍ତୁତ ନୁହଇ ତହିଁରେ ଖାଦ ଥାଏ କେବଳ ଖାଦର ନ୍ୟୁନାଧିକ ଜାଣିବାର ଆବଶ୍ୟକ ହୁଅଇ । ନାଇଟ୍ରିକ ଏସିଡଦ୍ୱାରା ଖାଦ ଜଣା ଯିବ ମାତ୍ର ତହିଁର ପରିମାଣ ଜଣା ଯାଇ ପାରିବ ନାହିଁ ସୁତରାଂ ଶୁଦ୍ଧ କାର୍ଯ୍ୟଙ୍କୁ କଷଟିଠାରୁ ସୁନା ପରୀକ୍ଷିବାର ଅଧିକ କୌଣସି ସହଜ ଉପାୟ ଉଦ୍ଭାବିତ ହୋଇ ନାହିଁ ।

---

ବାଣିଜ୍ୟପ୍ରିୟ ଇଂରାଜମାନେ ସ୍ୱାଧୀନ ବ୍ରହ୍ମଦେଶକୁ ଇଂରାଜ ରାଜ୍ୟଭୁକ୍ତ କରିବା ନିମନ୍ତେ ବହୁକାଳରୁ ଚେଷ୍ଟିତ ଥାଇ ବ୍ରହ୍ମରାଜାଙ୍କର ଶାସନକାର୍ଯ୍ୟର ନାନା ଦୁଷ୍ଟ ବାହାର କରି ଅଛନ୍ତି । ଏଥି ପୂର୍ବେ ଅନେକ ଥର ବ୍ରହ୍ମରାଜ୍ୟର ଅଦ୍ଧ୍ୟାଗ୍ରହ ବିଷୟରେ ଆବେଦନପତ୍ରମାନ ପଠାଇଥିଲେ ତହିଁରେ କୃତକାର୍ଯ୍ୟ ନ ହେବାରୁ ଅଳ୍ପ ଦିନ ତଳେ ଆଉ ଥରେ ସେହିପରି ଆବେଦନ ପତ୍ର ପଠାଇଅଛନ୍ତି । କିନ୍ତୁ ଉଦାର-ସମ୍ପ୍ରଦାୟଙ୍କ ଶାସନ କାଳରେ ସେମାନଙ୍କ ଆଶା ପୂର୍ଣ୍ଣ ହେବାର କିଛି ମାତ୍ର ସମ୍ଭାବନା ନାହିଁ । ସେ ଦିନ ତାର ଯୋଗେ ବିଲାତରୁ ସମ୍ବାଦ ଆସିଅଛି ଯେ ସ୍ୱାଧୀନ ବ୍ରହ୍ମଦେଶକୁ ହସ୍ତଗତ କରିବାର ଅଭିପ୍ରାୟ ଆଦୌ ନାହିଁ ବୋଲି ଭାରତବର୍ଷୀୟ ରାଜମନ୍ତ୍ରୀ କିମ୍ବର୍ଲି ସାହେବ ବିଲାତର ବଣିକସମାଜକୁ ଜଣାଇଅଛନ୍ତି ଏବଂ ଉକ୍ତ ରାଜ୍ୟ ସହିତ କିରୂପେ ସୌହାର୍ଦ୍ଦ ବୃଦ୍ଧି ହେବ ଲର୍ଡ ଡଫରିନ ତହିଁର ଉପାୟ ଚିନ୍ତା କରୁଅଛନ୍ତି । ଏ ସମ୍ବାଦ ଅତ୍ୟନ୍ତ ସୁଖକର ଅଟଇ । ରାଜା ଥିବଙ୍କର ଅନେକ ଅତ୍ୟାଚାରର କଥା ଶୁଣା ଯାଇଅଛି । କିନ୍ତୁ ଏହା ମଧ୍ୟ ସମ୍ଭବ ଯେ କେତେକ ଲୋଭୀ ଇଂରାଜ ଉକ୍ତ ରାଜ୍ୟକୁ ଅଧିକାର କରିବାଦ୍ୱାରା ବାଣିଜ୍ୟର ବିସ୍ତାର ଆଶାରେ ରାଜାଙ୍କ ନାମରେ କେତେକ ଅମୂଳକ କଥା ଉଠାଉଅଛନ୍ତି । ଫଳତଃ ରାଜାଙ୍କ ସଙ୍ଗେ ସୌହାର୍ଦ୍ଦ ବୃଦ୍ଧିଦ୍ୱାରା ତାହାଙ୍କର ଶାସନ ପ୍ରଣା-

Digitized by srujanika@gmail.com

ଣୀ ଉତ୍କଳ ଭଗବାନ ଚେଷ୍ଟା ପ୍ରବୃତ୍ତ ହର୍ଯ୍ୟ ଅଛନ୍ତି । ତାହାଙ୍କ ସଜନତ୍ୱ ବାହ୍ୟଚେଷ୍ଟା କୌଣସି ମତେ ଲାଘୁପ୍ରସଙ୍ଗ ନୁହଇ ଏବଂ ତତ୍ପରେ ଇଂସ୍ଥଳଙ୍କ କଳଙ୍କ ବୃଦ୍ଧି ବିନା କୌଣସି ଲାଭ ନାହିଁ ।

———

ଏଥି ପୂର୍ବେ ବାଲ୍ୟ ବିବାହ ବିଧି ସମ୍ପର୍କରେ କର ନରସିଂହପୁର ଶାସନରେ ସ୍ଥାପିତ ଅଧ୍ୟାପକ ସଭାର ମନ୍ତବ୍ୟ ପାଠକମାନଙ୍କୁ ଜଣାଇଥିଲୁଁ । ଏଥର ବିଧବା ବିବାହ ନିଷେଧ ବିଷୟରେ ଉକ୍ତ ସଭାର ଶଣ୍ଡିଏ ପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା । ଧର୍ମଶାସ୍ତ୍ରର ଚର୍ଚ୍ଚା ବିଷୟରେ ସଭାର ଆଗ୍ରହ କ୍ରମଶଃ ବୃଦ୍ଧି ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହୋଇ ଅଛୁଁ ଏବଂ ଅନ୍ୟାନ୍ୟ ଶାସନମାନଙ୍କରେ ଏହିପରି ଚର୍ଚ୍ଚା ଯେବେ ଚଳିବ ତେବେ ମଙ୍ଗଳର ବିଷୟ । କିନ୍ତୁ ଅମ୍ଭେମାନେ ଦୁଃଖିତ ହୋଇ କହୁଅଛୁଁ ଯେ ଏହି ସଭା ସାମୟିକ ପ୍ରସଙ୍ଗପ୍ରତି ଅଧିକ ମନୋଯୋଗୀ ନ ହୋଇ କେବଳ ସୂକ୍ଷ୍ମରୂପେ ଆପଣା ମନ୍ତବ୍ୟ ବ୍ୟକ୍ତ କରି ଅଛନ୍ତି ଏବଂ ଏହି ହେତୁରୁ ସମସ୍ତଙ୍କର ସନ୍ଦେହଭଞ୍ଜନ ହେବାର ସମ୍ଭାବନା ନାହିଁ । ବିଧବା ବିବାହ ଉଚିତ କି ନା ଏ ପ୍ରସଙ୍ଗ ବର୍ତ୍ତମାନ ଯେତେ ନାହିଁ ବାସ୍ତବରେ ଏକଥା କଲିକତାରୁ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଯତ୍ନରେ ନିଷ୍ପତ୍ତି ହୋଇ ଗବର୍ଣ୍ଣମେଣ୍ଟରୁ ତଦ୍ବିଷୟରେ ଶଣ୍ଡିଏ ଆଇନ ହୋଇ ସାଇଅଛି ଏବଂ ବୈଧବ୍ୟ ବିଷୟରେ ବାଲ ବୈଧବ୍ୟ ଯନ୍ତ୍ରଣା କି ଭୟାନକ ବ୍ୟାପାର ଓ କେମନ୍ତ ଗୁରୁତର ବ୍ୟାପାର ମୂଳ ଏଣେ କି ବୁଝିବାଲୋକେ ସେ ସମସ୍ତ ବିଶେଷରୂପେ ଅନୁଭବ କରି ସ୍ୱପକ୍ଷ ଦଳର କ୍ରମଶଃ ପୁଷ୍ଟିସାଧନ କରୁ ଅଛନ୍ତି । ଅତଏବ ଯେସ୍ଥଳେ ବିଧବା ବିବାହ ସପକ୍ଷରେ ସାଧାରଣରୂପେ ଲୋକଙ୍କର ମନ ଧାବିତ ହେବାର ଦେଖା ଯାଉଅଛି ସେ ସ୍ଥଳେ ତତ୍ ବିରୁଦ୍ଧରେ ପ୍ରାଚୀନ ପ୍ରମାଣର ଅନୁସନ୍ଧାନରେ କାଳକ୍ଷେପ ନ କରି କେଉଁ ଅବସ୍ଥାରେ ବିଧବାଙ୍କର ପୁନର୍ବିବାହ ହେଲେ ଭଲ ହେବ ଅଥବା କି ଉପାୟଦ୍ୱାରା ବିଧବାମାନଙ୍କୁ ପୁନର୍ବିବାହରୁ ଶାନ୍ତ ରଖା ଯିବ ତହିଁର ବିଚାର କରିବା ଆବଶ୍ୟକ । ବଳପୂର୍ବକ ସେମାନଙ୍କୁ ବିଧବା କରି ରଖିଲେ ଚଳିବ ନାହିଁ । ଯେବେ ବିଧବା ବିବାହ ଏକାନ୍ତ ନିଷିଦ୍ଧ ହେବ ଏମନ୍ତ ଅଭିପ୍ରାୟ ବାହାର କରିବାର ଉଚିତ ତ ସର୍ବଦା ସ୍ଥାନରେ ବୈଧବ୍ୟ ଅବସ୍ଥାରୁ ରକ୍ଷା କରିବାକୁ ନ କରି ଉତ୍ପନ୍ନ ତାହା ଅବଲମ୍ବନ କରିବେ ।

———

ସମ୍ବାଦ ବାହିକା ସମ୍ପର୍କରେ ବାବୁ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ ପ୍ରତି ଜଏଣ୍ଟଇନ୍‌ସ୍ପେକ୍ଟରଙ୍କ ଆଜ୍ଞାର ଯେଉଁ ସମାଲୋଚନା ଅମ୍ଭେମାନେ କରିଥିଲୁଁ ତହିଁର ପ୍ରତିବାଦ କରି ଉତ୍କଳଦର୍ପଣ ଲେଖିଅଛନ୍ତି ଯେ "କଟକ ସାହେବ ଅଥବା ଅନ୍ୟ ସାହେବଙ୍କ କାର୍ଯ୍ୟର ସମାଲୋଚନା ଅନ୍ୟ ଦୀପିକାରେ ଦେଖାଯାଏ ନାହିଁ ଏହା କେ ନ ଜାଣେ ? ଦୀପିକା ପ୍ରବର୍ତ୍ତିତ ଏହି ପ୍ରବୃତ୍ତାନ୍ତର ବାହିକା ଯେବେ ଅନୁକରଣ କରି ଆଜେ ଅଥବା ଗବର୍ଣ୍ଣମେଣ୍ଟ ନିଯୁକ୍ତ ସାଧାରଣ ଅବଗତ ସକାଶେ ଯେବେ ପ୍ରକାଶ କାଗଜ ହୋଇ ନ ଥାନ୍ତା ତାହା ହେଲେ ବୋଧ ହୁଅଇ ଏ ଭଳି ଅପ୍ରୀତିକର ପ୍ରଶ୍ନ ଆସି ଉଠି ନ ଥାନ୍ତା ।" ଅମ୍ଭେମାନେ ପୂର୍ବେ କହୁଅଛୁଁ ଏବଂ ପୁନର୍ବାର କହୁଅଛୁଁ ଯେ ଗବର୍ଣ୍ଣମେଣ୍ଟ ନିଯୁକ୍ତ ବ୍ୟକ୍ତିମାନେ ନିଷେଧର କଥନ କେବଳ ଅନୁମତି ସାପେକ୍ଷ ଓ ଜଏଣ୍ଟଇନ୍‌ସ୍ପେକ୍ଟର ତାହା କଲେ ଯେପରି ଅନୁମତି ଅଣାଇ ଦେବା ପାଇଁ ଉକ୍ତ ନିଯୁକ୍ତର ଆପତ୍ତି କାର୍ଯ୍ୟକର ନୁହଇ । ଅତଏବ ଫଳ ପଡ଼ିଲା ଯେ ଗୋବିନ୍ଦ ବାବୁ ସମ୍ପାଦକ ଥିବା ପ୍ରଯୁକ୍ତେ ଯେତେବେଳେ ବାହିକାରେ ଜଏଣ୍ଟଇନ୍‌ସ୍ପେକ୍ଟରଙ୍କ ବକ୍ତୃତାରେ ନାନା କଥା ବାହାରିଲା ତେବେ ତାହାଙ୍କୁ ସେ ପଦରେ ରଖାଇ ଦିଆଯାଇ ନ ପାରେ । ଏ ନ୍ୟାୟ ଠିକ 'ଭୂଲ ନ ଜାଣି ଗାଈ ଦୋଷ' ପରି ହୋଇଅଛି । ଦୀପିକା ବିଷୟରେ ସହଯୋଗୀ ଯାହା ଲେଖିଅଛନ୍ତି ତହିଁର ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଆଜ୍ଞା ପଡ଼ିବାର ସମ୍ପାଦକ ଅଦାଲତର ଜଣେ କର୍ମଚାରୀ ଥିବାରୁ ଅଦାଲତ ବିରୁଦ୍ଧରେ କେବେ କିଛି ତହିଁରେ ପ୍ରକାଶ ହେଉ ନାହିଁ କିନ୍ତୁ ଓଡ଼ିଶାର ଅନ୍ୟାନ୍ୟ ସମ୍ବାଦ ପତ୍ର ପକ୍ଷରେ ତ ସେ ଯୁକ୍ତି ଖଟଇ ନାହିଁ ସେ ସବୁରେ କେବେ କିଛି ପ୍ରକାଶ ହୋଇଅଛି କି ? ମୂଳ କଥା ଏହି ଯେ ଯେଉଁ ଜନ୍ମସ୍ଥଳରେ ଓଡ଼ିଶାରେ ସମ୍ବାଦପତ୍ର ହେଲା ବହୁଦିନ ଅଲେକସାଣ୍ଡର, ସ୍ମିଥ, ମାକଫର୍ସନ, ଓଗିଲଭି ସାହେବମାନେ ଏଠାରେ ଏକ ଦିଶେ ଅଦ୍ଭୁତ ନିରପେକ୍ଷ ଏବଂ ଦକ୍ଷତାରୂପେ କାର୍ଯ୍ୟ କରିଅଛନ୍ତି ଓଡ଼ିଶା ବାସୀଙ୍କ ହୃଦୟପଟରେ ବିଶ୍ୱାସନ ପାଇଅଛନ୍ତି ସେମାନଙ୍କ ବିରୁଦ୍ଧରେ ସମ୍ବାଦପତ୍ରର ଶତ୍ରୁ ସମାଲୋଚନାର ଅବସର କାହିଁ ? ତଥାପି ମଲଣ, ଅସ୍ମିଥ ନହୁଲ ଏବଂ ଏମାନଙ୍କ କାର୍ଯ୍ୟରେ କେତେବେଳେ ସାମାନ୍ୟ ତ୍ରୁଟି ହୋଇଥିଲେ ସାଧାରଣ ଦୃଷ୍ଟିକୁ ଅଡ଼ ପାଇ ନାହିଁ । ସହଯୋଗୀ ଯେବେ ସ୍ମରଣ କରି ସ୍ୱାର୍ଥ ତ୍ୟାଗରେ ଅନ୍ନ ଦେବେ ତେବେ କହିବ ଆମ୍ଭମାନଙ୍କ ବଳ ନାହିଁ ମାତ୍ର ସେ ଯେତେବେଳେ ଦୀପିକାର ତତ୍ତ୍ୱାବଧାନ କରୁଥିଲେ ଅବଧି କାର୍ଯ୍ୟରେ ସେ ଅନେକ ସ୍ୱୟଂ ସକାଶ ମେଜର, କାଠଗଡ଼ ବଦଲାଇ ମୋକଦମା ଏବଂ ଏହି ଜଜ ସାହେବଙ୍କ ଅମଳର କେତେ ଗୁଡ଼ାଏ ଫୌଜଦାରୀ ମୋକଦମାର ସମାଲୋଚନା ବାହାର ଅଛି । ଜଏଣ୍ଟଇନ୍‌ସ୍ପେକ୍ଟରଙ୍କ କାର୍ଯ୍ୟର ଯେଉଁ ଅଂଶ ଯେନ ସାର୍ଥ କାଳରୁ କହିଅଛୁ ଦର୍ପଣ ତହିଁର ପ୍ରତିବାଦ କରୁଥିଲେହେଁ ହୋଇ ନାହାନ୍ତି ଏବଂ ସେସ୍ଥଳେ ସେ ବିଷୟରେ ଏହା ବାହୁଲ୍ୟ ହେଉ ନାହିଁ ସେ ସ୍ଥଳେ ତାହାର ସମାଲୋଚନାକୁ କେଉଁ ନ୍ୟାୟରେ ଅପ୍ରୀତିକର ପ୍ରଶ୍ନ ବୋଲା ଯିବ ?

—•※•—

ଇଂଲଣ୍ଡ ଓ ରୁଷିଆ ।

ଶାର୍ଥଦିନ ହେବ ଦେଶ ମଧ୍ୟରେ ଯୁଦ୍ଧ ସମ୍ବାଦ ପୂର୍ଣ୍ଣ ବଳରୂପ ହୋଇ ଅଛି । କାଳକ୍ରମ ବର୍ତ୍ତମାନ ସେହି ଦେଶ ମଧ୍ୟରେ ଏକ ବସ୍ତୁରେ ସନ୍ଧି ପ୍ରସ୍ତାବ ଓ ଅପର ବସ୍ତୁରେ ପ୍ରବେଶ ସ୍ୱଭାବ ଅପେକ୍ଷିତ ହେଲ ହୁଲି ଅଛି । ଅମ୍ଭେମାନେ ପ୍ରଥମେ ଯୁଦ୍ଧର ଆଶଙ୍କା କରି ପ୍ରବନ୍ଧରେ ବଡ ବ୍ୟସ୍ତ ହୋଇଥିଲୁଁ ଏବଂ ଆଫଗାନ ସାହେବଙ୍କ ପକ୍ଷ ପ୍ରତି ରୁଷିଆ ଗବର୍ଣ୍ଣମେଣ୍ଟଙ୍କ ବ୍ୟବହାର ଜଣାଇ ଦେଇଥିଲୁଁ । କିନ୍ତୁ ସେ ଉତ୍ତର ଅତି ପତ୍ନୀତ୍ୱ ଏବଂ ତାହା ମଧ୍ୟ ସନ୍ତୋଷଜନକ ନ ଥିବାରୁ ପାଠକମାନଙ୍କୁ ଜଣାଇଥିଲୁଁ । ତଥାପି ରୁଷୀୟମାନେ ଅଗ୍ରସର ନ ହେବା ପକ୍ଷେ ଭରସା ଦେଇ ଥିବାରୁ କେତେକଙ୍କ ମନର ଆଶଙ୍କା ଦୂର ହୋଇଥିଲୁଁ । ମାତ୍ର ତଦନ୍ତ ସମ୍ବାଦରେ ଯେ ସମ୍ବାଦମାନ ଆସିଅଛି ତହିଁରୁ ପୁଣି ବାଲକଟର ମନରଣ୍ଡ ଓଳଟ ଯିବାର ଦେଖି ଅମ୍ଭମାନଙ୍କର ଘଟଣା ଉପସ୍ଥିତ ହେଲ ଅଛି । ଗତମାସ ତା ୩୦ ରଖରେ ରୁଷିଆର ସୈନ୍ୟଦଳ ଅଫଗାନମାନଙ୍କୁ ଭୂଷଣ ଭଳି ଗାଳରେ ଆକ୍ରମଣ କରି ସେମାନଙ୍କୁ ମୋ-

Split by PDF Splitter
Digitized by srujanika@gmail.com

ତୁର୍କଠ୍ ବନ୍ଦୀ କରିଥିବାର ସମ୍ବାଦ ମିଳଇ ଏବଂ ଏ ସମ୍ବାଦ ସତ୍ୟ ଥିବାର ପ୍ରମାଣ ମଧ୍ୟ ପାଯ୍ୟା ଯାଇଅଛି । ଏ ଯୁଦ୍ଧରେ ରୁଷିଆ ପକ୍ଷରୁ ଜ ୧୧ ଣ ହତ ଓ ଜ ୩୪ ଣ ଆହତ ହୋଇଥିବାର କଥିତ ହୁଏ । ବୃଷ୍ଟି ହେତୁ ଅଫଗାନମାନଙ୍କର ଟୋଟା ଇତ୍ୟାଦି ଭିଜି ଯାଇଥିବା ହେତୁ ଶୀଘ୍ର ଅଗ୍ନି ନ ଧରିବାରୁ ଏପରି ଫଳ ଫଳି ଅଛି । ତଥାପି ଅଫଗାନମାନେ ଅଭୁତ ସାହସ ଦେଖାଇ ସ୍ୱର୍ଗପଦ ଲାଭ କରିଅଛନ୍ତି । ଅଫଗାନମାନେ ସର୍ବସୁଦ୍ଧା ଜ ୫୦୦ ଣ ଯୁଦ୍ଧ କରିଥିଲେ ଏବଂ ଯେତେବେଳଯାଏ ସେମାନଙ୍କ ମଧ୍ୟରୁ ଜଣେ ସୁଦ୍ଧା ଜୀବିତ ଥିଲା ସେତେବେଳଯାଏ ଯୁଦ୍ଧ ଚଳୁଥିଲା । କେହି ଯୁଦ୍ଧରୁ ପରାଙ୍ମୁଖ ହୋଇ ଫେରି ଆସି ନାହିଁ ଏହା ତ ସାମାନ୍ୟ ପ୍ରଶଂସାର ବିଷୟ ଅଟଇ । ରୁଷିଆ ଯେ ଜୟଲାଭ କଲା ତହିଁରେ ତାହାର ବିଶେଷ ଗୌରବର ବିଷୟ ହୋଇ ନାହିଁ । ତଥାପି ତାହାର ଜୟଲାଭ ହୋଇଅଛି । ଏଥିରେ ସୀମା ନିର୍ଣ୍ଣୟକାରୀ କମିଶନର କୌଣସି ସାଧ୍ୟ ଯୋଗ ହେଉ ନାହିଁ ଏବଂ ରୁଷୀୟମାନେ ତାଙ୍କ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ବାରିତକୁ ଯାଇଥିବା ଅଗ୍ରଗମନରୁ ଶାନ୍ତ ରହିବା ସତ୍ତ୍ୱ ଅଣାବାଚ୍ୟ ଅଦେଖୀ ଖ୍ୟାତ ନ ଥିବାର ବ୍ୟକ୍ତ କରନ୍ତି ଓ ଅଫଗାନମାନଙ୍କୁ ଉକ୍ତ ଜଗାଗାରରୁ ତଡ଼ି ଦେଇ ଆପଣାର ପୂର୍ବ ସ୍ଥାନରେ ପୁଣି ଯାଇ ଛାଉଣି କରିଅଛନ୍ତି । ଏ ସମ୍ବାଦରେ ପୂର୍ବଠାରୁ ଅଧିକତରରୂପେ ଭାରତରେ ସୈନ୍ୟସଜ୍ଜା ହୋଇ ଯୁଦ୍ଧ ସ୍ଥଳ ଅଭିକୁ ସୈନ୍ୟ ପ୍ରେରଣ ହେବାର ଉଦ୍ୟୋଗ ଲାଗିଅଛି ଏବଂ ବିଲାତ ଗବର୍ଣ୍ଣମେଣ୍ଟ ଅଧିକତର ଅସ୍ତ୍ର ବାରୁଦ ରଣସଜ୍ଜାରେ ମାତିଅଛନ୍ତି । ତଥାପି ଇତି ମଧ୍ୟରେ ବନ୍ଧୁତାନୁରୋଧରେ ବିଲାତ ଗବର୍ଣ୍ଣମେଣ୍ଟ ରୁଷୀୟ ଗବର୍ଣ୍ଣମେଣ୍ଟଙ୍କୁ ଏପରି ଲାଗ୍ର ସହିତ ହେବାର କୈଫିୟତ ତଲବ କରିଅଛନ୍ତି ଏବଂ ଯେତେବେଳେ ଅଗ୍ରଗମନରୁ ଷାନ୍ତ ରହିବା ପକ୍ଷେ ଇଂଲଣ୍ଡକୁ ଭରସା ଦିଆଗଲା ସେତେବେଳେ ସେ ବିଷୟ ଅଫଗାନ ସୀମା ସନ୍ନିକଟବର୍ତ୍ତୀ ରୁଷୀୟ ସେନାପତିଙ୍କି ଜଣାଇ ଦିଆ ଯାଇଥିଲା କି ନା ଓ ଯେବେ ଜଣାଇ ଦିଆ ଯାଇ ଥିଲା ତେବେ ପୁଣି ଏହା କାହିଁକି ହେଲା ଓ ଯେବେ ଜଣାଇ ଦିଆ ଯାଇ ନ ଥିଲା ତେବେ କାହିଁକି ଜଣାଇ ଦିଆ ନ ଗଲା ତାହା ସବିଶେଷ ଜଣାଇବା କାରଣ ପତ୍ର ଯାଇଅଛି । ତାହାର ଉତ୍ତର ଆସିଲେ ସମ୍ଭବାଯ୍ ପ୍ରକାଶ ପଡ଼ିଯିବ । ରୁଷିଆର ଅଣାସଂବାଦର ଯେ ମୂଲ୍ୟ ତାହା ଅମ୍ଭେମାନେ ଅଗନ୍ତ ପାଠକଙ୍କୁ ଜଣାଇ ଆସୁଅଛୁଁ ଓ ଅମ୍ଭମାନଙ୍କ ଅନୁମାନ ପ୍ରକୃତ ଥିବାର ପ୍ରତ୍ୟକ୍ଷ ହେଲା । ରଣସଜ୍ଜା ଶୀଘ୍ରତାରେ ଭାରତୀୟ ବିଲାତ ଓ ରୁଷିଆରେ ଚଳୁଅଛି । କଥିତ ଅଛି ଏ ଅଫଗାନ ସୀମାନ୍ତ ପ୍ରଦେଶକୁ ରୁଷିଆରୁ ୫୦୦୦୦ ସୈନ୍ୟ ଆସୁଅଛନ୍ତି ଏବଂ ଯୁଦ୍ଧ ଲାଗିବାର ହେଲେ ଯେ ଘୋରତର ଭୂମିକମ୍ପ ହେବ ତହିଁରେ ସନ୍ଦେହ ନାହିଁ । ତଥାପି ଅମ୍ଭେମାନେ ଆଉ ଥରେ ରୁଷିଆ ମୁଖରୁ ବିଲାତ ଗବର୍ଣ୍ଣମେଣ୍ଟଙ୍କ ପତ୍ରର ଉତ୍ତରକୁ ପ୍ରତୀକ୍ଷା କରି ରହିଲୁଁ ଏବଂ ଅବଧି ମଧ୍ୟ ଆଶା କରଅଛୁଁ ଭଲେ ୨ ବିବାଦ ମୀମାଂସା ହୋଇ ଗଲେ ସବୁ ଆଡ଼େ ଭଲ ।

---

## ପାଠଶାଳାର ପୁସ୍ତକ ବିତରଣ ।

ବନକରେ ଗୋଟାଏ ବିଲୁଆ କୌଣସି ଗ୍ରାମ ନିକଟରେ ବିଚରଣ କରୁ୨ ଦୈବାତ୍ ଏକ କୂପ ମଧ୍ୟରେ ପଡ଼ି ଗଲା । ଆପଣା ସ୍ୱଭାବେ ଭାବିଲେ ଯାଲେ କେହି ତାହାକୁ ଉଦ୍ଧାର କରିବାକୁ ନ ଆସିବ ଏହା ଘାଷ୍ଟି 'ଧାଇଁପଡ ହୋ ମୁଷ୍ଟି ବୁଡ଼ି ଗଲା ହୋ' ବୋଲି ଅତି ବିକଳ ରଡ଼ି ପକାଇଲା । ଗ୍ରାମବାସିମାନେ କୌଣସି ମହାବିପଦର ଶଙ୍କା କରି ବ୍ୟସ୍ତତ୍ରସ୍ତ ହୋଇ ସେଠାରେ ଉପସ୍ଥିତ ହେଲେ ଏବଂ ଉକ୍ତ ବିଲୁଆକୁ କୂପରେ ପଡ଼ିଥିବା ଭିନ୍ନ ଆଉ କିଛି ଦୁର୍ଘଟଣା ଦେଖିଲେ ନାହିଁ । ଏଥିରେ ଗ୍ରାମବାସିମାନେ ବିରକ୍ତ ହୋଇ ବିଲୁଆକୁ ତିରସ୍କାର କରନ୍ତେ ସେ କହିଲା ଅବଧାନ ! ମୋତେ କ୍ଷମା କରନ୍ତୁ ମୁଁ ଯେବେ ବୁଡ଼ି ମଲି ତେବେ ମୋ ଲେଖାରେ ସଂସାର ବୁଡ଼ି ଗଲା ନାହିଁ କି ହେଲା ? ଏବର୍ଷ ବାଲେଶ୍ୱର ଜିଲାର ପାଠଶାଳାମାନଙ୍କରେ ସରକାରଙ୍କ ପକ୍ଷରୁ ଯେଉଁ ପୁସ୍ତକମାନ ବିତରଣ ହୋଇଅଛି ତହିଁ ସମ୍ପର୍କରେ ଠିକ ଏହିପରି ଘଟଣା ହୋଇଅଛି । ଗୃହଅଡ଼େ ଡକା ପଡ଼ିଅଛି ଯେ ଗ୍ରନ୍ଥଶାଳମାନ ଉଚ୍ଛନ୍ନ ହେଲା ! ପିଲାମାନେ ଅଧଃପାତରେ ଗଲେ ! ବାଲେଶ୍ୱରର ଜଣେ ପତ୍ରପ୍ରେରକ ପ୍ରଥମେ ଏକଥା ସଂସ୍କାରକରେ ପ୍ରକାଶ କଲେ ତହିଁ ଉତ୍ତାରୁ ଶିକ୍ଷାବନ୍ଧୁ ଓ ଦର୍ପଣ ଏଥିରେ ଯୋଗ ଦେଲେ ଏବଂ ଶୁଣାଯାଏ ଯେ କୁମାର ବୈକୁଣ୍ଠନାଥ ଦେ ଏବିଷୟରେ ଖଣ୍ଡିଏ ଇଂରାଜୀ ପୁସ୍ତିକା ପ୍ରକାଶ କରି ସାହେବ ଓ ହାକମମାନଙ୍କ ମଧ୍ୟରେ ବଣ୍ଟନ କରୁଅଛନ୍ତି । ସୁତରାଂ ଏକଥା ଜାଣିବାକୁ ଆଉ କାହାର ବାକି ନାହିଁ । କିନ୍ତୁ ମୂଳକଥା କଣ ଓ କାହିଁକି ଏପରି ରଡ଼ି ପଡ଼ିଅଛି ? ଓଡ଼ିଆ ପାଠ୍ୟ ପୁସ୍ତକ ସମ୍ପର୍କରେ ଗତବର୍ଷରୁ ଲାଗି ଥିବା ତର୍କବିତର୍କ ଯେଉଁମାନେ ନିରପେକ୍ଷ ଭାବରେ ପଢ଼ିଅଛନ୍ତି ସେମାନେ ଅବଶ୍ୟ ଜାଣିଅଛନ୍ତି ଯେ ହେଙ୍କ ପ୍ରେସର ଲାଭ ନିମନ୍ତେ କେତେ ପ୍ରକାର ଚେଷ୍ଟା ହୋଇ ଆସୁଅଛି । କଥିତ ହୁଏଇ ଗତ ବର୍ଷ ବାଲେଶ୍ୱର ପାଠଶାଳା ନିମନ୍ତେ ପ୍ରାୟ ଦୁଇହଜାର ଟଙ୍କାର ପୁସ୍ତକ ଏବଂ ତହିଁ ପୂର୍ବ ବର୍ଷ ଅଟେଇ କି ତିନିହଜାର ଟଙ୍କାର ପୁସ୍ତକ ଉକ୍ତ ପ୍ରେସରୁ କିଣା ଯାଇଥିଲା । ଏବର୍ଷ ପାଠଶାଳା ପୁସ୍ତକ ଖରିଦ ବିଷୟରେ ସେଠା ମାଜିଷ୍ଟ୍ରେଟ ଭିନ୍ନ ବନ୍ଦୋବସ୍ତ କରିବାରୁ ଉକ୍ତ ପ୍ରେସରୁ କେବଳ ଦୁଇଶତ ଟଙ୍କାର ଏବଂ ଅପର ପ୍ରେସମାନଙ୍କରୁ ପ୍ରାୟ ଟ ୫୦୦ କାର ପୁସ୍ତକ କ୍ରୟ ହେଲା । ଏପରି ବନ୍ଦୋବସ୍ତରେ ହେଙ୍କ ପ୍ରେସର ଆୟ ଅତ୍ୟନ୍ତ ଊଣା ହେଲା ଅତଏବ ବିଦ୍ୟାଳୟମାନ ଉଚ୍ଛନ୍ନ ହେଲା ବୋଲି ଯେ ଆର୍ତ୍ତନାଦ ଉଠିବ ଏଥିରେ ବିଚିତ୍ର କି ଅଛି ? ବର୍ତ୍ତମାନ ଆନ୍ଦୋଳନର ମୂଳ ଏହିକି ଏବଂ ଏଥିପାଇଁ ଯେଉଁ କାରଣ ଅବଲମ୍ବିତ ହୋଇ ଅଛି ତାହା ଏହି ଯେ ଉକ୍ତ ବାରଶତ ଟଙ୍କାର ପୁସ୍ତକ ମଧ୍ୟରେ ପ୍ରାୟ ଟ ୬୦ କାରେ ଖ ୨୫ ଣ୍ଡ ବଚନଗ୍ରମାୟୁଣ ଏବଂ ଖ ୬୦୦ ଣ୍ଡ ବାଳଭୂଷା ଖରିଦ ହୋଇଅଛି ଏବଂ ଏହି ପୁସ୍ତକଦ୍ୱୟର କେତେ ସ୍ଥାନରେ ଅଦରସ ବର୍ଣ୍ଣନା ଅତି ପ୍ରକଟଭାବରେ ହୋଇଥିବାରୁ ସେ ସମସ୍ତ ଉଦ୍ଧାର କରି ସର୍ବସାଧାରଣଙ୍କୁ ଦେଖାଇବାରୁ ଆନ୍ଦୋଳନକାରୀମାନେ କହୁଅଛନ୍ତି ଯେ ଉକ୍ତ ଦୁଇ ପୁସ୍ତକ ନିତାନ୍ତ ଅଶ୍ଳୀଳ ଏହାକୁ ଶିକ୍ଷକମାନେ ପଢ଼ାଇ ପାରିବେ ନାହିଁ କି ଛାତ୍ରମାନେ ପଢ଼ି ପାରିବେ ନାହିଁ ଏବଂ ପଢ଼ିଲେ ସେମାନଙ୍କର ମତି ବିଗିଡ଼ି ଯିବ । ଏଥକୁ ଉକ୍ତ ଟ ୬୦ କାର ପୁସ୍ତକକୁ ମନ୍ଦ ସ୍ୱୀକାର କଲେ ମଧ୍ୟ ଟ ୧୨୦୦୲ କାର ପୁସ୍ତକ ମଧ୍ୟରେ ତେତେକ ଭ୍ରମ ରହିବା ସ୍ୱରୂପର ଦୋଷ ବୋଲା ଯାଇ ନ ପାରେ ଆଉ ଯେ ସ୍ଥଳେ ସେମାନେ ପିଲାଙ୍କର ପାଠ୍ୟପୁସ୍ତକ ନୁହନ୍ତି କେବଳ ପୁରସ୍କାରସ୍ୱରୂପ ଦିଆ ଯାଇ ଅଛି ସେ ସ୍ଥଳେ ପଢ଼ାଇବା ଓ ପଢ଼ିବା ଅପତ୍ତି ଅହେବୀ ଖଣ୍ଟୁ ନାହିଁ । ବାସ୍ତବରେ ଉକ୍ତ ପୁସ୍ତକମାନ ଏପରି ନୁହଇ ଯେ ଅଳ୍ପବୟସ୍କ ପିଲା-

Split by PDF Splitter

Digitized by srujanika@gmail.com

Split by PDF Splitter



ମାନେ ତାହା ପଢି ଭାବଗ୍ରହଣ କରିବାକୁ ସମର୍ଥ ହେବେ ସୁତରାଂ ସେମାନଙ୍କ ଚରିତ୍ର ମନ୍ଦ ହେବାର କପରି ସମ୍ଭବ ହୋଇ ପାରେ ? କନ୍ତୁ ପ୍ରକୃତରେ ଏ ପୁସ୍ତକମାନ ମଧ୍ୟ ବା ଅଶ୍ଳୀଳ ଅଛି କି ନା ? କୌଣସି ପୁସ୍ତକରେ ରାମ ବା କୃଷ୍ଣଙ୍କର ଚରିତ୍ର କେତେ ପ୍ରକଟଭାବରେ ଅତରସ ବର୍ଣ୍ଣିତ ହୋଇଥିଲେ ସୁଦ୍ଧା ତାହାକୁ ମନ୍ଦ ବୋଲିବା ହିନ୍ଦୁ ମତରେ ସମ୍ଭବେ ନାହିଁ । ଭିନ୍ନ ଧର୍ମାବଲମ୍ବୀଙ୍କ ମତରେ ବିଗୁର କଲେ ସୁଦ୍ଧା କୌଣସି ପୁସ୍ତକର କୌଣସି ସ୍ଥଳରେ ତଦ୍ରୂପ ପ୍ରକଟରସବର୍ଣ୍ଣିତ ହେତୁ ସେ ପୁସ୍ତକକୁ ଅଶ୍ଳୀଳତାର ପୂର୍ଣ୍ଣ ବୋଲି ହେବ ବୋଲିବାର ଦେଖା ଯାଇ ନାହିଁ । ସେପରି ହେଲେ ଓଡିଆ କେଣିକି ଆଉ ସ୍କୁଲ ଓ ପାଠଶାଳାର ଅଦର ଦେଶ ବିଦେଶରେ ସ୍କୁଲମାନ ନାହିଁ । କୌଣସି ପୁସ୍ତକର ଦୋଷ ଗୁଣ ବିଗୁର କରିବାକୁ ହେଲେ ସମୁଦାୟ ପୁସ୍ତକ ସମ୍ପର୍କରେ ତାହା କରିବା ଉଚିତ । ଦଣ୍ଡୀ ରମାଯଣ ପ୍ରାୟ ୩୦୦ ଶ୍ଳୋକର ପୁସ୍ତକ ତହିଁ ମଧ୍ୟରୁ ଜଣା ମତେ ୫୦ଧାଡି ବାଛି ନେଲୁଁ ଏବଂ ତାହା କେଉଁ ସ୍ଥଳରେ କି ଅଭିପ୍ରାୟରେ ଲେଖା ହୋଇଅଛି ତହିଁର କଛି ମାତ୍ର ବିଗୁର ନ କରି କେବଳ ଦୁଇ ଶବ୍ଦ ବାଛିବା ଦେଖ ଦେଇ କହିଲୁଁ ଯେ କଣ୍ଡି ପୁସ୍ତକ ଅତ୍ୟନ୍ତ ଅଶ୍ଳୀଳ ଓ ତାହାକୁ ପଢିଲେ ପିଲାମାନଙ୍କର ସର୍ବନାଶ ହେବ । ହାୟ ! ରାମ ଚରିତ୍ରରେ ମାତ୍ର ଦୂଷିତ ହେବାର କଳଣା ! ସେହିବ ଏହି ନ୍ୟାୟରେ ବିଗୁର କରିବାକୁ ହେବ ତେବେ ଅଭିଧାନ ସୁଦ୍ଧା ପିଲାମାନଙ୍କୁ ଛଡିବାକୁ ଦେବା ଉଚିତ ନୁହଇ କାରଣ ରଥାଭିମଣ, ଗନ୍ଧର୍ବ ଦାଶ ପ୍ରଭୃତି ଯେଉଁ ଶବ୍ଦ ପିଲାମାନଙ୍କୁ ବିଦ୍ୟାଳୟରେ ଶିଖିବାର ଉଚିତ ନୁହେଁ ଭାରତ ଏଥିରେ ସୁଦ୍ଧା ଅଶ୍ଳୀଳତାର ନିଦ୍ଦେଶ ହୋଇଅଛି ବୋଲିବାକୁ ହେବ । ଦଣ୍ଡୀ ରମାଯଣ ଉତ୍କଳର ଶ୍ରେଷ୍ଠ ବଡ ଅଦର୍ଶୀୟ ପୁସ୍ତକ ସର୍ବସାଧାରଣ କେବଳ ଏହାକୁ ପାଠ କରନ୍ତି ଏତତ ନୁହେ ପ୍ରାୟ ପ୍ରତି ଗ୍ରାମରେ ଏହାକୁ ଅବଲମ୍ବନ ପୂର୍ବକ ରାମଲୀଳା ଯାତ୍ରା କରି ସର୍ବସ୍ତ୍ରୀ ଲୋକଙ୍କ ମଧ୍ୟରେ ପ୍ରଗ୍ରହ କରନ୍ତି । ଯେବେ ଏହାଦ୍ୱାରା ଲୋକମାନଙ୍କର ଚରିତ୍ର କଳଙ୍କିତ ହେବାର ସମ୍ଭବ ହେବେ ଅନେକ ଦିନରୁ ତାହା ହୋଇଅଛି ଏବଂ ଅନେକ ଦିନ ପର୍ଯ୍ୟନ୍ତ ହେଉଥିବ ଶିକ୍ଷାବିଭାଗଦ୍ୱାରା ତହିଁର କୌଣସି ଅଭ୍ରୃଷ୍ଟ ହୋଇ ପାରିବ ନାହିଁ । ଅମ୍ଭମାନଙ୍କ ବିବେଚନାରେ ଉତ୍କଳର ଶିକ୍ଷାବିଭାଗ ଏବଂ ଶିକ୍ଷକମାନେ ଉତ୍କଳର ପ୍ରାଚୀନ ସାହିତ୍ୟକୁ ଅତି ଘୃଣିତ ବୋଲି ଏତେଦିନଯାଏ ପରିତ୍ୟାଗ ନ କରି ବିଦ୍ୟାଳୟରେ ଉଚ୍ଚାରଣ ଦ୍ୱାରା ତହିଁରେ ଯେ ଯେ କ୍ରିୟାପଦ ଅଛି ଏବଂ ତହିଁର କେଉଁ କେଉଁ ବର୍ଣ୍ଣନା ବର୍ତ୍ତମାନ କାଳର ସଭ୍ୟରୁଚିର ଅନୁମୋଦନ ନୁହଇ ବାଳକମାନଙ୍କୁ ଯୁକ୍ତିସଙ୍ଗତରୂପେ ଦେଖାଇ ଦେବେ ତେବେ ପ୍ରକୃତ ଉପକାର ହେବ କନ୍ତୁ ସେପରି ଭାବରେ ବର୍ତ୍ତମାନର ତର୍କ ଉପସ୍ଥିତ ହୋଇ ନାହିଁ । ଅତଏବ ଅମ୍ଭେମାନେ କହୁଅଛୁଁ ଯେ ଏ ବିଷୟର ଆନ୍ଦୋଳନ ଏକମାତ୍ର ସ୍ୱାର୍ଥପରତାର ଫଳ ଅଟଇ ଏବଂ ଅଶ୍ଳୀଳତାର ଆପତ୍ତି କେବଳ 'ବାଲୁ ବନ୍ଧା' ସ୍ୱରୂପ ହୋଇଅଛି ।

---

# ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କ ଜଣେ ମାନ୍ଦ୍ରେଜ ଶ୍ରୀଯୁକ୍ତ ସୁପ୍ରସାଦେବ ଅଗାମି ମଙ୍ଗଳବାର ଏଠାକୁ ଯାତ୍ରା କରିବେ ବୋଲି ଶୁଣା ଯାଏ ।

ଏଠା କେନ୍ଦ୍ରୀୟ ନକ୍ସମାନେ ମୂଳ ଜନ୍ମାସ ରଦ୍ଦେ ଯେଉଁ ଆପିଲ ମୋକଦ୍ଦମା ରୁଜୁ କରିଥିଲେ ଅନ୍ୟମାନେ ଲେଖିଥିଲୁଁ ସେମାନଙ୍କ ପକ୍ଷରେ ସେ ମୋକଦ୍ଦମାର ଚୌକ ନିଷ୍ପତ୍ତି ଶେଷ ହେଲା । ଆସାମିଙ୍କ ମଧ୍ୟରୁ ଏକଜଣ ଉ ୩ ବର୍ଷ ଓ ଏକଜଣ ଉ ୪ ବର୍ଷ କାରାଗାର ଭୋଗ କରିଅଛନ୍ତି ।

ଉପରନ୍ତୁ ତା ୩୦ ଶେଠାରୁ ସେମାନଙ୍କ ଭାଇ ୨ କଣ୍ଟିର କାରାଗାର ବାର୍ଷିକ ମରାମତି ସକାଶେ ବନ୍ଦ ହେବ ।

ବର୍ଷା ଶୋଭାଧାର ଅଜେୟଗୁହାର ଛାପାର ମୂ ୧୮୭୮ ସାଲର ୬ ଅଙ୍କର ମତେ ଲକ୍ଷିତ ହେବାର ପ୍ରସ୍ତାବ ହୋଇ କଲିକତା ଗେଜେଟରେ ତହିଁର ବିଜ୍ଞାପନ ବାହାରିଅଛି ।

ଶୋଭାଧା ସବଡିଭିଜନର ଭାର ପ୍ରାପ୍ତ ଡାକ୍ତର ଶ୍ରୀଯୁକ୍ତ ଷ୍ଟେଭର ସାହେବ ଜଙ୍ଗଲ କନ୍ଜରଭେଟର ପଦର ଭାର ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱରର ଡେପୁଟିର ଶ୍ରୀଯୁକ୍ତ ଗ୍ଲାଡ ସାହେବ ତିନିମାସ ଲେଉଁଟ ଅସି ଆପଣା କର୍ମର ଭାର ନେଇଅଛନ୍ତି ।

ଶ୍ରୀଯୁକ୍ତ ସାମସ୍ ସାହେବ ଗାର୍ଡିଆନଙ୍କେ ଉପ୍ରୁକ୍ତ ପଦରୁ କାଳ ଜମିରେ ଶ୍ରୀଯୁକ୍ତ ଇ, ଇ, ଲେଇନ୍ ସାହେବ ଉକ୍ତ ପଦର ଏକଟିଂ କମିଶନର ହୋଇଅଛନ୍ତି ।

ଜସସ୍ୱାର ଡେପୁଟିର ଶ୍ରୀଯୁକ୍ତ ସିକମିସ ସାହେବ ପାରା ଉଦାଳନର ଏକଟିଂ କମିସନର ନିଯୁକ୍ତ ହୋଇଅଛନ୍ତି ।

ଶାର୍ ଅଲଫ୍ରେଡ଼ ଲାଏଲ ସେକ୍ରେଟେରୀ ଅଫ ଷ୍ଟେଟଙ୍କ ସହକାରୀ ପଦରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

କଲିକତାଠାରେ ଓଲଉଠା ରୋଗର ପ୍ରାଦୁର୍ଭାବ ବୃଦ୍ଧି ହେଉଅଛି ବୋଲି ସମ୍ବାଦ ମିଳଇ ।

ଗତ ଚୈତ୍ରମାସର ଶେଷ ସପ୍ତାହରେ ମଫସଲ କାରଣ ହଜା ଦୁର୍ଭିକ୍ଷ ଜନରେ ଖଣ୍ଡିଆ ପ୍ରାୟ ୫ ୫୦୦ ଗ ଭୂମିସାତ୍ ହୋଇଅଛି ।

ଭୁବନେଶ୍ୱର ଅଞ୍ଚଳର ଉଦ୍ଧାରଣ ହେବାକୁ ବୋମ୍ବାଇଠାରେ ରହମ ତୁର୍କିୟ ହୋଇଥିବାର ସମ୍ବାଦ ମିଳଇ ।— ସୁଚ ସତରେ ବଣଙ୍କ ଥିବାର ହେ ଜଣ ହେବ ।

ଉର୍ଦ୍ଧ ଅପରେ ଭାରି ବୁଲଗାର୍ଦ୍ଦି ବାଣିଜ୍ୟରେ ଯେଉଁ ପାର୍ଣ୍ଣି ବ୍ୟବସ୍ଥା ହେଉଅଛି ତହିଁର କର୍ମଚାରୀ ମହାଜନ ୫ ୫୦୦୦ ଙ୍କା ମୂଲ୍ୟ ଦେଇଥିବାର ପ୍ରସ୍ତାବ ନେଇ ଅଛନ୍ତି ।

ପରେ ଭଠରୁ ଅସିଥିବା ଉଦୟାସ୍ତ ତା ୩ ରେଖ ତାଲବାର୍ଡ଼ରୁ ପ୍ରକାଶ ଯେ ବୃହତ୍ କାମର ଜଣେ ସେଠାର ସେନାପତିଙ୍କୁ ସିପାହୀ ଜଣା ଯାଉଅଛି ରହିଥାନ୍ତି କଲେ ଦେଶୀୟ ପଦାତିକାଳକୁ ପାଞ୍ଚ ସ୍ୱ ସମ୍ପାଦନ କରିବାକୁ ଅଭିପ୍ରାୟ କରିଅଛି । ଅତଏବ ଏକଟି ସୈନ୍ୟଦଳ ରହିବା ନିମିତ୍ତ ବ୍ୟାରେକ ଉଚ୍ଚ ଲେଖାଗଲା ଯେ ସେଠାରେ ସେ ସେନାନୀ ସେଠାର କାଳ ଅବସ୍ଥାକୁ ପଡିଅଛି । ମୁଲତାନର ସଂବାଦଦାତା ସେ ବାରେ ସେ ଗାଁ ଆଦି ରେଜିମେଣ୍ଟ ସ୍ଥାନ କାହିଁକି ଜାଣିଛି ଓ ସେନାମାନ ସେ ସ୍ଥାନରେ ପହଞ୍ଚୁ ।— କଣ୍ଡିକେ ଏହାକୁ କେବଳ ଜଳମାଳା ହେବ ।

ଅନନ୍ତ ଜଣଙ୍କର ଜଣେ ଉକିଲଙ୍କ କଥାରେ କିଛି ଭାର କୃଷ୍ଣ ଉପରେ ଚୋରାଇ ହେବାର ପ୍ରାପ୍ତ ହେବା ଅଦାଲତରେ ସରକାର ମାଜିଷ୍ଟ୍ରେଟ ବିଚାରାଧୀନ ହୋଇଥିବାର ସମ୍ବାଦ ମିଳଇ ।

ବୃନ୍ଦ ଉଦ୍ଦିଷ୍ଟ ନେପାଳ ରାଜାଙ୍କ ୧୪ ୦୦ ପ୍ରଜାଙ୍କ ସୈନ୍ୟ ସୁଦାମ ଜେଳା କାବୁଲ ସ୍ତମ୍ଭରେ ହୋଇଅଛନ୍ତି । ସ୍ୱଚ୍ଛା ସୈନ୍ୟ ଉପରଜମରେ ବିନାଶ ହେଲା ।

ଏକ୍ସ ଲଣ୍ଡନ୍‌ରୁ ଅସିଥିବା ଉଦୟାସ୍ତ ତା ୭ ରେଖ ତାଲବର୍ଡ଼ରୁ ପ୍ରକାଶ ଯେ ଅଫଗାନ କୌଣସି ଠାରେ ଭୂକମ୍ପ ଦେଖା ଦେଇ ଅଛି ଏବଂ ଲୋକେ ଭୟ ଭୟରେ ଯାଇ ଏକ ଜାଗାରେ ରହି ଅଛନ୍ତି ତାହା ଶେଷ କାରଣରେ ପଦ୍ମ ହେବାର ଦେଖା ଯାଇଅଛି । ତୁର୍କିସ୍ତ ଜନାଇ କାର୍ଯ୍ୟ ଯାଏ ଅନେକ ବି ହେଲେ ଲୋକଙ୍କ ବିଶେଷ କଷ୍ଟ ହେବ ।

ଉଲଦାର୍ମିଲାଙ୍କରୁ ପ୍ରକାଶ ଯେ ପ୍ରାନ୍ତର ଗତ ମୁଦ୍ରାଙ୍କରେ ତାଙ୍କ ସଙ୍ଗତ ହେବାକୁ ଭକ୍ତ ସରସ୍ ଦେଶ ମଧ୍ୟରେ ସତ୍ତ ଅଧିକ ହୋଇ ଯାଇଅଛି । ଏଥିରେ ଲୋକ ତାହାର ଜତ ଷଡଯନ୍ତ୍ର ହେବ ନାହିଁ ।— ଏହିକ୍ଷଣରେ ସ୍ଥାନୀୟ ଏକ ୫ ଜଣ ଅନେକ ଜନଙ୍କ ସମସ୍ତଙ୍କୁ ତଡାଦିଆ ଓ ଅକ୍ତରେ ହେଉ ନଡ ପୂର୍ବର ସତ୍ୟ ।

ବାଲିକାମା କେଲିଙ୍ଗାର ସୁପ୍ରସିଦ୍ଧ ଜଣେ ସାହେବଙ୍କ ନାମରେ ଅଲଗାଇଙ୍କ ଓ ଅପର କ ୧୨ ଶ ଜଣେ ମିଥ୍ୟାକୁ ଅଧିକ ଭାଲ ସେମାନଙ୍କ ଉପର କର ଚଳିଥିବା ଧଳାହାରିରେ ହାଇକୋର୍ଟରେ ୫ ୨୫୦୦ ଙ୍କା ଦାବରେ ମୋକଦ୍ଦମା ରୁଜୁ କରିଥିବା ବିଷୟ ଶୁଣାଯାଇ ଥିଲୁ ଅନ୍ତତଃ ହେଲ୍ଲ ସଂ ସେଷ ହାଇକା ଧାରଣ ଚଳା ଗଲା ।

ଭୁବନେଶ୍ୱର ଅଞ୍ଚଳ ଅବଗତ ହେଲୁଁ ଯେ ଟେଙ୍କାଠାରେ ଏକ ମୃତ ହ୍ୱେଲଜଲ୍ ଅର୍ଥ ବ୍ୟବସ୍ଥାର ସମ୍ପୂର୍ଣ୍ଣ ସ୍ଥିରୀକରଣ ସମ୍ପାଦନ ଅବସ୍ଥା ନିଶ୍ଚୟ ହୋଇ ଯାଉଅଛି । ମାତ୍ର ଏହା ଦେଶର ବସ୍ତ୍ରାସଂଯୋଗ ବୋଲିଯାଇ ନ ପାରେ ।

କଷ୍ଟମର ନୂତନ ଗବର୍ଣ୍ଣର ଶ୍ରୀ ସାହେବ ସୁପ୍ରସିଦ୍ଧ ଶ୍ରମଣ ଜାହାଜରେ ଅସି ବମ୍ବାଇଠାରେ ଉପନୀତ ତା ୧୦ ରେଖରେ ପହୁଞ୍ଚି ଓ ଜାର୍ଜିଆର ପ୍ରବେଶ କରି ଏଥାର ସମ୍ପାଦ ଗ୍ରହଣ କରିଅଛନ୍ତି ।

Digitized by srujanika@gmail.com

କ୍ଷେପଣ ତଲବାର ଗ୍ରାହକ ହେଲେ ଦୁଷ୍ଟ ସଙ୍କୁ ସନ୍ଦେହ ସାହାଯ୍ୟ କରେ। କାରଣ ପ୍ରାର୍ଥୀ ହେବାକୁ ଉଚିତ ଭଣ୍ଡ ଚତୁଷ୍କୋଣରୁ ଜାରସୋଗେ ଶ୍ରୀମତୀ ଭଉଣୀମାନଙ୍କ ନଗର ବହିଅଛନ୍ତି । ସ୍ତ୍ରୀଲୋକଙ୍କ ଧର୍ମ ଧର୍ମରେ ମହା ସ୍ତ୍ରୀ ଅନ୍ତଃକରଣ ଅନୁବାଦ ହେବା କାରଣ କଟକଷ୍ଟ ମହୋ ଦୟାଙ୍କ ଚକ୍ରୀଙ୍କ ଗାଇକର୍ତ୍ତା ପଠାଇ ଅଛନ୍ତି ।

ଜଣେ ଲତିଷ୍ଟ ବଷୟକ ଅଧିକ ଦରଖାସ୍ତ ଯେଉଁ ଉଦଦର୍ଶକର ଅବଗାହନ ପର୍ଣ୍ଣମେଣ୍ଟ କନ୍‌କର୍ ସୂତ୍ରରେ ହୋଇଅଛି ତାହା ଉଠାଇ ନିଷ୍ପାଦିତ ସମ୍ବାଦ ମିଳଇ । ଇତର ସୂତ୍ରରେ ମଧ୍ୟ ଲଭ କମ୍ପାନୀ ସହେବ ଦ୍ରବ୍ୟ ଅଧିକ ପ୍ରାପ୍ତ ହେବା ସନ୍ଦର୍ଭରେ ମନ୍ତ୍ରୀ ଦେବାକୁ ଲୋକମାନେ ଉଦ୍ୟମ କରନ୍ତେ ନାହିଁ ବୋଲି ବ୍ୟକ୍ତ କଲେ । ସମ୍ପ୍ରତି ଜମିଦାରମାନଙ୍କର ଅଶ୍ରାଭଳ ପାର୍ଲିମେଣ୍ଟରୁ ନାହିଁ ଗାଇଲ ଲାଭରୁ ଏଙ୍କ ଅଧିକ ପ୍ରବୃତ୍ତ କମିଶନରଙ୍କ ହେବେକ କାର୍ଯ୍ୟକାରକ ହେବ ବେଶିଠାରୁ ଅପେକ୍ଷା ଭଲ ।

ହାଇକୋର୍ଟରେ ଏକ ଅଦ୍ଭୁତ ପ୍ରକାରର ମୋକଦ୍ଦମା ଅଗତ ହୋଇଥିବାର ସମ୍ବାଦ ମିଳଇ । ଜଜ କୋଟସ ସାହେବ ଯେତେବେଳେ ବଙ୍ଗଳରେ ଜଜିୟତି କର୍ମରେ ନିଯୁକ୍ତ ହେଲେ ସେତେବେଳେ ହାଇକୋର୍ଟ ତାଙ୍କ ବେତନ ଟ ୪୧୬୬ ଟଙ୍କାରୁ ଊଣା ହେଇ ଟ ୩୫୦୦ ଟଙ୍କା ହୋଇଥିଲା ବୋଲି ତାଙ୍କୁ ଜଣାଇ ଦିଆଯାଇ ନ ଥିଲା । ସେ ଏଠାକୁ ଆସି ଟ ୩୫୦୦ ଟଙ୍କା ପାଇବାରୁ ସେ ବିଷୟରେ ଭାରତ ଗଭର୍ଣ୍ଣମେଣ୍ଟ ରିପୋର୍ଟ କଲେ ମାତ୍ର ଗଭର୍ଣ୍ଣମେଣ୍ଟରୁ ଉତ୍ତର ସନ୍ତୋଷଜନକ ପାଇଲେ ନାହିଁ । ପୁଣି ସେ ବକେୟା ଟ ୪୧୬୬ ଟଙ୍କାରୁ ନିଅଣ୍ଟ ଥିବା ଟଙ୍କା ଗଭର୍ଣ୍ଣମେଣ୍ଟରୁ ପାଇବା ଆଶାରେ ହାଇକୋର୍ଟରେ ନାଲିଶ ଅଗତ କରିଅଛନ୍ତି । ହାଇକୋର୍ଟ ଜଜ ହାଇକୋର୍ଟରେ ନାଲିଶ ଅଗତ କରିବା କଥା ବଡ଼ କୌତୁକଜନକ ଅଟଇ ।

ଅଣ୍ଡ ସେକଂ ଏବଂ ୧୬ ଜଣ ଭଦ୍ର ପ୍ରେସିଡେନ୍‌ସି ହେଲଥ ସୁପରିଣ୍ଟେଣ୍ଡେଣ୍ଟ ଦଉନସାହେବଙ୍କ ନାମରେ ଟ ୨୦୦୦ ଟଙ୍କା କ୍ଷେତିପୂରଣର ଅଭିଯୋଗ କରିଅଛନ୍ତି । ଲୁଧିଆନା ଏବଂ, ସେମାନଙ୍କର କାରବାରର ବାଲ ପୂର୍ଣ୍ଣ ହେଲେ ମଧ୍ୟ ଦଉନ ସାହେବ ସେମାନଙ୍କୁ ଛାଡ଼ ଦେଇ ନ ଥିଲେ ।

## ସମ୍ବଲପୁର ସମ୍ବାଦ ।

ଏବର୍ଷ ବଶେଷ ଗ୍ରୀଷ୍ମ ଅନୁଭବ ହେଉଅଛି ମାତ୍ର ଗତଚୈତ୍ର ତା ୮ ଘଣ ବୁଧବାର ସନ୍ଧ୍ୟା ସମୟରେ ପ୍ରବଳ ବତାସ ସହିତ ଏକଥରୁ ବର୍ଷା ହେବାରୁ କିଛି ପରିମାଣରେ ଗ୍ରୀଷ୍ମ ନିବାରଣ ହୋଇଅଛି ମାତ୍ର ଅଳ୍ପ ଦିନ ଉତ୍ତାରୁ ପୁଣି ଉତ୍ତାପ ଜ୍ଞାତ ହେବାର ଦେଖାଯାଏ ।

ଅମ୍ଭମାନଙ୍କର ନୂତନ ମୁନସଫ ବାବୁ ଗୋପାଳକୃଷ୍ଣ ଘୋଷ ଗତ ସପ୍ତାହରେ ଏନଗରରେ ପ୍ରବେଶ ହୋଇ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ବାବୁ ମହୋଦୟଙ୍କ ବ୍ୟବହାର ଗୁଣରେ ଲୋକମାନେ ସନ୍ତୋଷ ହେଉଥିବାର ଦେଖାଯାଏ।

ଏସ୍ଥଳର ଡାକ୍ତର ବାବୁ ଅଘୋରନାଥ ଘୋଷ ବିଶେଷ ଯତ୍ନ ସହିତ ଏ ନଗରରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ କରିଅଛନ୍ତି । ବର୍ତ୍ତମାନ ଉକ୍ତ ଚିକିତ୍ସାଳୟରେ ୨୩ ଗୋଟି ରୋଗୀ ଅବସ୍ଥାନ କରୁଅଛନ୍ତି ଓ କ୍ରମଶଃ ରୋଗୀସଂଖ୍ୟା ବୃଦ୍ଧି ହେଉଅଛି ମାତ୍ର ଅର୍ଥାଭାବ ହେତୁ ଏହାର ସ୍ଥାୟିତ୍ୱ ବିଷୟରେ ସନ୍ଦେହ ଅଛି ଓ ବାବୁ ମହାଶୟ ଏ ପ୍ରଦେଶର ଦେଶୀୟ ଧନୀ ଓ ଦେଶହିତୈଷୀ ବ୍ୟକ୍ତିମାନଙ୍କ ସାହାଯ୍ୟ ପ୍ରାର୍ଥନା କରୁଅଛନ୍ତି ସେମାନେ ଏ ବିଷୟରେ ବଦାନ୍ୟତା ପ୍ରକାଶ କଲେ ଅବଶ୍ୟ ଦ୍ରବ୍ୟହୀ ଚିକିତ୍ସାଳୟ ହୋଇପାରିବ ଓ ମଧ୍ୟ ଏ ବିଷୟରେ ଗଭର୍ଣ୍ଣମେଣ୍ଟରୁ ବିଶେଷରୂପେ ସାହାଯ୍ୟ ପ୍ରାପ୍ତ ହେବାର ଉଚିତ ଓ ମଧ୍ୟ ମିଉନିସିପାଲିଟିରୁ କିଛି ସାହାଯ୍ୟ ପ୍ରାପ୍ତ ହେବାର ଆଶା ଅଛି ଓ ଅମ୍ଭମାନଙ୍କ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ହାରକାନାଥ ସେନ ମହୋଦୟଙ୍କର ଉଦ୍ୟମ ହେତୁ ପକ୍ଷରେ ବିଶେଷ ଭରସା ଦେଖାଯାଏ ସେ ଗୁରୁତ୍ୱ ଏ ସମ୍ବନ୍ଧରେ ସାହାଯ୍ୟ ପ୍ରଦାନ କରିବେ ।

ଏଠାରେ ଜଣେ ବାବୁଙ୍କ ଦତ୍ତ ଅବଗାହ ପ୍ରଚମାନାମ ଦ୍ୱାର ବନ୍ଧୁରଅଛ ଅଗାମୀ ଅନାବାସ୍ୟାତନ ମୂର୍ତ୍ତିମାନ ପୂଜା ପ୍ରସ୍ତୁତ ହେବେ ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣଙ୍କ ଜଗଦ୍ବନ୍ଦ୍ୟ ପତ୍ରିକାରେ ଏହି କେତେକ ପଂକ୍ତି ଲେଖି, ଉତ୍କଳହିତୈଷୀ ପାଠକମାନଙ୍କ ଜଣାଇଁ ଅମ୍ଭକୁ କୃତାର୍ଥ କରିବା ହେବେ ।

ପାଠକେ ! ଗତ ଛାତ୍ରବୃତ୍ତି ପରୀକ୍ଷାର ପ୍ରଶ୍ନ ଗୁଡ଼ିକରେ ପରୀକ୍ଷକମାନଙ୍କର ଉଦାରତା ଦର୍ଶନ କରି ଯଥେଷ୍ଟରୋପି ତୁଷ୍ଟ ହେଲୁଁ । ମାତ୍ର ସାହିତ୍ୟ ପ୍ରଶ୍ନର ଜଟିଳତା ଅମ୍ଭ ମନୋଦୁଃଖର କାରଣ ହୋଇ ଅଛି ।

ଗତବର୍ଷର ସାହିତ୍ୟ ପରୀକ୍ଷକ, ଉତ୍ତମ ପ୍ରଶ୍ନ କରି ଥିଲେ ସୁଦ୍ଧା କେବଳ "ପ୍ରବନ୍ଧ" ଏହି ପଦଟିକୁ ନେଇକି କହିଥିବାରୁ ତାହାଙ୍କୁ ଦାମୋଦର ପରୀକ୍ଷକ ବୋଲି ଖବରକାଗଜକୁ ପତ୍ର ପଠାଇ, କେହି ପରିହାସ କରି ଥିଲେ ।

ଏବର୍ଷର ସାହିତ୍ୟ ପ୍ରଶ୍ନରେ ଯେତେକ୍ରୁର ଅସଙ୍ଗତ କଥା ଲେଖା ଅଛି ତାହା ଦେଖିଲେ କେଉଁ ଶିକ୍ଷିତ ଲୋକ ଦୁଃଖିତ ନ ହେବ? ଯଥା ଗୋଟିଏ କ ଭୂଲଗେଟି ପଂକ୍ତି ଲେଖି ଏହାର ବ୍ୟାଖ୍ୟା କର ଏପରି ପ୍ରଶ୍ନ ହୋଇ ଥିଏ । ମାତ୍ର ଏ ପରୀକ୍ଷକ, ୪୮ ପଂକ୍ତି ଲେଖି ତାହାର ବ୍ୟାଖ୍ୟା କରିବାକୁ କହି ଅଛନ୍ତି । ବୋଧ ହୁଏ, ଏ ପରୀକ୍ଷକ, ବ୍ୟାଖ୍ୟା କାହାକୁ କହନ୍ତି ତାହା ଜାଣନ୍ତି ନାହିଁ ଅଥବା ଭୁଲି ଯାଇ ଅଛନ୍ତି !!! ତାହା ନୋହିଲେ ଏତେଗୁଡ଼ିଏ କବିତା ବ୍ୟାଖ୍ୟା କରିବାକୁ କହନ୍ତେ ନାହିଁ । ତାଙ୍କର କହିବା ଥିଲ ଯେ ଏ ପଂକ୍ତିମାନଙ୍କୁ ସରଳ କରି ଲେଖିବେ ଏହିପରି ବୋଧ ହେଉଅଛି । ଏପରି କି ହେଲେ ଏ, ଗୁଡ଼ିକର ପ୍ରକୃତ ବ୍ୟାଖ୍ୟା କରିବାକୁ ଏତେଗୁଡ଼ାଏ ଦିଅନ୍ତେ କି ? ଏହା ବ୍ୟାଖ୍ୟାରେ ଅନ୍ୟୁନ ଗ ୧୫ ଖଣ୍ଡ ସମୟର ଏବଂ ୩୫ ଖଣ୍ଡ କାଗଜର ପ୍ରୟୋଜନ ହେବ । ଯାହା ହେଉ ଯେଉଁ ଶିକ୍ଷିତ ଛାତ୍ରମାନେ ପ୍ରକୃତ ବ୍ୟାଖ୍ୟା ଅର୍ଥାତ (ପଦମାନଙ୍କର ଧାତୁ ପ୍ରତ୍ୟୟ ଓ କାରକ ପ୍ରଭୃତିର ନିର୍ଦ୍ଦେଶ) କରି ଥିବେ ସେମାନେ ନମ୍ବରରୁ ବଞ୍ଚିତ ହେବେ । ଆଉ ଯେଉଁ ଛାତ୍ରମାନେ ଏ ଧାତୁମାନଙ୍କର ଅର୍ଥ ଲେଖି ଥିବେ ସେମାନେ ନମ୍ବର ମାରନେବେ । ଏହା ଦୁଃଖର ବିଷୟ ନୁହେ କି ?

୨ୟ । ପ୍ରକଟ ପ୍ରଶ୍ନ ଆଦ୍ୟରେ ଲେଖା ଅଛି ଯେ ନିମ୍ନଲିଖିତ ବାକ୍ୟମାନଙ୍କୁ ବ୍ୟାଖ୍ୟା କର ଏହା କର୍ଣ୍ଣକଟୁ ହେଉଅଛି । ଏଥିରେ ଧର୍ମ୍ମ ଧର୍ମ୍ମୀର ଭ୍ରଂଶ ହୋଇ ଅଛି । ସୁତରାଂ ନିମ୍ନଲିଖିତ ବାକ୍ୟମାନଙ୍କର ବ୍ୟାଖ୍ୟା କର ଏପରି କହି ଥିଲେ ଉତ୍ତମ ହୋଇ ଥାନ୍ତା ।

୩ୟ । ୨ୟ ପ୍ରଶ୍ନର ଶେଷରେ କେତେକ ପଦର ବ୍ୟୁତ୍ପତ୍ତି କରିବାକୁ ଲେଖା ଅଛି । ଏ ବିଷୟରେ ବକ୍ତବ୍ୟ ଏହି ଯେ ଯେଉଁମାନେ ସଂସ୍କୃତ ପଢ଼ନ୍ତି ସେମାନେ ବ୍ୟୁତ୍ପତ୍ତି କରିବାକୁ ଜାଣନ୍ତି । ମଧ୍ୟମଶ୍ରେଣୀ ସ୍କୁଲ ବାଳକମାନେ, ସଂସ୍କୃତ ପଢ଼ନ୍ତି ନାହିଁ, କେବଳ ଭାଷା ପଢ଼ନ୍ତି ଏପରି ସ୍ଥଳେ ଗାଅ, କହନ୍ତି, ସହିତ, ଅର୍ପନ୍ତି, ଇତ୍ୟାଦି ଭ୍ରମକ ପଦମାନଙ୍କର ବ୍ୟୁତ୍ପତ୍ତି ପଚାରିବାର ସଙ୍ଗତ ବୋଧ ହେଉ ନାହିଁ । ଏବଂ ସଂଖ୍ୟାବାଚକ ପ୍ରୀତିବନ୍ଧଃ ପ୍ରାଣେ ବ୍ୟୁତ୍ପନ୍ନେ ଯେ ଏପରି ପ୍ରଶ୍ନ କଲେ ସେ ସେହିପରି ନମ୍ବର ଦେବେକି ? ଏଥିରେ ଅନେକ ସୁଶିକ୍ଷିତ ଛାତ୍ରମାନଙ୍କର ଅନିଷ୍ଟ ହେବାର ସମ୍ଭାବନା । ଅତଏବ ଉପରେ କହିଲାର କର୍ତ୍ତୃପକ୍ଷଙ୍କ ନିକଟରେ ଭୂତାପୂର୍ବ ପ୍ରାର୍ଥନା ଯେ, ଭବିଷ୍ୟତରେ ଶିକ୍ଷିତ ପରୀକ୍ଷକ ନିଯୁକ୍ତ କରି ଏ ବିଭାଗର ଉନ୍ନତି ସାଧନରେ ବ୍ରତୀ ହେବେ । ଇତି ।

୯।୪।୮୫ } ଜଣେ ଶିକ୍ଷକ

---

ମହାଶୟ !

ବିଧବା ବିବାହ—ଅକର୍ତ୍ତବ୍ୟ—

ହିନ୍ଦୁମହିଳାମାନଙ୍କର କୌଣସି ବୟସରେ ସ୍ୱାତନ୍ତ୍ର୍ୟ ନାହିଁ । ସେମାନେ ବାଲ୍ୟ ଓ ଯୌବନ କାଳରେ ଯଥାକ୍ରମେ ପିତା ଓ ସ୍ୱାମୀର ଅଧୀନରେ ରହି ଶେଷାବସ୍ଥାରେ ପୁତ୍ରର ଅଧୀନରେ କାଳ କଟାଉଥାନ୍ତି ଉକ୍ତମନୁଷ୍ୟ ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ । ରକ୍ଷନ୍ତି ସ୍ଥବିରେ

ସ୍ତ୍ରୀ ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟ ମର୍ହତି । ଦେଖ ଯେ ଅକାଳୋପଗତ ନବବୈଧବ୍ୟ ସନ୍ତପ୍ତା ସ୍ତ୍ରୀ ସହି ନ ପାରି ଯେଉଁମାନେ ପାପାଚରଣଦ୍ୱାରା ନିଜର ନିର୍ମଳ ଜୀବନ କଳଙ୍କିତ କରନ୍ତି ସେମାନଙ୍କ ସମାଜଚ୍ୟୁତା କନ୍ୟାପଟୋତ୍ସର୍ଗ ବିଷୟରେ ପତିତ ଉଦ୍ଧାର ବିଷୟ କରିବାକୁ ହୋଇଥାଏ । ଅକ୍ଷତଯୋନିକାମାନଙ୍କ କେହି୨ ପତ୍ୟନ୍ତର ଗ୍ରହଣ ବିଷୟରେ ମତ ଦେଇଥିଲେ ସୁଦ୍ଧା ଶିଶୁପୁତ୍ର ସନ୍ତାନର ନିଜକୁଳ ପ୍ରତି କାର୍ଯ୍ୟକାରିତା ଅଛି ବୋଲି ଶାସ୍ତ୍ରୀୟ ପ୍ରମାଣ ଦେଇ ପାରିବେ ନାହିଁ । ସୁତରାଂ ବିଧବା ବିବାହରେ ଇନ୍ଦ୍ରିୟ ପ୍ରଚାରଣା ଛଡ଼ା ଅନ୍ୟ ପ୍ରୟୋଜନ ନାହିଁ । ଏ ବିଷୟରେ ମନୁ ୯ ମ ଅଧ୍ୟାୟରେ ପ୍ରାପ୍ତ ପ୍ରମାଣ ଯଥା;— ନାନ୍ୟସ୍ମିନ୍ ବିଧବା ନାରୀ ନିଯୋକ୍ତବ୍ୟା ଦ୍ୱିଜାତିଭିଃ । ଅନ୍ୟସ୍ମିନ୍ ହି ନିଯୁଞ୍ଜାନା ଧର୍ମଂ ହନ୍ୟୁଃ ସନାତନଂ ॥ ନୋଦ୍ୱାହିକେଷୁ ମନ୍ତ୍ରେଷୁ ନିୟୋଗଃ କୀର୍ତ୍ତ୍ୟତେ କ୍ୱଚିତ୍ । ନ ବିବାହବିଧାବୁକ୍ତଂ ବିଧବାବେଦନଂ ପୁନଃ ॥ ଅ: ବ୍ରାହ୍ମଣମାନେ ବିଧବାଙ୍କୁ ବିବାହ ଦେଲେ ସନାତନ ଧର୍ମର ହାନି ହୁଏ ଏବଂ ବୈବାହିକ ମନ୍ତ୍ର କମ୍ବା ବିବାହ ବିଧିରେ ଏପରି ପ୍ରମାଣ ଲେଖା ନାହିଁ ଯେ ବିଧବାଙ୍କୁ ବିବାହ ଦେବାକୁ ହେବ । ଅନ୍ତର ଦେଖ ଯେ—

ଦେବର ଅଭୂ ସୁତ ଉତ୍ପାଦନ ବିଧି "ମନୁ" କହି ସ୍ୱୟଂ କଳିଯୁଗରେ ନିଷେଧ କରିଅଛନ୍ତି । ଯଥା—

ଅୟଂ ଦ୍ୱିଜୈର୍ହି ବିଦ୍ୱଦ୍ଭିଃ ପଶୁଧର୍ମୋ ବିଗର୍ହିତଃ । ମନୁଷ୍ୟାଣାମପି ପ୍ରୋକ୍ତୋ ବେଣେ ରାଜ୍ୟଂ ପ୍ରଶାସତି । ତତଃ ପ୍ରଭୃତି ଯୋ ମୋହାତ୍ ପ୍ରମୀତପତିକାଂ ସ୍ତ୍ରିୟଂ । ନିୟୋଜୟତ୍ୟପତ୍ୟାର୍ଥଂ ତଂ ବିଗର୍ହନ୍ତି ସାଧବଃ ॥ ଅ: ବୁଦ୍ଧିମାନେ ଉପରୋକ୍ତ ବିଧିକୁ ପଶୁଧର୍ମ ବୋଲି ପରିତ୍ୟାଗ କରିଥାନ୍ତି ବେଣ ରାଜାର ସମୟରେ କେବଳ କେତେକ ଲୋକେ ଅଭ୍ୟାସ କରିଥିଲେ । କିନ୍ତୁ ତାହା ପର ସମୟରେ ବିଧବା ନିଯୋଗ ଅକର୍ତ୍ତବ୍ୟ ବୋଲି ନିର୍ଦ୍ଦିଷ୍ଟ ଅଛି । ଅନ୍ୟାନ୍ୟ ଉଦାହରଣ ଯଥା—

ଜୀବିତୋ ନିୟୋଗୋ ମନୁନା ନିଷିଦ୍ଧଃ ସ୍ୱୟମେବ ତୁ । ଯୁଗହ୍ରାସାଦଶକ୍ୟୋଽୟଂ କର୍ତ୍ତୁମନ୍ୟୈର୍ବିଧାନତଃ । ତପୋଜ୍ଞାନସମାୟୁକ୍ତାଃ କୃତତ୍ରେତାଯୁଗେ ନରାଃ । ଦ୍ୱାପରେ ଚ କଲୌ ନୃଣାଂ ଶକ୍ତିହାନିର୍ହି ନିର୍ମିତା । ଅନେକଧା କୃତାଃ ପୁତ୍ରା ଋଷିଭିର୍ୟୈଃ ପୁରାତନୈଃ । ନ ଶକ୍ୟନ୍ତେଽଧୁନା କର୍ତ୍ତୁଂ ଶକ୍ତିହୀନୈରିଦନ୍ତନୈଃ । ଅ: ମନୁ ବିଧବା ନିଯୋଗର କର୍ତ୍ତବ୍ୟତା କହି ସ୍ୱୟଂ ନିଷେଧ କରିଅଛନ୍ତି ଏହି କି ଯୁଗ ପରିବର୍ତ୍ତନରେ ଏହାର ପରିବର୍ତ୍ତନ ହେବ ଅର୍ଥାତ୍ ତତ୍କାଳୀନମାନେ ତାଦୃଶ ବ୍ୟବହାର କରିବେ ନାହିଁ । ପୂର୍ବତନ ଋଷିମାନେ ଯେପରି ପୁତ୍ର ଉତ୍ପାଦନ ବିଧି କରିଥିଲେ ଆଧୁନିକମାନେ ତାହା ବ୍ୟବହାର କରିବାକୁ ସକ୍ଷମ ହୋଇ ପାରିବେ ନାହିଁ ପିତା ଯଦି ତାଙ୍କ କନ୍ୟା ପ୍ରଦାନ କରିବେ ବୋଲି ବାକ୍ଦାନ କରିଅଛନ୍ତି ଏପରି ସମୟରେ ତାହାର ମୃତ୍ୟୁ ହେଲେ ମଧ୍ୟ ପିତା ନିଜ କନ୍ୟାକୁ ଅନ୍ୟକୁ ଦେଇ ନପାରେ ଯଥାହ ମନୁଃ । ନ ଦତ୍ତ୍ୱା କସ୍ୟଚିତ୍ କନ୍ୟାଂ ପୁନର୍ଦଦ୍ୟାଦ୍ବିଚକ୍ଷଣଃ । ଦତ୍ତ୍ୱା ପୁନଃ ପ୍ରଯଚ୍ଛନ୍ହି ପ୍ରାପ୍ନୋତି ପୁରୁଷାନୃତଂ । ଅ: ପ୍ରଥମେ କନ୍ୟା ଏକକୁ ପ୍ରଦାନ କରି କମ୍ବା ଦେବା ପ୍ରତି ସ୍ୱୀକାର କରି ପଶ୍ଚାତ୍ ଅନ୍ୟକୁ ପ୍ରଦାନ କଲେ ପିତାକୁ ମିଥ୍ୟା ସାକ୍ଷ୍ୟର ପାପ ଭୋଗିବାକୁ ହୁଅଇ । କେବେ କେହି୨ କହି ପାରନ୍ତି ବିଧବାମାନଙ୍କ ସ୍ୱଇଚ୍ଛାରେ ଅନ୍ୟ ପତି ଗ୍ରହଣ କରି ପାରିବେ କି ନା ସେ ବିଷୟରେ ଉକ୍ତ ଗ୍ରନ୍ଥର ପଞ୍ଚମ ଅଧ୍ୟାୟରେ ପ୍ରାପ୍ତ ପ୍ରମାଣ ଯଥା—

ପାଣିଗ୍ରାହସ୍ୟ ସାଧ୍ୱୀ ସ୍ତ୍ରୀ ଜୀବତୋ ବା ମୃତସ୍ୟ ବା । ପତିଲୋକମଭୀପ୍ସନ୍ତୀ ନାଚରେତ୍ କିଞ୍ଚିଦପ୍ରିୟଂ ॥ କାମନ୍ତୁ କ୍ଷପୟେଦ୍ଦେହଂ ପୁଷ୍ପମୂଳଫଲୈଃ ଶୁଭୈଃ । ନ ତୁ ନାମାପି ଗୃହ୍ଣୀୟାତ୍ ପତ୍ୟୌ ପ୍ରେତେ ପରସ୍ୟ ତୁ ॥ ମୃତେ ଭର୍ତ୍ତରି ସାଧ୍ୱୀ ସ୍ତ୍ରୀ ବ୍ରହ୍ମଚର୍ଯ୍ୟେ ବ୍ୟବସ୍ଥିତା । ସ୍ୱର୍ଗଂ ଗଚ୍ଛତ୍ୟପୁତ୍ରାପି ଯଥା ତେ ବ୍ରହ୍ମଚାରିଣଃ । ନାନ୍ୟୋତ୍ପନ୍ନା ପ୍ରଜାସ୍ତୀହ ନ ଚାପ୍ୟନ୍ୟପରିଗ୍ରହେ । ନ ଦ୍ୱିତୀୟଶ୍ଚ ସାଧ୍ୱୀନାଂ କ୍ୱଚିଦ୍ଭର୍ତ୍ତୋପଦିଶ୍ୟତେ । ଅ: ପତିବ୍ରତାମାନେ ଜୀବିତ ବା ମୃତ ସ୍ୱାମିର ଅପ୍ରିୟକାରିଣୀ ହେଲେ ପତିଲୋକ ପ୍ରାପ୍ତ ହୋଇ ପାରିବେ ନାହିଁ । ପତି ମୃତ ହେଲେ ପୁଷ୍ପାହାରଦ୍ୱାରା ନିଜ ଜୀବନ ବ୍ରହ୍ମଚର୍ଯ୍ୟରେ କଟାଇବା ସାଧ୍ୱୀ ସ୍ତ୍ରୀର କର୍ତ୍ତବ୍ୟ । କିନ୍ତୁ ଅପର ପତିର ନାମ ଗ୍ରହଣ କରିବା ଉଚିତ ନୁହଇ । ଏପରି ସ୍ତ୍ରୀ ପୁତ୍ରହୀନା ହେଲେ ମଧ୍ୟ ସ୍ୱର୍ଗ ଲାଭ ହୋଇ ପାରେ ।

କଳିଯୁଗରେ ଅନ୍ୟ ପ୍ରକାର ପୁତ୍ରୋତ୍ପତ୍ତି ବିଶେଷତଃ କମ୍ବା ଇତର ପତି ଗ୍ରହଣ କରିବା ବିଧବାମାନଙ୍କର ଧର୍ମ ନୁହଇ ।

ଉପରୋକ୍ତ ମତ ସ୍ଥିର ହେବାରୁ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନେ ପ୍ରାୟ ଏକ ହଜାରରୁ ଅଧିକ ଉକ୍ତ ମତରେ ସମ୍ମତ ହୋଇଅଛନ୍ତି ।

ପ୍ରସ୍ତାବିତ ବିଷୟରେ ଅପେକ୍ଷା କେତେକ ଅନ୍ତର ପ୍ରମାଣମାନ ଉଦ୍ଧାର ଦରକାରରେ ସମସ୍ତ ପ୍ରସ୍ତୁତ ଅଛୁ ।

| | |
|---|---|
| ୧୫।୩।୮୫<br>ସାର ନଉଗିଡ଼ପୁର<br>ଅଟଗଡ଼ ଗ୍ରାମ | ବ ।<br>ଶ୍ରୀ ଯୋଗୀନ୍ଦ୍ର ମିଶ୍ର<br>ଶର୍ମା । |

## ବିଜ୍ଞାପନ ।


### NOTICE.

PUBLIC WORKS DEPARTMENT.
IRRIGATION BRANCH
ORISSA CIRCLE
MAHANUDDY DIVISION.

It is hereby notified for general information that the Taldundah and Machgong Canals will be closed for annual repairs for a period of one month, from 1st to 31st May 1885, both days inclusive. The water in the River Mahanuddy in the vicinity of Cuttack and Chowdwar will be lowered at the same time to enable repairs to the weirs being executed. Merchants, boatmen, and others are therefore requested to remove their boats &c from the above Canals on or before the 30th April 1885.

J. W. TOGOOD C. E.

CUTTACK } *Executive Engineer*
10—4—85. } *Mahanuddy Irrigation Dn.*

### NOTICE

The advertisement for a Sub-Inspector of schools for the Cuttack District published in the Utkal Dipika of 28th March, 1885 is cancelled.

Sd. K. G. GUPTA
*Joint Magistrate in ch.*

### ଗିଲଟୀ

ଅର୍ଥାତ୍

ଅଲଙ୍କାରରେ ସୁନା ଅବା ରୂପା

ଚଢ଼ାଇବାର ।

ଘଡ଼ି, ପଲଙ୍କ, କାଚ, ଖଡ଼୍ଗ, ଚକ, ହାର, ବର୍ତ୍ତଫୁଲ, ବୋତାମ ଇତ୍ୟାଦି ରୂପାର ଅଳଙ୍କାର ସୁନାରେ ଓ ତମ୍ବା ପିତ୍ତଳର ସାଧାରଣ ଅଳଙ୍କାର, ପାନ ରଖିବା ଡବା, କେତେ୨ ବାସନ, ତୁଳାର ସାଜ-ସରଞ୍ଜାମ, ଛତ୍ରି, ମୁଦ୍ରିକା, ଅସ୍ତ୍ରଧାର ଏବଂ ସ୍ତ୍ରୀଲୋକମାନଙ୍କର ହାତ ପ୍ରଭୃତି ରୂପା ଅଥବା ସୁନାରେ ଗିଲଟ କର-

ମାସ ମଧ୍ୟ ସୁଲଭମୂଲ୍ୟରେ ମିଳିଷ୍ଟ କରି ଦିଆ ଯିବ । ଯାହାଙ୍କର ଆବଶ୍ୟକ ହେବ ମୋତଠାରୁ ଦ୍ରବ୍ୟାଦି ପଠାଇଲେ ସତ୍ତ୍ୱର ଉକ୍ତ କାର୍ଯ୍ୟ ସମାଧା କରଦେବ ଇତି ।

ଆଲମଚନ୍ଦବଜାର } ଶ୍ରୀ ଭାଗୀରଥୀ ସାଠିଆ
କଟକ }

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର ଙ୍କମାଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | | | |
|---|---|---|---|---|---|
| ୧୨ | ପଣ ବାଉ ନ କମାଉ ପ | ୧୬ | ଟ ୨୪ | ପ ୧ | ଟ ୦ ୬/ଈ |
| ୧୪ | ପଣ | ,, | ,, ଟ ୨୪ | ,, | ଟ ୦ ୪ |
| ୧୨ | ପଣ | ,, | ,, ଟ ୧୩ | ,, | ଟ ୦ /୨ |

ବେପାରମାନେ ଅର୍ଥାତ୍ ଯେଉଁମାନେ ଏକ ସରେ ଉ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ପ୍ରଦର୍ଶନୀ ସମ୍ବନ୍ଧୀୟ ନ $\frac{୧୦୮}{୧୭-୨୦}$ ମର ସର୍କ୍ୟୁଲର ।

———

ଶିମଲା, ୧୮୮୪ ସାଲ ତା ୨ ରଖ ଅକ୍ଟୋବର

ମ୍ୟୁଜିୟମ ଓ ପ୍ରଦର୍ଶନୀ ସମ୍ପର୍କୀୟ ବିଷୟ ଓ କୃଷିସଂକ୍ରାନ୍ତ କାର୍ଯ୍ୟବିଭାଗରେ ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ରୁବକାରୀରୁ ଉଦ୍ଧୃତ ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟାରୀଙ୍କ ୧୮୮୪ ସାଲ ଜୁଲାଇ ମାସ ୩୧ ତାରିଖ ଲିଖିତ ୧୦୫ ନମ୍ବର ପତ୍ର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟାରୀ ସାହେବଙ୍କ ପ୍ରତି ୧୮୮୪ ସାଲ ଅଗଷ୍ଟ ମାସ ୩୦ ତାରିଖର ୧୦ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୫ ତାରିଖ ଲିଖିତ $\frac{୧୦୧}{୧୭-୧୦}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟାରୀ ସାହେବଙ୍କ ପ୍ରତି ୧୮୮୪ ସାଲ ସେପ୍ଟେମ୍ବର ମାସ ୨୩ ତାରିଖର ୧୩ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୨}{୧୭-୧୧}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ବଙ୍ଗଦେଶ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୮ EX}{୦EI}$ ନମ୍ବର ପତ୍ର ପାଠ ହେଲା ।

———

ନିର୍ଦ୍ଧାରଣ ।

୧୮୮୬ ସାଲରେ ଇଂଲଣ୍ଡୀୟ ଅକ୍ଷୟପତ୍ରକମେ ଲଣ୍ଡନରେ ଯେଉଁ ପ୍ରଦର୍ଶନୀ ହେବ ତହିଁରେ ସହଭାଗୀ ହେବା ନିମିତ୍ତ ମହାମାନ୍ୟ ପ୍ରିନ୍ସ ଅବ୍ ଓ୍ୱେଲ୍ସ ଯେଉଁ ଆହ୍ୱାନ ପଠାଇଥିଲେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟାରୀଙ୍କ ଦ୍ୱାରା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି । ବ୍ରିଟିଶୀୟ ଦ୍ୱୀପପୁଞ୍ଜର ଅଧିବାସିମାନଙ୍କ କ୍ଷମତାଧୀନରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଔପନିବେଶିକ ଓ ଭାରତରାଜ୍ୟର ସୀମା ମଧ୍ୟରେ ଯେଉଁ ଅସୀମ ଧାତୁଶିଳ୍ପିକ ଉପକାରିତାର ନିଦାନମାନ ଅଛି ସେମାନଙ୍କୁ ତାହା ସମ୍ପୂର୍ଣ୍ଣ ପରିମାଣରେ ଦେଖାଇବା ମହାମାନ୍ୟଙ୍କ କଥାନୁସାରେ ସେହି ପ୍ରଦର୍ଶନୀର ଉଦ୍ଦେଶ୍ୟ ।

୨ । ଏହି ବିଷୟରେ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ପ୍ରାର୍ଥନା କରା ଯାଇଅଛି ଏବଂ ସମ୍ଭ୍ରାନ୍ତ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଏହି ଯେ ଭାରତବର୍ଷର ଜନଗଣରେ ସର୍ବସାଧାରଣଙ୍କୁ ଏହି ବିଷୟ ଜଣାଇ ଦିଆଯିବ ଓ ସେହି ସମୟରେ ସମ୍ପୂର୍ଣ୍ଣ ଭାବରେ ସାମ୍ରାଜ୍ୟର ଉତ୍ପନ୍ନ, ଶିଳ୍ପ ଓ କାରିଗରୀ ଦେଖାଇବାକୁ ହେବ ।

୩ । ୧୮୮୬ ସାଲ ମେ ମାସ ଆରମ୍ଭରେ ସାଉଥ କେନସିଂଟନଠାରେ ପ୍ରଦର୍ଶନୀ ଫିଟିବ ଓ ସେହି ବର୍ଷ ଜାନୁଆରୀ ମାସ ପୂର୍ବରେ ଭାରତବର୍ଷୀୟ ସମସ୍ତ ପ୍ରଦର୍ଶନୀୟ ଦ୍ରବ୍ୟ ଇଂଲଣ୍ଡରେ ପହଞ୍ଚିବା ଉଚିତ ।

୪ । ଯେଉଁ ୨ ସର୍ତ୍ତରେ ସ୍ଥାନ ପ୍ରଦାନ ହୋଇ ପାରିବ ଓ ତାହା ଯେଉଁ ପରିମାଣରେ ମିଳିବ, ରାଜକୀୟ କମିଶନରମାନଙ୍କଠାରୁ ଅନ୍ୟ ଉପଦେଶ ମିଳିବା ପର୍ଯ୍ୟନ୍ତ ତାହା ଜଣାଇ ଦିଆ ଯାଇ ପାରିବ ନାହିଁ । କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଯାହାଙ୍କ ନିକଟକୁ ପଠାଇବାର ସ୍ଥିର କରିବେ ତାହାଙ୍କ ନିକଟକୁ ପ୍ରଦର୍ଶକମାନେ ସାଧ୍ୟମତେ ଶୀଘ୍ର କୌଣସି ଆକାରରେ ସ୍ଥାନ ପ୍ରାପଣାର୍ଥ ସର୍ତ୍ତଯୁକ୍ତ ପ୍ରାର୍ଥନାପତ୍ର ପଠାଇବା ବାଞ୍ଛନୀୟ । ମାତ୍ର ପ୍ରାର୍ଥିତପରିମାଣ ସ୍ଥାନ ସମ୍ପୂର୍ଣ୍ଣ ମିଳି ପାରିବ ନାହିଁ ବୋଲି ୧୮୮୫ ସାଲ ମାର୍ଚ୍ଚ ମାସ ୧ ତାରିଖ ପୂର୍ବେ ଯେଉଁ ସବୁ ପ୍ରାର୍ଥନା ପତ୍ର ପ୍ରାପ୍ତ ହୋଇଥିବ ତାହା ଅଗ୍ରଗଣ୍ୟ ହେବ ଏବଂ ସ୍ଥାନ ନିମିତ୍ତ ଯେଉଁ ଖର୍ଚ୍ଚ ଦେବାକୁ ପଡ଼ିବ ତାହା ଗ୍ରାହ୍ୟ ନ ହେଲେ ପଶ୍ଚାତ୍ ପ୍ରାର୍ଥନାପତ୍ର ଉଠାଇ ନିଆଯିବ ।

୫ । ପ୍ରଦର୍ଶନୀ ସମ୍ବନ୍ଧୀୟ ଯେଉଁ ସବୁ ଚିଠି ପତ୍ର ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କୁ ଲେଖିବାକୁ ହେବ ତାହା ରାଜସ୍ୱ ଓ କୃଷିସଂକ୍ରାନ୍ତ ଅଫିସର ପ୍ରଦର୍ଶନୀଶାଖାର ଭାରପ୍ରାପ୍ତ କର୍ମଚାରୀଙ୍କ ଶିରୋନାମାରେ ପଠାଇବାକୁ ହେବ ।

ହୁକୁମ ।—ହୁକୁମ ହେଲା କି ହାସିଆ ଲିଖିତ

| | | |
|---|---|---|
| ମନ୍ଦ୍ରାଜ । | ମଧ୍ୟପ୍ରଦେଶ । | ସ୍ଥାନୀୟ ଗବ- |
| ବୋମ୍ବାଇ । | ବ୍ରିଟିଶ ବ୍ରହ୍ମଦେଶ । | ର୍ଣ୍ଣମେଣ୍ଟ ଓ କ- |
| ବଙ୍ଗଦେଶ । | କୁର୍ଗ । | ର୍ତ୍ତୃପକ୍ଷଙ୍କ ନି- |
| ଉତ୍ତର ପଶ୍ଚିମ | ଆସାମ । | କଟକୁ ଏହି ନି- |
| ପ୍ରଦେଶ । | ହାଇଦରାବାଦସ୍ଥ ରେ- | ର୍ଦ୍ଧାରଣର ନ- |
| ଅଯୋଧ୍ୟା । | ସିଡେଣ୍ଟଙ୍କ ସେକ୍ରେଟର | କଲ ଏହି |
| ପଞ୍ଜାବ । | ସେକ୍ରେଟେରୀ । | |

ଅନୁରୋଧ ସହିତ ପଠାଯାଉ ଯେ ତାହା ସ୍ଥାନୀୟ ଗେଜେଟ ସମୂହରେ ପ୍ରକାଶ କରାଇବେ ଓ ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ରକୁ ସମ୍ବାଦ ଦେବେ ଓ ସ୍ଥାନ ପ୍ରାପଣାର୍ଥ ପ୍ରାର୍ଥନାପତ୍ର ଯାହାଙ୍କ ନିକଟକୁ ପଠାଇବାକୁ ହେବ ତାହା ଜଣାଇବେ ।

ସ୍ୱତନ୍ତ୍ର ହୁକୁମ ହେଲା କି ଇଣ୍ଡିଆ ଗେଜେଟର ପରିଶିଷ୍ଟରେ ଏହି ନିର୍ଦ୍ଧାରଣ ପ୍ରକାଶ କରା ଯାଉ ।

ଇ, ସି, ବକ୍ ।

ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦନବୋଣା ଓ ବନାତ ଓ ବେସମୀଓଗେର ଲୁଗା ଓ କ୍ଷୋମଲର ଓ କଲକତା ଇମାଣ୍ଟ ସଓଦାଗର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣା ଅଛି । ତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ଆମୁଦ ଅଛି ତାହା କମ ଦରରେ ଦିଆଯାଏ ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେ-

Split by PDF Splitter



ଖଣି କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲେଜ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଜଲିସ ସକାଶେ ଭଡ଼ା ନେବାକୁ ଚାହିବେ ଏକ ମାସକୁ ପାଁ ବଗି ଟ୦୫୦ ହିସାବ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଡ ଖର୍ଚ୍ଚାନ୍ତର ଭାର ତାଙ୍କ ଉପରେ ରହିବ । ଖଡ ହେଲେ ଗାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଇଫସିଲ ।

| | |
|---|---|
| ବଳର ଶେଷଣା ବ ଉ ହିଁରେ ସୁନ୍ଦ ଦେଲେ ପଣେ । | ଦମେଲର ଲେଭେଣ୍ଡର । |
| ବସେଲିଥାଲ୍ଡ | ଘୋଡ଼ା ଏସିଡ୍ । |
| କଷ୍ଟେଲାନ୍ ତେଲ ଉତ୍ତମ ଶେଷ ଶ୍ୱାଦ ଓ ଭୋମ ସହିତ । | ଶୋକ୍‌ହଲମ୍ ତାର ସାହ ବ ବାଠରଣ ଓ ସେ-ରହେ କଅଗରେ ଲଗ ଲଠାଦ ନଷ୍ଟ ହଇ କ ପାରେ କାଠର ରଙ୍ଗ ଉତ୍ତମ ଦୃଶ୍ୟ ହୁଏ । |
| ଭୁଇଁ ଅର୍ଥାତ୍ ନକସା କରିବା କାଗଜ ପେନ୍‌ସିଲ ଓ କଲମ । | କୋଲତାର ସାବାନ ବଣି ଓ ଲୁହାକାମରେ ଘଷେ । |
| ପେନ୍‌ସିଲ କାଟିବା ଛୁରୀ । | ପକେଟ ଲ୍ୟାଣ୍ଟ ଘଂଟା ପାଣ୍ଡି ସହିତ ଟ ୦ ।୮୦ |
| ନାନା ପ୍ରକାରର ବଠି-କାଗଜ ଓ ଲଫାପା । | ଚମଡ଼ା ଘୋଡ଼ା ସୁଆ ଓ ସିଦ୍ଧାର |
| ଷ୍ଟ୍ରିଙ୍ଗ ବ୍ଲାଥ । | ମୋଜା ଓ ମୋଜାବନ୍ଦ |
| ପିଜଲ ଛତ । | ଉତ୍ତମ ଧୂଆ ନଜଗାବଟ |
| ଦନ୍ତଶ ସାଲୁନ । | ଦନ୍ତଶ ସାଫିଜ କଳା |
| ତାବାଲ ସାବାନ ସହିଁରେ ଲୁଗା ପରିଷ୍କାର ହୁଏ । | ବଲି ଓ ପାଲିସର ଟେୌଭା ଡେଗା |
| ଅଟୋମ ଗ୍ରେଜ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ । | ହାତ ଛିଲସ ସ୍ଥାନ ଓ କଡ଼ ଲଗଁନ ଓ ସାଦା |
| ଅଏଲ କ୍ଲଥ । | ଉତ୍ତମ ବେହେଲା |
| ଓ୍ୱାଟର ପ୍ରୁଫ୍ ଛତା । | ଉଚ୍ଚ ଥୁପଫସ ବୁଟ |
| କର୍ପୂର ଅର୍କ । | ,, ଏକପଲ ବୁଟ |
| ବ୍ଲୋଟିଙ୍ଗ ପେପର । | ହେଲରହ ଉସୋଲ ମୋ କେସର ଅଏଲ |
| ଟୋଇଲେଟ ଭେଞ୍ଚଲ ମେକ ଓ ଉଲଦ ଲୋ ନଦେର ସଦର | |

ଯାଇନିକାଶୀର ବଳ ଉଷ୍ମାର

ଟି ପାଥୁ ବଜାରସ୍ଥ ଅମ୍ଭ ଦୋକାନ ନକ-ଟରେ ସୁନା ଓ ରୂପାର ମୋହ୍ଲା ଓ ସବୁ ଅଳ-ଙ୍କାର ଓ ଭାରନ୍ତି ଜର୍ମନ ଦୋକାନ ଫିଟିଅଛି । ସେ ସାନ୍ଦା ପରମାସ ଲାଗିଥିବ ସୁଲଭ ମୂଲ୍ୟରେ ମିହ୍ଯାଦନ୍ତଲି ପାଇ ପାରିବେ ।

ହାମ ଦେଖ ଏହୀଙ୍କୁ ମେଦେଲ୍ଲାନା ଦେଇ ଗ୍ରାହକେ ଅଳଙ୍କାର ପେଲ ନିବେ । ଆଉ ହେବାର କସୁର ନାହିଁ ।

---

ନାମାଙ୍କିତ ମୋହର, ହୃଦ୍ୟା ଓ ଗ୍ରାହ୍ୟଯୋଗ୍ୟ ଛକ ଖୋଦିତ ହେଉଅଛି ।

୧୧।୬।୮୫ } ଶ୍ରୀ ଅରବିନ୍ଦ ଜର
କଟକ }

---

ଉନ୍ନତିଶୀଳ ପରୀକ୍ଷିତ ଔଷଧମାନ ଅମ୍ଭ ଔଷଧାଳୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ଉକ୍ତ କଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମାଶୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବକଙ୍କଠାରୁ ସହିତ ଔଷଧ ଶୀଘ୍ର ପଠାଇ ଦଆ ଯିବ ।

#### କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରାମୟ ଭଲ ହୁଅଇ । ମା ୭ ୦ ଟ ୧।୵ ।

#### ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ଲେଖ ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୭ ଗାରୁ ଟ ୨୧ ଙ୍କା ।

#### ବୃହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।

#### ରୋଗୀପ୍ରିୟ ଭୋଗୀପ୍ରିୟ ମୋଦକ ।

ଭୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଣ୍ଣ ବୃଦ୍ଧି ଓ ଶରୀର ଅପୂର୍ବ ମୂର୍ତ୍ତି ଯୁକ୍ତ ହୁଅଇ, କଲକଣି ସ୍ଥାୟୀ ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ରାଜଯକ୍ଷ୍ମା (କାସଦ୍ୱାରା ରକ୍ତପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଜୀର୍ଣ୍ଣ-ଜ୍ୱର, ଧଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୬ ୦ ଟ ୧ ଙ୍କା ।

ଉତ୍କଳ ସୁଚିକିତ୍ସାୟ } ବକ୍ଷିବଜାର,
ଔଷଧାଳୟ ଦରଗା }
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

---

#### ଏଲ୍‌କସିୟର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମବାକ୍ସ । ଏଥିରେ ପାରଦ କିମ୍ବା ଅନ୍ୟ ଧାତୁ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡିବା ଟ ୧ ଡାକମାଶୁଲ ଟ ୦ । ଅଣା ।

#### ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ

---

ସବୁ ଶୀଘ୍ର ନିର୍ମଳ ହୋଇଯାଏ । ପାଗର ଘା, ଗରମୀ ଘା, ନାଲି ଘା, ଦେହ ଓ କାନ ଭିତରର ଘା, ଗୋଲ ଘା, କାଳ ଘା, ଭାଙ୍ଗର ଫୁଟ୍ଟ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲା ଶିରଃପୀଡ଼ା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କ୍ରିମି, ଧାତୁଦୌର୍ବଲ୍ୟ ଏବଂ ଉତ୍ତାପ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

#### ନିମ୍ବର ତେଲ ।

ଡାକ୍ତରୀ ଉପାୟରେ ନିମ୍ବରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ଭଲ ଔଷଧ ଥାଏ ସେତେ ତାହା ନିମ୍ବ । ନିମ୍ବର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । କାଛୁ, ଦାଦୁ, ଭିତ୍ତିଅ, ଛୁଲି, ପଦ୍ମଦାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ଆଶ୍ଚର୍ଯ୍ୟରୂପେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୧ ଙ୍କା ଓ ଛୋଟ ବୋତଲ ଟ ୨୧ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ଡାକବ୍ୟୟ ଟ ୦। ଅଣା । ଡଜନ ଟ ୧୦ ଅଣା ।

## ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପକାଶେ

| | |
|---|---|
| ଲାଇନ ପ୍ରତି | ଟ ୦୵ |
| ଅଧ ଇଞ୍ଚକୁ | ଟ ୬ |
| ପୂର୍ଣ୍ଣ ଏକ ଇଞ୍ଚକୁ | ଟ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଦର ଟ ୦୵ ରୁ ଉଣା ହେବ ନାହିଁ ।

ଦୁଇ ଥର ଓ ତତୋଧିକ ଥର ପ୍ରକାଶର ଦର ପ୍ରଥମ ଥରର ଅର୍ଦ୍ଧେକ ହେବ ।

ଅଧିକ ସମୟ ପ୍ରକାଶ ନିମନ୍ତେ ସମ୍ପାଦକଙ୍କଠାରୁ [illegible] ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

[illegible] ଏହି ଉତ୍କଳଦୀପିକା ପତ୍ର କଟକ [illegible] ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୦ ଶ ୧୭ ସଂଖ୍ୟା | ତା ୧୮ ଇଙ୍ଗ ମାହେ ଏପ୍ରେଲ ସନ ୧୮୮୫ ମସିହା । ମୁ । ବୈଶାଖ ଦ ୬ ୟ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
|---|---|---|
| ବାର୍ଷିକ | ଟ ୨॥୦ | ଟ ୩ |
| ଡାକମାସୁଲ | ଟ ୦ ॥ | ଟ ୧୫ |


ଚୀନ ଓ ଫରାସିମାନଙ୍କ ମଧ୍ୟରେ ସନ୍ଧି ହେବାର ସମ୍ବାଦ ନିଶ୍ଚୟ ବୋଲି ଜଣା ଯାଇ ଅଛି । ସେଠାରୁ ତାରଯନ୍ତ୍ରରେ ସମ୍ବାଦ ଅଛି [illegible] ଆଗାମୀ ମଇମାସ ଶେଷରେ ଚୀନୀୟମାନେ ଟନ୍କିନ ପରିତ୍ୟାଗ କରିବେ ଏବଂ ଫରାସିମାନେ ଫରମୋଜା ଛାଡ଼ି ଦେବେ । ଯୁଦ୍ଧ ଖର୍ଚ୍ଚା ଚୀନ ସେମାନଙ୍କୁ ଦେବେ ନାହିଁ । ଏ ସନ୍ଧି ବଡ଼ ସୁନ୍ଦର ହେଲା । ଏ ଯୁଦ୍ଧରେ ଉଭୟପକ୍ଷରୁ ଅନେକ ଖର୍ଚ୍ଚା ହୋଇ ଅଛି ଏବଂ ଯୁଦ୍ଧ ଲାଗି ଥିଲେ ଅତ୍ୟନ୍ତ ଲୋକ ହାନି ଏବଂ ଅର୍ଥନାଶ ହୋଇ ଥାନ୍ତା ।

---

ସମ୍ପ୍ରତି ଏ ନଗରକୁ ଆସିଥିବା ମୋଗଲ ବା ପଠାଣମାନଙ୍କ ସମ୍ପର୍କରେ ଖଣ୍ଡିଏ ପ୍ରେରିତପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା । ଏମାନେ ବାସ୍ତବରେ ପଞ୍ଜାବର ଉତ୍ତର ପ୍ରଦେଶର ଲୋକ ଅଟନ୍ତି । ଏମାନଙ୍କୁ ଏଠା ଲୋକେ କାହିଁକି ଏତେ ଭୟ କରୁ ଅଛନ୍ତି ବୁଝା ଯାଉ ନାହିଁ କାରଣ ଏମାନଙ୍କ ସଙ୍ଗେ ପୁଲିସ ମୁଚଲିକା ରଖିବା ଭଲ ବନ୍ଦୋବସ୍ତ ହୋଇ ଯାଇ ନ ପାରେ । ପୁଲିସ ଏମାନଙ୍କ ଉପରେ ଦୃଷ୍ଟି ରଖି ପାରନ୍ତି ମାତ୍ର ସଙ୍ଗରେ ଅସ୍ତ୍ର ଥିବାରୁ ଲୋକଙ୍କର ଭୟର କାରଣ ହୋଇ ଅଛି ଏବଂ ପତ୍ରପ୍ରେରକଙ୍କ କଥା ସତ୍ୟ ହେଲେ ପୁଲିସକୁ ଜେଲଖାନାର କାଠ ଗୋଟିଏ ମିଳ ଅଛି ।

---

କଲିକତା ବିଶ୍ୱବିଦ୍ୟାଳୟର ଫାଷ୍ଟ ଆର୍ଟସ ଏବଂ ପ୍ରବେଶିକା ପରୀକ୍ଷା ଏସପ୍ତାହରେ ଶେଷ ହେଲା । ଏଥର କଟକ ସେଣ୍ଟରରେ ୬୦ ଜଣ ଛାତ୍ର ପରୀକ୍ଷା ଦେବାକୁ ଉପସ୍ଥିତ ହୋଇଥିଲେ ଯଥା ଫାଷ୍ଟ ଆର୍ଟସ ନିମନ୍ତେ ୧୨ ଜଣ ଏବଂ ପ୍ରବେଶିକା ନିମିତ୍ତ ୪୮ ଜଣ । ଫାଷ୍ଟ ଆର୍ଟସର ଛାତ୍ରମାନେ ସମସ୍ତେ କଟକ କଲେଜର ଅଟନ୍ତି । ପ୍ରବେଶିକା ପରୀକ୍ଷାଦେବା ଛାତ୍ରଙ୍କ ମଧ୍ୟରୁ କଟକ କଲେଜିଏଟ ସ୍କୁଲରୁ ୧୪ ଜଣ ମିଶନ ସ୍କୁଲରୁ ୩ ଜଣ, ୟୁରୋପୀୟ ସ୍କୁଲରୁ ୨ ଜଣ କଟକ ଏକାଡେମିରୁ ୮ ଜଣ ପୁରୀ ସ୍କୁଲରୁ ୬ ଜଣ ଭଦ୍ରକ ସ୍କୁଲରୁ ୩ ଜଣ କେନ୍ଦ୍ରାପଡ଼ା ସ୍କୁଲରୁ ୧୨ ଜଣ ଏବଂ ବାହାର ଛାତ୍ର ୧ ଜଣ । ସବଡିଭିଜନ ସ୍କୁଲମାନଙ୍କରୁ ପ୍ରବେଶିକା ପରୀକ୍ଷାଦେବା କାରଣ ଛାତ୍ରମାନେ ବାହାରିବା ବଡ ସୁଖର ବିଷୟ ଅଟେ ।

---

ଅସ୍ମାନଙ୍କର ଶ୍ରଦ୍ଧାସ୍ପଦ ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗୁପ୍ତ ସାହେବ ବଦଳି ହେବା କାରଣ ଛୁଟି ନେଇଥିବାରୁ ଗତ ମଙ୍ଗଳବାର ସକାଳେ ସପରିବାରେ ଗୃହାଭିମୁଖେ କଲିକତାକୁ ଯାତ୍ରା କଲେ । ଗୁପ୍ତ ସାହେବଙ୍କ ସୁଖ୍ୟାତି ଆମ୍ଭେମାନେ ପୁନଃପୁନଃ ପ୍ରକାଶ କରିଅଛୁଁ ଅଧିକ ବୋଲିବାର ଅନାବଶ୍ୟକ ସେ ଯେମନ୍ତ ଯୋଗ୍ୟ ହାକିମ ସେମନ୍ତ ଚମତ୍କାର ଲୋକ ଅଟନ୍ତି । କେବଳ ବାହାରର ପୋଷାକ ସାହେବୀ ହୋଇଲେ ଆଉ ସକଳ ବିଷୟରେ ସେ ଆପଣା ଜନ୍ମଭୂମିର ଟେକ ରଖିଅଛନ୍ତି । ଏଠା ଦେଶୀୟ ଲୋକେ ତାହାଙ୍କ ଅତ୍ୟନ୍ତ ସୁଖ ପାଉଥିବାରୁ ଗତ ରବିବାର ସନ୍ଧ୍ୟାରେ ବାବୁ ହରିବଲ୍ଲଭ ବୋଷଙ୍କ ଘରଠାରେ ତାହାଙ୍କ ଉଦ୍ଦେଶ୍ୟରେ ଯେଉଁ ଭୋଜି ଦେବାର ସ୍ଥିର ହୋଇଥିଲା ତହିଁରେ ଏ ନଗରବାସୀ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଏବଂ ଗୁପ୍ତସାହେବ ସଦାଳାପଦ୍ୱାରା ସମସ୍ତଙ୍କୁ ସନ୍ତୋଷ କରିଥିଲେ ।

---

ଶ୍ରୀଯୁକ୍ତ ଗୁପ୍ତ ସାହେବ ଛୁଟି ନେବାରୁ ଏଠା ମିଉନିସିପାଲିଟିର ଚେଅରମାନ ମନୋନୀତ କରିବା କାରଣ ଗତ ଶନିବାର କମିଶନରମାନଙ୍କର ସଭା ହୋଇ ଥିଲା । ସଭା ଭାଇସଚେଅରମାନ ବାବୁ ନନ୍ଦକିଶୋର ଦାସଙ୍କୁ ଚେଅରମାନ ଏବଂ ବାବୁ ଯଜ୍ଞେଶ୍ୱରଦତ୍ତଙ୍କୁ ଭାଇସଚେଅରମାନ ପଦରେ ମନୋନୀତ କଲେ । ଅସ୍ମାନଙ୍କ ବିବେଚନାରେ ଏ ବନ୍ଦୋବସ୍ତ ଉତ୍ତମ ହୋଇ ଅଛି କାରଣ ଅସ୍ମାନଙ୍କ [illegible] ହୋଇଥାନ୍ତି ଓ ଜଣେ ୟୁରୋପୀୟ [illegible] ହୋଇ ଥିଲେ [illegible] ହୋଇ ଆନ୍ତା । [illegible] ନାହିଁ [illegible] ଅସ୍ମାନଙ୍କର [illegible] ଦେଶୀୟ ଲୋକଙ୍କ [illegible] କାର୍ଯ୍ୟରେ [illegible] ପ୍ରଣାଳୀର ଉଦ୍ଦେଶ୍ୟ ହୋଇ ଅଛି ଏବଂ ଦେଶୀୟମାନେ

Digitized by srujanika@gmail.com

ରହିଁପାଇ ଯୋଗ୍ୟ ହୋଇ ଅଛନ୍ତି ବୋଲି ସାଧାରଣ ମନରେ ସ୍ଥିର ହୋଇ ଅଛି । ଦେଶୀୟ ଲୋକମାନେ ଯେବେ ଡେପୁଟୀମାନ ବା ଗ୍ରେଜୁଏଟମାନ ନ ହେବେ ତେବେ କାର୍ଯ୍ୟ ଶିଖିବେ କିପରି ଏବଂ ସେମାନଙ୍କ ଯୋଗ୍ୟତା ଅବା କିପରି ଜଣା ପଡ଼ିବ ।

---

ଏଠା ମିଉନିସିପାଲଟୀର କମିଶନର ନିର୍ବାଚନ ସମୟରେ ବାବୁ ଚନ୍ଦ୍ରଶେଖର ବାନର୍ଯ୍ୟା ନ ୯ ମ୍ବର ୱାର୍ଡ଼ ତରଫରୁ ସେଠା ବାସିନ୍ଦାମାନଙ୍କଦ୍ୱାରା ମନୋନୀତ ହୋଇଥିଲେ । ସେ ସ୍ଥାନାନ୍ତରିତ ହେବାରୁ ଆମ୍ଭମାନଙ୍କ ମାଜିଷ୍ଟ୍ରେଟ ଆଉ ଗୋଟିଏ ଦିନ ଧାର୍ଯ୍ୟ କରି ନିର୍ବାଚନକ୍ରିୟା ସମ୍ପାଦନ କରିବାରେ ବାବୁ ଶଶିଭୂଷଣ ଘୋଷ ଉକ୍ତ ୱାର୍ଡ଼ର କମିଶନର ପଦରେ ମନୋନୀତ ହେଲେ । ଶୁଣିବାରେ ଉକ୍ତ ନିର୍ବାଚନକ୍ରିୟା ଠିକ ଆଇନାନୁସାରେ ହୋଇ ନ ଥିବାରୁ ବ୍ୟର୍ଥ ହୋଇଗଲା ଏବଂ ଆଉ ଥରେ ନିର୍ବାଚନ ହେବାର ଆବଶ୍ୟକ ହୋଇ ଆସନ୍ତା ମଙ୍ଗଳବାର ତହିଁ ନିମିତ୍ତ ଧାର୍ଯ୍ୟ ହୋଇ ଉକ୍ତ ବିଷୟର ବିଜ୍ଞାପନ ଗବର୍ଣ୍ଣମେଣ୍ଟ ଗେଜେଟରେ ବାହାର ଅଛି । ଏଥର ଭୋଟଦାତାମାନେ ପୂର୍ବକଥା ସ୍ମରଣ ରଖିବେ ନା ଅନ୍ୟ ବ୍ୟକ୍ତିଙ୍କୁ ମନୋନୀତ କରିବେ ଦେଖାଯିବ ।

---

ସରକାରୀ ଜାଗାରୁ ଜଳ ନେଇ ନ ଦେଉଥିବା ହେତୁରୁ ଅନ୍ୟାନ୍ୟ ଲୋକଙ୍କ ସହିତ ଏଠା ଗଡ଼ଗଡ଼ିଆ ଅଭିଯୁକ୍ତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ମହକୁମାର ଜଣେ ଅମଲ କଣ୍ଟେମ୍ପ୍ଟ ଉପରେ ତଲବ କରି ଧାର୍ଯ୍ୟ ହୋଇ ଥିଲା । ସେ ତହିଁର ଆପତ୍ତି କଲାରୁ କଲେକ୍ଟର ସ୍ୱୟଂ ସ୍ଥାନୀୟ ଅନୁସନ୍ଧାନ କରି ତାହାର ଆପତ୍ତି ମିଥ୍ୟା ଥିବାର ଜଜ ସାହେବଙ୍କୁ ରିପୋର୍ଟ କଲେ । ଆପତ୍ତିକାରୀ ସରକାରୀ ଅମଲ ହୋଇ ଆଦମଙ୍କୁ ମିଥ୍ୟା ସମ୍ବାଦ ଦେବା କଥାରୁ ଅଦାଲତ ଅନ୍ୟାୟ ଜ୍ଞାନ କରି ତାହାକୁ ଫଉଜଦାରୀ ସୋପର୍ଦ୍ଦ କଲେ ଏବଂ ଏଠା ମାଜିଷ୍ଟ୍ରେଟ ସ୍ୱୟଂ ତହିଁର ବିଚାର କରି ଟ ୫୦୲ ଟଙ୍କା ଅର୍ଥଦଣ୍ଡ ବିଧାନ କଲେ । ବର୍ତ୍ତମାନ ଏହି ଦଣ୍ଡ ବିରୁଦ୍ଧରେ ଜଜ ସାହେବଙ୍କଠାରେ ମୋସନ କଲେ ଏବଂ ଜଜ ସାହେବ ତାହା ଗ୍ରହଣ ପୂର୍ବକ ହାଇକୋର୍ଟକୁ ରିପୋର୍ଟ କରିବାରୁ ହାଇକୋର୍ଟ ଉକ୍ତ ଦଣ୍ଡାଜ୍ଞା ରହିତ କରି ଜରିମାନା ଅଦାୟ ହୋଇ ଥିଲେ ଆସାମିକୁ ଫେରାଇ ଦେବାର ଆଦେଶ ଦେଇ ଅଛନ୍ତି । ହାଇକୋର୍ଟ ଆପଣା ନଥିରେ ସ୍ପଷ୍ଟ ଲେଖି ଅଛନ୍ତି କି ଯେଉଁ ସମ୍ବାଦକୁ ମୂଳ କରି ମାଜିଷ୍ଟ୍ରେଟ ସାହେବ ଏ ମୋକଦ୍ଦମା ଗଢ଼ି ଥିଲେ ତାହା ଫଉଜଦାରୀ ଦଣ୍ଡବିଧି ଆଇନର ଅଭିପ୍ରାୟ ମତେ ଅପରାଧ ନୁହଇ । ଭଲର ମାଜିଷ୍ଟ୍ରେଟ ଯେବେ ଆଇନର ମର୍ମ ଗ୍ରହଣ କରିବାରେ ଏପରି ଭୁଲ କରନ୍ତି ତେବେ ପ୍ରଜାଙ୍କର ରକ୍ଷା କେଉଁଠାରେ ?

---

ରାୱଲପିଣ୍ଡିଠାରେ ଆମ୍ଭମାନଙ୍କ ଗବର୍ଣ୍ଣର ଜେନେରଲ ଏବଂ କାବୁଲର ଅମିରଙ୍କ ମଧ୍ୟରେ କି ପ୍ରକାର ସନ୍ଧି ବା ପରାମର୍ଶ ସ୍ଥିର ହେଲା କୌଣସି ସରକାରୀ ମୂଳରୁ ସ୍ପଷ୍ଟରୂପେ ଜଣାଯାଇ ନାହିଁ । ପ୍ରଧାନମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବ ପାର୍ଲିମେଣ୍ଟ ସଭାରେ ଏତିକି ମାତ୍ର କହିଅଛନ୍ତି କି ଏମାନଙ୍କ ସାକ୍ଷାତର ଫଳ ଅତ୍ୟନ୍ତ ସନ୍ତୋଷଜନକ ଅଟଇ ମାତ୍ର ତହିଁର କିଛି ବିବରଣ ପ୍ରକାଶ କରି ନାହାନ୍ତି । ସମ୍ବାଦ ପତ୍ରମାନଙ୍କରୁ ପ୍ରକାଶ ଯେ ଇଂରାଜଙ୍କ ସୈନ୍ୟସାହାଯ୍ୟ ଗ୍ରହଣ କରିବାକୁ ଅମିର ନିତାନ୍ତ ଅସମ୍ମତ । ସେ ସ୍ପଷ୍ଟ କହିଅଛନ୍ତି କି ଅଫଗାନମାନେ ବିଦେଶୀୟ ସୈନ୍ୟଙ୍କୁ ଆପଣା ରାଜ୍ୟମଧ୍ୟରେ ଦେଖିବାକୁ କେବେହେଁ ଇଚ୍ଛା କରନ୍ତି ନାହିଁ ଓ ଇଂରାଜସେନା କାବୁଲରେ ପ୍ରବେଶ କଲେ ତାହାଙ୍କ ରକ୍ଷାର ଦାୟିତ୍ୱ ସେ ଗ୍ରହଣ କରିପାରିବେ ନାହିଁ ଏଥିପାଇଁ ଅମିର ଏହି ଇଚ୍ଛା ପ୍ରକାଶ କଲେ କି ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଅସ୍ତ୍ର ଓ ଯୁଦ୍ଧସାମଗ୍ରୀ ଯଥେଷ୍ଟ ଏବଂ ଖର୍ଚ୍ଚପତ୍ର ପାଇଁ ନଗଦ ଟଙ୍କା ଦେଲେ ସେ ଅଫଗାନ ସୈନ୍ୟଦ୍ୱାରା ରୁଷିୟାକୁ ଆପଣା ସୀମାରୁ ହଟାଇ ଦେବାକୁ ସମର୍ଥ ହେବେ ଯେବେ ନ ପାରିବେ ତେବେ ଇଂରାଜସେନା ସାହାଯ୍ୟ ନେବାର ବିଚାର କରିବେ । ଏପରି ଅବସ୍ଥାରେ ଅମିରଙ୍କ ପକ୍ଷରେ ଅଙ୍କସଂଖ୍ୟା ଟଙ୍କା ଖର୍ଚ୍ଚ କରିବା କେମନ୍ତ ଯୁକ୍ତିସଙ୍ଗତ ଆମ୍ଭେମାନେ ସ୍ଥିର କରିପାରୁ ନାହୁଁ ଭାରତବର୍ଷର ଟଙ୍କା ହୋଇ ଦେବାରେ କଷ୍ଟ ନାହିଁ ପଛେ ।

---

ଉଦ୍ୟାନପୁର ସ.ଠଙ୍ଗପୁର ନିର୍ବାଚନ ସମ୍ପର୍କରେ ଉତ୍କଳଦର୍ପଣ ଏକେବାରେ ତଥ୍ୟଜ୍ଞ ଶେତ୍ରୀଙ୍କ ଦାୟିତ୍ୱ ଘୋଷଣା କରି ଆସୁଥିଲେ କିନ୍ତୁ ଗତ ବୁଧବାରଠାରେ କାର୍ଯ୍ୟାନୁସାର ତାହାର କ୍ରିୟାସମ୍ପନ୍ନ ଯେଉଁରୂପ ସମାଲୋଚନା କରି ଅଛନ୍ତି ତହିଁରୁ ତାହାଙ୍କର ସ୍ୱଭାବ ବଦଳ ପାଉଥିବାର ଦେଖାଯାଉ ଅଛି କାରଣ ତାହାଙ୍କ ଲେଖାରୁ ସ୍ୱୀକାର କଲେ ଅବଶ୍ୟ ବୋଲିବାକୁ ହେବ ଯେ କୋଠାଙ୍କରୁ ପାଠ୍ୟପୁସ୍ତକର ତାଲିକାରେ ସ୍ଥାନଦାନ କରିବା ଇନ୍ସପେକ୍ଟରଙ୍କର ଉଚିତ କାର୍ଯ୍ୟ ହୋଇ ନାହିଁ ଅର୍ଥାତ୍ ତାହାଙ୍କ ସ୍ୱକପୋଳ କଳ୍ପିତ ଅନ୍ତତଃ ଏକ ପୁସ୍ତକ ସମ୍ବନ୍ଧରେ ଦୋଷଯୁକ୍ତ ଅଟେ । ଆମ୍ଭମାନଙ୍କର ଆଶା ଅଛି ଯେ ଆଉ କେବେ ପୁସ୍ତକସମ୍ପର୍କରେ ସହଯୋଗୀଙ୍କଠାରୁ ଏହିପରି କଥା ଶୁଣିବାକୁ ପଡ଼ିବ । ଯେତେବେଳେ ପାଠ୍ୟପୁସ୍ତକ ସହିତ ବାହାନବାଦ ଲଗାଇଥିଲେ ସେତେବେଳେ ଏକଥା କହିଥିଲେ ଆମ୍ଭମାନଙ୍କର ବଡ଼ ଉପକାର ହୋଇଥାନ୍ତା ମାତ୍ର ଏତେବେଳେ ପୁଣି ଆମ୍ଭେମାନେ କଦାପି ନିଶ୍ଚୟ ହୋଇ ନାହୁଁ । ଦେଢ଼ ମାସରୁ ଏଥର ଭଣାଗଲାର ପୁସ୍ତକ ନିଯୁକ୍ତ ହେଲା ସହଯୋଗୀଙ୍କର ଅତି [illegible] । ସୁତରାଂ ଯେଉଁ ସ୍ୱାର୍ଥପରତାର ଦୋଷ ଆମ୍ଭମାନଙ୍କଠାରେ ଲଗାଇଥିଲେ ତହିଁରୁ ସେ କେତେ ନିର୍ଦ୍ଦୋଷ ଥିଲେ ଏତେବେଳେ ଜାଣି ପାରୁଥିବେ ।

---

ଓଡ଼ିଆ ଶିକ୍ଷା ବିଭାଗର ରିପୋର୍ଟ ।

ଏଥି ପୂର୍ବେ ବଙ୍ଗ ପ୍ରଦେଶର ଶିକ୍ଷା ବିଭାଗର ଗତ ବାର୍ଷିକ ରିପୋର୍ଟ ସମ୍ବନ୍ଧୀୟ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସାହେବଙ୍କ ମନ୍ତବ୍ୟର ସମାଲୋଚନା କରାଯାଇଥିଲା ତେବେ ଆମ୍ଭମାନଙ୍କ ଡିଭିଜନ ଇନସ୍ପେକ୍ଟରଙ୍କ ଏବଂ ଜିଲ୍ଲାର ଡେପୁଟି ଇନସ୍ପେକ୍ଟରମାନେ ପାଠଶାଳାର ଦେଶୀ ପ୍ରେସର କେମନ୍ତ ଶୁଭକାଙ୍କ୍ଷୀ ଏବଂ ସେଠାରୁ ସାମାନ୍ୟ ପୁସ୍ତକ ଖଣ୍ଡେ ବାହାରିଲେ ସୁଦ୍ଧା ତହିଁର ପ୍ରଶଂସା କରିବାକୁ କେମନ୍ତ ଉତ୍ସୁକ ପାଠକମାନଙ୍କୁ ଜଣାଇଥିଲୁଁ । ଦେଶୀ ପ୍ରେସର ଅଥବା ତହିଁର ଅଧିକାରୀଙ୍କ ନାମରେ କେବଳ କେତେକ କଥା ଲେଖା ହୋଇଥିଲା ଏମନ୍ତ ନୁହେଁ । କଟକରୁ ଜାତ ନିମିତ୍ତ ମଧ୍ୟ କିଛି ଲେଖା ଯାଇଅଛି ଯଥା, ଡେପୁଟି ଇନସ୍ପେକ୍ଟର ଆପଣା ବାର୍ଷିକ ରିପୋର୍ଟରେ ଲେଖିଥିଲେ ଯେ ଉତ୍କଳ ସଭା ନାମରେ ଏକ ଅଭିଧାନ ଅନ୍ୟାନ୍ୟ ପୁସ୍ତକ ଯାହା ସାମାଜିକ ଲୋକଙ୍କ ଚେଷ୍ଟାଦ୍ୱାରା ପ୍ରାପ୍ତ ହେବାର ଆଶା କରାଯାଇ ନ ପାରେ । କୁମାର ବୈକୁଣ୍ଠନାଥ ଦେ ଉଦ୍ୟାନପୁର ସୂତ୍ରରେ ଟଙ୍କା ଦେବା କଥା ପ୍ରତିପାଦନ କରିବାର ନିମନ୍ତେ ଚେଷ୍ଟିତ

Split by PDF Splitter
130
Digitized by srujanika@gmail.com

Split by PDF Splitter



ଥିଲେ ମାତ୍ର ଅନୁମାନ ହୁଅଇ ସେ ତାହା ଉତ୍ତର ଦେବାର ଅଧିକ ଥିବାରୁ ନିରସ୍ତ ହୋଇଅଛନ୍ତି ଗବର୍ଣ୍ଣମେଣ୍ଟଙ୍କର ତାହାଙ୍କୁ ଉତ୍ସାହ ଦେବା ଉଚିତ। ଜଏଣ୍ଟ ଇନସ୍ପେକ୍ଟର ଏ କଥାରୁ ଆପଣା ବାର୍ଷିକପତ୍ରରେ ଉତ୍କଳର ଏପ୍ରକାର ମାନଚିତ୍ର ଯୋଗାଇବା ସକାଶେ ତୁମାର ଅବଶ୍ୟ ଚେଷ୍ଟା କରୁଅଛନ୍ତି ବୋଲି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଏବଂ ଖଣ୍ଡେ ଭଲ ଓଡ଼ିଆ ଅଭିଧାନ ପ୍ରସ୍ତୁତ କରିବା ବିଷୟରେ ପୁରସ୍କାର ଦେବାର ପ୍ରସ୍ତାବ ପଠାଇବାକୁ ମାନସ ରଖିଅଛି ବୋଲି ଲେଖିଅଛନ୍ତି। ଏଥିରୁ ପାଠକମାନେ ଅବଶ୍ୟ ଜାଣନ୍ତି ଯେ କଲିକତା ସ୍କୁଲବୁକ ସୋସାଇଟି କେତେକ ଗୁଡ଼ିଏ ବଙ୍ଗ ମାନଚିତ୍ର ପ୍ରସ୍ତୁତ କରି ଅତି ସୁଲଭ ମୂଲ୍ୟରେ କେତେ ବର୍ଷ ହେଲା ବିକ୍ରୟ କରୁଅଛନ୍ତି ଏବଂ ବିଦ୍ୟାଳୟର କାର୍ଯ୍ୟ ନିମିତ୍ତ ସେ ସବୁ ଉପଯୋଗୀ ଅଟଇ କି ନା ତାହା ବୋଲିବାର କେଣିକି ଆଉ ତହିଁର ନାମ ମାତ୍ର ଜଏଣ୍ଟ ଇନସ୍ପେକ୍ଟର ଆପଣା ରିପୋର୍ଟରେ ଲେଖି ନାହାନ୍ତି। ଏ ସବୁ ମାନଚିତ୍ର ପ୍ରାପ୍ତ ହେଉଥିବାର ଡେପୁଟି ଇନସ୍ପେକ୍ଟର ଅବଶ୍ୟ ଜାଣନ୍ତି ଏବଂ ଏହା ମଧ୍ୟ ତାହାଙ୍କୁ ଜଣା ଅଛି କି ସେ ସମସ୍ତ କୌଣସି ଅଂଶରେ ଅସମ୍ପୂର୍ଣ୍ଣ ଥିଲେ ସେସବୁ ଅତି ଅଳ୍ପ ସହଜରେ ତାହା ସଂଶୋଧନ ହୋଇପାରେ ଏମନ୍ତ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଜଣାଇବାର ପ୍ରସ୍ତାବ କରିବା ଏବଂ ଜଏଣ୍ଟ ଇନସ୍ପେକ୍ଟର ତାହାକୁ ମୌନଭାବରେ ଅନୁମୋଦନ କରିବାର କି ଅଭିପ୍ରାୟ ପ୍ରକାଶ ପାଉଅଛି ଜାଣିବାର କଠିନ ନୁହଇ। ଖଣ୍ଡିଏ ଭଲ ଓଡ଼ିଆ ଅଭିଧାନ ଯେ ଗୋଟିଏ ଗୁରୁତର ଅଭାବ ଏଥିରେ କୌଣସି ସନ୍ଦେହ ନାହିଁ କିନ୍ତୁ ଏ ବିଷୟରେ ବିଶେଷ ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଯାଇଥିବା ଅଥବା ମଞ୍ଜୁର ହୋଇଥିବା କଥା ଆମ୍ଭେମାନେ ଅବଶ୍ୟ ଜାଣି ନ ଥିବାରୁ କିଛି କହି ନ ପାରୁଁ। ଭରସା କରୁଁ ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଇ ସାଧାରଣ ପ୍ରତିଯୋଗିତା ନିମିତ୍ତ ଉପଯୁକ୍ତ ସମୟ ଦିଆଯିବ।

ଶିକ୍ଷାବନ୍ଧୁ ନାମରେ ଯେଉଁ ମାସିକ ପତ୍ରିକା ବାହାରୁଅଛି ଏହା ମଧ୍ୟ ଶିକ୍ଷା ବିଭାଗର କୌଶଳ ମଧ୍ୟରେ ଧରି ଯାଇ ପାରେ। ଜଏଣ୍ଟ ଇନସ୍ପେକ୍ଟର ବାର୍ଷିକ ରିପୋର୍ଟରେ ଲେଖିଲେ ଯେ ଶିକ୍ଷା ବିଷୟକ ଖଣ୍ଡିଏ ପତ୍ରିକାର ଅଭାବ ଅତ୍ୟନ୍ତ ଅନୁଭୂତ ହେଉଅଛି। ଉତ୍କଳ ସାହିତ୍ୟର ଉତ୍କର୍ଷ ସାଧନ ନିମନ୍ତେ ଗବର୍ଣ୍ଣମେଣ୍ଟ ବାର୍ଷିକ ସାହାଯ୍ୟ ଦାନ କରନ୍ତି ସେହି ଟଙ୍କା ମଧ୍ୟରୁ କିଛି ସାହାଯ୍ୟ ଦେବାର ଉଚିତ। ବାର୍ଷିକ ରିପୋର୍ଟରେ ଏ କଥା ଲେଖାଗଲା ଏବଂ ତହିଁ ପରେ ଶିକ୍ଷା ବିଭାଗୀୟ ଜଣେ କର୍ମଚାରୀ ଶିକ୍ଷାବନ୍ଧୁ ନାମକ ପତ୍ରିକା ବାହାର କଲେ ଏବଂ ତହିଁରେ ଶିକ୍ଷା ବିଭାଗୀୟ କର୍ମଚାରୀଙ୍କ ନାନା କାର୍ଯ୍ୟ ସମ୍ବନ୍ଧୀୟ ସମାଲୋଚନାର ପ୍ରତିବାଦ ଆରମ୍ଭ ହେଲା। ଅତଏବ ଫଳ ଘଟିଲା ଯେ କେବଳ ଆପଣା ପକ୍ଷ ସମର୍ଥନ ନିମିତ୍ତ ଜଏଣ୍ଟ ଇନସ୍ପେକ୍ଟର ଏପରି ପତ୍ରିକାର ଅଭାବ ଅନୁଭବ କରିଅଛନ୍ତି ଏପରି ପତ୍ରିକା ସରକାରୀ ସାହାଯ୍ୟ ପାଇବାର ଯୋଗ୍ୟ କି ନା ଏବଂ ଶିକ୍ଷା ବିଭାଗୀୟ କର୍ମଚାରୀ ସରକାରୀ ସାହାଯ୍ୟରେ ଏହା ନିର୍ବାହ କଲେ ଏହାକୁ ସମ୍ପୂର୍ଣ୍ଣରୂପେ ସରକାରୀ କାଗଜ ବୋଲି ଦିଆଯିବ କି ନା ଏ ସମସ୍ତ ବିବେଚନାର ବିଷୟ ହେଉଅଛି।

---

## ରୁଷ ଓ ଇଂରାଜଙ୍କ ଯୁଦ୍ଧ।

ଉଭୟ ପକ୍ଷରୁ ଯୁଦ୍ଧର ଆୟୋଜନ ପୂର୍ବପର ହେଉ ଥିବାର ପ୍ରତ୍ୟହ ସମ୍ବାଦ ଆସୁଥିଲେହେଁ ଏ ସପ୍ତାହରେ ଯେ ସମସ୍ତ ସମ୍ବାଦ ପ୍ରସ୍ତୁତ ହୋଇ ଅଛି ତହିଁରୁ ବିଲକ୍ଷଣ ଜଣା ପଡ଼ୁଅଛି ଯେ ଯୁଦ୍ଧ ଘଟିବାର ସମ୍ଭାବନା ଅତ୍ୟନ୍ତ ଅଳ୍ପ ଓ ଅଫଗାନ ସୀମା ବିଷୟକ ବିବାଦ ଶାନ୍ତିଭାବରେ ନିଷ୍ପତ୍ତି ହେବାର ସମ୍ପୂର୍ଣ୍ଣ ଭରସା ଅଛି। ରୁଷିଆର ସମ୍ରାଟ ସ୍ପଷ୍ଟ କହି ଅଛନ୍ତି ଯେ ଯୁଦ୍ଧ କରିବାକୁ ତାହାଙ୍କର ଆଦୌ ଇଚ୍ଛା ନାହିଁ ଓ ଯୁଦ୍ଧ ହେଲେ ରାଜ୍ୟର କ୍ଷତି ଭିନ୍ନ ଲାଭ କିଛିମାତ୍ର ନାହିଁ। ଇଂରାଜ ଗବର୍ଣ୍ଣମେଣ୍ଟ ମଧ୍ୟ ଯୁଦ୍ଧ ନୋହୁ ଚାହାନ୍ତି ଓ ଶାନ୍ତିରକ୍ଷା ପୂର୍ବକ ଏ ବିବାଦ ମେଣ୍ଟାଇ ଦେବାକୁ ସମ୍ପୂର୍ଣ୍ଣ ଇଚ୍ଛା ରଖନ୍ତି। ଯେଉଁବେଳେ ଅଫଗାନ ଓ ରୁଷିଆର ଯୁଦ୍ଧ ସମ୍ବାଦ ପ୍ରଥମେ ପ୍ରଚାରିତ ହେଲା ସେତେବେଳେ ଏ ବିଷୟରେ ରୁଷିଆ ଦୋଷୀ ହୋଇ କଥିତ ହେଲା ଏବଂ ସେହି ହେତୁ ଇଂରାଜ ବ୍ୟସ୍ତ ହୋଇ ଯୁଦ୍ଧର ସମ୍ଭାର ପ୍ରସ୍ତୁତ କଲେ ମାତ୍ର ଏତେବେଳେ ନିଶ୍ଚୟ ଜଣା ଯାଉଅଛି ଯେ ଉକ୍ତ ଯୁଦ୍ଧ ନିମିତ୍ତ ସ୍ୱୟଂ ଅଫଗାନମାନେ ଦାୟୀ ରୁଷିଆର କିଛି ଦୋଷ ନାହିଁ। ପୂର୍ବରୁ ଇଂରାଜ ଓ ରୁଷିଆ ମଧ୍ୟରେ ଏହି ବନ୍ଦୋବସ୍ତ ହୋଇ ଥିଲା ଯେ ସୀମାଘଟିତ ବିବାଦ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ରୁଷିଆ ଓ ଅଫଗାନ ସେ ଯେଉଁଠାରେ ଅଛନ୍ତି ସେହିଠାରେ ଥିବେ କେହି ବିବାଦୀୟ ସ୍ଥଳକୁ ପାଦ ବଢ଼ାଇବେ ନାହିଁ। ବିବାଦୀୟ ସ୍ଥଳ ମଧ୍ୟରେ ପଞ୍ଜଦେ ଗୋଟିଏ ସ୍ଥାନ ଅଟଇ ଏହି ପଞ୍ଜଦେ ଅଫଗାନ କିମ୍ବା ତୁରକମାନଙ୍କ ରାଜ୍ୟ ଏହା ନିଶ୍ଚୟ କରିବା ସୀମା କମିଶନରଙ୍କ ପ୍ରଧାନ କାର୍ଯ୍ୟ ଏବଂ ଇଂରାଜ ଗବର୍ଣ୍ଣମେଣ୍ଟ ଆପଣା କମିଶନରଙ୍କୁ ପୂର୍ବରୁ ଅଧିକାର ଦେଇଅଛନ୍ତି କି ଯେବେ ପଞ୍ଜଦେ ଅଫଗାନସ୍ଥାନର ଅଂଶ ନ ହେବ ତେବେ ରୁଷିଆ ପକ୍ଷରେ ବିନା ଆପତ୍ତିରେ ତାହା ଛାଡ଼ି ଦେବେ। ଏଥିରୁ ଏ ବନ୍ଦୋବସ୍ତ ହେବା ସମୟରେ ରୁଷୀୟମାନେ ସାରକ୍ସ ଏବଂ ଅଫଗାନମାନେ ବାଲମୁରଗାବଠାରେ ଥିଲେ। ଏଥି ମଧ୍ୟରେ ଅଫଗାନମାନେ କେହି ଇଂରାଜ କର୍ମଚାରୀଙ୍କ ଶିକ୍ଷାରେ ହେଉ ବା ଆପଣା ମନରୁ ହେଉ ଆପଣା ସ୍ଥାନରୁ ଅଗ୍ରସର ହୋଇ ପଞ୍ଜଦେଠାରେ ଛାଉଣି କଲେ। ରୁଷୀୟ ଜେନେରଲ ତାହା ଜାଣି ପାରି ଅଫଗାନମାନଙ୍କୁ ଲେଉଟି ଯିବା କାରଣ ଅନୁରୋଧ କଲେ ଏବଂ ସେଥିରେ ଫଳ ନ ହେବାରୁ ପୂର୍ବ ବନ୍ଦୋବସ୍ତ ପ୍ରବଳ କରିବା ଇଚ୍ଛାରେ ସେମାନଙ୍କ ନିକଟକୁ ସେନା ଘେନି ଗଲେ କିନ୍ତୁ ସେମାନେ ଉକ୍ତ ସ୍ଥାନ ପରିତ୍ୟାଗ ନ କରି ଯୁଦ୍ଧ କରିବାର ଆରମ୍ଭ କଲେ ଏବଂ ରୁଷିଆ ବାଧ୍ୟ ହୋଇ ଗୁଳି ଚଳାଇଲେ। ସୁତରାଂ ରୁଷିଆ ବାଧ୍ୟ ହୋଇ ଯୁଦ୍ଧ କଲା ଏବଂ ଫଳ ଯାହା ହେଲା ତାହା ପାଠକମାନେ ଜାଣନ୍ତି। ଅତଏବ ବୋଲିବାକୁ ହେବ ଯେ ଅଫଗାନମାନଙ୍କ ଦୋଷରୁ ଉକ୍ତ ଯୁଦ୍ଧ ହେଲା ଏବଂ ତହିଁପାଇଁ ରୁଷିଆ ସଙ୍ଗରେ ଇଂରାଜମାନଙ୍କର କଳହ କରିବାର କୌଣସି କାରଣ ନାହିଁ। ସରହଦ୍ ସୀମାନା ବିଷୟରେ ପ୍ରକୃତରେ ଅଫଗାନସ୍ଥାନ ସଙ୍ଗେ ରୁଷିଆର ବିବାଦ ହେଉଅଛି। ଅଫଗାନସ୍ଥାନ ଇଂରାଜଙ୍କ କଥାରେ ଚଳିବାକୁ ସମ୍ମତ ହୋଇଥିବାରୁ ଇଂରାଜଙ୍କ ସହିତ ଏ ବିଷୟରେ ରୁଷିଆର ବନ୍ଦୋବସ୍ତ ଲାଗିଅଛି। ଯେବେ ଇଂରାଜଙ୍କ କଥାରେ ଅଫଗାନସ୍ଥାନ ପଞ୍ଜଦେକୁ ମତ ବଦଳିଥିଲା ତେବେ ଇଂରାଜମାନେ ଦୋଷୀ ହେଉଅଛନ୍ତି ଆଉ ଯେବେ ଇଂରାଜଙ୍କ ପରାମର୍ଶ ନ ଶୁଣି ଅଫଗାନସ୍ଥାନ ସେପରି କଲା ତେବେ ଇଂରାଜଙ୍କର ଅଫଗାନସ୍ଥାନ ସଙ୍ଗେ ଆଉ କି ସମ୍ପର୍କ ରହିଲା ଯେ ତହିଁପାଇଁ ଇଂଲଣ୍ଡ ଓ ରୁଷିଆ ମଧ୍ୟରେ ଯୁଦ୍ଧ ହେବ। ଫଳତଃ ରୁଷିଆ ପକ୍ଷରୁ କୌଣସି ତ୍ରୁଟି ନ ହେଲେ ଇଂଲଣ୍ଡର

Digitized by srujanika@gmail.com

Split by PDF Splitter



ଯୁଦ୍ଧକୁ ବାଧାଦବାର କୌଣସି କାରଣ ନାହିଁ । ଅମ୍ଭେମାନେ ଏହାକୁ ଆଶା କରୁଁ ଯେ ଏ ବିବାଦ ଅପୋଷିରେ ଶାନ୍ତିପୂର୍ବକ ଅସ୍ତ ଧରିବାର ଆବଶ୍ୟକ ହେବ ନାହିଁ । ଈଶ୍ୱର ନ କରନ୍ତୁ ଯେବେ ରୁଷିୟା ଓ ଇଂଲଣ୍ଡ ମଧ୍ୟରେ ଯୁଦ୍ଧ ହେବ ତେବେ ଆମ୍ଭମାନଙ୍କ ଦୁର୍ଦ୍ଦଶାର ସୀମା ରହିବ ନାହିଁ । ଯୁଦ୍ଧ ନ ହେଉଣୁ କଥା ହେଲାଣି ଯେ ଯୁଦ୍ଧ ଆରମ୍ଭ ହେଲେ ଶତକଡ଼ା ୪ ୨୯ ଟଙ୍କାରୁ ୪ ୮୯ ପର୍ଯ୍ୟନ୍ତ କୌଣସି ଦରରେ ଇନ୍‌କମ୍‌ଟାକ୍ସ ବସିବ ଏବଂ ଯୁଦ୍ଧ ହେଲେ ଇଂଲଣ୍ଡ ଓ ଭାରତବର୍ଷ ମଧ୍ୟରେ ବାଣିଜ୍ୟ ପ୍ରାୟ ରହିତ ହୋଇ ଯିବ । ଏଥିରୁ ଶ୍ରମଜୀବି ଉତ୍ପାଦକମାନେ ନ ପାଇଲେ ବସ୍ତ୍ରମ ଆଦି ଭଣା ପଡ଼ିବ ଗବର୍ଣ୍ଣମେଣ୍ଟ ଭଣା ହେଲେ ବିଲାତର ଆଦି ଭଣା ହେବ ଓ ବିଲାତରୁ ଦ୍ରବ୍ୟ ନ ଆସିଲେ ଅମ୍ଭମାନଙ୍କର ଦଣ୍ଡେ ନିର୍ବାହ ହେବା କଠିନ । କେବଳ ଖାଇବା ଛଡ଼ା ଆଉ ସକଳ ବିଷୟରେ ଅମ୍ଭେମାନେ ବିଲାତର ଅଧୀନ ପରିଚ୍ଛଦ ଦ୍ରବ୍ୟ ପ୍ରାୟ ସମସ୍ତ ବିଲାତ ଏମନ୍ତ କି ଦିଆସିଲାଇ ନ ହେଲେ ସରେ ସନ୍ଧ୍ୟା ଦିଆଯାଏ ନାହିଁ । ଏ ଅବସ୍ଥାରେ ବିଲାତର ବାଣିଜ୍ୟ ବନ୍ଦ ହେଲେ ଅମ୍ଭମାନଙ୍କର କେତେ କଷ୍ଟ ହେବ ତାହା ସହଜରେ ଅନୁମାନ ହେଉଅଛି । ଯୁଦ୍ଧ ହେଲେ ଅମ୍ଭମାନଙ୍କର ଅର୍ଥ ନାଶ ଓ ପ୍ରାଣ ନାଶ ହେବାର ଭୟ ଅଛି । ଏହା ଛଡ଼ା ଭାରତବର୍ଷରେ ଇଂରାଜଙ୍କ ରାଜ୍ୟରୁ ଯେଉଁ ଉନ୍ନତିର ସୋପାନ ବର୍ତ୍ତମାନ ସମାନ ବେଗରେ ଚାଲିଅଛି ତାହା ଅଟକି ଗଲେ ଭବିଷ୍ୟରେ ଅମ୍ଭମାନଙ୍କର ସାମାନ୍ୟ କ୍ଷତି ହେବ ନାହିଁ ।

## ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ଏଠାରେ ବଡ଼ ଗ୍ରୀଷ୍ମ ହୋଇଅଛି ଓ କେତେ ଅଞ୍ଚଳରେ ଟିକିଏ ବେଶୀ ପାଣି ପଡ଼ିଥିବାରୁ ବୃଷ୍ଟି ଅଭାବ ହୋଇ ନାହିଁ ।

ଗତ ସୋମବାର ସକାଳ ବେଳେ ଏଠା ସହରର ଦକ୍ଷିଣ ଭାଗରେ ... ମାଜିଷ୍ଟ୍ରେଟ ... ପଡ଼ିଆରେ ... ସାହେବ ସମସ୍ତଙ୍କୁ ... କରିଥିଲେ ।

ଏଥିମଧ୍ୟରେ ... ସାହେବ ... ଓ ... ସବୁ ... ଅଛନ୍ତି ।

ଗତ ସପ୍ତାହ ଶୁକ୍ରବାର ଅପରାହ୍ଣ କାଳରେ ଏ ନଗର ... ଅଗ୍ନି ଲାଗି ... ପ୍ରାୟ ୭୦୮୦ ଘର ପୋଡ଼ି ଗଲା । ... ଏହାର ପ୍ରକୃତ

ଏବଂ ଏବେ ସରକାର ଉଷାରଙ୍କ ଦ୍ୱାରା ଅର୍ଥ ସଂଗ୍ରହ ସୁବିଧା ହେବ ନାହିଁ । ଏହି ଅବସ୍ଥାରେ ସେ ଅଞ୍ଚଳରେ ... ନିମନ୍ତେ ... ହେବାର ସମ୍ଭବ ।

... ଗୋଟିଏ ... ଆଗାମୀ ... ଠାରୁ ... କରିଅଛନ୍ତି । ଏଥିରେ ୭୭ ଜଣ ଅସାମୀ ଅଛନ୍ତି ।

... ମହାଶୟମାନେ ... ନିଯୁକ୍ତ ହୋଇଅଛନ୍ତି ଯଥା—ଗଭର୍ଣ୍ଣର ଜେନେରଲ ... ବାବୁ କେଦାରନାଥ ... ବାବୁ ... ବାବୁ ... ବାବୁ ... ବାବୁ ... ।

ବାଲେଶ୍ୱରର ପୂର୍ବ ସ୍କୁଲ ସବ୍‌ଇନସ୍‌ପେକ୍ଟର ବାବୁ ... ନାଥ ... ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ ହେଲେ ।

ଗତ ଫିବ୍ରୁଆରି ମାସ ୧୯।୨୦ ତାରିଖରେ ଯେଉଁ ଓଡ଼ିଆ ଇଙ୍ଗ୍ରାଜୀ ଓ ମୁଲ୍କାଇ ପରୀକ୍ଷା ହୋଇଥିଲା ତହିଁରେ ଓଡ଼ିଶାର ... ଜଣ ପରୀକ୍ଷା ଦେଇଥିଲେ ସେମାନଙ୍କ ମଧ୍ୟରେ ବାଲେଶ୍ୱରର ... ଓ ... ମହାନ୍ତି ଓ ... କଟକର ... ଓ ... ଏହି ... ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ... ସମ୍ପାଦକ ... ଜଣାଯାଏ ... ଗତ ମାସ ... ତାରିଖରେ ପରଲୋକ ଗମନ କରିଅଛନ୍ତି ।

... ଠାରୁ ଆସିଥିବା ଗତ ମାସ ତା ୫ ଦିନର ... ପ୍ରକାଶ ଯେ ... ମାର୍ଚ୍ଚ ମାସ ତା ୨୦ ଦିନରେ ... ହୋଇଥିବା ... ପେଷ ଅଛନ୍ତି । ... ଠାରୁ ପ୍ରକାଶ ଯେ ନ ୧୨ ଣ ... ଏବଂ ... ପ୍ରକାଶ କରୁଅଛନ୍ତି ।

ଗତ ମାସ ତା ୧୦ ଦିନ ସକାଳ ସ ୧୦ ଘଣ୍ଟା ସମୟରେ ... ଖୋଲା ... ଏବଂ ଖୋଲାର ... ଅଛି । ... ମଧ୍ୟରେ ... ଓ ... ହୋଇଥିଲା । ... ମନ୍ଦ ନୁହଁ ।

ଏଥି ମଧ୍ୟରେ ... ଯେ କାଶ୍ମୀରର ମହାରାଜା ... ପ୍ରକାଶ ... ସଂସ୍କୃତ ... ହୋଇ ନାହିଁ ।

ଗତ ମାସ ତା ୧୨ ଦିନ ... ବାବୁଙ୍କର ... ହେଲେ । ... ହୋଇଥିଲା ।

... ପୁଣି ... ହେବ ଏହି ପ୍ରକାର ସମ୍ବାଦ ମିଳିଲା ।

... ଏବଂ ... ସମ୍ବାଦ ମିଳିଲା । ... ।

ଅଛି ତଳେ ... ଓ ... ପାଉଅଛନ୍ତି । ... ହୋଇ ... ଏକ ... ।

... ଠାରୁ ଆସିବା ଗତମାସ ତା ୧୪ ଦିନ ... ପ୍ରକାଶ ଯେ ... ମାସ ତା ୧୩ ଦିନ ... ଓ ... ମଧ୍ୟରେ ଯେଉଁ କଥାବାର୍ତ୍ତା ... ହୋଇଅଛି ତାହା ... ଅଛି । ... ?

... ଗତ ... ୨୮ ଘଣ୍ଟା ପର୍ଯ୍ୟନ୍ତ ... ଉପରେ ... କଥା ହେଉଅଛି । ଆଉ ... ନାହିଁ । ... ୪ । ୫ ... ହେଲେ ... ଯିବେ ।

... ଅନ୍ୟତ୍ର ... ୨୦୦ ... ଘର ପୋଡ଼ି ଯାଇଥିବାର ସମ୍ବାଦ ଆସିଅଛି । ଏ ବର୍ଷ ... ପ୍ରକାର ବହୁ ଗୁଣା ହୋଇ ନାହିଁ ।

... ଯେ ... ନ ହେବା ... ଅନେକ ... ହେବ ନାହିଁ । ... ସମୟ ମିଳ ସଜ ।

ବେଙ୍ଗଲ ... ଠାରେ ... ଆଉ ... କାର୍ଯ୍ୟ କରିବାରୁ ... ପ୍ରଶଂସା ପାଇବାର କଥିତ ହୁଏ ।

... ଠାରେ ଗତ ମାସ ତା ୧୧ ଦିନରେ ... ଓ ... ହୋଇ ଯାଇଥିବାର ସମ୍ବାଦ ମିଳିଲା ।

... ହୋଇଥିବା ... ୪୦୦୦ ଟଙ୍କା ଓ ... ୧୦୦୦ ଟଙ୍କା ... ସମ୍ବାଦ ଆସିଅଛି ।

... ଏବର୍ଷ ... ୫୦୮ ଣ ... ଏ ପରୀକ୍ଷା ଦେଇଥିବାର ସମ୍ବାଦ ମିଳିଲା । ପୂର୍ବ ବର୍ଷଅପେକ୍ଷା ଏବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ... ହୋଇ ଯାଇଅଛି ଓ ... ଯେଉଁ ... ପରୀକ୍ଷା ହୋଇଥିଲା ତାହା ଏଥର ... ।

### ପ୍ରେରିତ ପତ୍ର ।

ଗତ ମାସ ତା ୧୭ ଦିନରେ ... ଶ୍ରୀଯୁକ୍ତ ... ହୋଇ ... ଅଛନ୍ତି । ... ସେ ଏହି କାର୍ଯ୍ୟ କରିଅଛନ୍ତି ।

... ହେଉ ... ବାବୁ ... ମୂର୍ତ୍ତିମାନ ... ଅଟନ୍ତି । ... ହୋଇ ତାହା ... ବସିବାକୁ ... ହେଉ ... କାରଣ ... ଠାରେ ... ହେବାକୁ ... ହେବାରେ ... ଏବଂ ... । ... ପଣ୍ଡିତ ... ଶିକ୍ଷା ... ପ୍ରାର୍ଥନା କରିବାକୁ ... ହୋଇଅଛି ।

Digitized by srujanika@gmail.com

ଉକ୍ତ ଦେଉଳର କାର୍ଯ୍ୟ ଅନବରତ ଚଳୁଅଛି । ଓଭରସିଅର ଅନବରତ କାର୍ଯ୍ୟଦକ୍ଷ ଲୋକ ଥିବାରୁ ଏପରି ଶୀଘ୍ର ମାତ୍ର ସକାଳ ଶକ ବର୍ଷ ସମ୍ବନ୍ଧେ ଯେତେଦୂର ଉଦ୍ୟମ କରିବାର କାରଣ ଇଚ୍ଛା ତାହା ସନ୍ତୋଷ ନାହିଁ । ତାହାର କେବଳ ବାବୁଙ୍କ ସ୍ୱତ ଶ୍ରୀନଗରୀ ବ୍ରଣୀସାହେବ ସମ୍ପୂର୍ଣ୍ଣ ଉଦ୍ୟମ ପ୍ରକାର ବୋଧ ହୁଏ ନାହିଁ ।

ବିଜୟନଗରପାଇଣ୍ଟ ସୀମା ମଧ୍ୟରେ ବିପତ୍ତୋଡା ଛଟି ଲୋ ୨୭ ଟା ଅଛି ସେ ଉହିଁରେ ଦ୍ୱିପ ଯୋଡି କାରିଗରମାନେ ଉହ ପ୍ରସ୍ତୁତ କରନ୍ତି । ଏଥିକ ୩୨୧ ଧାରନ୍ନମାନେ ପ୍ରତ୍ୟେକ ଲୁଣ୍ଠି ଉପରେ ବାର୍ଷିକ ଏକ ଟଙ୍କା ୫ ନୁ ବଣିଷ୍ଣମାନେ ପରୀକ୍ଷାପୂର୍ବକ ଜମା ଧାର୍ଯ୍ୟ କରିଅଛନ୍ତି ।

## ଘୁମସର ସମ୍ବାଦ ।

ବର୍ତ୍ତମାନ ସନ୍ଧ୍ୟାନ ତଥା ଉତ୍ତରଗତ ଅଠଗଡ଼ ଗଞ୍ଜାମରେ ଏବଂ ଘୁମସର ଗଞ୍ଜାମର କୌଣସି କୌଣସି ସ୍ଥାନରେ ଓଳଉଠା ରୋଗର ପ୍ରାଦୁର୍ଭାବ ହୋଇଅଛି ।

ଘୁମସର ତାଲୁକା ଅନ୍ତର୍ଗତ ବାଗଦେବୀ ପର୍ବତଠାରୁ ଉସ୍ତୁରଗୁଣ୍ଠା କେଂ ଘୁମସର ପର୍ଯ୍ୟନ୍ତ ସାଏ ପନ୍ଦର କୋଶ ହେବ ଘରି ବଡ ନ ନଦୀ ଗଲା କୋଟିଏ ତଳା ଯାଇ ଅଛି । ଏହା ଗାଡ଼ି ଚଳିବା ଲୋକଙ୍କ ସକାଶେ ଅତ୍ୟନ୍ତ ଉପକାରକ ହୋଇଅଛି ।

ଇସ୍ତଲ କ୍ଷେତ୍ରରେ ଥିବା ନାମିଲ ପାଠଶାଳା ଗ୍ରାମବାସୀମାନେ ଉଦୟଗିରିଠାକୁ ଉଠି ଯିବାର ସମ୍ଭାବନା ଅଛି ତାହାହେଲେ ଏଠା ପିଲାମାନେ ସହଜତା ଶିକ୍ଷା ପାଇବେ ନାହିଁ ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଆପଣଙ୍କ ପ୍ରସିଦ୍ଧ ଉତ୍କଳଦୀପିକାରେ ଏହି ସମ୍ବାଦଟିକୁ ସ୍ଥାନ ପ୍ରଦାନ କରି ବିଶେଷ ଉପକୃତ କରିବେ । ଅତ୍ରସ୍ଥ ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟର ଛାତ୍ରମାନଙ୍କୁ ପୁରସ୍କାର ଦେବା ନିମିତ୍ତ ଶ୍ରୀମୁକ୍ତ ମହାରାଜା ବାହାଦୁର ଗତମାସ ୯ ତାରିଖରେ ଏ ବିଦ୍ୟାଳୟରେ ଅତି ସମାରୋହ ସହିତ ଗୋଟିଏ ସଭା ଆହ୍ୱାନ କରି ଥିଲେ । ସେହି ସଭାରେ ମେନେଜର, ସମସ୍ତ ଆମଲା ଓ ଅନ୍ୟାନ୍ୟ ଭଦ୍ରଲୋକ ପ୍ରାୟ ୫୦ ଜଣ ଉପସ୍ଥିତ ଥିଲେ । ମହାରାଜାଙ୍କର ଅନୁମତ୍ୟନୁସାରେ ସ୍କୁଲର ପ୍ରଧାନ ଶିକ୍ଷକଙ୍କଦ୍ୱାରା ବାର୍ଷିକ ରିପୋର୍ଟ ପଠିତ ହେଲ ପରେ ବାବୁ କୃଷ୍ଣବିହାରୀ ଦେ ମେନେଜର ଦଣ୍ଡାୟମାନ ହୋଇ ଅତି ସାର୍ଗ ଓ ନ୍ୟାୟପୂର୍ଣ୍ଣ ଗୋଟିଏ ବକ୍ତୃତା ପ୍ରଦାନ କରି ଥିଲେ, ଏବଂ ଛାତ୍ରମାନଙ୍କ ଶିକ୍ଷାର ବିଶେଷ ଉପକାରିତା ଦେଖାଇ ବିଦ୍ୟାଧ୍ୟୟନ ନିମିତ୍ତ ଉପଦେଶ ଦେଇ ଥିଲେ । ଆଉ ସ୍କୁଲର ଅଭାବମାନ ପୂରଣ କରିବା ପାଇଁ ମହାରାଜାଙ୍କୁ ଅନୁରୋଧ କରିଥିଲେ । ପୁରସ୍କାର ଶେଷରେ ମହାରାଜାଙ୍କର ଉପଦେଶପୂର୍ଣ୍ଣ ବକ୍ତୃତା ସମସ୍ତଙ୍କର ମନକୁ ହରଣ କରିଥିଲା । ପରିଶେଷରେ ଏଠାର ଶିକ୍ଷାବିଭାଗ ସମ୍ବନ୍ଧୀୟ ଅନେକ ଆଲୋଚନା ପରେ ଉକ୍ତ ବିଭାଗର ସୁବନ୍ଦୋବସ୍ତ କରାଇବା ନିମିତ୍ତ ଗୋଟିଏ ଟିଷାଇକମେଟି ସ୍ଥାପିତ ହେବାର ନିର୍ଦ୍ଧାରିତ ହୋଇ ସଭା ଭଙ୍ଗ ହେଲା । ଇତି ।

କାମ୍ପ ।
କେନ୍ଦୁଝର }
ବଶମ୍ବଦ
ଶ୍ରୀ ଚକ୍ରଧର ଗୁପ୍ତ ମହାପାତ୍ର
କେନ୍ଦୁଝର ସ୍କୁଲ ହେଡ଼ପଣ୍ଡିତ

---

ମହାଶୟ !

ଅନ୍ତଦିନ ଏଠାରେ ଗୋଟିଏ ରହସ୍ୟଜନକ ଘଟଣା ଘଟିଅଛି ତାହା ଆପଣଙ୍କ ଦୀପିକାର ପାଠକମାନଙ୍କୁ ନ ଜଣାଇ ରହି ପାରୁ ନାହିଁ । ଘଟଣାଟି ଏହି—

କେତେକ ଜଣ କାବୁଲୀ ପଠାଣ ଘୋଡ଼ା ଓ ଗଗଡ଼ ସଙ୍ଗରେ ଘେନି ସଉଦାଗରୀ କରି ବୁଲୁଅଛନ୍ତି । ସେମାନେ ଆଜି ଏଠାରେ ପହୁଞ୍ଚିଲେ । ତୁଲ ବସ୍ତ୍ର ବଜ ଥିବାରୁ 'ମୋଗଲ ଆସୁଅଛନ୍ତି' ଏହିପରି ଗୋଟିଏ ଜନଶ୍ରୁତି ହୋଇଥିବାରୁ ଲୋକେ ସ୍ୱଭାବତଃ ଭୀତ ଥିଲେ । ଆଜି ସେମାନଙ୍କର ଉପସ୍ଥିତିରେ ଅଧିକାଂଶ ଗ୍ରାମବାସୀ ବିଶେଷତଃ ସ୍ତ୍ରୀଲୋକମାନେ ଏପରି ଭୀତ ହୋଇଗଲେ ଯେ ସ୍ତନ୍ୟପାୟୀ ବାଳକ ଓ ବାଳିକାମାନଙ୍କୁ ନିଜ ନିଜ କକ୍ଷରେ ଘେନି କରୁଣସ୍ୱରରେ ଚିତ୍କାର କରି କରି ଘର ପଳାଇଲେ । ଆଉ କେତେକ ସ୍ତ୍ରୀଲୋକ ନଦୀ କୂଳରେ ସ୍ନାନାଦି କ୍ରିୟା କରୁଥିଲେ, ସେମାନଙ୍କ ମଧ୍ୟରୁ କେହି ଅର୍ଦ୍ଧସ୍ନାତା, କେହି ବା ଦାନ୍ତ ଘଷୁଥିଲା, କେହି ହଳଦୀ ଲଗାଉଥିଲା, କେହି ବା ଲୁଗା ଚିପୁଡୁଥିଲା, ସେମାନେ ଏକାବେଳକେ ହିତାହିତ ବିବେଚନାଶୂନ୍ୟ ଇତସ୍ତତଃ ପଳାଇଲେ । ମହାଶୟ ! ସେତେବେଳେ ସେମାନଙ୍କ ମୁଖରେ ଏପରି ଏକ ଭୟ ଓ ବିଷାଦର ଚିହ୍ନ ଦେଖା ଯାଉଥିଲା ଯେ ତାହା ନ ଦେଖିଲା ଲୋକକୁ ବୁଝାଇବା କଷ୍ଟ ।

ମଫସଲରେ ଏହିପରି ଘଟଣା ଘଟିବା ଅସମ୍ଭବ ନୁହେ । ଉତ୍କଳରେ ଓଡ଼ିଆମାନେ ଭୀତ ଥିବାର ଅନୁମାନ କରି କାବୁଲୀମାନେ ଟିକିଏ ଜୋର ଜବରଦସ୍ତି କରୁଅଛନ୍ତି । ଯାହାଙ୍କଠାରୁ ସଉଦା ନେଲେ ଇଚ୍ଛାନୁସାରେ ମୂଲ୍ୟ ଦେଉଅଛନ୍ତି । ଗାଡ଼ ଇତ୍ୟାଦି ଦରକାର ହେଲେ ଗାଡ଼ିଆ ନ ସଞ୍ଜ ଥାଉ ବା ନ ଥାଉ ତାକୁ ମାଡ଼ପିଟ କରି ଘେନି ଯାଉଅଛନ୍ତି । ସେହି ହେତୁରୁ ଦୋକାନମାନେ ଦୋକାନ ବନ୍ଦ କରି ପଳାଉଅଛନ୍ତି । ବୋଧ ହୁଏ ସେହି ସବୁ ଅତ୍ୟାଚାର ନିବାରଣ କରିବା ପାଇଁ ତାଙ୍କ ସଙ୍ଗେ ପୁଲିସ ଯିବାର ସ୍ଥିର ହୋଇଅଛି ଏବଂ ଉକ୍ତ କାବୁଲୀଙ୍କ ସଙ୍ଗେ କେତେକଜଣ କନଷ୍ଟବଲ ମଧ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ କ ଯାହାର ନାମ ରଘୁନାଥ ସେନାପତି ଅଟେ ତାଙ୍କୁ ଅମ୍ଭେ ତାହାର କର୍ତ୍ତବ୍ୟକର୍ମ ବୁଝାଇ ଦେବାରୁ ସେ ଅମ୍ଭଙ୍କୁ ଏକପ୍ରକାର ଗାତ୍ର କଣ୍ଠରେ " ହାମସ୍ କାହେକା ମାଙ୍ଗିତ ହୁକୁମ କର୍ନେବାଲା ତୁମ୍ ହୋନେହୋ " କହିଲେ ତହିଁରେ ଅମ୍ଭେ ଉପଯୁକ୍ତସ୍ୱରରେ ଉତ୍ତର ପ୍ରତ୍ୟୁତ୍ତର ପ୍ରଦାନ ଓ ତାହା କଥାର ପ୍ରତିବାଦ କଲାରୁ ସେ ଶେଷକୁ ଖସଟରେ ଆସିଥିବାରୁ ତାହାର ମିଜାଜ୍ ଗରମ ଥିବା ଓ ସେହି ଅବସ୍ଥାରେ ଏପରି କହିଥିବାର କହି କ୍ଷମା ପ୍ରାର୍ଥନା କଲା ଏବଂ କହିଲା କି "ସେମାନଙ୍କ ( କାବୁଲୀମାନଙ୍କ ) ଅତ୍ୟାଚାରରେ ବାଧା ନ ଦେବାକୁ ଅମ୍ଭମାନଙ୍କୁ ହୁକୁମ ଅଛି । କେବଳ ଅମ୍ଭେ ରିପୋର୍ଟ କରି ପାରିବୁ ଯେ କାବୁଲୀମାନେ ଅମୁକ ଯାଗାରେ ଅମୁକ ଅତ୍ୟାଚାର କଲେ ଇତ୍ୟାଦି ।"

ତେବେ ମହାଶୟ ! ଏପରି ହୁକୁମ ( ଯଦି କନଷ୍ଟବଲ କଥା ସତ୍ୟ ହୁଏ ) କିଏ ଦେଲେ ଏବଂ ଏହା କେଉଁ ଦେଶର ବା କେଉଁ ଶାସ୍ତ୍ରର ବ୍ୟବସ୍ଥା ?

ଦୁଃଖର ବିଷୟ ଏହି ଯେ ଉକ୍ତ ପୁଲିସ କର୍ମଚାରୀ ନଇର ଗୋପାଳ ସକାଶେ କାନ୍ତି ଇତ୍ୟାଦ ଜଣେ ଦୋକାନୀଠାରୁ କିଣିଲା । ଦୋକାନୀ ପଇସା ମାଗିବାରୁ ତାହା ସଙ୍ଗର ଆଉ ଜଣେ କନଷ୍ଟବଲ ଦୋକାନୀକି ଗୋଇଠା ଓ ଗୁସ୍ତାଦ୍ୱାରା ବିଲକ୍ଷଣ ଶିକ୍ଷାଦାନ କରି ପଠାଇଲା । ଯେଉଁ ପୁଲିସର ସାହାଯ୍ୟରେ ଦୋକାନମାନେ ଦୁରନ୍ତ କାବୁଲୀଠାରୁ ବିକ୍ରୀତ ପଦାର୍ଥର ଉଚିତ ମୂଲ୍ୟ ପାଇବେ ବୋଲି ଆଶା କରୁଥିଲେ ସେହି ପୁଲିସର ଏପରି ବ୍ୟବହାର ତାଙ୍କ ଆଶାର ବିପରୀତ ଅନୁକୂଳ ତାହା ପାଠକମାନେ ବୁଝନ୍ତୁ ।

ଅଧିକ ଅଧିକ ଦୁଃଖର କଥା ଏହି ଯେ କାବୁଲୀମାନେ କୌଣସି ଜିନିଷ କିଣନ୍ତୁ କଲ

Digitized by srujanika@gmail.com

ବେଳେ କେଉଁ ପଦାର୍ଥର ଦର ପଚାରିବାରେ କାବୁଲୀମାନେ ମନଇଚ୍ଛା ଗୋଟିଏ ଦର କହି ପୁଲିସଙ୍କୁ ଫାଙ୍କି ମାନୁଅଛନ୍ତି । ଅଥଚ ପୁଲିସ ଉକ୍ତଣାରୁ ସେ ଦର ଠିକ ଥିବାର ସାକ୍ଷ୍ୟ ପ୍ରଦାନ କରୁଅଛି । ଏହିପରି ସାକ୍ଷ୍ୟର ବଶବର୍ତ୍ତୀ ହୋଇ ଅମ୍ଭେମାନେ କେତେକ ଟଙ୍କା ଦଣ୍ଡ ଦେଇଅଛୁଁ । କେତେ କ୍ଷଣ ପରେ ସେ କାବୁଲୀମାନଙ୍କ ମଧ୍ୟରୁ ଆଉ ଜଣେ ଆମ୍ଭ ସମ୍ମୁଖରେ ସେହି ପଦାର୍ଥ ଆଉ ଜଣଙ୍କୁ ଅଧା ଦରରେ ବିକ୍ରୟ କରିବାରୁ ଅମ୍ଭେ ଆମ୍ଭ କିଣିଥିବା ପଦାର୍ଥମାନଙ୍କୁ ଫେରାଇ ଦେବାକୁ ଅଥବା ଅଧିକା ଦାମ ଫେରାଇବାର ତାଙ୍କ ଏକ କାବୁଲୀକୁ କହିବାରେ ସେମାନେ ଅସ୍ୱୀକୃତ ହେଲେ । ଅମ୍ଭେ ପୁଲିସକୁ ଏ କଥା ପଚାରିବାରେ ସେ ଶୁଣି ନ ଶୁଣିଲା ପରି ହୋଇ କହିଲା "ମୁଁ କଣ କରିବି ତୁମ୍ଭେ ଜାଣ ସେ ଜାଣନ୍ତି" । ଅମ୍ଭେ କହିଲୁ ଜଣକ ଦ୍ୱାରା ଆମ୍ଭକୁ ଅଧିକା ଦାମର ଉଚିତ ମୂଲ୍ୟରେ ଆଉ କେତେ ଟଙ୍କା ସେ କାବୁଲୀମାନେ ଫେରାଇ ଦେଲେ । ହାୟ ମହାଶୟ ! ମୁଁ ପଚାରେଁ ଯଦି ପୁଲିସର ସମ୍ମୁଖରେ ବା ସହାୟତାରେ ବିଦେଶୀୟ ଲୋକ ଅମ୍ଭମାନଙ୍କୁ ଠକିବେ ଅଥବା ଅମ୍ଭଦ୍ୱାରା ଦେବା ଉଚିତ (ଯଥା ମୂଲ୍ୟ ଫେରି ପାଇବା) ଯଦି ପୁଲିସଦ୍ୱାରା ନ ହେଲା ତେବେ ସେ ପୁଲିସ ରଖି ଗବର୍ଣ୍ଣମେଣ୍ଟ ଏହିଠି ଅର୍ଥକୁ ପଢ଼ିବାର ଦରକାର କ ହେଲା । ସମସ୍ତେ କହନ୍ତି ଅମ୍ଭମାନଙ୍କ ସଙ୍ଗେ କାବୁଲୀଙ୍କ ସଙ୍ଗେ କଳହ କରୁ ନ ଥିବେ ତେବେ ପୁଲିସ ଅକ୍ଷିରେ ଧୂଳି ଦେଇ ବା ପୁଲିସକୁ ଲାଞ୍ଚ ଦେଇ ଯେବେ ବିଦେଶୀମାନେ ଅମ୍ଭଙ୍କୁ ଠକିଲେ ତେବେ ଆଉ ଅମ୍ଭମାନଙ୍କର ରକ୍ଷା କେଉଁଠାରେ ? ଅତଏବ ଅମ୍ଭେମାନେ ଶ୍ରୀଯୁକ୍ତ ମେଜିଷ୍ଟର ସାହେବଙ୍କ ହଜୁରରେ ସବିନୟ ପ୍ରାର୍ଥନା କରୁଅଛୁଁ ସେ ଯେ ଉପରୋକ୍ତ ଅଭିଯୋଗମାନ ଅନୁସନ୍ଧାନ କରି ବହିର ଦଣ୍ଡ କରନ୍ତୁ ଓ ପୁଲିସକୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରନ୍ତୁ । ତାହା ନ ହେଲେ ଗବର୍ଣ୍ମେଣ୍ଟର ବଡ଼ ଦୁର୍ନାମ ହେବ । ଉପରୋକ୍ତ କଥାମାନଙ୍କର ପ୍ରମାଣ ଦେବାକୁ ଅମ୍ଭେ ପ୍ରସ୍ତୁତ ଅଛୁଁ । ଇତି ।

ବଶମ୍ବଦ
ଶ୍ରୀ ରଘୁନାଥ ଆଚାର୍ଯ୍ୟ
ସବ୍‌ଓଭରସିୟର

## ମୂଲ୍ୟପ୍ରାପ୍ତି ।

| | | | | |
|---|---|---|---|---|
| ବାବୁ | କୃଷ୍ଣଚନ୍ଦ୍ର ଘୋଷ | କଟକ କଲେଜ୍ୟା | ଟ | ୨ |
| " | ଅକ୍ଷୟଚରଣ ଘୋଷ | ଅନୁଗୁଳ | " | ଟ | ୪ |
| " | ଗୌରମୋହନ ବସୁ | ବଶିଷ୍ଠ | " | ଟ | ୨ |
| " | ଦାଶରଥୀ ଦାସ | ଦଣ୍ଡଭୁବିଂ ବସୁର | " | ଟ | ୨ |
| " | ଭଗବାନଚରଣ ସେନ | ପୁରୀ | " | ଟ | ୧୦ |
| " | ଭଗୀରଥୀ ପଟ୍ଟନାୟକ | କହଇତା | " | ଟ | ୨ |
| " | ରାଧାକୃଷ୍ଣ ଦାସ | ବୋଲଗଡ଼ | " | ଟ | ୫୶ |
| " | ଭଗବାନ ଦାସ | ବଇଷାଙ୍କ | " | ଟ | ୪ |
| " | ଗୌରଚରଣ ଘୋଷ | ଜମ୍ମୁ ଅଗ୍ରିମ | ଟ | ୩ |
| " | ପ୍ରୀତନାଥ ଦତ୍ତ | ଅନୁଗୁଳ କଲେଜ୍ୟା | ଟ | ୨୫।୶ |
| " | ରାଧାମୋହନ ଦାସ | ଭଦ୍ର ଅଗ୍ରିମ | ଟ | ୩ |
| " | ଗୋପୀନାଥ ରିଷ୍ଟ୍ରେସନ | ବୁଦ୍ଧପୁର | " | ଟ | ୨୫୶ |

# ବିଜ୍ଞାପନ ।

PUBLIC WORKS DEPARTMENT,
BENGAL.
THE 24th MARCH 1885.

No. 114.— Notification.—Notice is hereby given that the Lieutenant Governor of Bengal, proposes, under the powers conferred on him by sections 78 and 99 of Act III (B. C.) of 1876 to substitute the words "the 1st April 1886" for the words "1st April 1885" in Rule 5 passed for the Orissa Canals in this Department Notification No. 188, published at pages 427—28, Part, of the Calcutta Gazette for the 5th March 1884.

ପବ୍ଲିକ୍ ଓ୍ୱାର୍କସ୍ ବିଭାଗ ବେଙ୍ଗଲ,
ତା ୨୪ ରଖ ମାହେ ମାର୍ଚ୍ଚ ସନ ୧୮୮୫ ମସିହା ।

ନ ୧୧୪ ମ୍ବର ବିଜ୍ଞାପନ ।—ଓଡ଼ିଶା କାନାଲମାନଙ୍କ ଏହି ମହକୁମାର ନ ୧୮୮ ମ୍ବର ବିଜ୍ଞାପନଦ୍ୱାରା ଜାରି ହୋଇଥିବା ଦସ୍ତୁରଅମଲର ୫ ଦଫା ସନ ୧୮୮୪ ମସିହା ମାର୍ଚ୍ଚ ତା ୫ ରଖ ତାରିଖ କଲିକତା ଗଜେଟର ପ୍ରଥମ ଭାଗର ପୃ ୪୨୭।୨୮ ଷ୍ଟାରେ ମୁଦ୍ରିତ ହୋଇଅଛି ସେହି ଦସ୍ତୁର ଅମଲର ୫ ଧାରା ଲିଖିତ "ତା ୧ ରଖ ଅପ୍ରେଲ୍ ସନ ୧୮୮୫ ମସିହା" ପରିବର୍ତ୍ତରେ "ତା ୧ ରଖ ଅପ୍ରେଲ୍ ସନ ୧୮୮୬" ଏହି କଥାମାନ ବସାଇବାକୁ ବଙ୍ଗ ପ୍ରଦେଶର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସନ ୧୮୭୬ ମସିହା ବଙ୍ଗୀୟ ଆଇନ ୩ ଲେଖର ୭୮ ଓ ୯୯ ଦଫାଦ୍ୱାରା ପାଇଥିବା କ୍ଷମତା ଅନୁସାରେ ପ୍ରସ୍ତାବ କରୁଅଛନ୍ତି । ଅତଏବ ବିଜ୍ଞାପନ ଦିଆଗଲା ।

(Sd.) J. M. MCNEILE
*Lieutenant-Colonel R. E.*
*Joint Secretary to the*
*Govt. of Bengal P. W. D.*

## NOTICE

It is hereby notified for general information that the Ranges II and III of the High Level Canal will be closed for Annual Repairs for the period of one month from 1st to 31st May 1885 both days inclusive. Merchants, boatmen and others are therefore informed that all boats must be taken out of the above ranges before midnight of the 30th April 1885 when the Head and Tail locks on each will be closed and vessels if in the Canal will have to remain until the Canal repairs.

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ସନ ୧୮୮୫ ମସିହା ମେମାସ ତା ୧ ରଖଠାରୁ ତା ୩୧ ରଖ ପର୍ଯ୍ୟନ୍ତ ହାଇଲେବଲ କେନାଲ ଦ୍ୱିତୀୟ ଓ ତୃତୀୟ ରେଞ୍ଜ ବାର୍ଷିକ ମରାମତି ପାଇଁ ଏକମାସ ବନ୍ଦ ହେବ ଅତଏବ ମହାଜନ ଓ ମାଝୀ ଓ ଅନ୍ୟ ଲୋକଙ୍କୁ ଜଣାଉଛି ସେମାନେ ସନ ୧୮୮୫ ମସିହା ଅପ୍ରେଲମାସ ତା ୩୦ ରଖର ରାତ୍ରି ଦ୍ୱିପ୍ରହର ପୂର୍ବେ ଉକ୍ତ ରେଞ୍ଜମାନଙ୍କରୁ ଆପଣା ୨ ନୌକା ଉକ୍ତ ବାହାର କରି ନେବେ । ଯେବେ କୌଣସି ନୌକା କେନାଲରୁ ବାହାର ହୋଇ ନ ପାରିବ ତେବେ ଉକ୍ତ ନୌକା କେନାଲରେ ପାଣି ଛଡ଼ା ପର୍ଯ୍ୟନ୍ତ ରହିବ ଇତି । ୨୩।୪।୮୫

A. C. DAS.
Head Clerk & Actt.
Aquapudda } For Executive Engineer
23—4—85 } Aquapada Jajpur
Sub-Division.

# ଟୈଲଷ୍ଟୀ

ଅର୍ଥାତ୍

ଅଲଙ୍କାରଦରେ ସୁନା ଅବା ରୁପା
ଚଢ଼ାଇବାର ।

ତମ୍ବା, ପିତଳ, କାଚ, ଶଙ୍ଖ, ଟିଣ, ଦାରୁ, ଲହ୍ରଫଳ, ଚୋଷ୍ଟାନ ଇତ୍ୟାଦି ରୂପାର ଅଳଙ୍କାର ସ୍ଥାନରେ ଓ ଅନ୍ୟ ଯେତେକ ସାବତୀୟ ଅଳଙ୍କାର, ଘାଡ଼ ଉଭିବା ଡବା, କ୍ଷୁଦ୍ର ୨ ବାସନ, ଘୋଡ଼ାର ସାଜ-ସରଞ୍ଜାମ, ଜଞ୍ଜିର, ମୂର୍ତ୍ତିଲି, ଅସ୍ତ୍ରଦାନ ଏବଂ ଗୃହଦର୍ପଣମାନଙ୍କର ସୁନା ପ୍ରତିଜ ରୂପା ଅଥବା ସୁନାରେ ଗ୍ରାହକଙ୍କ ପସନ୍ଦ

Split by PDF Splitter
Digitized by srujanika@gmail.com

Split by PDF Splitter



ମାସ ମଧ୍ୟେ ସୁଲଭମୂଲ୍ୟରେ ଗିଲ୍ଟ କରି ଦିଅନ୍ତି । ଯାହାଙ୍କର ଆବଶ୍ୟକ ହେବ ମୋହଠାରୁ ଦ୍ରବ୍ୟାଦି ପଠାଇଲେ ସତ୍ୱର ଉକ୍ତ କାର୍ଯ୍ୟ ସମାଧା କରିଦେବ ଇତି ।

ଆଲମଚାନବଜାର, କଟକ } ଶ୍ରୀ ଭଗୀରଥୀ ସାଠିଆ

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ... ବଜାର ବାବୁ ଗୌରୀଶଙ୍କର ରାୟଙ୍କ ... ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦାସ ... ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୫ ପଥି ... ୧୮ ଓ ୨୫ ... ୧୦ ୪୦
୫ ପଥି „ „ ୫ ୨୪ „ ୫୦ ୪
୨ ପଥି „ „ ୫ ୧୩ „ ୫୦ /୨

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତ୍ରରେ ୧୫ ମ ବା ଅଧିକ କ୍ରୟ କରିବେ ... ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ପ୍ରଦର୍ଶନୀ ସମ୍ବନ୍ଧୀୟ ନ $\frac{୧୦୧}{୭-୧୦}$ ନମ୍ବର ସର୍କ୍ୟୁଲର ।

ସିମଲା, ୧୮୮୪ ସାଲ ତା ୨ ରଖ ଅକ୍ଟୋବର

ମ୍ୟୁଜିୟମ ଓ ପ୍ରଦର୍ଶନୀ ସମ୍ପର୍କୀୟ ରାଜସ୍ୱ ଓ କୃଷିସଂକ୍ରାନ୍ତ କାର୍ଯ୍ୟବିଭାଗରେ ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ରୁବକାରୀର ନକଲ ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କ ୧୮୮୪ ସାଲ ଜୁଲାଇ ମାସ ୩୧ ତାରିଖ ଲିଖିତ ୧୦୫ ନମ୍ବର ପତ୍ର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ଅଗଷ୍ଟ ମାସ ୩୦ ତାରିଖର ୧୦ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୫ ତାରିଖ ଲିଖିତ $\frac{୧୦୧}{୭-୧୦}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ସେପ୍ଟେମ୍ବର ମାସ ୨୩ ତାରିଖର ୧୩ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୨}{୭-୧୧}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ବଙ୍ଗଦେଶ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୮୦ EX}{୭EI}$ ନମ୍ବର ପତ୍ର ପାଠ ହେଲା ।

### ନିର୍ଦ୍ଧାରଣ ।

୧୮୮୬ ସାଲରେ ରାଜକୀୟ ଉପନିବେଶମାନଙ୍କର ଲଣ୍ଡନରେ ଯେଉଁ ପ୍ରଦର୍ଶନୀ ହେବ ତହିଁରେ ସହଭାଗୀ ହେବା ନିମିତ୍ତ ମହାମାନ୍ୟ ପ୍ରିନ୍ସ ଅଫ୍ ଓ୍ୱେଲ୍ସ ଯେଉଁ ଆମନ୍ତ୍ରଣ ପଠାଇଥିଲେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କ ଦ୍ୱାରା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି । ବ୍ରିଟିଶୀୟ ଦ୍ୱୀପପୁଞ୍ଜର ଅଧିବାସୀମାନଙ୍କ ଜ୍ଞାନଗୋଚରରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଔପନିବେଶିକ ଓ ଭାରତରାଜ୍ୟର ସୀମା ମଧ୍ୟରେ ଯେଉଁ ଅସୀମ ପାରସ୍ପରିକ ଉପକାରୀ ବାଣିଜ୍ୟ ଜଦା-ଜମାନ ଅଛି ସେମାନଙ୍କୁ ତାହା ପୂର୍ଣ୍ଣତମ ପରିମାଣରେ ଦେଖାଇବା ମହାମାନ୍ୟଙ୍କ ଅଭିଳାଷରେ ସେହି ପ୍ରଦର୍ଶନୀର ଉଦ୍ଦେଶ୍ୟ ।

୨ । ଏହି ବିଷୟରେ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ପ୍ରାର୍ଥନା କରା ଯାଇଅଛି ଏବଂ ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଏହି ଯେ ଭାରତବର୍ଷର ସବୁସ୍ଥଳରେ ସର୍ବସାଧାରଣଙ୍କୁ ଏହି ବିଷୟ ଜଣାଇ ଦିଆଯିବ ଓ ସେହି ସମୟରେ ସର୍ବପୂର୍ଣ୍ଣ ଭାବରେ ସାମ୍ରାଜ୍ୟର କୃଷିଜ, ଶିଳ୍ପ ଓ ବାଣିଜ୍ୟ ଦେଖାଇବାକୁ ହେବ ।

୩ । ୧୮୮୬ ସାଲ ମେ ମାସ ଆରମ୍ଭରେ ସାଉଥ କେନସିଂଟନଠାରେ ପ୍ରଦର୍ଶନୀ ଫିଟିବ ଓ ସେହି ବର୍ଷ ଜାନୁଆରୀ ମାସ ପୂର୍ବରେ ଭାରତବର୍ଷୀୟ ସମସ୍ତ ପ୍ରଦର୍ଶନୀୟ ଦ୍ରବ୍ୟ ଇଂଲଣ୍ଡରେ ପହୁଞ୍ଚିବା ଉଚିତ ।

୪ । ଯେଉଁ ୨ ସର୍ତ୍ତରେ ସ୍ଥାନ ପ୍ରଦାନ ହୋଇ ପାରିବ ଓ ତାହା ଯେଉଁ ପରିମାଣରେ ମିଳିବ, ରାଜକୀୟ କମିଶନରମାନଙ୍କଠାରୁ ଅନ୍ୟ ଉପଦେଶ ମିଳିବା ପର୍ଯ୍ୟନ୍ତ ତାହା ଜଣାଇ ଦିଆ ଯାଇ ପାରିବ ନାହିଁ । କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଯାହାଙ୍କ ନିକଟକୁ ପଠାଇବାର ସ୍ଥିର କରିବେ ତାହାଙ୍କ ନିକଟକୁ ପ୍ରଦର୍ଶକମାନେ ସାଧ୍ୟକ୍ରମେ ଶୀଘ୍ର କୌଣସି ତାରିଖରେ ସ୍ଥାନ ପ୍ରାପଣାର୍ଥ ସର୍ତ୍ତଯୁକ୍ତ ପ୍ରାର୍ଥନାପତ୍ର ପଠାଇବା ବାଞ୍ଛନୀୟ । ମାତ୍ର ପ୍ରାର୍ଥିତପରିମାଣ ସ୍ଥାନ ସମ୍ପୂର୍ଣ୍ଣରୂପେ ମିଳି ପାରିବ ନାହିଁ ବୋଲି ୧୮୮୫ ସାଲ ମାର୍ଚ୍ଚ ମାସ ୧ ତାରିଖ ପୂର୍ବେ ଯେଉଁ ସବୁ ପ୍ରାର୍ଥନା ପତ୍ର ପ୍ରାପ୍ତ ହୋଇଥିବ ତାହା ଅଗ୍ରଗଣ୍ୟ ହେବ ଏବଂ ସ୍ଥାନ ନିମିତ୍ତ ଯେଉଁ ସର୍ତ୍ତ ହେବାକୁ ପଡିବ ତାହା ଗ୍ରାହ୍ୟ ନ ହେଲେ ପଶ୍ଚାତ ପ୍ରାର୍ଥନାପତ୍ର ଉଠାଇ ନିଆଯିବ ।

୫ । ପ୍ରଦର୍ଶନୀ ସମ୍ବନ୍ଧୀୟ ଯେଉଁ ସବୁ ଚିଠା ପତ୍ର ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ଲେଖିବାକୁ ହେବ ତାହା ରାଜସ୍ୱ ଓ କୃଷିସଂକ୍ରାନ୍ତ ଅଫିସର ପ୍ରଦର୍ଶନୀଶାଖାର ଭାରପ୍ରାପ୍ତ କର୍ମଚାରୀଙ୍କ ଠିକଣା-ନାମାରେ ପଠାଇବାକୁ ହେବ ।

ହୁକୁମ।—ହୁକୁମ ହେଲା ଯେ ଡାକିଆ ଲିଖିତ

| | | |
|---|---|---|
| ମାନ୍ଦ୍ରାଜ । | ମଧ୍ୟପ୍ରଦେଶ । | ସ୍ଥାନୀୟ ଗବ- |
| ବୋମ୍ବାଇ । | ଚିଫ୍‌କମିସନର ବ୍ରହ୍ମଦେଶ । | ର୍ଣ୍ଣମେଣ୍ଟ ଓ କ- |
| ବଙ୍ଗଦେଶ । | କୁର୍ଗ । | ର୍ତ୍ତୃପକ୍ଷଙ୍କ ନି- |
| ଉତ୍ତର ପଶ୍ଚିମ | ଆସାମ । | କଟକୁ ଏହି ନି- |
| ପ୍ରଦେଶ । | ହାଇଦରାବାଦର ରେ- | ର୍ଦ୍ଧାରଣର ନ- |
| ଅଯୋଧ୍ୟା । | ସିଡେଣ୍ଟଙ୍କ ସେକ୍ରେ- | କଲ ଏହି |
| ପଞ୍ଜାବ । | ସେକ୍ରେଟରୀ । | |

ଅନୁରୋଧ ସହିତ ପଠାଯାଉ ଯେ ତାହାଙ୍କ ସ୍ୱାଧୀନ ଗେଜେଟ ସମୂହରେ ପ୍ରଚାର କରାଇବେ ଓ ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ରକୁ ସମ୍ବାଦ ଦେବେ ଓ ସ୍ଥାନ ପ୍ରାପଣାର୍ଥ ପ୍ରାର୍ଥନାପତ୍ର ଯାହାଙ୍କ ନିକଟକୁ ପଠାଇବାକୁ ହେବ ତାହା ଜଣାଇବେ ।

ପୁନଶ୍ଚ ହୁକୁମ ହେଲା ଯେ ଇଣ୍ଡିଆ ଗେଜେଟର ପରିଶିଷ୍ଟରେ ଏହି ନିର୍ଦ୍ଧାରଣ ପ୍ରକାଶ କରା ଯାଉ ।

ଚ, ସି, ବକ୍ ।
ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ।

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦରକୋଣା ଓ ବଲାତି ଓ ରେଶମୀଓଗେଲ ଲୁଗା ଓ ଷ୍ଟେସନରି ଓ କଲିକତା ଇମାରତି ସଉଦାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ସମ୍ପ୍ରତି ବହୁତ ଫେନ୍ସି ଜିନିଷାଦି ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ତାହା କମ ଦରରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେ-

Digitized by srujanika@gmail.com

ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ- ପାରିବେ । ଏଥିଛଡ଼ା ଅମ୍ଭେମାନେ ବିଲାତି ଯୋଡ଼ା ବିକ୍ରୟ ନିମନ୍ତେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି କେହି ଯୋଡ଼ାମାନ କ୍ରୟ କରିବା ନିମନ୍ତେ ଆପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ନେବେ ଏବଂ ସ୍ୱୟଂକୁ ଯେ ଦର ଟଂ ୬୨ ହିସାବ ଭଡ଼ା ଦେଲେ ପାଇ ପାରିବେ । ମଧ୍ୟ ତାହାର ଖର୍ଚ୍ଚ ଖରିଦାରଙ୍କର ଭାର ତାଙ୍କ ଉପରେ ରହିବ । ଖଣ୍ଡି ହେଲେ ଯୋଡ଼ାର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇଫସିଲ୍ ।

| | |
|---|---|
| ବଲର ଖେଳିବା ବ ଚ-ହିଁରେ ଗୁଡ଼ ଦେଲେ ଗୁଲେ । | କମେଲିଆ କେଲେଣ୍ଡର । |
| ବଲେଟିଖାଲ | ଘୋଡ଼ା ଏକ୍ସି । |
| କରେସୀନ୍ ତେଲ ଜଳିବା ଯେତ ଶାଢ଼ୀ ଓ ଜେମ ସହିତ । | ଫୋଲ୍ଡିଙ୍ଗ୍ ଚାର ଯାହ ବ କାଠକର ଓ ଲୋ-ହରେ ତିଆରେ ଛିଡ଼ ପଡ଼ିଆର ହସ୍ତ କର ନ ପାରେ କାଠର ଚଟା ଉତ୍ତମ ଦୃଶ୍ୟ ହୁଏ । |
| ଗ୍ରହଂ ଅର୍ଥାତ୍ କରିବା କନ୍ଦିବା ବାଇଟ ପେନ୍-ସିଲ ଓ କଲମ । | କୋଲଡାର ଖାନାକବଣ ଓ ମୁହାକାମରେ ସବେ । |
| କେନ୍ସିଲ କାଟିବା ଯନ୍ତ୍ର । | ଘଡ଼େଇକୁ ନିଶ୍ୱଳ ପାଣ୍ଡି ସହିତ ଟ ୦ ।୮୨ |
| ନାନା ପ୍ରକାର ଲଠ-ଶାଳ ଓ ଲଗାମ । | ଦସ୍ତା ଘୋଡ଼ା ବସ ଓ ଷ୍ଟ୍ରାପ |
| ହେସିଂ ବ୍ରୁଷ । | ମୋଜା ଓ ମୋଜାବନ୍ଦ |
| ପିତଳ ଛତା । | ଉତ୍ତମ ଥାଳ ଜଳଖଇ |
| ଦେଶୀ ସାବୁନ । | ଦସ୍ତା ସାହିଜ ବଳା |
| ତାଳାଦି ଖାବାନ ପଡ଼ିଁରେ ଲୁଗା ପରିଷ୍କାର ହୁଏ । | ଜରି ଓ ପାଇବର ଟୋପି ଟିଡ଼ା |
| ଅଟୋଲ ଗ୍ରେଜ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ । | କାଚ ବିପର୍ଣ୍ଣ ଖାନ ଓ ବଡ଼ ଲଣ୍ଠନ ଓ ଖାଟା |
| ଅଏଲ କ୍ଲଥ । | ଚମଡ଼ା ବେଲ୍ଟ |
| ଓଁକାର ସୁଦ୍ ଛତା । | ରଜର୍ସ ଛୁରି କଟ ଚୁଡ଼ି |
| କର୍ପୂର ଅର୍କ । | ,, ଏକଟଲ ଛୁରି |
| ହୋମିଓପାଥି । | କେଲଭନ୍ ଉପୋଲ ମୋ-ଜେଷ୍ଟର ଅଏଲ |
| ଗୋଲସ୍ମିଥ ଲେଖିବ-ଯେତ ଓ କଲମ ଗୋ-ଳରେ ଲ୍ୱସେ | |

ଅରବିନ୍ଦ ଦତ୍ତ କମ୍ପାନି

ଚୌଧୁରି ବଜାରସ୍ଥ ଅମ୍ଭ ଦୋକାନ ନିକ-ଟରେ ସୁନା ଓ ରୁପାର ମୋହ୍ଟା ଓ ସବୁ ଅଳ-ଙ୍କାର ଓ ଜାଲକସି କର୍ମର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ନିଷ୍ପାଦନରେ ପାଇ ପାରିବେ ।

ନାନ ଫେସ ହେଲଙ୍କୁ ନେବେଲ୍ଲାନା ଦେଇ ଗ୍ରାହକେ ଅଳଙ୍କାର ଦେଖି ପିବେ । ଥାଲି ଦେବାର ଜଗୁନ ନାହିଁ ।

ନାମାଙ୍କିତ ମୋହର, ଚୁଡ଼ି ଓ ଖପାଯୋଗ୍ୟ ଛବ ଖୋଦିତ ହେଉଅଛି ।

୧୧।୬।୮୫ }
କଟକ } ଶ୍ରୀ ଅରବିନ୍ଦ କର

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷ-ଧାଳୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରିବେ । ବଦେଶୀୟ ଗ୍ରାହକମାନେ ଡାକମା-ସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଲକ-ମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରା-ମୟ ଦୂର ହୁଅଇ । ମା ୭ ଡ଼ି ଟ ୧।୮ ।

କର୍ଣ୍ଣେଲ ରସ ।

ଏଥିରେ ବଂଶଜ ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମ-ରୋଗ ଓ ପ୍ରଦର ଦୂର ହୁଅଇ । ମୂଲ୍ୟ ମା ୭ ଡାଲୁ ଟ ୨୯ ଙ୍କା ।

ଚନ୍ଦ୍ର ପୂର୍ଣ୍ଣଚନ୍ଦ୍ରୋଦୟ ।

ଭୋଗୀପ୍ରିୟ ରୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବର୍ଦ୍ଧି ବୃଦ୍ଧି ଓ ଶରୀର ଅପୂର୍ବ ଶ୍ରୀ ଯୁକ୍ତ ହୁଅଇ, ବିଲକ୍ଷଣ କ୍ଷୁଧା ହୁଏ, ସ୍ୱାଦୁଯୁକ୍ତ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ରାଜକ୍ଷୟ ( କାସଦ୍ୱାରା ରକ୍ତ-ପତନ ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଜୀର୍ଣ୍ଣ-ଜ୍ୱର, ଧଜଭଙ୍ଗ ପ୍ରଭୃତି ନାନା ରୋଗ ଦୂର ହୁଅଇ । ମୂଲ୍ୟ ମା ୧୬ ଡ଼ି ଟ ୧୯ ଙ୍କା ।

ଉତ୍କଳ ଆୟୁର୍ବେଦୀୟ }
ଔଷଧାଳୟ ଚଉଦ୍ଧା } କବିରାଜ,
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

ଏକଜିମାର ମଲମ ।

ଦେଶୀୟ ଦ୍ରବ୍ୟଗଣଦ୍ୱାରା ପ୍ରସ୍ତୁତ ମଲମଦାଦ । ଏଥିରେ ପାରଦ ଜନ୍ମ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ୧୯ ପ୍ୟାକିଂ ଖର୍ଚ୍ଚ ଟ ୵୦ ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଜନିତ ଉପଦ୍ରବ

ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦର ଘା, ଗରମୀ ଘା, ନାଲି ଘା, ଦେହ ଓ ନାକ ଭିତରର ଘା, ଗୋଡ଼ ଘା, କାନ ଘା, ବାତର ଫୁଲ, ହାଡ଼ କାଟିବା, ଅଜୀର୍ଣ୍ଣତା, ପେଟଫାଲ ଛାତିବଥା, କାଶ, ଶଯ୍ୟାକାଶ, ପ୍ରଶ୍ରାବପୀଡ଼ା, କୃମି, ଧାତୁଦୌର୍ବଲ୍ୟ ଏବଂ ଉକ୍ତ ରୋଗ ଜନିତ ଶୀଘ୍ର ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

ଗାମର ତେଲ ।

ଡାକ୍ତରୀ ଉପାୟରେ ଗାମକୁ ପ୍ରସ୍ତୁତ ... ଧବଳ ଓ କୁଷ୍ଠ ରୋଗର ଯେବେ ... ଥାଏ ନେବେ ତାହା ଗାମ୍ । ଗାମର ... ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଖାଣ୍ଡି, ଗାଦୁ, କୃମି, ଫୁଲ, ପଚୁଆଘା, ଧବଳ, କୁଷ୍ଠ, ଗଳତକୁଷ୍ଠ, ନଳିଘା ରୋଗର ମହୌଷଧ । ଏହା ... ଯେତେ ପ୍ରକାର ଘା ଅଛି, ତହିଁର ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୩୧ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ । କଲିକତା ବେନୁ ... ୪୭ ନମ୍ବର ଗୃହରେ, ଏ, ଘୋଷ, ... କହାଯ ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୵୦ ଅଣା । ଡଜନ ଟ ୧୦୲ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ... ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲି-ଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ପ୍ରତି ଧାଡ଼ି | ଟ ୦/୬ |
| ଅଧ ସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଉନା କାହିଁକି ଟ ।୵୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାଇଲେ ଦର ପ୍ରଥମ ଥରର ଅଧା ଓ ତହୁଁ ଅଧା ହେବ ।

ଅଧିକ ଦିନର ନିମନ୍ତେ ଦର ଚୁକ୍ତି କରାଯାଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଓଡ଼ିଆବଜାର ... ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୦ ଶ
୫୧୮ ସଂଖ୍ୟା

ତା ୨ ରଖ ମାହେ ମଇ ସନ ୧୮୮୫ ମସିହା । ମୂ । ବୈଶାଖ ବ ୨୨ ଶ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୨ । | ଟ ୨॥ |
| ଡାକମାସୁଲ | ଟ ० । | ଟ ।୯ |


ସୁଦାନ ଯୁଦ୍ଧରୁ ଇଂରାଜ ହାତ ଲେଉଟାଇ ନେବାର ସ୍ଥିର କରିଅଛନ୍ତି । ସୁଆକିମଠାରୁ ଇଂରାଜ ସେନା ବାହାର ଅସିବାର ଆଦେଶ ହୋଇଅଛି ଏବଂ ଡଙ୍ଗୋଲାର ମୁଦିରଙ୍କ ସଙ୍ଗେ ସନ୍ତୋଷଜନକ ବନ୍ଦୋବସ୍ତ ହୋଇ ପାରିଲେ ଡୋଙ୍ଗୋଲାଠାରୁ ମଧ୍ୟ ଇଂରାଜ ସେନା ବାହାର ଅସିବେ । ବରବର ପର୍ଯ୍ୟନ୍ତ ରେଲ୍‌କାଟ ନିର୍ମାଣ ହେଉଥିଲା ତହିଁର କାର୍ଯ୍ୟ ମଧ୍ୟ ସ୍ଥଗିତ ହୋଇଅଛି । କଥିତ ଅଛି ଓସମାନ ଦିଗମାଙ୍କ ଅନୁଚରମାନେ ତାହାଙ୍କୁ ଛାଡି ପଳାଉଅଛନ୍ତି ଏବଂ ଏଣିକି ମାହଦୀଙ୍କୁ ଦମନରେ ରଖିବାର ଭାର ତୁର୍କସ୍ତର ସୁଲତାନ ଏବଂ ଇଟାଲୀୟ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ । ମଧ୍ୟଏସିଆର ଗଣ୍ଡଗୋଳ ହେତୁ ଇଂରାଜ ଗବର୍ଣ୍ଣମେଣ୍ଟ ଏପରି ବ୍ୟବସ୍ଥା କରିବାର ଜଣାଯାଏ ଏବଂ ଆମ୍ଭମାନଙ୍କ ବିବେଚନାରେ ଏ ବିଷୟ ଭଲ ହୋଇଅଛି ।

---

ଅଫଗାନ ସୀମା ସମ୍ପର୍କରେ ରୁଷିଆ ଓ ଇଂଲଣ୍ଡ ମଧ୍ୟରେ ଅଦ୍ୟ କୌଣସି ନିଷ୍ପତ୍ତି ହୋଇ ନାହିଁ । କ୍ଷଣେ କେ ଏକ ୨ କଥା ଶୁଣା ଯାଉଅଛି କିଛି ସ୍ଥିର ନାହିଁ । ଗତ ସପ୍ତାହରେ ଶାନ୍ତିର ଲକ୍ଷଣ ଅଧିକ ଦେଖା ଯାଉଥିଲା ଏ ସପ୍ତାହରେ ତହିଁର ବିପରୀତ ଓ ଯୁଦ୍ଧର ଆୟୋଜନ ବିଶେଷ ରୂପେ ଲାଗିଅଛି । ଇଂରାଜଙ୍କ ସେନାପତି ସର୍ ପିଟର୍‌ଲମସ୍‌ଡେନ ଡଳାଡରୁ ଫେରି ଲେଖିଅଛନ୍ତି ଯେ ପଞ୍ଜଦେ ଯୁଦ୍ଧରେ ଅଫଗାନଙ୍କର କିଛି ଦୋଷ ନାହିଁ ରୁଷିଆ ପକ୍ଷରୁ ଅତ୍ୟାଚାର ହୋଇଅଛି ତନ୍ତୁ ଜେନରଲ କାମରୋଫ ଋଷୀୟ ଗବର୍ଣ୍ଣମେଣ୍ଟଙ୍କୁ ପୁନଃ ୨ ଆଶ୍ୱାସ ଦେଉଅଛନ୍ତି ଯେ ତାହାଙ୍କର କିଛି ଦୋଷ ନାହିଁ ଇଂରାଜ କର୍ମଚାରୀମାନେ ଅଫଗାନଙ୍କ ସପକ୍ଷରେ ମୂଳତଃ ସେପ୍ରକାର ଲେଖୁଅଛନ୍ତି । ଉଭୟ ଗବର୍ଣ୍ଣମେଣ୍ଟ ମଧ୍ୟରେ ଅଦ୍ୟ ଚିଠିପତ୍ର ଚାଲୁଅଛି ପରିଣାମ କି ହେବ ନିକଟରେ ଜଣା ପଡ଼ିବ ।

---

ସମ୍ବାଦବାହିକା ଶୁଣି ଅଛନ୍ତି ଯେ ବାଲେଶ୍ୱରର ପାଠଶାଳାମାନଙ୍କରେ ଅଶ୍ଳୀଳ ପୁସ୍ତକ ଚଳିତ ହୋଇଥିବା ବିଷୟରେ କୁମାର ବୈକୁଣ୍ଠନାଥ ଦେ ଯେଉଁ ପ୍ରସ୍ତାବ ପ୍ରସ୍ତୁତ କରି ଅଛନ୍ତି ତହିଁ ସମ୍ବନ୍ଧରେ ଓଡ଼ିଶା ସ୍କୁଲସମୂହର ଜଏଣ୍ଟ ଇନ୍‌ସ୍ପେକ୍ଟର ଏ ନଗରସ୍ଥ ପ୍ରଧାନ ୨ ଲୋକଙ୍କ ମତ ସଂଗ୍ରହ କରୁ ଅଛନ୍ତି । ଏଥିରୁ ଆମ୍ଭେମାନେ ଶୁଣି ଅଛୁଁ ସେ କେବଳ ନୂତନ ସଂଗଠିତ ପାଠ୍ୟପୁସ୍ତକ କମିଟିର ସଭ୍ୟମାନଙ୍କ ମତ ଜଏଣ୍ଟ ମହୋଦୟ ଲୋଡ଼ି ଅଛନ୍ତି ଅପର କାହାର ନୁହଇ । ଏପରି ଗୁରୁତର ବିଷୟରେ ଯେତେ ସେ ଅନେକ ଲୋକଙ୍କର ମତ ଲୋଡ଼ନ୍ତେ ସେତେ ବଡ଼ ଆନନ୍ଦର କଥା ହୋଇ ଥାନ୍ତା ମାତ୍ର ତାହାଙ୍କ କାର୍ଯ୍ୟରୁ ଅନୁମାନ ହୁଅଇ ସେମନ୍ତ କି ଉକ୍ତ କମିଟିର ସଭ୍ୟମାନଙ୍କ ଛଡ଼ା ଏ ବିଷୟରେ ମତ ଦେବାକୁ ଯୋଗ୍ୟଲୋକ ଏ ନଗରରେ ଆଉ କେହି ନାହାନ୍ତି । ଶିକ୍ଷାବିଭାଗର ସେପରି ବୋଧ ନ ଥିଲେ କି ପୁସ୍ତକ ନିର୍ବାଚନ କମିଟି ସକାଶେ କେତେଜଣ ସ୍ୱାଧୀନ ଲୋକ ନିର୍ବାଚନ କରିବା କାରଣ ଶିକ୍ଷାବିଭାଗ ଆମ୍ଭମାନଙ୍କୁ କହି ଥାନ୍ତେ ।

---

ମେଦିନୀପୁରର ହାର୍ଡିଞ୍ଜ ସ୍କୁଲ ସଂଯୋଗରେ ତହିଁର ଶାଖାସ୍ୱରୂପ ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପନ କରିବାର ପ୍ରସଙ୍ଗ କେତେଦିନ ହେଲା ଉକ୍ତ ସ୍କୁଲର ଅଧ୍ୟକ୍ଷଙ୍କ ମନରେ ଉଦୟ ହୋଇ ଥିଲା ଏବଂ ହିସାବଦ୍ୱାରା ଜଣା ଯାଇଥିଲା ଯେ ଗୋଟିଏ ଘର ନିର୍ମାଣ ଏବଂ ହତିଆର କିଣିବା ଲାଗି ଟ ୨୦୦ ଙ୍କା ପ୍ରୟୋଜନ ହେବ ଏବଂ ପ୍ରଥମବର୍ଷ ନିମିତ୍ତ ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟୟ ସକାଶେ ମାସକୁ ଟ ୨୦ ଙ୍କା ବ୍ୟୟ ପଡ଼ିବ । ଏକବର୍ଷ ସ୍କୁଲଟି ଚଳିଲେ ତେଣିକି ଏହା ନିଜ ଆୟରେ ଚଳି ପାରିବ । ଏଥିକୁ ମହିଷାଦଳର ଜମିଦାର ବାବୁ ଈଶ୍ୱରପ୍ରସାଦ ଗର୍ଗ, ଜ୍ୟୋତିପ୍ରସାଦ ଗର୍ଗ ଏବଂ ରାମପ୍ରସାଦ ଗର୍ଗମାନେ ଏହି ବିଦ୍ୟାଳୟ ନିମିତ୍ତ ଟ ୫୦୦ ଙ୍କା ଦାନ କରିବାକୁ ପ୍ରତିଶ୍ରୁତ ହୋଇଅଛନ୍ତି ଏବଂ ବିଦ୍ୟାଳୟର ନିର୍ବାହ ସକାଶେ ଅନ୍ତତଃ ଟ ୫୦୦୦ ଙ୍କା ଖଞ୍ଜାଇ ଦେବାକୁ ଅଙ୍ଗୀକାର କରିଅଛନ୍ତି । ଆମ୍ଭମାନଙ୍କ ଲେଫ୍‌ଟେନାଣ୍ଟ ସାହେବ ଏହି ବଦାନ୍ୟତା ନିମିତ୍ତ ସେମାନଙ୍କୁ ଧନ୍ୟବାଦ ଦେଇ

Digitized by srujanika@gmail.com

Split by PDF Splitter



କଲିକତା ଗେଜେଟରେ ଏ ବିଷୟ ପ୍ରଚାର କରି ଦେଇଅଛନ୍ତି ।

---

ଶିକ୍ଷାବନ୍ଧୁ ବହୁତ ଦିନ ହେଲେ ଆମ୍ଭମାନଙ୍କୁ ପଚାରି ଥିଲେ କି ସ୍ୱାଧୀନାଥବାବୁ କମ୍ପା ତାହାଙ୍କ ସ୍କୁଲମାନେ ଭଲ ପୁସ୍ତକ ଲେଖିଲେ ତାହିଁକି ତାହା ବିଦ୍ୟାଳୟରେ ଚଳିବ ନାହିଁ ଇହିଁକି ଅମ୍ଭେମାନେ ଉତ୍ତର କରି ଥିଲୁ କି ସେ କଲେ ତହିଁର କିମ୍ଭୂତକ ହେବାରୁ ଚଳିବା ଉଚିତ ନୁହଇ । ସହଯୋଗୀ ଏ ଯୁକ୍ତିକି ଅନୁମୋଦନ କରି ପୁଣି ପଚାରି ଅଛନ୍ତି କି 'ସ୍ୱାଧୀନାଥବାବୁ ଭକ୍ତ ବ୍ୟବସ୍ଥା ଲଙ୍ଘନ କରିବାର ପ୍ରମାଣ କାହିଁ ?' ଅମ୍ଭେମାନେ ଅବଶ୍ୟ ସ୍ୱୀକାର କରୁଁ ଯେ ଏଥିର ଆଉ ଆମ୍ଭମାନଙ୍କର ଉତ୍ତର ନାହିଁ । ଏପରି ଅପୂର୍ବ ଯୁକ୍ତି ଏକା ଶିକ୍ଷାବନ୍ଧୁଙ୍କୁ ଶୋଭାପାଏ ଅମ୍ଭେମାନେ ସାମାନ୍ୟ ବୁଦ୍ଧିରେ ଏତିକି ଜାଣୁ ଯେ ଆଗେ ଦୋଷ ଘଟିଲେ ବ୍ୟବସ୍ଥା ଖୋଜା ପଡଇ ଏବଂ ଅନ୍ତତଃ ସ୍ୱାଧୀନାଥବାବୁଙ୍କ ସ୍କୁଲ ପୁସ୍ତକ ଲେଖି ଥିବାର ସେ ସ୍ପଷ୍ଟରୂପେ ସ୍ୱୀକାର କରି ଅଛନ୍ତି । ସେ ଅନୁଭବ କହି ଅଛନ୍ତି କି ସମ୍ବାଦର ସମ୍ପାଦକ ଜଣେ ପୁସ୍ତକ ବ୍ୟବସାୟୀ ସୁତରାଂ ତାହାଙ୍କ କଥା ମୂଲ୍ୟବାନ ନୁହଇ କିନ୍ତୁ ଶିକ୍ଷାବନ୍ଧୁଙ୍କ କଥା ଅବଶ୍ୟ ମୂଲ୍ୟବାନ ହେବ କାରଣ ସେ ଶିକ୍ଷାବିଭାଗର ଦାସ ଓ ତହିଁର ପୋଷକତା କରିବାକୁ ବାଧ୍ୟ । ଧନ୍ୟ । ଧନ୍ୟ !

---

ବଙ୍ଗବାସୀ ବଙ୍ଗଳା ସମ୍ବାଦପତ୍ରର ଗୌରବ ସ୍ୱରୂପ ହୋଇ ଅଛି ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ପାଠ କଲୁଁ ଯେ ଗତସପ୍ତାହରେ ୨୩୦୦୦ ଖଣ୍ଡ କାଗଜ ଛପା ହୋଇଥିଲା ତଥାପି ଅକୁଳାଣ ହେଲା । ବଙ୍ଗପ୍ରଦେଶ କମ୍ପା ଭାରତବର୍ଷର ଅନ୍ୟ କୌଣସି ଦେଶୀୟ ସମ୍ବାଦପତ୍ର ଏତେ ଅଧିକ ପରିମାଣରେ ବିକ୍ରୟ ହେବାର ଶୁଣାଯାଇ ନାହିଁ । ସମ୍ବାଦପତ୍ରର ଶ୍ରୀବୃଦ୍ଧି ବାସ୍ତବରେ ସାଧାରଣ ଜ୍ଞାନବୃଦ୍ଧି ଓ ଜାତୀୟ ଜୀବନର ପରିମାପକ ଅଟଇ । ଏଥିରୁ ସ୍ପଷ୍ଟ ଦେଖାଯାଉ ଅଛି ଯେ ସାଧାରଣବିଷୟର ଚର୍ଚ୍ଚାପ୍ରତି ଲୋକଙ୍କର କ୍ରମଶଃ ଆସ୍ଥା ବଢୁଅଛି ଆଉ ପୂର୍ବପ୍ରାୟ କେବଳ ଅପ-ଶା ସର କଥାରେ ବୃତ୍ତ ରହୁ ନାହାନ୍ତି । ଏହା ବର୍ତ୍ତମାନକାଳର ଶୁଭଲକ୍ଷଣ ଅଟଇ ଏବଂ ଭାରତବର୍ଷର ସକଳପ୍ରଦେଶରେ ଏହିପରି ସଂବାଦପତ୍ରର ବହୁଳ ଦେଖିବାକୁ ଅମ୍ଭେମାନେ ଏକାନ୍ତ କାମନା କରୁଁ । ଏଠାରେ ଓଡିଶାର କଥା ମନେ ପଡିବାରୁ ଅମ୍ଭେମାନେ କହୁ ଅଛୁଁ ଯେ ଏଠାରେ ସମ୍ବାଦପତ୍ର ଚଳାଇବା ବିଡ଼ମ୍ବନା ଅଟଇ । ଦଶ କୋଡିଏ ହଜାର କଥା ଛେଣେକ ଥାଉ ଦଶକୋଡି କାଗଜ ଭଲରୂପେ ଚଳୁଥ ହେଉଅଛି କି ନା ସନ୍ଦେହ । କେବେ କି ଅମ୍ଭେମାନେ ବଙ୍ଗଳା ବା ଅନ୍ୟ ପ୍ରଦେଶ ପରି ହୃଦୟ ଲଭିବୁଁ ।

---

ବାଲେଶ୍ୱର ନଗରରେ ଅଳ୍ପ କାଳ ବହୁତ ଚୋରି ହେଉଥିବାର ସେଠା ସମ୍ବାଦପତ୍ରମାନଙ୍କରେ ପାଠ କଲୁଁ । ଏଥିମଧ୍ୟରେ ଏକନମ୍ବର ଚୋରି ମୋକଦ୍ଦମାରେ ସ୍ୱୟଂ କନେଷ୍ଟବଲ ଏକଜଣ ଚୋର ଥିଲେ ସେ ଅନ୍ୟ ଏକ ଦାଗୀ ଚୋରକୁ ସଙ୍ଗେ ନେଇ ଜଣେ ମୂର୍ଖ ପିଲର ବସାରେ ପଶି ଦୁଇ ପିଲ ଓ ତାହାର ସ୍ତ୍ରୀକରିକୁ ବାନ୍ଧିପକାଇ ଘରର ସମସ୍ତ ଦ୍ରବ୍ୟ ନେଇଯାଇ ଥିଲେ ପିଲଲୁ କାବଲକେଳେ ସେ ଚୋରର ଅଣ୍ଟା ଧରିବାରୁ ତାହାଠାରେ କମରବନ୍ଧୁଲି ଥିବାର ଜାଣିପାରି ଥିଲା ଏବଂ ଉକ୍ତାସ କନେଷ୍ଟବଲ ଧରାପଡିବାର ବହୁ ସୁବିଧା ହେଲା । ସୁଖର ବିଷୟ ଯେ ଏ ଚୋରମାନେ ଧରାପଡି ଦୁଇବର୍ଷ ଲେଖାଏଁ କାରାବାସ ଦଣ୍ଡ ପାଇ ଅଛନ୍ତି । ଉତ୍କଳଦର୍ପଣ ଯଥାର୍ଥ କହି ଅଛନ୍ତି କି ପୁଲିସଦଳ ମଧ୍ୟରେ ଅନେକ ମଦଗ କନେଷ୍ଟବ-ଲ ଓ ହେଡ କନେଷ୍ଟବଲ ଅଛନ୍ତି ଏବଂ ଏମାନେ ମଦର ଖର୍ଚ୍ଚ ଯୋଗାଇ ନ ପାରିଲେ ଲୋକ ସମ୍ପତ୍ତି ନ ଧାର କେହି ଚୋରି କରିବାକୁ ସୁଦ୍ଧା ପ୍ରବୃତ୍ତ ହୁଅନ୍ତି । ଏଥିପାଇଁ ସହଯୋଗୀ ପରାମର୍ଶ ଦେଇ ଅଛନ୍ତି କି ଯେଉଁ ପୁଲିସ କର୍ମଚାରୀ ପାନ ଓ ତମାଖୁ ଛଡା ଅନ୍ୟ କୌଣସି ମାଦକ ଦ୍ରବ୍ୟ ସେବା କରନ୍ତି ସେ କର୍ମରେ ରହିବାର ଅଯୋଗ୍ୟ ବୋଲି ଗଣ୍ୟ ଏ ଆଦେଶ ପ୍ରଚାର ହେଲେ ଭଲ ହେବ । ଅମ୍ଭେମାନେ ଅନୁମାନ କରୁଁ କି ପୁଲିସ ମଧ୍ୟରେ ମଦଗଙ୍କ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କୁ ବାହାର କରି ଦେଲେ ଅର୍ଦ୍ଧେ କର୍ମଚାରୀ ଖାଲି ହୋଇ ଯିବେ ।

---

ଗତ ମଙ୍ଗଳବାର ଦିନ ଦୁଇପ୍ରହର ସମୟରେ ଏଠା ଜେଲଖାନାର ତିନିଜଣ କଏଦୀ କି ସେମାନେ ବ୍ରହ୍ମଦେଶରୁ ଏଠାକୁ ବଦଳି ହୋଇ ଆସି ଅଛନ୍ତି କର୍ମ କରୁ୨ ଛୁଟି ହାଇରେ ପେନ କୌଣସିରୂପେ ଗୋଟାଏ ଘର ଛାତ ସାହା-ଯ୍ୟରେ ଛାତି ପାଚେରି ଉପରେ ଚଢି ଅବା-ଲିଲ କଚେରି ଅଡ଼କୁ ଡେଇଁ ପଡିଲେ । ସେ ସମୟରେ କଚେରି ହେଉ ଥିବାରୁ ଅନେକ ଲୋକ ଜମା ଥିଲେ ଏବଂ ନଜିକ୍ଟେରି ପୋଷାକ-ରେ ମଧ୍ୟ ଲୋକେ ରାଜିଥାଉ ଥିଲେ । ଚୋର-ମାନେ ପଳାଇବା ମାତ୍ରେକେ କଚେରିରୁ ଜଣେ କନଷ୍ଟବଲ ତାହାଙ୍କ ପଛରେ ଗୋଡ଼ାଇଲା ଏବଂ ଜେଲଖାନାର ପହରାବାଲାମାନେ [illegible] ଚୋରମାନଙ୍କୁ ପାଚେରି ଡେଇଁ ପଳାଇବା ଦେଖି ଦୌଡି ଆସି ଏକଜଣକୁ କଚେରି ପାଖରୁ ଓ ଆଉ ଦୁଇଜଣଙ୍କୁ ବାଜିବଜାରରୁ ଧରି ନେଇ ଗଲେ । ଚୋରମାନେ ବିଦେଶୀ ଏ ନଗରର ବାଟଘାଟ ଜାଣନ୍ତି ନାହିଁ ସୁତରାଂ ପଳାନ୍ତେ କେଉଁ ଆଡ଼େ ? ପଳାଇବା ବେଳେ ଲୋକଙ୍କୁ ଛୁରି ଦେଖାଇ ଡରାଇବାରେ ତ୍ରୁଟି କରି ନ ଥିଲେ କିନ୍ତୁ ପୁଲିସସାହେବଙ୍କ ବଙ୍ଗଳାରେ କଚେରି ଓ ତହିଁ ନିକଟରେ ବହୁତ ଲୋକ ଜମା ହୋଇଥିବା କାଳରେ ସେମାନେ ବାମ କରିବା ଛୁରି ଖଣ୍ଡେ ହାତରେ ଧରି ଜେଲଖାନାରୁ ପଳାଇବାର ଉଦ୍ୟମ କରନ୍ତି ସେମାନଙ୍କର ବୁଦ୍ଧି ଯେମନ୍ତ ସାହାସ ମଧ୍ୟ ତେମନ୍ତ ଅଟଇ । ବୋଧ ହୁଅଇ ଯାବଜ୍ଜୀବନ କଏଦ ଥିବାରୁ କୌଣସି ମତେ ଉପାୟ କରୁଥିଲେ ତହିଁର ଫଳସ୍ୱରୂପ ବହୁ ଶାସ୍ତିର ଦଣ୍ଡ ପାଇ ଥିବେ ।

---

ଚୀନର ଯୁଦ୍ଧ ଅବସାନ ହେବା ସଙ୍ଗେ୨ ଫରାସିମାନେ ଅନ୍ୟ ଗୋଟିଏ ଯୁଦ୍ଧରେ ମାଡ଼ି-ବାର ଉପକ୍ରମ ହୋଇ ଅଛି ଏବଂ ଏହା ଦେଖି ଅମ୍ଭମାନଙ୍କ ମନରେ ହେଉ ଅଛି ଯେ ଏବର୍ଷ କି ପୃଥିବୀର ସବୁଆଡ଼େ କେବଳ ଯୁଦ୍ଧର କଥା ଲାଗି ଥିବ । ଫରାସି ଭାଷାରେ 'ରସଫଲସ ଲଜପସିଂ ।' ନାମରେ ଗୋଟିଏ ସମ୍ବାଦପତ୍ର ବହୁତ ଦିନରୁ ଚଳୁ ଥିଲା । ଏଥିର ଅଧିକାରୀ ଏବଂ ସମ୍ପାଦକ ଫରାସିଲୋକେ ଅଟନ୍ତି । କୌଣସି କାରଣରୁ ସିଆମ ଗବର୍ଣ୍ଣମେଣ୍ଟ ଏହି କାଗଜକୁ ବନ୍ଦ କରି ଦେବାରେ ଫରାସି ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ରାଗାନ୍ୱିତ ହୋଇ ସିଆମପତିଙ୍କୁ ପତ୍ର ଲେଖିଲେ କି ୨୪ ଘଣ୍ଟା ମଧ୍ୟରେ ଏଥିର ଖତି-ପୂରଣ ନ କଲେ ଉଭୟ ରାଜ୍ୟମଧ୍ୟରେ ମିତ୍ରତା ରହିବ ନାହିଁ । ସିଆମପତି ଉତ୍ତର ଦେବାକୁ

Digitized by srujanika@gmail.com

ହୁଇ ଉତ୍ସବ ଅବକାଶ ପ୍ରାର୍ଥନା କଲେ ମାତ୍ର ଫ୍ରାନସ୍ ମାନଲେ ନାହିଁ । ଏତେବେଳେ ମିଶର ସନ୍ତୋଷ ପ୍ରଦାନ କରିବାକୁ ଅଗ୍ରହ ଦେଖାଇ ଅସ୍ୱୀକାର କଥିତ ହୁଅଇ ମାତ୍ର ଫ୍ରାନସ୍ ଗବର୍ଣ୍ଣମେଣ୍ଟ ତାହା ଯଥେଷ୍ଟ ବୋଲି ଅଙ୍ଗୀକାର କରୁ ନାହାନ୍ତି ଏବଂ ଫରାସିଙ୍କର ମିଶରଦେଶରେ ଯେଉଁ ଉକୀଲ ଅଛନ୍ତି ତାହାଙ୍କୁ ବାହୁଡି ଆସିବା କାରଣ ଆଦେଶ ହୋଇ ଅଛି ଏବଂ ଶ୍ୱେତହଙ୍କାର ଫରାସି ସେନା ଟୁଏକଠାରୁ ପ୍ରେରିତ ହୋଇଅଛନ୍ତି । ଏଣେ ଇଂରାଜ ଗବର୍ଣ୍ଣମେଣ୍ଟ ମିଶରର କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀବର ଗ୍ଲାଡଷ୍ଟୋନ ସାହେବ ପାର୍ଲିମେଣ୍ଟ ସଭାରେ ବ୍ୟକ୍ତ କରିଅଛନ୍ତି । ଯେବେ ଫରାସିମାନେ ଏକାନ୍ତ ଯୁଦ୍ଧ କରିବେ ତେବେ ଇଂରାଜଙ୍କୁ ମିଶରରାଜ ଖେଦିବଙ୍କର ସାହାଯ୍ୟ କରିବାକୁ ହେବ ଏବଂ ଏହାବେଳକେ ରୁଷିୟା ଓ ଫରାସିଙ୍କ ସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ ହେଲେ ଇଂଲଣ୍ଡର ଯେ କେତେ କଷ୍ଟ ହେବ ତାହା ନିର୍ଣ୍ଣୟ କରିବା କଠିନ ।

---

## ଅମିରଙ୍କ ମର୍ଯ୍ୟାଦା ।

କାବୁଲର ଅମୀର ଅବଦୁଲରହମାନ ଯେତେବେଳ ରାୱଲପିଣ୍ଡିକୁ ଆସିଥିଲେ ସେତେବେଳେ ତାହାଙ୍କୁ ଯେଉଁ ଭେଟ ଦିଆ ଯାଇଥିଲା ତହିଁର ବିବରଣ ଏହିପରି ଏକ ସମ୍ବାଦପତ୍ରରେ ଲେଖା ଅଛି ଯେ ଗବର୍ଣ୍ଣମେଣ୍ଟ ହାଉସରେ ବହୁ ସଂଖ୍ୟକ ଶ୍ରୀକର ବଡ଼ ୨ ଡାଲାମାନଙ୍କରେ ଭେଟ ସଜାଇ ଅମିରଙ୍କ ସମ୍ମୁଖରେ ଉପସ୍ଥିତ କଲେ । ତହିଁରେ ଅନେକ ବହୁମୂଲ୍ୟ ଦ୍ରବ୍ୟ ଥିଲା । ଯଥା ଗୋଟିଏ ହୀରାଲଗା ସୁନାର ଘଡି ଓ ତହିଁର କଞ୍ଜିର, ଶ୍ୱ ପିଇବାର ରୂପାର ଥାଳ ହାଣ୍ଡିଆ ଇତ୍ୟାଦି ବାସନ, ବଡଠାରୁ ସାନ ପର୍ଯ୍ୟନ୍ତ ନାନା ପ୍ରକାର ବୈଠକୀ ଓ ଅଣ୍ଟାଘଡି ଓ ଶୁଳ୍ଦ ବାହା ସଂଯୁକ୍ତ ଘଡି, ଗୋଟିଏ ବହୁମୂଲ୍ୟ ଛଡି, ରୂପା ମଣ୍ଡିତ ନାନା ପ୍ରକାରର ଅନେକ ଗୁଡିଏ ବନ୍ଧୁକ ଓ ପିସ୍ତୋଲ, ସ୍ତ୍ରୀମାନଙ୍କ ନିମିତ୍ତ ସୁନା ଏବଂ କଡାଉର ଅଲଙ୍କାର ଏବଂ ଅନେକ ଗୁଡିଏ ମୂଲ୍ୟବାନ୍ ବସ୍ତ୍ର । ବଡ ଅଦ୍ଭୁତର ଦ୍ରବ୍ୟ ମଧ୍ୟରେ ଶୁଦ୍ଧ ସ୍ଫଟିକ ନିର୍ମିତ ଗୋଟିଏ ସିଂହାସନ ଓ ଗୋଟିଏ ମେଜ ମଖମଲ ଓ ଜରିର ଗଦି ସହିତ ଗୋଟିଏ ଶୂନ୍ୟ ନାବାଳ ଓ ଇଂରାଜୀ ଓ ଦେଶୀୟ ଗୀତ ବାଜିବାର ଗୋଟିଏ ବୃହତ୍ ବାଦ୍ୟଯନ୍ତ୍ର ଥିଲା । ଏପର ହାଉଦା ସହିତ ପ ୧୬ ର. ହାତୀ ଓ ସେହି ପରିମାଣ ଉତ୍କୃଷ୍ଟ ଘୋଡା ଏବଂ କେତେ ଗୁଡିଏ ତୋପ ଏହି ଭେଟ ସଙ୍ଗରେ ଥିଲା । ଲର୍ଡ ଡଫରିନଙ୍କର ଖଣ୍ଡିଏ ପ୍ରତିମୂର୍ତ୍ତି ମଧ୍ୟ ଏହି ଭେଟ ମଧ୍ୟରେ ଥିଲା ଏପର ଦରବାରରେ ଯେଉଁ ମୂଲ୍ୟବାନ୍ ଖଲତାର ଭେଟ ଦିଆଯାଇ ଥିଲା ତହିଁର ବିବରଣ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ ।

ଉପରଲିଖିତ ଭେଟ ଛଡା ଅମୀର ଆସିବା ଓ ଯିବାବେଳେ ଯେତେ ସ୍ଥାନରେ ମୁକାମ କ ବସା କରିଥିଲେ ପ୍ରତ୍ୟେକ ସ୍ଥାନରେ ଟ୨୧୦୦୦ ଙ୍କା 'ଜିଯାଫତ' ଦିଆ ଯାଇ ଥିଲା । ପ୍ରତ୍ୟେକ ମୋକାମରେ ଏ ଟଙ୍କା ନଗଦ ପ୍ରତ୍ୟେକ ଡାଲାରେ ହଜାର ଲେଖାଏ ଖ ୨ ଣ୍ଡ ଡାଲାରେ ସଜଡ଼ା ହୋଇ ବିଧିପୂର୍ବକ ଅମିରଙ୍କ ସମ୍ମୁଖରେ ରଖା ଯାଇ ଥିଲା । ଏ ଟଙ୍କାକୁ ଅମୀରଙ୍କ ବାଟଖର୍ଚ୍ଚ ବୋଲିବାକୁ ହେବ । ଯେସ୍ଥଳେ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଆମନ୍ତ୍ରଣ କରି ଅଣିଥିଲେ ସେ ସ୍ଥଳେ ତାହାଙ୍କର ବାଟଖର୍ଚ୍ଚ ଯୋଗାଇବା ଉଚିତ । ଏହି ହେତୁ ଏହାର ନାମ ଜିଯାଫତ ଅର୍ଥାତ୍ ଆମନ୍ତ୍ରଣ ଖର୍ଚ୍ଚା ହୋଇଅଛି ।

ଏଥି ଉତ୍ତାରୁ ରାୱଲପିଣ୍ଡିରେ ଯେଉଁ ସିଧା ଦିଆ ଯାଇଥିଲା ତହିଁର ତାଲିକା ଏହିପର ଅଟଇ ଯଥା ୪୦୦୦ ଛେଳି ମ ୨୬୦ ହଣ ଚାଉଳ ୨୭୦୦ ମୁରଗୀଅଣ୍ଡା ୬୦୦ କୁକୁଡା ମ ୨୫ ହଣ ଚିନି ମ ୩୩୩ ହଣ ଘିଅ ମ ୩୭୨- ହଣ ଅଟା ଏବଂ ଶୁଷ୍କହଜାର ମହଣ କାଠ ।

ଏପର ନ ହେଲେ କ ଅମିରଙ୍କ ମର୍ଯ୍ୟାଦା ହେବ ।

---

## ପେଷିମଞ୍ଜିର ବ୍ୟବସାୟ ।

ଭାରତବର୍ଷରୁ ଯେତେ ପ୍ରକାର ଶସ୍ୟ ବିଲାତକୁ ରପ୍ତାନୀ ହୁଅଇ ତହିଁ ମଧ୍ୟରେ ତୈଳଜ ମଞ୍ଜି ଗୋଟିଏ ପ୍ରଧାନ ଦ୍ରବ୍ୟ ଅଟଇ । ଅସ୍ମଦେଶରେ ତୈଳଜ ମଞ୍ଜିର ପ୍ରଧାନ ବ୍ୟବହାର ଖାଇବା ଓ ଜାଳିବା କାରଣ ତେଲ ଯୋଗାଇବା ନିମନ୍ତେ କିନ୍ତୁ ବିଲାତରେ ଶିଳ୍ପକାର୍ଯ୍ୟ ସକାଶେ ଏହି ଦ୍ରବ୍ୟର ପ୍ରୟୋଜନ ଅଧିକ । ଅନ୍ୟାନ୍ୟ ତୈଳଜ ଶସ୍ୟ ମଧ୍ୟରେ ରାଶି ଓ ପେଷି ପ୍ରଚୁର ପରିମାଣରେ ବିଲାତକୁ ରପ୍ତାନୀ ହୁଅଇ ଏବଂ ପେଷି ତେଲର ପ୍ରଧାନ ବ୍ୟବହାର ରଙ୍ଗ କରିବା । କାଠରେ ଲଗାଇବା ସକାଶେ ଯେତେ ପ୍ରକାର ରଙ୍ଗ ପ୍ରସ୍ତୁତ ହେଉଅଛି ତହିଁରେ ପେଷି ତେଲ ଲାଗୁଅଛି ଏବଂ ବର୍ତ୍ତମାନ ଯେତେ ପ୍ରକାର ତେଲୁଆ ଛିଟଲୁଗା ବିଲାତରେ ପ୍ରସ୍ତୁତ ହେଉଅଛି ସେ ସମସ୍ତ ମଧ୍ୟ ପେଷି ତେଲଦ୍ୱାରା ହେଉଅଛି । ଯେ ସମସ୍ତ ତେଲୁଆଛିଟ ବାକ୍ସ ଇତ୍ୟାଦିରେ ଲଗିବା ଓ ଘର ଓ ଜାହାଜ ଇତ୍ୟାଦିରେ ବିଛା ହୋଇଥିବାର ଦେଖାଯାଏ ସେ ସମସ୍ତ ପେଷି ତେଲ ସାହାଯ୍ୟରେ ହୁଅଇ । ଏହି ସମସ୍ତ ଦ୍ରବ୍ୟ ପ୍ରସ୍ତୁତ କରିବା ଲାଗି ବିଲାତରେ ପ୍ରତିବର୍ଷ ବହୁତ ତେଲ ଖର୍ଚ୍ଚ ହୁଅଇ । କଲିକତାସ୍ଥ ଭାରତବର୍ଷୀୟ ସେକ୍ରେଟରଙ୍କ ପ୍ରଶ୍ନର ଏକ ମନ୍ତବ୍ୟ ଲିପିରୁ ପ୍ରକାଶ ଯେ ସ୍କଟ୍‌ଲଣ୍ଡର ଗୋଟିଏ ନଗରରେ ପ୍ରତିସପ୍ତାହରେ ମ ୫୦୦୦।୧୨୦୦ ହଣ ପେଷିତେଲ କେବଳ ତେଲୁଆ ଲୁଗା ପ୍ରସ୍ତୁତକାରକ ପ୍ରୟୋଜନରେ ଖର୍ଚ୍ଚ ହୁଅଇ । ଏହିପରି ଆଉ କେତେ ନଗରରେ ଏପ୍ରକାର ବ୍ୟବସାୟୀ ଅଛନ୍ତି । ସୁତରାଂ ବିଲାତରେ ବାର୍ଷିକ କେତେ ତେଲର ପ୍ରୟୋଜନ ପାଠକମାନେ ଅନାୟାସରେ ତାହା ଅନୁମାନ କରି ପାରନ୍ତି । ତୈଳଜ ମଞ୍ଜିର ଏପରି ଖର୍ଚ୍ଚ କାରଣ ସକାଶେ ଲାଭଜନକ ଅଟଇ କିନ୍ତୁ ବର୍ତ୍ତମାନକୁ ରୁଷିୟା ଦେଶରୁ ପେଷିମଞ୍ଜି ବିଲାତକୁ ଆମଦାନୀ ହେବାରୁ ଭାରତୀୟ ମଞ୍ଜିର ଆଦର ଉଣା ପଡିବାର ଦେଖାଯାଏ । ଭାରତୀୟ ମଞ୍ଜି ଉତ୍କୃଷ୍ଟ ହେଲେହେଁ ଏହି ଉତ୍କୃଷ୍ଟତା ତହିଁର ପ୍ରଧାନ ଦୋଷ ହୋଇଅଛି ଏବଂ ଏଥିପାଇଁ ତେଲୁଆ ଲୁଗାର ବ୍ୟବସାୟୀମାନେ ଶତକଡ଼ା ଟ ୧୫ ଙ୍କା ଅଧିକା ମୂଲ୍ୟ ଦେଇ ରୁଷୀୟ ମଞ୍ଜି କିଣୁ ଅଛନ୍ତି । ଉକ୍ତ ବ୍ୟବସାୟିମାନେ କହନ୍ତି କି ଭାରତୀୟ ପେଷି ଉତ୍କୃଷ୍ଟ ଏଥିରୁ ଯେଉଁ ତେଲ ବାହାରେ ତହିଁରେ ସ୍ନେହପଦାର୍ଥ ଅଧିକ ଥିବାରୁ ବହୁ ବିଳମ୍ବରେ ଶୁଖଇ କିନ୍ତୁ ରୁଷୀୟ ମଞ୍ଜି ନିକୃଷ୍ଟ ସୁତରାଂ ତହିଁରୁ ପାଇଲା ତେଲ ବାହାରେ ଓ ତଦ୍ଦ୍ୱାରା ପ୍ରସ୍ତୁତ ହେଉଥିବା ରଙ୍ଗ ଶୀଘ୍ର ଶୁଖି ଯାଏ । ଅତଏବ ଏହି ତେଲ ଯୋଗେ ଅଧିକ କାର୍ଯ୍ୟ କରିବାକୁ ସମର୍ଥ ହୁଅନ୍ତି ବୋଲି ବ୍ୟବସାୟିମାନେ ଅଧିକ ମୂଲ୍ୟ ଦିଅନ୍ତି । କେବଳ ଚାଷିଙ୍କଠାରେ ଭାରତୀୟ ମଞ୍ଜିର ଆଦର ଅପେକ୍ଷାକୃତ ଅଧିକ ଓ ତହିଁର କାରଣ ଏହି ଯେ ଏହି ମଞ୍ଜିର ପିଡିଆ ପଶୁଙ୍କ ଖାଦ୍ୟ ସକାଶେ ପୁଷ୍ଟିକର ହୁଅଇ ମାତ୍ର ଏଥିରେ ବହୁତ ଖର୍ଚ୍ଚ ହେଉ ନ ଥିବାରୁ ଭାରତୀୟ ମଞ୍ଜିର ପ୍ରୟୋଜନ ଏ କାର୍ଯ୍ୟ କମିଲା.

Split by PDF Splitter
Digitized by srujanika@gmail.com

Split by PDF Splitter



ଅଧିକ ହେଉ ନାହିଁ । କୃଷୀପ୍ତ ମହିର ଅଦର କ୍ରମଶଃ ଯେମନ୍ତ ବଢ଼ିଅଛି ଏବଂ ସେ ଦେଶରୁ ଯେପ୍ରକାର ଅମଦାନୀର ବୃଦ୍ଧି ହେଉଅଛି ତଦ୍ଦୃଷ୍ଟିରେ ସଙ୍କା ହେଉଅଛି ଯେ ଏକ ସମୟରେ ଭାରତୀୟ ପେଷି ମଞ୍ଜିର ବ୍ୟବସାୟ ନଷ୍ଟ ହୋଇଯିବ । ଅତଏବ ଭାରତୀୟ କୃଷିମାନଙ୍କୁ ବର୍ତ୍ତମାନ ସମୟଠାରୁ ସାବଧାନ ହେବାର ଉଚିତ ଯେବେ ଏଠା କୃଷିମାନେ ଏଣିକି ଉତ୍କୃଷ୍ଟ ପ୍ରକାରର ପେଷି ଫସଲ ପ୍ରସ୍ତୁତ କରିବାକୁ ସକ୍ଷମ ହେବେ ତେବେ ସେମାନେ ଏହି ପ୍ରତିଦ୍ୱନ୍ଦ୍ୱିତାରେ ସଫଳକାମ ହେବେ ନୋହିଲେ ଆଉ ଉପାୟ ନାହିଁ । କିନ୍ତୁ କି ଉପାୟରେ ଏଠାର ପେଷିଫସଲ ଭଲର ପ୍ରୟୋଜନର ଅନୁରୂପ ହେବ ତାହା ସ୍ଥିର କରିବା ସାମାନ୍ୟ ଚିନ୍ତାର ବସ୍ତୁ ନୁହଇ । ଶିକ୍ଷିତ ଲୋକମାନେ ଯେପର୍ଯ୍ୟନ୍ତ କୃଷି ବ୍ୟବସାୟକୁ ଅବଲମ୍ବନ ନ କରିବେ ସେପର୍ଯ୍ୟନ୍ତ ଲୋକଙ୍କ ଦ୍ୱାରା ଉଦ୍ୟମରେ ଏଥିର ବ୍ୟବସ୍ଥା ହେବା ଅସମ୍ଭବ । ଏଣେତେଣେ କେବଳ ଗବର୍ଣ୍ଣମେଣ୍ଟଦ୍ୱାରା ଏଥିର ଚର୍ଚ୍ଚା ହେଲେ ଫଳ ହୋଇ ପାରେ ଗବର୍ଣ୍ଣମେଣ୍ଟ ସ୍ଥାପିତ କୃଷିବିଭାଗ ଏଥିର କୌଣସି ବ୍ୟବସ୍ଥା କରୁ ଥାଉନ୍ତୁ । ଉତ୍କୃଷ୍ଟ ଫସଲି ଉତ୍ପର୍ଣ୍ଣ କରାଇବାକୁ ଯହିଁ ପରେ ଭଲ କିନ୍ତୁ ଏ ସ୍ଥଳେ ଠିକ ବିପରୀତ ଘଟଣା ଉପସ୍ଥିତ ହୋଇଅଛି । ଉତ୍କୃଷ୍ଟ ଫସଲ ଉତ୍ପାଦନ କରିବାକୁ ହେବ ଏବଂ ତାହା ଉତ୍କୃଷ୍ଟ ମାଟି ନ ମିଳିବ ପ୍ରକାର ବଦଳ ଯୋଗେ ହେବ ପରୀକ୍ଷା ଦ୍ୱାରା ସ୍ଥିର କରିବାର ଆବଶ୍ୟକ ।

---

ଗତକାଲର ସମ୍ବାଦପତ୍ରରେ ଯେ ସମସ୍ତ ତାରସମ୍ବାଦ ବାହାର ଅଛି ତହିଁରୁ ଜଣାଯାଏ ଯେ ଯୁଦ୍ଧ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଏବଂ ଏଥିର ଅଦେଶ ପ୍ରାପ୍ତ କରିବା ନିମିତ୍ତ ରୁଷିୟାର ସମ୍ରାଟ ମସ୍କୋ ନଗରକୁ ଯାତ୍ରା କରିଅଛନ୍ତି ।

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ମଧ୍ୟ ଅଦୌ ବୃଷ୍ଟି ହୋଇ ନାହିଁ କେବଳ ଦୁଇ ଏକଦିନ ମେଘ ହଠାତ୍ ଦୁଇ ଗୋଟାଏ ବିନ୍ଦୁ ପକାଇ ଚାଲି ଯାଇ ଥିଲା । ଗ୍ରୀଷ୍ମ ଅତ୍ୟନ୍ତ ହୋଇ ଅଛି ।

ଗତମାସ ତା ୨୪ ସଉରେ ଏଠା ମେଡିକାଲ ସ୍କୁଲର ଛାତ୍ରମାନଙ୍କ ପାରିତୋଷିକ ଦେବା ନିମିତ୍ତ କେତେକ ଡାକ୍ତରଖାନାଠାରେ ସଭା ହୋଇ ଥିଲା । ଶ୍ରୀଯୁକ୍ତ କମିଶନର ସାହେବଙ୍କର ସଭାପତି ହେବାର କଥା ଥିଲା ମାତ୍ର

ସେ ଉପସ୍ଥିତ ହୋଇ ନ ପାରିବାରୁ ଡାକ୍ତର ବନର ସାହେବ ଉକ୍ତ ପଦରେ ମନୋନୀତ ହୋଇ କାର୍ଯ୍ୟ ନିର୍ବାହ କଲେ । ଏଥର ସଭ୍ୟ ସଂଖ୍ୟା ବଡ଼ ଅଳ୍ପ ହୋଇ ଥିଲା ।

ଗତ ଶୁକ୍ରବାରଠାରୁ ଏକ ଗୁରୁତର ଏଠାର କଲେକ୍ଟରୀ ମାଜିଷ୍ଟ୍ରେଟ ବାବୁ ରାମଅକ୍ଷୟ ଚାଟାର୍ଜ୍ଜିଙ୍କ ନିକଟରେ ଏକ ମୁଦ୍ରଣପ୍ରକାର ମୋକଦ୍ଦମାର ବିଚାର ଦେଖିବା ପାଇଁ ବଡ ଭିଡ ହୋଇଥିଲା । ମନେଇ କଲ୍ୟାଣ ନାମରେ ଜଣେ ଦୋକାନୀ କଟକର ଗୋପାଳ ଓ ମୁରାରି ଶୌଚିଶ୍ରଙ୍କ ନାମରେ ନକଲି ଟଙ୍କା ଚଳାଇବାର ଦୋଷ ମଦରକା ଦାଏର ଅଛି । ମନେଇ କହିଲା ଯେ ସେ କାଗଜ ଦେବାକୁ ମୁରାରି ସବିଷ୍ଟ ସଂଶୟ ଥିବାରୁ ଜାଲ ତାହାର ଟଙ୍କା ପୂର୍ବରୁ ମୁରାରି ଜଣା ଇତି ମଧ୍ୟରେ ଓ ସଙ୍ଗୀତ ଉପରେ ଅନେକ ପ୍ରମୋଦରେ ବଡ ସହ ଦଣ୍ଡ ଅନ୍ୟମନ ନ ଥିବା ଅଣି ଦେଖିଲ ଯେ ତହିଁରେ ସବିଶ୍ୱାସ ଭାବ ସଙ୍ଗେ ସାଥ ଅଛି ଏବଂ ସୁଲବେ ନ ଦେଉ ଟଙ୍କା ତାହାର ଯାଉଅଛି । ମୁରେଇ ପକ୍ଷର ସାକ୍ଷୀ କୋବାଙ୍କରୀ ହୋଇ ଥା ୪୦ ଟ ସଉ ଅଭିଯୋଗ ମୁରାରି ଉପରେ ହୋଇଅଛି ଓ ଅସାମୀ ଦଙ୍ଗ ଲବାଳ ସଫାଇ ଦେବାର ଦଜ ଧାର୍ଯ୍ୟ ହୋଇଅଛି । ଉଭୟ ପକ୍ଷରୁ ଅନେକ ଉକିଲ ମୋକଦ୍ଦମା ଚଳାଉଅଛନ୍ତି । ମୁରାରି ହାଜତରେ ଅଛି ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାମନଘାଟିରେ ସେଠାଁ ଅଦାଲତର ଅବମାନନା ମୋକଦ୍ଦମା ସଂଷ୍ଟ ଦବାଇ ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁ ତହିଁର ଲେଖକ ବକ୍ସିରେ ମସ୍ତୁଉଲ୍ଲୀର ମହେନ୍ଦ୍ରଙ୍କ ନକଟରେ ବଦଳି ହୋଇ ଥିଲ ଏବ ବଦଳରେ ଉକ୍ତ ଅଦାଲତର ଜମ୍ମାଦ୍ଦି ଛି ଉ ରହିବ ।

ଉକ୍ତ ପତ୍ରିକାରେ ପ୍ରକାଶ ସାତ୍ତ୍ୱିକ ପାଠ କଲୁଁ ଯେ ଶ୍ରୀଯୁକ୍ତ ସ୍ମିଥ ସାହେବଙ୍କ ମେନ ଅତ୍ୟନ୍ତ ପୀଡ଼ିତ ଅଛନ୍ତି ।

ଏକପ୍ରକାର ପ୍ରସାଦ ପ୍ରଚାରିତ ହୋଇଅଛି ଯେ ତାହା ଉତ୍କଳର ସନ୍ତାନ ପ୍ରତି ସ୍ଥାପିତ ହୋଇ ରହିଥାଏ । ଏଥିର ଅନୁଷ୍ଠାନରେ ଗୋଟିଏ ସ୍ଥିରୀକୃତ ଓ ତହିଁର ଠିକ ଉପଯୁକ୍ତରେ ଗୋଟିଏ ପାତ୍ର ରହି । ପାଇଁଟିରେ ଜଳ ପୂର୍ଣ୍ଣକରି ତହିଁରେ କେତେକଗୁଡ଼ ସୁଗନ୍ଧିଦ୍ରବ୍ୟ ଦିଆଯାଏ ସେହି ଉଇଷ୍ଟିତ ଉପରେ ଜଣ କାଠରେ ଅଧିକବେଳ ଫଳ ଦେଉ ଥାଉ । ଏହାର ମୂଲ୍ୟ ୫ ୨୩ ଅଟେ ଓ ଏହା କଲିକତାଠାରେ ବିକ୍ରୟ ହେଉଥିବାର ସମ୍ବାଦ ମିଳଇ । ଦକ୍ଷିଣ କୌରବାଖିଆର ଏହା ଏକ ବାଣ ଗଲେ ।

ବର୍ଦ୍ଧମାନର ମହାରାଣୀ ମୃତ ମହାରାଜାଙ୍କର ଶ୍ରାଦ୍ଧଶ୍ରୀ କଡ ସାଦରରୁ ସେଠା କଲେକ୍ଟର ସାହେବ ପେଣ୍ଡସୃଷ୍ଟି ବନ୍ଦୋବସ୍ତ ତାହାଙ୍କ ଅନୁରୋଧ କଲେ । ମହାରାଣୀ ଏହେତୁ ଅସନ୍ତୁଷ୍ଟ ହେବାରୁ କଲେକ୍ଟର ସାହେବ ଜଣାଇଲେ ଯେ ପେଣ୍ଡସୃଷ୍ଟି ନ କରିବାପର୍ଯ୍ୟନ୍ତ ମହାରାଜାଙ୍କ ରହିଲ ମହାଜନ ତାହାଙ୍କ ଉନ୍ନତି ଉଦ୍‌ଦେଶ୍ୟ ହୋଇଥିବା ମାସିକ ଖୋରାକ ୫ ୨୦୦୦ ଟଙ୍କା ତାହାଙ୍କୁ ଦିଆଯିବ ନାହିଁ । ତଥାପି ମହାରାଣୀ ଶୋକାର୍ତ୍ତ ଅବସ୍ଥାରେ ଏହାକୁ ଉତ୍ତରଣରୁ ପେଣ୍ଡସୃଷ୍ଟି ଗ୍ରହଣ କରିବାକୁ ଅସ୍ୱୀକାର କଲେ । କିନ୍ତୁ ଶୁଣାଯାଏ ଯେ କର୍ତ୍ତୃପକ୍ଷ ହେତୁରୁ ମହାରାଣୀ ସ୍ୱୟଂ ରାଜ୍ୟ ଚଳାଇବାର ମନସ୍ଥ କରିଅଛନ୍ତି । ବର୍ଦ୍ଧମାନ ଉକ୍ତ ରାଜ୍ୟର ମାନେଜର ସ୍ୱରୂପ ନିଯୁକ୍ତ ହେବେ ଓ ଅନ୍ୟ ବଡଲୋକଙ୍କୁ ସେଥି ବନ୍ଦୋବସ୍ତ ହାସ୍ୟ କାର୍ଯ୍ୟ ଏ ସୁନ୍ଦରଭାବ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳଇ ।

ଭଦ୍ରେଶ୍ୱର ନିଉନିସିପାଲଟିର ଅଭିନିବେଶକ ମେମ୍ବରଙ୍କର କେଶବଚନ୍ଦ୍ରଙ୍କ ଜମିଦାରଙ୍କର ଗ୍ରାମବାସିନୀମାନେ ଏକ ଦରଖାସ୍ତ ଦେଇ ସେଠାକାର ବାହାଲବଦ କେଶବଚନ୍ଦ୍ରଙ୍କୁ ଏ ବିଷୟରେ ଶ୍ରୀଯୁକ୍ତଙ୍କର ଗବର୍ଣ୍ଣମେଣ୍ଟଙ୍କ ସମୀପରେ

ମକଦ୍ଦମା ଚଳୁଅଛି । ସବୁ ବାହାରିବା ସମୟରେ ଉକ୍ତ ଶ୍ରୀ ଶଗରରେ ୫ ୨୦୦୦ ଟଙ୍କା ମୂଲ୍ୟର ଅଳଙ୍କାର ଥିଲା । ଉକ୍ତ ପକ୍ଷରୁ ଓକିଲ ନିଯୁକ୍ତ ହୋଇ ମକଦ୍ଦମା ବିଶେଷ ଅଗ୍ରହରେ ତ ୪୦୦ ଟା ମଧ୍ୟେ ଚଳୁଅଛି ଓ ଅସାମୀଠାରୁ ୫ ୫୦୦ ଟଙ୍କା ଜାମିନ ନିଆଯାଇଅଛି ।— ଏ ମକଦ୍ଦମା ଯୋଗେ ସେଠାରେ ବଡ ଚହଳ ପଡ଼ିଅଛି ।

କାପାନର ଏଣି ଏ ଫରାସୀ ସମ୍ବାଦପତ୍ରରେ ଲେଖି ହୋଇ ଅଛି ଯେ ଚୀନର ସୈନ୍ୟଦଳରେ ୬୦୨୫ ଜଣ ଜର୍ମ୍ମାନ ଅଛନ୍ତି ଏବଂ ସେ ସମସ୍ତେ ଚୀନର ନାମ ଗ୍ରହଣ କରିଅଛନ୍ତି । କାପ୍ତେନ ହେନେରିକ ପୂର୍ବେ ଜର୍ମ୍ମାନର ପୋଲିସବିଭାଗରେ ନିଯୁକ୍ତ ଥିଲେ । ବର୍ତ୍ତମାନ ଚୀନର ସୈନ୍ୟଦଳରେ ପଦସ୍ଥ ହୋଇଅଛନ୍ତି ଏବଂ ଓସ୍ଲିଂ ମାଟ୍ରିଲ୍ଲିଂ ନାମ ପରିବର୍ତ୍ତ ହୋଇ ଅଛନ୍ତି । ଅଛି ଚତୁର୍ଥ ଜର୍ମ୍ମାନ ସୈନିକକର୍ମଚାରୀ ଚୀନସେନାରେ ଉଚ୍ଚ ହୋଇ ଶ୍ୟୁଙ୍ଗ ନାମ ଧରିଅଛନ୍ତି । ଏହିରୂପେ ସମସ୍ତେ ଚୀନର ନାମ ଧାରଣ କରିଅଛନ୍ତି ଏବଂ ସେମାନେ ଖୁବ ଉଚ୍ଚ ବେତନ ପାଉଅଛନ୍ତି ।

କଲିକତାର ଦେବାଲୟାଦିମୂଳକ ମଣ୍ଡଳ ସମ୍ଭବ ଉର୍ଦ୍ଧ ସ୍ୱଦେଶ ପୂରଣାର୍ଥ ପାର୍ଶ୍ୱ କ ସେଠା ମହାଜନ ୫୨୦୦୦ଟଙ୍କା ଦାନ ଦେବାକୁ ସ୍ୱୀକୃତ ଥିବା ମର୍ମରେ ତାହାଙ୍କ ରାଜପ୍ରତିନିଧିଙ୍କ ସମୀପକୁ ପତ୍ର ଲେଖିଅଛନ୍ତି ।— ଏ ଦାନ ପ୍ରଶସ୍ତ ଅଟଇ । କଥିତ ଅଛି ଯେ ଏ ଟଙ୍କାରୁ ବ୍ୟବହାରିକ ଶୋଭାଗାନାର୍ଥ ଏକ ବିଦ୍ୟାଳୟ ସ୍ଥାପିତ ହେବ ଓ ଲୋକ ବର୍ଷରେ ଏଥର ଅଭାବ ଏହାକୁ ମହାଜନ ଏ ଗ୍ରନ୍ଥକରେ ସୂଚିତ ହୋଇଅଛନ୍ତି ।

କଥିତ ଅଛି ଯେ କାବୁଲର ଅମୀର ଭାରତବର୍ଷଠାରୁ ବୃତ୍ତିକୁ ଅଧିକା ହେଉ ପଠାଇ ଅଛନ୍ତି ।

ଅଦ୍ୟାବଧି ସିମଲାଠାରେ ବାଙ୍ଗଲାମାନଙ୍କ ପ୍ରକାର ଏକ ଗୋଟିଏ ଭଲ ଘର ଦିଆଯିବାକୁ ତହିଁରେ ଜଣେ ହେଣ୍ଟି ଯୁବା ଥିଲେ ମନ୍ତ୍ର ପଢ଼ିବାର କଥିତ ଥିଲା ।

ମୁଜଫରପୁରଠାରେ କଣ୍ଟେଷ ଦକ ସଉ ଓ ଅନେକଙ୍କର ହାତୀ ସମ୍ପତ୍ତି ଅଗ୍ନିଦ୍ୱାରା ନଷ୍ଟ ହୋଇଥିବାର ସମ୍ବାଦ ମିଳଇ ।

ପୂର୍ବକାର୍ଯ୍ୟ ସ୍ୱଭାବେ ବହରମପୁର ଜେଲାରେ ୫ ୭୨୦୦୦ ଟଙ୍କା ମୂଲ୍ୟର ଗୋରୁ ଓ ଦାନ୍ତ ଜଣା ହୋଇଥିବାର ସମ୍ବାଦ ମିଳଇ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ସଦାଶିବ ଦାସ—ଉଦ୍ଦେଶ୍ୟ ଜଣ୍ଣା ନ ପଡ଼ିବାରୁ ପ୍ରକାଶିତ ନ ହେଲା ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଆମ୍ଭେମାନେ ଦାୟୀ ନୋହୁଁ ।

---

## ପାଠ୍ୟପୁସ୍ତକ ନିର୍ବାଚନପ୍ରଣାଳୀ ।

ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ବଡ଼ ସୁଖର ବିଷୟ ଯେ ଅଲ୍ପକାଳ ଶତ୍ରୁ ଯୋଗାଇମ୍ କଲେ ସ୍ୱମତନ୍ତ୍ର ... ନିରପେକ୍ଷକ କହିବେ ବୋଲ ବସ୍ତୁ ନାହିଁ; ଲେଖାପଢ଼ା କୌଣସି ଜାତ ବା ସମ୍ପ୍ରଦାୟବିଶେଷର ଏକ ଚାଲିଆ ବ୍ୟବସାୟ ନୁହେଁ; ...

Digitized by srujanika@gmail.com

ପୁତ୍ର, କନ୍ୟା, ପାଣି, ବୃଦ୍ଧ, ବୃଦ୍ଧା, ଯୁବା, ଯୁବତୀ, ବାଳକ, ବାଳିକା ସମସ୍ତେ ଲେଖାପଢ଼ା ଶିଖିବାକୁ ସମୁତ୍ସୁକ । ଏହା ଗୋଟିଏ ଶୁଭ ଲକ୍ଷଣ ବୋଲି ଅବଶ୍ୟ ସ୍ୱୀକାର୍ଯ୍ୟ । ଏହା ସଙ୍ଗେ ସଙ୍ଗେ ଆଉ ଗୋଟିଏ ଶୁଭଲକ୍ଷଣ ମଧ୍ୟ ଲକ୍ଷିତ ହୁଏ । ନଗରେ, ଉପନଗରେ, ଗ୍ରାମେ, ପଲ୍ଲି-ଗ୍ରାମେ, ମନ୍ଦିରେ, ପ୍ରାସାଦେ, ପର୍ଣ୍ଣକୁଟୀରେ ଋଷି, ମନୁଦେବ, ବେଦବ୍ୟାସ, କପିଳ, କାଳି-ଦାସ ଶ୍ରୀହର୍ଷ ପ୍ରଭୃତିମାନେ ଜଳଦଶାସ୍ତ୍ର, ଠକ ଶାସ୍ତ୍ର, ଖାନସମା, ବବୁର୍ଚ୍ଚି, ଗୃହକର, ଶଠସଖା, ଖଣ୍ଡ ସଙ୍ଗୀତ, ଛିନ୍ଦି, କୁଳଅନ୍ଧ ଗନ୍ଥ ଓ ପତ୍ରିକା ମାନ ଲେଖି ଅଛନ୍ତି । ଅଶ୍ୱପ୍ରବଳ ମୁଦ୍ରାଯନ୍ତ୍ର ମଧ୍ୟ ସେମାନଙ୍କୁ ପ୍ରଚୁର ପରିମାଣରେ ପ୍ରସବ କରି ଅପର୍ଣ୍ଣ ମୂଲ୍ୟରେ ବିତରଣ କରୁଅଛି । ସଂକ୍ଷେ-ପରେ କହିବାକୁ ଗଲେ, ବିବିଧ ଗ୍ରନ୍ଥ ଓ ପତ୍ରିକା-ମାନ ଏତେ ପରିମାଣରେ, ଏତେ ସୁଲଭ ମୂଲ୍ୟ-ରେ, ଆଉ ଏତେ ସହଜରେ ମିଳୁଅଛି ଯେ ସେମାନଙ୍କୁ ପଢ଼ିବାକୁ ଯେତେ ସମୟ ଲାଗିବ ତାହା ସହିତ ତୁଳନା କଲେ, ମନୁଷ୍ୟଜୀବନ, ମହାସମୁଦ୍ରତୀରସ୍ଥ, ଦୂର୍ବାଗ୍ରସ୍ଥିତ ଶିଶିରବିନ୍ଦୁ ପରି ଅନୁମିତ ହୁଏ ।

ଏହି ବର୍ଣ୍ଣିତ ଅତିଥି ଗ୍ରନ୍ଥମାନଙ୍କ ମଧ୍ୟରୁ କାହାକୁ ପାପ୍ରବନ୍ଧମାନଙ୍କର ପଢ଼ିବା ଉଚିତ ତାହା ଅମ୍ଭେ ବିଚାର କରିବୁଁ ନାହିଁ । କେବଳ ସୁକୁମାରମତି ଅଳ୍ପବୟସ୍କ ବାଳକ ବାଳିକାମାନ-ଙ୍କ ପାଠ୍ୟପୁସ୍ତକ ବିଷୟରେ କହିବା ଆମ୍ଭର ଉଦ୍ଦେଶ୍ୟ । ଯଦି ବିଦ୍ୟାଳୟର ପାଠ୍ୟପୁସ୍ତକ ନିର୍ବାଚନ ବିଷୟରେ ବହୁ ଦିନରୁ ଆନ୍ଦୋଳନ ଚଳୁ ନ ଥାନ୍ତା, ଯଦି ସମ୍ପାଦପତ୍ରିକାମାନେ ଇତିଃପୂର୍ବରେ ବିଚାର କରୁ ନ ଥାନ୍ତେ, ପୁଣି ଯଦି ସେମାନଙ୍କ ମଧ୍ୟରୁ କେହି୨ ଛତ୍ରମସ୍ତକା ହୋଇ ସ୍ୱୀୟ ଭଙ୍ଗିରେ ତାଡ଼ନା ପରି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ କମ୍ପାଇ ନ ଥାନ୍ତେ, ତେବେ ଅମ୍ଭେ ଏ ବିଷୟର ଆଲୋଚନା ମଧ୍ୟ କଦାପି କରି ନ ଥାନ୍ତୁ । କେବଳ ଘୋର ଯୁଦ୍ଧରେ ବିକମ୍ପିତ ଧରାଖଣ୍ଡକୁ ସୁସ୍ଥିର, ଆଉ ବିମର୍ଦ୍ଦିତ ସଶଙ୍କିତ ଜନମାନଙ୍କୁ ଶାନ୍ତିପ୍ରଦାନ କରିବାପାଇଁ ଅମ୍ଭେ ଏ ଯତ୍କିଞ୍ଚିତ ବିଷୟରେ ହସ୍ତକ୍ଷେପ କରୁ-ଅଛୁଁ । କେବଳ ଆଶଙ୍କା ହେଉଅଛି ଯେ ପ୍ରଥମରୁ ଅନୁପସ୍ଥିତ ନ ହେଲେ, ରଣମଦରେ ମତ୍ତ ଜନକାଳର ସଂଶୟବାପୀ ଲୋକ ଆମ୍ଭ ଉପ-ଦେଶକୁ ଗ୍ରହଣ ନ କରି ଅତ୍ର ଅମ୍ଭ ପ୍ରଦର୍ଶିତ ପଥର ଅନୁଗାମୀ ନ ହୋଇ, କାଳେ ବିନାଶ ପ୍ରାପ୍ତ ହେବେ । ଅତଏବ ଅମ୍ଭର ପରିଚୟ ଦେବା ଉଚିତ ଏବଂ ତାହା ଏହି ।

ଅମ୍ଭେ ଶଠଶାସ୍ତ୍ରର ପ୍ରଣେତା । ଏହି ଗ୍ରନ୍ଥ ଆଗାମୀ ସତ୍ୟଯୁଗ ପ୍ରାରମ୍ଭରେ ପ୍ରକାଶିତ ହେବ ଏହାର ସମାଲୋଚନା ଅମ୍ଭେ ସ୍ୱୟଂ ଶ୍ରୀକରରେ ଲେଖି ଗତ ଦ୍ୱାପରଯୁଗ ପ୍ରାନ୍ତରେ ଟିହଲସ୍ଥ ନାମକ ସମ୍ବାଦପତ୍ରରେ ପ୍ରଚାର କରିଅଛୁଁ ।

ଅମ୍ଭେ ସୁରୁଚିପ୍ରିୟ—ଯେଉଁସବୁ ପୁସ୍ତକ ବା ପତ୍ରରେ ନଇଗୁଅ, ବାଘଖିଆ, ବେଧା ଇତ୍ୟାଦି ବ୍ୟବହାର ହୁଏ ସେ ସବୁ ଅମ୍ଭର ପ୍ରିୟପାତ୍ର ଆଉ ତାହାର ଲେଖକମାନେ ଅମ୍ଭର ପରମ ସହାୟ । କାରଣ ଏ ସବୁ ବାକ୍ୟ ମୂର୍ଖ, ନୀଚ, ସୁତରାଂ ଈଶ୍ୱରଦୟାଭାଜନ ଲୋକେ ବ୍ୟବହାର କରନ୍ତି, ଏବଂ ଏହି ଲୋକଙ୍କ ସଂଖ୍ୟା ଅଧିକ । ତେବେ ଯେଉଁ ଭାଷା ଓ ଭାବ ବହୁ-ଜନରେ ପ୍ରଚଳିତ; ତାହା ସୁରୁଚି ବ୍ୟତୀତ କଅଣ ହୋଇ ପାରେ ? ଅତଏବ ଅମ୍ଭଙ୍କୁ ସୁରୁଚିପତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯେଉଁ ନ୍ୟାୟ ଓ ତର୍କ ପଢ଼ି ଗୃହୀତ, ମିଲ୍ ପ୍ରଭୃତି ନରକକୁ ଗଲେ ଏବଂ ଯାହାଙ୍କର ପ୍ରାଦୁ-ର୍ଭାବରୁ ଲୋକେ ଚିରପୋଷିତ ବହୁମୂଲ୍ୟ ସଂସ୍କାରମାନ ତ୍ୟାଗ କରି କୁମ୍ଭୀପାକରେ ଭ୍ରମଣ କରୁଅଛନ୍ତି, ଅମ୍ଭେ ସେହି ନ୍ୟାୟ ଓ ତର୍କର ଚିରବିରୋଧୀ ।

ଏ ବିଷୟରେ ଆଉ ଅଧିକ କହିବାର ପ୍ର-ୟୋଜନ ନାହିଁ । "ଅତିପରିଚୟେ ମାନହାନି ।"

କେଉଁ ନିୟମରେ ବିଦ୍ୟାଳୟର ପାଠ୍ୟପୁ-ସ୍ତକ ନିର୍ବାଚନ ହେବ, ତାହା କହିବା ପୂର୍ବରୁ କଏ ତାହା କରିବ, ତାହା କହିବା ଉଚିତ । ସମସ୍ତେ ଜାଣ ଯେ "ଏକମେବାଦ୍ୱିତୀୟଂ" "ବହୁତ ମନୁଷ୍ୟରେ ମୂଷା ମରେ ନାହିଁ ।" ଏହା ଜାଣି ଶୁଣି ଯେ ତୁମ୍ଭେମାନେ ଭ୍ରମରେ ସମିତି୨ ବିଚାର କରୁଅଛ ତାହା ତ୍ୟାଗ କରି ଏକଜଣକୁ ହର୍ତ୍ତା କର୍ତ୍ତା ବିଧାତା ପଦରେ ନ୍ୟସ୍ତ କର । ଯାହାଙ୍କ ହାତରେ ଏ ଭାର ଅର୍ପଣ ହେବ ସେ ଭଲ ମନ୍ଦ ପାଇଁ ଇହ ପର ଉଭୟ ଲୋକରେ ଦାୟୀ ହେବେ । ପୁଣି ସେ ଆପଣାର ଦୟା ମାୟା ସ୍ୱାର୍ଥ ପ୍ରଭୃତି ପ୍ରତି ବିଶେଷ ଦୃଷ୍ଟି ରଖି ଉଲ୍ଲେଖିତ ନିୟମାନୁସାରେ ପୁସ୍ତକ ନିର୍ବାଚନ କରିବେ । କାରଣ ଏପରି ପଦରେ ଈଶ୍ୱର ତାଙ୍କୁ ପ୍ରତିଷ୍ଠିତ କଲେ ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ । ଏଣୁ କରି ତାଙ୍କ କାର୍ଯ୍ୟ, ଦୟା, ମାୟା, ସ୍ୱାର୍ଥ ପ୍ରଭୃତି ଈଶ୍ୱରାନୁ-ମୋଦିତ ଅଟେ । ଅତଏବ ସେ ଯାହା କରିବେ ତାହା ଅବଶ୍ୟ ଈଶ୍ୱରଙ୍କର ଅ... ମୋଦିତ ହେବ; ପୁଣି ଯେଉଁମାନେ ଯେଉଁ ପ... ରେ ତାଙ୍କର ସେବା କରିବେ, ସେମାନେ ସେ... ପରିମାଣେ ଈଶ୍ୱରଙ୍କର ସେବା କରିବେ ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ କିପରି ଲୋ-କଙ୍କ ଉପରେ ଏପରି ଭାର ଅର୍ପଣ ହେବ । ଏ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଆମ୍ଭ ପରି ଲୋକ ଦେଖି ନିଯୁକ୍ତ କରିବ ।

ନିମ୍ନ ଲେଖିତ ବିଷୟମାନ ବିବେଚନା କରି ନିର୍ବାଚନକାରୀ ପାଠ୍ୟପୁସ୍ତକ ନିର୍ବାଚନ କରିବେ ।

(୧) ବହି କେଉଁ ଜିଲାରୁ ବାହାରିଅଛି ।

(୨) ସେ ଜିଲାର ଲୋକେ ତାଙ୍କର କେ-ତେଦୂର ଅନୁଗତ ଆଉ ସେମାନଙ୍କଦ୍ୱାରା ତାଙ୍କର କେତେଦୂର ସ୍ୱାର୍ଥ ସାଧନ ହୁଏ ।

(୩) କାହା ଛାପାଖାନାରୁ ବାହାରିଅଛି ଆଉ ସେ କେତେଦୂର ତାଙ୍କର ଅନୁଗତ ଓ ସ୍ୱାର୍ଥ-ସାଧନରେ ତତ୍ପର ।

(୪) ଗ୍ରନ୍ଥକର୍ତ୍ତା ତାଙ୍କର କେତେଦୂର ଅନୁ-ଗତ ଆଉ ଉପାସକ ।

(୫) ଆଉ ତାଙ୍କୁ ଗ୍ରନ୍ଥରେ କେତେ ଅଂଶ ସ୍ୱାର୍ଥ ଦେବାକୁ ଗ୍ରନ୍ଥକର୍ତ୍ତା ସମ୍ମତ ।

(୬) ଆଉ ସେ ସ୍ୱୟଂ ପ୍ରୁଫ୍‌ସିଟ୍ ପର୍ଯ୍ୟନ୍ତ ସଂଶୋଧନ କରି ଦେଇଅଛନ୍ତି କି ନା ।

ଯଦି ଉପରୋକ୍ତ ନିୟମମାନ ପ୍ରତିପାଳନ କର ତେବେ ଅନାୟାସରେ ସୁଚାରୁରୂପେ ବି-ଦ୍ୟାଳୟର ପାଠ୍ୟପୁସ୍ତକ ନିର୍ବାଚନ କାର୍ଯ୍ୟ ଚଳିବ । ଯଦି ନ କର, ତେବେ କଳିକାଳ ଆଉଁ୨ ଭଗବାନ୍ କଲ୍କି ଅବତାର ଧରିବାକୁ ଆଉ ଶିବ ସଂହାରମୂର୍ତ୍ତି ଧାରଣ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ।

କଟକ ୨୭।୪।୮୬ } ତୁମ୍ଭର ହିତ ଶୁଭକାଙ୍କ୍ଷୀ ଦେବଗୁରୁ ।

---

ମହାଶୟ ।

ଆଜି କାଲି ସ୍ଥାନେ୨ ଅଗ୍ନିଦେବଙ୍କର ପ୍ରତାପ ଦେଖାଯାଉ ଅଛି । ଗତ ବୁଧବାର ପ୍ରାତଃକାଳରେ ଅଡ଼େଇକଣା ଗ୍ରାମରେ କଂକ-ଖସ ଓ ଅଚ୍ଛୁତ ପଠାଣମହଲରେ ୩୧୦ ବଖରା ଗୃହ ଦଗ୍ଧ ହୋଇ ଅଛି । ଗତ କାଲ୍ୟ କୁସିଙ୍ଗା ଗ୍ରାମରେ ପ୍ରାୟ ୨୦୦ ବଖରା ଗୃହ ଭସ୍ମସାତ୍ ହୋଇ ଅଛି । ଦୁଇଘଣ୍ଟାର ସମୟରେ ଏରୂପ ଘଟିବାରୁ କେହି କିଛି ସାହାଯ୍ୟ କରି ପାରିଲେ ନାହିଁ ।

Split by PDF Splitter



ଗତ ମଙ୍ଗଳବାର, ଜଣେ ବ୍ରାହ୍ମଣ, ଏକ ହିଂସ୍ର ଶୃଗାଳଦ୍ୱାରା ଦଂଶିତ ହୋଇ ଔଷଧ ସେବନାର୍ଥ ଯାଜ୍‌ପୁର ପହଞ୍ଚି ପ୍ରାପ୍ତ ହେଲା ।

ଏଠାରେ ୭୮ ଘର କଂସାଇ ଅଛନ୍ତି । ସେମାନେ, ମାଂସସଂଲଗ୍ନ ଅସ୍ଥି ପ୍ରଭୃତି ନାନା ସ୍ଥାନରେ ପକାନ୍ତି ଏମନ୍ତ କି ଅଳକାନନ୍ଦାଧାର ଅସ୍ଥିପୂର୍ଣ୍ଣ । ସର୍ବଦା ବହୁଶ କୁକୁରମାନଙ୍କ ଉପଦ୍ରବ । ସତର ବଜାରରେ ୨ ଟି କଂସାଇ ଘର । କ୍ୱଚିତ୍ ପଥିକମାନେ ଦୁର୍ଗନ୍ଧରେ ବାଟ ଚାଲି ପାରନ୍ତି ନାହିଁ ଓ ହିଂସ୍ରଜନ୍ତୁଙ୍କଠାରୁ ଭୟ ପ୍ରାପ୍ତ ହୁଅନ୍ତି । ପୂର୍ବେ ଅତ୍ର ଛିଷ୍ଟାର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ସେମାନଙ୍କ ଜରିମାନା କରି ଲାଘବ କରି ଦେଇ ଥିଲେ । ଭରସା କରୁଁ ପୋଲିସ ଏଥିର ବିହିତ ଉପାୟ ଅବଲମ୍ବନ କରିବେ ।

ଏବର୍ଷ ସ୍ଥାନେ୨ ଜଳକଷ୍ଟ । ଧୌଣସି୨ ସ୍ଥଳରେ ଆଦୌ ଜଳ ନାହିଁ । ପ୍ରତି ବର୍ଷ ଏ ସମୟରେ ଯେଉଁଠାରେ ଜଳ ଥାଏ ଏବର୍ଷ ସେ ସ୍ଥାନ ଶୁଷ୍କମୃତ୍ତିକାମୟ ।

ସାଉଦର ଓ ଦେଓଗାଁ ପ୍ରଭୃତି ପ୍ରଗନାର ଲୋକମାନଙ୍କର ଏବର୍ଷ ଜଳାଭାବ କଷ୍ଟ ଘଟି ଅଛି । ବିଶେଷ ବୃତ୍ତାନ୍ତ ପରେ ଲେଖିବୁଁ । ଅନେଶଙ୍କ ମୌଃ କାଇଗୋଳ, ଛେଦା, ମଣିଭୁଣ୍ଡ, ବ୍ରାହ୍ମଣ ସାଇଲୋ, ଅଠାଶପୁର; ଝଟର୍ଦା ଓ ଭୁଲଣ୍ଡ ପ୍ରଭୃତି ଗ୍ରାମର ପ୍ରଜାମାନଙ୍କର କଷ୍ଟ ଘଟି ଅଛି ।

ଏ ଉଲ୍ଲକାର ଚଠାପଡ଼ ବଲ ଦରବା ସମ୍ବନ୍ଧେ ଭଲେକ ପୋଷ୍ଟମ୍ୟାନମାନେ ଅନେକ ଗୋଳମାଳ ଓ ବଳମ୍ବ କରନ୍ତି । ଭରସା କରୁଁ ପୋଷ୍ଟମାଷ୍ଟର ମହାଶୟ ଏଥିର ସୁବିଧା କରି ଦେବେ । ଇତି ।

୨୭—୪—୮୫ }
ଜଗତ୍‌ସିଂହ ପୁର } ଶ୍ରୀକୃଷ୍ଣ ମହାପାତ୍ର

---

ମହାଶୟ !

କଟକର ସେସ ଜଜ୍ ମହୋଦୟଙ୍କ ସମ୍ପର୍କରେ ଯେଉଁ ମକଦମା ଏ ସ୍ଥାନୀୟ ଡେପୁଟି ମେଜିଷ୍ଟର ବାବୁ ଅଟଲବିହାରୀ ମୈତ୍ରଙ୍କଦ୍ୱାରା ନିଷ୍ପତ୍ତି ହୋଇଅଛି ଆମ୍ଭେ ଦେଖିଲୁଁ ତହିଁରେ କି ମୁସଲମାନମାନେ କି ହିନ୍ଦୁସମାଜ କି ହିନ୍ଦୁସ୍ଥାନୀ କି ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକମାନେ ଏହି ବିଚାରରେ ସନ୍ତୁଷ୍ଟ ନାହାନ୍ତି ସମସ୍ତ ସମାଜର ଲୋକମାନଙ୍କ ଅସନ୍ତୁଷ୍ଟ ଦେଖିବାକୁ ପାଇଁ, ଯାହା ହେଉ ଏହି ବିଚାରର କାଗଜପତ୍ର ବଙ୍ଗଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ସମୂହରେ ପଠାଇ ମହାମାନ୍ୟ ହାଇକୋର୍ଟରେ ଏହାର ବିଚାରର ଉଦନ୍ତ କରିବା ନିମନ୍ତେ ସ୍ଥାନୀୟ ସଭାମାନଙ୍କର ଗୋଟିଏ ଗୁରୁତର କାର୍ଯ୍ୟ ଅଟଇ, ଯେତେବେଳେ ସମସ୍ତ ଲୋକମାନେ ଏହି ବିଚାରରେ ଅସନ୍ତୁଷ୍ଟ ତେତେବେଳେ ଏହି ବିଚାରର ଠିକ ବିଷୟମାନ ହାଇକୋର୍ଟରୁ ମୀମାଂସା ହେବା ଉଚିତ ଯଦିଚ ଓଡ଼ିଶା ପିପଲସ୍ ଏସୋସିଏସନ୍ ଏହି ମକଦମା ( ବିଚାରର ) ନ୍ୟାୟ ଅନ୍ୟାୟ ବୁଝିବା ନିମନ୍ତେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ମହାମାନ୍ୟ ହାଇକୋର୍ଟରେ ପଠାଇବାର ଆନ୍ଦୋଳନ କରିପାରନ୍ତି ମାତ୍ର ଓଡ଼ିଶାର ଅପରାପର ସଭାର ସଙ୍ଗରେ ଏକମତ ହୋଇ କଲେ ଭଲ ହୋଇଥାନ୍ତା । ଯହିଁରେ ସମସ୍ତ ସମାଜର ଲୋକମାନଙ୍କ ଅସନ୍ତୁଷ୍ଟ ହେବାର କାରଣ ବିଦ୍ୟମାନ ଦେଖାଯାଉଅଛି ତହିଁର ପ୍ରତୀକାର ନିମନ୍ତେ ଅବା ତହିଁର ପ୍ରକୃତତା ଜାଣିବା ପକ୍ଷରେ ସମସ୍ତ ସ୍ଥାନୀୟ ସଭାର ଗୋଟିଏ କର୍ତ୍ତବ୍ୟକର୍ମ ଅଟଇ । ଏହି ମକଦ୍ଦମା ଯଦିଚ ବ୍ୟକ୍ତିଗତ ଅଟଇ ମାତ୍ର ଏଥିପାଇଁ ଯେତେବେଳେ ସମସ୍ତ ସମାଜର ମନରେ ଆଘାତ ଲାଗିବାର ଦେଖିବାକୁ ପାଉଁ ତେତେବେଳେ ଏହା ସାଧାରଣ କାର୍ଯ୍ୟ ବୋଲିବାକୁ ହେବ । ଆମ୍ଭେ ସମସ୍ତ ସଭାମାନଙ୍କୁ ଅନୁରୋଧ କରୁଁ ସେମାନେ ଏହାର କର୍ତ୍ତବ୍ୟତା ଅବଧାରଣ କରି ସାଧାରଣ ଲୋକ ସମାଜର ତୁଷ୍ଟି ବର୍ଦ୍ଧନ କରିବାକୁ ଯତ୍ନବାନ୍ ହେବେ ।

୨୯।୪।୮୫ ଜଣମତ

ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ ।

---

# ବିଜ୍ଞାପନ ।

## NOTICE.

Persons desirous of employment as copying clerks and writing a good business like neat hand are requested to send their applications with specimens of handwriting to the Personal Assistant to the Commissioner of Orissa.

By Order
J. S. Rout
*Head Clerk & Sheristadar.*

Orissa Commr's Office
28—4—85.

---

PUBLIC WORKS DEPARTMENT,
BENGAL
THE 24th MARCH 1885.

No. 114— Notification.—Notice is hereby given that the Lieutenant Governor of Bengal, proposes, under the powers conferred on him by sections 78 and 99 of Act III (B. C.) of 1876 to substitute the words "the 1st April 1886" for the words "1st April 1885" in Rule 5 passed for the Orissa Canals in this Department Notification No. 188, published at pages 427—28, Part, of the Calcutta Gazette for the 5th March 1884.

ପବ୍‌ଲିକ୍ ଓ୍ୱାର୍କସ୍ ବିଭାଗ ବେଙ୍ଗଲ,
ତା ୨୪ ଋଖ ମାହେ ମାର୍ଚ୍ଚ ସନ ୧୮୮୫ ମସିହା ।

ନଂ ୧୧୪ ମ୍ବର ବିଜ୍ଞାପନ ।—ଓଡ଼ିଶା କେନାଲ ନିମନ୍ତେ ଏହି ମହକୁମାର ନଂ ୧୮୮ ମ୍ବର ବିଜ୍ଞାପନଦ୍ୱାରା ଜାରି ହୋଇଥିବା ଦସ୍ତୁରଅମଲ ଯେ ତାହା ସନ ୧୮୮୪ ମସିହା ମାର୍ଚ୍ଚ ତା ୫ ଋଖ ତାରିଖ କଲିକତା ଗେଜେଟ ପ୍ରଥମ ଭାଗର ପୃ ୪୨୭।୨୮ ସ୍ଥାରେ ମୁଦ୍ରିତ ହୋଇଅଛି ସେହି ଦସ୍ତୁର ଅମଲର ୫ ଧାରା ଲିଖିତ "ତା ୧ ଋଖ ଅପ୍ରେଲ ସନ ୧୮୮୫ ମସିହା " ପରିବର୍ତ୍ତରେ " ତା ୧ ଋଖ ଅପ୍ରେଲ ସନ ୧୮୮୬ " ଏହି କଥାମାନ ବସାଇବାକୁ ବଙ୍ଗପ୍ରଦେଶର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସନ ୧୮୭୬ ମସିହା ବଙ୍ଗୀୟ ଆ ୩ ଆଇନର ୭୮ ଓ ୮୯ ଦଫାଦ୍ୱାରା ପାଇଥିବା କ୍ଷମତା ଅନୁସାରେ ପ୍ରସ୍ତାବ କରୁଅଛନ୍ତି । ଅତଏବ ବିଜ୍ଞାପନ ଦିଆଗଲା ।

(Sd.) J. M. MONRILE
*Lieutenant-Colonel R. E.*
*Joint Secretary to the*
*Govt. of Bengal* P. W. D.

---

# ଗିଲଟୀ

ଅର୍ଥାତ୍

ଅଲଙ୍କାରାଦିରେ ସୁନା ଅବା ରୂପା

ଚଢ଼ାଇବାର ।

ଚୁଡ଼ି, ପଇଞ୍ଚି, ବାଜୁ, ଖଡ଼ୁ, ତଡ଼, ହାର, କର୍ଣ୍ଣଫୁଲ, ବୋତାମ ଇତ୍ୟାଦି ରୂପାର ଅଳଙ୍କାର ସୁନାରେ ଓ ତମ୍ବା ପିତ୍ତଳର ନାନାପ୍ରକାର ଅଳଙ୍କାର, ପାନ ରଖିବା ଡବା, ହୁକ୍କା ବାସନ, ନୁଆଁ ଥାଳ–ମଞ୍ଜୁଷୋଟ, ଜଞ୍ଜିର, ମର୍ଦ୍ଦଙ୍ଗଲ, ପରକଦାନ ଏବଂ ସଲ୍ଲକର୍ମଶ୍ରମମାନଙ୍କର ତୁଦା ପ୍ରଭୃତି ରୂପା ଅଥବା ସୁନାରେ ଗ୍ରାହକଙ୍କ ଫର-

Digitized by srujanika@gmail.com

ମାସ ମଧ୍ୟେ ସୁଲଭମୂଲ୍ୟରେ ଗିଲଟି କରି ଦିଆ ଯିବ । ଯାହାଙ୍କର ଆବଶ୍ୟକ ହେବ ମୋହଠାକୁ ଦ୍ରବ୍ୟାଦି ପଠାଇଲେ ସତ୍ୱର ଉକ୍ତ କାର୍ଯ୍ୟ ସମାଧା କରଦେବ ଇତି ।

ଆଲମଚନ୍ଦବଜାର } ଶ୍ରୀ ଭଗୀରଥୀ ସାଠିଆ
କଟକ }

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବକ୍ଷ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | | | |
|---|---|---|---|---|---|---|---|
| ୧୬ | ପଣ | ତାବ ଗିନି ଦନାଇ ର | ୧୮ | ଓ | ୨୪ | ର | ୧ ଟ° ୮/୦ |
| ୧୦ | ପଣି | ,, | ,, | ଓ | ୨୪ | ,, | ଓ° ୪ |
| ୧୨ | ପଣି | ,, | ,, | ଓ | ୧୩ | ,, | ଓ° /୨ |

ବେପାରମାନେ ଅର୍ଥାତ ଯେଉଁମାନେ ଏକ-ଥରେ ୧ ୫ ମ ବା ଅଧିକ କ୍ରୟ କରବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ପ୍ରଦର୍ଶନୀ ସମ୍ବନ୍ଧୀୟ ନ $\frac{୧୦୮}{୧୭-୨୦}$ ମର ସର୍କ୍ୟୁଲର ।

ସିମଲ, ୧୮୮୪ ସାଲ ତା ୨ ରଖ ଅକ୍ଟୋବର

ମ୍ୟୁଜିୟମ ଓ ପ୍ରଦର୍ଶନୀ ସମ୍ପର୍କୀୟ ସକଳ ଓ କୃଷିସଂକ୍ରାନ୍ତ କାର୍ଯ୍ୟବିଭାଗରେ ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ଭୂବକାରୀରୁ ଉଦ୍ଧୃତ ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କ ୧୮୮୪ ସାଲ ଜୁଲାଇ ମାସ ୩୧ ତାରଖ ଲିଖିତ ୧୦୫ ନମ୍ବର ପତ୍ର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ଅଗଷ୍ଟ ମାସ ୩୦ ତାରିଖର ୧୦ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୫ ତାରଖ ଲିଖିତ $\frac{୨୦୧}{୧୭-୨୦}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ସେପ୍ଟେମ୍ବର ମାସ ୨୩ ତାରଖର ୧୩ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରଖ ଲିଖିତ $\frac{୨୦୭}{୧୭-୨୧}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କ୍ୟୁଲର ।

ବଙ୍ଗଦେଶ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରଖ ଲିଖିତ $\frac{୨୦୮ \text{ EX}}{୧୭ \text{ EI}}$ ନମ୍ବର ପତ୍ର ପାଠ ହେଲା ।

## ନିର୍ଦ୍ଧାରଣ ।

୧୮୮୬ ସାଲରେ ରାଜକୀୟ ଆଜ୍ଞାପତ୍ରକ୍ରମେ ଲଣ୍ଡନରେ ଯେଉଁ ପ୍ରଦର୍ଶନୀ ହେବ ତହିଁରେ ସହଭାଗୀ ହେବା ନିମିତ୍ତ ମହାମାନ୍ୟ ପ୍ରିନ୍ସ ଅବ୍ ଓ୍ୱେଲ୍ସ ଯେଉଁ ଆମନ୍ତ୍ରଣ ପଠାଇଥିଲେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କ ଦ୍ୱାରା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରଅଛନ୍ତି । ବ୍ରିଟନୀୟ ଦ୍ୱୀପପୁଞ୍ଜର ଅଧିବାସିମାନଙ୍କ ଶ୍ରମଜାଧୀନରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଔପନିବେଶିକ ଓ ଭାରତରାଜ୍ୟର ସୀମା ମଧ୍ୟରେ ଯେଉଁ ଅସୀମ ପାରଶ୍ରମିକ ଉପକାରୀକାର ନିଦାନମାନ ଅଛି ସେମାନଙ୍କୁ ତାହା ପୂର୍ଣ୍ଣତମ ପରିମାଣରେ ଦେଖାଇବା ମହାମାନ୍ୟଙ୍କ କଥାନୁସାରେ ସେହି ପ୍ରଦର୍ଶନୀର ଉଦ୍ଦେଶ୍ୟ ।

୨ । ଏହି ବିଷୟରେ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ପ୍ରାର୍ଥନା କରା ଯାଇଅଛି ଏବଂ ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଏହି ଯେ ଭାରତବର୍ଷର ସର୍ବତ୍ରରେ ସର୍ବସାଧାରଣଙ୍କୁ ଏହି ବିଷୟ ଜଣାଇ ଦିଆଯିବ ଓ ସେହି ସମୟରେ ସମ୍ପୂର୍ଣ୍ଣ ଭାବରେ ସାମ୍ରାଜ୍ୟର ଉତ୍ପନ୍ନ, ଶିଳ୍ପ ଓ କାରିଗରୀ ଦେଖାଇବାକୁ ହେବ ।

୩ । ୧୮୮୬ ସାଲ ମେ ମାସ ଆରମ୍ଭରେ ସାଉଥ କେନସିଂଟନଠାରେ ପ୍ରଦର୍ଶନୀ ଫିଟିବ ଓ ସେହି ବର୍ଷ ଜାନୁଏରୀ ମାସ ପର୍ଯ୍ୟନ୍ତରେ ଭାରତବର୍ଷୀୟ ସମସ୍ତ ପ୍ରଦର୍ଶନୀୟ ଦ୍ରବ୍ୟ ଇଂଲଣ୍ଡରେ ପହୁଞ୍ଚିବା ଉଚିତ ।

୪ । ଯେଉଁ ୨ ଶର୍ତ୍ତରେ ସ୍ଥାନ ପ୍ରଦାନ ହୋଇ ପାରିବ ଓ ତାହା ଯେଉଁ ପରିମାଣରେ ମିଳିବ, ରାଜକୀୟ କମିଶନରମାନଙ୍କଠାରୁ ଅନ୍ୟ ଉପଦେଶ ମିଳିବା ପର୍ଯ୍ୟନ୍ତ ତାହା ଜଣାଇ ଦିଆ ଯାଇ ପାରିବ ନାହିଁ । କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଯାହାଙ୍କ ନିକଟକୁ ପଠାଇବାର ସ୍ଥିର କରବେ ତାହାଙ୍କ ନିକଟକୁ ପ୍ରଦର୍ଶକମାନେ ସାଧ୍ୟକ୍ରମେ ଶୀଘ୍ର କୌଣସି ତାରିଖରେ ସ୍ଥାନ ପ୍ରାପଣାର୍ଥ ଶର୍ତ୍ତଯୁକ୍ତ ପ୍ରାର୍ଥନାପତ୍ର ପଠାଇବା ବାଞ୍ଛନୀୟ । ମାତ୍ର ପ୍ରାର୍ଥିତପରିମାଣ ସ୍ଥାନ ପୂର୍ବରୂପେ ମିଳ ପାରିବ ନାହିଁ ବୋଲି ୧୮୮୫ ସାଲ ମାର୍ଚ୍ଚ ମାସ ୧ ତାରଖ ପୂର୍ବେ ଯେଉଁ ସବୁ ପ୍ରାର୍ଥନା ପତ୍ର ଗୃହୀତ ହୋଇଥିବ ତାହା ଅଗ୍ରଗଣ୍ୟ ହେବ ଏବଂ ସ୍ଥାନ ନିମିତ୍ତ ଯେଉଁ ଖର୍ଚ୍ଚ ଦେବାକୁ ପଡିବ ତାହା ଗ୍ରାହ୍ୟ ନ ହେଲେ ପଶ୍ଚାତ ପ୍ରାର୍ଥନାପତ୍ର ଉଠାଇ ନିଆଯିବ ।

୫ । ପ୍ରଦର୍ଶନୀ ସମ୍ବନ୍ଧୀୟ ଯେଉଁ ସବୁ ଚିଠା ପତ୍ର ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ଲେଖିବାକୁ ହେବ ତାହା ରାଜସ୍ୱ ଓ କୃଷିସଂକ୍ରାନ୍ତ ଅଫିସର ପ୍ରଦର୍ଶନୀଶାଖାର ଭାରପ୍ରାପ୍ତ କର୍ମଚାରୀଙ୍କ ଶିରୋନାମାରେ ପଠାଇବାକୁ ହେବ ।

ହୁକୁମ ।—ହୁକୁମ ହେଲା କି ହାସିଆ ଲିଖିତ

| | | |
|---|---|---|
| ମାନ୍ଦ୍ରାଜ । | ମଧ୍ୟପ୍ରଦେଶ । | ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓ କର୍ତ୍ତୃପକ୍ଷଙ୍କ ନିକଟକୁ ଏହି ନିର୍ଦ୍ଧାରଣ ନକଲ ଏହି |
| ବୋମ୍ବାଇ । | ବ୍ରିଟିସ ବ୍ରହ୍ମଦେଶ । | |
| ବଙ୍ଗଦେଶ । | କୂର୍ଗ । | |
| ଉତ୍ତର ପଶ୍ଚିମ ପ୍ରଦେଶ । | ଆସାମ । | |
| ଅଯୋଧ୍ୟା । | ହାଇଦରାବାଦସ୍ଥ ରେସିଡେଣ୍ଟଙ୍କ ଦେଶଭଳ | |
| ପଞ୍ଜାବ । | [illegible] । | |

ଅନୁରୋଧ ସହିତ ପଠାଯାଉ ଯେ ତାହା ସ୍ଥାନୀୟ ଗେଜେଟ ସମୂହରେ ମୁଦ୍ରିତ କରାଯିବ ଓ ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ରକୁ ସମ୍ବାଦ ଦେବେ ଓ ସ୍ଥାନ ପ୍ରାପଣାର୍ଥ ପ୍ରାର୍ଥନାପତ୍ର ଯାହାଙ୍କ ନିକଟକୁ ପଠାଇବାକୁ ହେବ ତାହା ଜଣାଇବେ ।

ପୁନଶ୍ଚ ହୁକୁମ ହେଲା କି ଇଣ୍ଡିଆ ଗେଜେଟର ପରିଶିଷ୍ଟରେ ଏହି ନିର୍ଦ୍ଧାରଣ ପ୍ରକାଶ କରା ଯାଉ ।

ଇ, ସି, ବକ୍ ।
ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରି ଓ ଅନେକ ଜାତି ଇମାରତ ସରଞ୍ଜାମ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିସାତ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେ-

Split by PDF Splitter
Digitized by srujanika@gmail.com

ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରବେ । ଏଛଡ଼ା ଆମ୍ଭେମାନେ ବଙ୍ଗୋର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି- ଅଛୁଁ । କେହି ଖରଦ କରିବାକୁ ଚାହିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବ ଆପଣା ମଜଲିସ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ରାତକୁ ଫି ବତି ଟ ୦/୨ ହିସାବ ଭଡ଼ା ଦେଲେ ପାଇ ପାରବେ । ମାତ୍ର ତାହାର ଷତ ଖର୍ଚ୍ଚ ଲାଗିବ ତାଙ୍କ ଉପରେ ଥିବ । ଷତି ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

କଲର ଖେଲଣା ବ ଠ- ହୁଁରେ ଗୀତ ଦେଲେ ଗାଏ ।
ଦସେଭିଞ୍ଚାତ
ବଙ୍ଗେଷୀନ୍ ତେଲ ଭବକା ରେଳ ଗାଡ଼ି ଓ ଜୋମ ସକୁଳ ।
ଭୁରଂ ଅର୍ଥାତ୍ ନକସା କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଓଠି- କାଗଜ ଓ ଲଫାପା ।
ବ୍ରୁସିଂ ଗ୍ଲାସ ।
ପିତଳ ଛତ୍ର ।
ଦସଗ ସାବୁନ ।
ତାକାଦି ସାବାନ ସହିତରେ ଲୁଗା ପରିଷ୍କାର ହୁଏ ।
ଅଟୋଭ ଖ୍ରେଜ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ ।
ଅଏଲ କ୍ଲଥ ।
ଓଆଷ୍ଟର ସୁତ୍ର ଛତା ।
କର୍ପୂର ଅର୍କ ।
ଗ୍ଲୋସେଭାଇନ ।
ଷୋରସ୍କୁନର କେଣ୍ଡଲ- ମେନ ଓ କଣ୍ଟଦ ସୋ- ଭଲେ ଏସେ

ବମେଲର କେଷ୍ଟେଣ୍ଡର ।
ଘୋଡ଼ା ଏଟିକ୍ସ ।
ଞ୍ଜୋହଲମ୍ ଚାବ ସାହ ତ କାଠକଲ ଓ ସେ- ଲଲେ ଚଅଗରେ ଜଳ ଉତ୍ପାତ ନ ହୁଏ କଦ ନ ପାରେ କାଠର ରଙ୍ଗ ଉତ୍ତମ ଦୃଶ୍ୟ ହୁଏ ।
କୋଲଭାଇ ସାହାବ ବତି ଓ ଲୁଚାକାମରେ ଲାଗେ ।
ପକେଟବୁକ ଇଂରଜୀ ପାଞ୍ଜି ସହିତ ଟ ୦/୮
ଚମଡ଼ା ଘୋଡ଼ା ଜିନ ଓ କେହାଦି
ମୋଜା ଓ ମୋଜାବନ୍ଦ
ଉତ୍ତମ ଓ ଚନକାଇଟ
ଚମଡ଼ା ସାହୁଚ କଲା
କଳି ଓ ପାଇକର ଚୌକା ପିଡ଼ା
ତାଉ ଜିଂଘସ ସାଜ ଓ ଚଢ଼ ଉଙ୍ଗଜ ଓ ସାଗା
ଚମଡ଼ା ବେହେଗ
ରକମ ବୁଟଫସ ବୁଟ
.. ଏକପଇ ବୁଟ
ଲେଲସନ୍ ଇସପୋର ନେ- ହେଇଜ ଅଏଲ

ଆର୍ତ୍ତବନ୍ଧୁର କର କମ୍ପାନୀ

ଚୌଧୁରୀ ବଜାରସ୍ଥ ଆମ୍ଭ ଦୋକାନ ନିକ- ଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳ- ଙ୍କାର ଓ ନାରଙ୍ଗି ଦର୍ଜନର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରନ୍ତିବ ସୁଲଭ ମୂଲ୍ୟରେ ନିଶ୍ଚିନ୍ତରେ ପାଇ ପାରବେ ।

ନାନା ଦେଶ ହେଲାକୁ ମେଡେଲ୍ଯାନ ଦେଇ ଆବକେ ଅଲଙ୍କାର ଦେଇ ପିନ୍ଧିବେ ! ଧାର ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦ୍ରା ଓ ସୁପାଯୋଗ୍ୟ ଛାପ ଖୋଦିତ ହେଉଅଛି ।

୧୧।୬।୮୫ } ଶ୍ରୀ ଆର୍ତ୍ତବନ୍ଧୁ କର
କଟକ }

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଆମ୍ଭ ଔଷ- ଧାଳୟରେ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ ତତ୍ତ୍ୱ କଲେ ପାଇ ପାରବେ । ବଦେଶୀୟ ଗ୍ରାହକମାନେ ଡାକମା- ସୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକ- ମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରା- ମୟ ଭଲ ହୁଅଇ । ମା ୭ ଡି ଟ ୧।୮ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ନାନା ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମ- ରୋଗ ଓ ପ୍ରଦର ଭଲ ହୁଅଇ । ମୂଲ୍ୟ ମା ୭ ଡାକୁ ଟ ୨୧ ଙ୍କା ।

ବୃହତ୍ ପୂର୍ଣ୍ଣଚନ୍ଦ୍ରୋଦୟ ।

ଭୋଗୀପ୍ରିୟ ରୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବୀର୍ଯ୍ୟ ବୃଦ୍ଧି ଓ ଶରୀର ଅପୂର୍ବ ସ୍ଫୂର୍ତ୍ତି ଯୁକ୍ତ ହୁଅଇ, ବଳକ୍ଷଣ ତଥା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ଷଇକ୍ଷୟ (କାସହାସ ରକ୍ତ- ପତନ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଇଷ୍ଟୁ- ଶୂଳ, ଧଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଅଇ । ମୂଲ୍ୟ ମା ୧୬ ଡି ଟ ୧୯ ଙ୍କା ।

ଉତ୍କଳଶ୍ରୀ ସ୍ୱୀକେଶ୍ୱରୀ } କବିରାଜ,
ଔଷଧାଳୟ ଦରଘା }
ବଜାର କଟକ } ଶ୍ରୀ ଫକୀରତ୍ରିପାଠୀ ।

ଏକଷିପ୍ରର ମଲମ ।

ଦେଶୀୟ ଚିକିତ୍ସକଗଣଦ୍ୱାରା ପ୍ରସ୍ତୁତ ମଲମଗାନ୍ଧ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ ୨୯ ପ୍ୟାକିଂ ଖର୍ଚ୍ଚା ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ଯାବତୀୟ ରକ୍ତଦୋଷ ସବୁ ଶୀଘ୍ର ନିର୍ଦ୍ଦେଶ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ଦେହ ଓ ନାକ ଭିତରର ଘା, ଶୋଷ ଘା, କାନ ଘା, କାଳର ଚକ୍ର, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ ଶିରବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କ୍ରିମି, ଧାତୁଦୌର୍ବଲ୍ୟ ଏବଂ ଛଟ୍‌ପଟ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଜାମ୍ବୁର ତୈଳ ।

ଡାକ୍ତରୀ ଉପାୟରେ ଜାମ୍ବୁରୁ ଯେ ତୈଳ । ଧବଳ ଓ କୁଷ୍ଠ ରୋଗର ଯେବେ କିଛି ଔଷଧ ଥାଏ ତେବେ ତାହା ଜାମ୍ବୁ । ଜାମ୍ବୁର ତୈଳ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରଅଛୁଁ । କାଛୁ, ଦାଦୁ, କୁଣ୍ଡିଆ, ଚୂନ, ପଦ୍ମଦାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟବହାର ଯେଉଁ ପ୍ରକାର ଘା ହେଉ, ଇହିଁକି ଏହା ସର୍ବସ୍ଥାନରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୯ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ- ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକଲ ଟ ୧୦ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲି- ଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା —

ପ୍ରଥମଥର ସକାଶେ

| | |
|---|---|
| ଆଡ଼ ଧାଡ଼ି | ଟ ୦/୪ |
| ଅଧ ସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୪ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଉ ତହିଁର ଦର ଟ ୦/୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ପ୍ରଥମ ଦରର ଅଧା ଓ ଚତୁର୍ଥ ଥରଠାରୁ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ... ପ୍ରିଣ୍ଟିଂ କମ୍ପାନୀଙ୍କ ପ୍ରେସରେ ... ଛପା ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୦ ଶ — ସ ୧୯ ଖ୍ୟା

ତା ୯ ଚନ୍ଦ୍ର ମାହେ ମଇ ସନ ୧୮୮୫ ମସିହା । ମୂ: ବୈଶାଖ ଶୁ ୨୯ ଶ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୩ ୯ | ଟ ୨୯ |
| ଡାକମାସୁଲ | ଟ ୦ ୯ | ଟ ୧୯ |


ବଙ୍ଗବାସିର ଦୈନିକପତ୍ର ବାହାରିବା ସଙ୍ଗେ କଲିକତାର ଷଣ୍ଡିଏ ପୁରୁଣା ଦୈନିକପତ୍ର 'ପ୍ରଭାତୀ' ବର୍ଦ୍ଧିତ କଲେବର ଏବଂ ସୁଲଭ ମୂଲ୍ୟରେ ବାହାରିବାର ଆରମ୍ଭ ହୋଇଅଛି ସୁତରାଂ ବଙ୍ଗଦେଶରେ ଦୁଇଖଣ୍ଡ ଭଲଥିବା ଦୈନିକପତ୍ର ବାହାରିବା ବଡ଼ ସୁଖର ବିଷୟ ଅଟଇ ।

———

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ କୌଣସି ସମ୍ବାଦପତ୍ରରେ ପାଠ କଲୁଁ ଯେ ଯୁଦ୍ଧ ଲାଗିବାର ଉପକ୍ରମ ଦେଖି ଭାରତୀୟ ଗବର୍ଣ୍ଣମେଣ୍ଟ ବ୍ୟୟ ସଙ୍କୋଚ କରିବାର ଆଦେଶ ପ୍ରଚାର କରିଅଛନ୍ତି ଏବଂ ଏଥିର ଗୋଟିଏ ପ୍ରଧାନ ଫଳ ସ୍ୱରୂପ ବଙ୍ଗଲା ନାଗପୁର ରେଲବାଟ ନିର୍ମାଣ କାର୍ଯ୍ୟ ସ୍ଥଗିତ ହୋଇଅଛି । ରେଲବାଟ ବିସ୍ତାର ପ୍ରତି ଗବର୍ଣ୍ଣମେଣ୍ଟଙ୍କର ସମଧିକ ଯତ୍ନ ଦେଖି ଅମ୍ଭେମାନେ ଅଚିରେ ଓଡ଼ିଶାରେ ରେଲବାଟ ଦେଖିବାର ଆଶା କରୁ ଥିଲୁଁ କିନ୍ତୁ ବର୍ତ୍ତମାନ ସେ ଆଶା ବିଫଳ ପ୍ରାୟ ଜଣା ଯାଉଅଛି ।

———

ଗତ ସପ୍ତାହରେ ସମ୍ବାଦ ଆସିଥିଲା ଯେ ରୁଷୀୟମାନେ ପଞ୍ଜଦେହ ଦକ୍ଷିଣକୁ ଅଗ୍ରସର ହୋଇ ମାରୁଚକ ନଗର ଅଧିକାର କରିଅଛନ୍ତି ଏବଂ ହିରାତ ପର୍ଯ୍ୟନ୍ତ ବାଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ଏ ସପ୍ତାହରେ ସମ୍ବାଦ ଆସିଅଛି ଯେ ସେ କଥା ସତ୍ୟ ନୁହଇ । ଅଫଗାନିମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ହଟାଇ ଦେବା ଉତ୍ତାରୁ ରୁଷୀୟମାନେ ଆଉ ଅଗ୍ରସର ହୋଇ ନାହାନ୍ତି ଏବଂ ଆପଣା ସୀମା ମଧ୍ୟରେ ରହିଅଛନ୍ତି । ସେମାନଙ୍କ ଅଗ୍ରସର ହେବାର ସମ୍ବାଦ କେବଳ ଶୀଘ୍ର ଯୁଦ୍ଧ ଲଗାଇ ଦେବା ଆଶାରେ କେହି ଲଗାଇ ଦେଇଥିଲା । ଦୁଇ ପ୍ରଧାନ ଦଳ ମଧ୍ୟରେ ଯୁଦ୍ଧ ହେବାର କଥା ଚାଲୁଥିବା ସମୟରେ ଏପରି ଜନରବ ଉଠାଇ ଦେବା ବଡ଼ ଅନ୍ୟାୟ ବ୍ୟାପାର ଅଟଇ କାରଣ ଏଥିରେ ଲୋକଙ୍କର ମନ ଚଞ୍ଚଳ ହୋଇଯାଏ ଏବଂ ରାଜମନ୍ତ୍ରିମାନେ ଧୀରଭାବରେ ଆପଣା କର୍ତ୍ତବ୍ୟତା ସ୍ଥିର କରିବାକୁ ସମର୍ଥ ହୁଅନ୍ତି ନାହିଁ ।

———

ରୁଷିୟାକୁ ଭାରତବର୍ଷରୁ ଅନ୍ତରରେ ରଖିବା କାରଣ ଇଂରାଜ ଗବର୍ଣ୍ଣମେଣ୍ଟ କାବୁଲର ଅମିରଙ୍କ ସଙ୍ଗେ ବନ୍ଧୁତା କରୁଅଛନ୍ତି କିନ୍ତୁ ଏହି ବନ୍ଧୁତା ରକ୍ଷା କରିବାରେ ଅମ୍ଭମାନଙ୍କର କେତେ ବ୍ୟୟ ହେଉଅଛି ତହିଁର ସୀମା ନାହି । ଅମିର ଦୋସ୍ତମହମ୍ମଦଙ୍କୁ ସନ ୧୮୫୭ ସାଲରେ ୫ଲକ୍ଷ ଟଙ୍କା ଏବଂ ସନ ୧୮୬୨ ସାଲରେ ୨୧ଲକ୍ଷ ଟଙ୍କା ଦିଆ ଯାଇଥିଲା । ସେରଅଲି ସନ ୧୮୬୮।୬୯ ସାଲରେ ୧୨ଲକ୍ଷ ଟଙ୍କା ସନ୧୮୭୦ସାଲରେ ୧୦ଲକ୍ଷ ଏବଂ ସନ୧୮୭୨ ସାଲରେ ୨ଲକ୍ଷ ଟଙ୍କା ପାଇଥିଲେ । ଯାକୁବ ଖାନ ସନ ୧୮୭୯ ସାଲରେ ପଚାଶହଜାର ଟଙ୍କା ପାଇଥିଲେ ଏଥି ଉତ୍ତାରୁ ଅବଦୁର୍ରହମାନ ଖାନ ଅମିର ହୋଇ ସନ ୧୮୮୧ ସାଲରେ ୪୦ଲକ୍ଷ ଟଙ୍କା ପାଇଲେ ଏବଂ ବାର୍ଷିକ ୧୨ଲକ୍ଷ ଟଙ୍କା ଲେଖାଏ ପାଉଅଛନ୍ତି । ସମ୍ପ୍ରତି ରାଓଲପିଣ୍ଡି ଦରବାରରେ ଏହାଙ୍କ ଉଦ୍ଦେଶରେ କେତେ ଟଙ୍କା ବ୍ୟୟ ହେଲା ତହିଁର ହିସାବ ଆଗରେ ପାଠକମାନଙ୍କୁ ଦେଇଅଛୁଁ ଏବଂ ତାହା ସାମାନ୍ୟ ନୁହଇ । ବାସ୍ତବରେ ଭାରତବର୍ଷ ଅମିରଙ୍କ ପକ୍ଷରେ କାମଧେନୁ ହୋଇଅଛି ଇଂରାଜମାନେ ଅବିଶ୍ରାନ୍ତଭାବରେ ତାହାଙ୍କର ପ୍ରୟୋଜନ ମତେ ଦୁଗ୍ଧ ଦୋହିଁ ଯୋଗାଉଅଛନ୍ତି ଓ ଅମ୍ଭମାନଙ୍କର ରକ୍ତ ଶୁଖି ଯାଉଅଛି । ଏତେ ଟଙ୍କା ଦେଇ ବନ୍ଧୁତା ରଖିବା କେମନ୍ତ ଚତୁର ଅମ୍ଭେମାନେ ବୁଝି ପାରୁ ନାହୁଁ ।

———

ଅବଶ୍ୟ ଯୁଦ୍ଧ ହୋଇ ନାହି କିନ୍ତୁ ଯୁଦ୍ଧର କଷ୍ଟ ଏଥିମଧ୍ୟରେ ଲୋକେ ଅନୁଭବ କରିବାର ଆରମ୍ଭ ହୋଇଅଛି । ବମ୍ବେଇ ଓ ଉତ୍ତରପଶ୍ଚିମର କେତେକ ସ୍ଥାନରୁ ସମ୍ବାଦ ଆସିଅଛି ଯେ ଯୁଦ୍ଧ ସ୍ଥଳକୁ ପଲଟନ ସଙ୍ଗେ ଯିବା ସକାଶେ ଗୋରୁ ସଂଗ୍ରହ କରିବାର ଆଦେଶ ହେବାରୁ ସ୍ଥାନୀୟ କର୍ମଚାରୀମାନେ ବଳାତ୍କାର ବେଠି ଧରା ଧରି ଲଗାଇ ଦେଇଅଛନ୍ତି ଏବଂ ଲୋକମାନେ ଏହି ଭୟରେ ଗ୍ରାମ ଛାଡ଼ି ପଳାଉଅଛନ୍ତି କମ୍ପା ବଳବେଲେ ଜଙ୍ଗଲ ଇତ୍ୟାଦିରେ ଲୁଚି ରହୁଅଛନ୍ତି । ଏପରି ପଲଟନର ରସଦ ସକାଶେ ଅପରିସୀମ ଖାଦ୍ୟଦ୍ରବ୍ୟ ସଂଗୃହୀତ ହୋ

Digitized by srujanika@gmail.com

Split by PDF Splitter



ଭାରତବର୍ଷର ସୀମା ପ୍ରଦେଶକୁ ପ୍ରେରିତ ହେଉଅଛି । ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ପ୍ରତିଦିନ ଦଶହଜାର ମହଣ ଲେଖାଏଁ ଶସ୍ୟ ପ୍ରେରିତ ହେଉଅଛି । ଏହି ଶସ୍ୟ ଭାରତବର୍ଷର ନାନା ସ୍ଥାନରୁ ଖରିଦ ହେଉ ଥିବାରୁ ଖାଦ୍ୟଦ୍ରବ୍ୟର ମୂଲ୍ୟ ସର୍ବତ୍ରରେ ବୃଦ୍ଧି ହେଉଅଛି ଏବଂ ତଦ୍ଦ୍ୱାରା ଗରିବ ଲୋକଙ୍କର କଷ୍ଟ ବଢ଼ୁଅଛି । ଅଗନ୍ତୁ ଏବର୍ଷର ଛନଶ୍ରେଷ୍ଠ ଫସଲ ହେଉ ଏବେବେଳେ ବୃଷଆଡ଼େ ଖାଦ୍ୟଦ୍ରବ୍ୟର ଭାଉ ତେଜ ଅଛି ଏବଂ ସ୍ଥାନବିଶେଷରେ ଦୁର୍ଭିକ୍ଷର ଭାବ ପଡ଼ୁଅଛି ଏଥି ଉପରେ କଣ୍ଟକାଳ ଉପର ଲକ୍ଷିତ ପରିମାଣରେ ପଲଟନ ସକାଶେ ଶସ୍ୟ ଖରିଦ ହୋଇ ବାହାର ଗଲେ ଦୁର୍ଭିକ୍ଷର ଆପ୍ତିନ ଅତ୍ୟନ୍ତ ବୃଦ୍ଧି ହେବ ସନ୍ଦେହ ନାହିଁ । ସୁତରାଂ ଯୁଦ୍ଧ ନ ହେଉଣୁ ଏ କଷ୍ଟ ଆଉ ଯୁଦ୍ଧ ହେଲେ ଗବର୍ଣ୍ଣମେଣ୍ଟଙ୍କର ଯେତେ ଟଙ୍କା ବ୍ୟୟ ହେବ ସମସ୍ତ ଭାରତବର୍ଷକୁ ଦେଣ ପଡ଼ିବ । ଏଥିରୁ ଯୁଦ୍ଧର ଖର୍ଚ୍ଚ ୫୦।୬୦ କୋଟି ଟଙ୍କାରୁ ଊଣା ହେବ ନାହିଁ ଏବଂ ତାହା ଦେବାକୁ ଭାରତବାସିଙ୍କର ସମସ୍ତ ରକ୍ତ ଶୁଷିଯିବ ଏଥିରେ ସନ୍ଦେହ ନାହିଁ । ବାସ୍ତବରେ ରଜା ରଜାଙ୍କର ଯୁଦ୍ଧରେ କେବଳ ପ୍ରଜାଙ୍କର ସର୍ବନାଶ ।

---

ବିଖ୍ୟାତ ଡାକ୍ତର ହଣ୍ଟର ସାହେବ ଯେ ବର୍ତ୍ତମାନ ଭାରତବର୍ଷୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ଅଟନ୍ତି ଏବଂ ଭାରତବର୍ଷର ଜଣେ ବନ୍ଧୁ ଓ ହିତୈଷୀ ବୋଲି ସାଧାରଣରେ ପରିଚିତ ଇଂରାଜୀରେ ଖଣ୍ଡିଏ ସଂକ୍ଷିପ୍ତ ଭାରତବର୍ଷର ଇତିହାସ ରଚନା କରିଅଛନ୍ତି ଏବଂ ତହିଁର ଭୂମିକାରେ ଲେଖିଅଛନ୍ତି କି ‘ଇଂରାଜ ଲେଖକମାନେ ଭାରତବର୍ଷର ଇତିହାସ ଲେଖିବାକୁ ବସି ପ୍ରଥମ ଦୁଇ ସହସ୍ର ବର୍ଷର ଇତିହାସକୁ ଦୁଇ ଚାରି ପତ୍ରରେ ଶେଷ କରନ୍ତି ଏବଂ ଉକ୍ତ ଭାରତବର୍ଷର କଥା ଯେପରି ତାହାଙ୍କର ଇତିହାସ ଆରମ୍ଭ ହୁଅଇ । ଏ ପ୍ରଣାଳୀ ଭାରତବର୍ଷପ୍ରବାସୀ ୟୁରୋପୀୟ ଅଥବା ଭାରତବର୍ଷୀୟ ବାଳକମାନଙ୍କ ପକ୍ଷରେ ଭଲ ନୁହଇ । ଏଥିରେ ସମସ୍ତ ପାଠଶାଳାର ସବିଶେଷ ଉଦ୍ଦେଶ୍ୟ ହୁଅଇ ନାହିଁ ଯେ ପର୍ଯ୍ୟନ୍ତ ଭାରତର ପିଲାମାନେ ଭାରତୀୟ ବିଦ୍ୟାଳୟସମୂହରେ ସ୍ୱଦେଶର କେବଳ ବିଜେତା ଓ ଜୟଗର କଥା ପଢ଼ିବେ ସେ ପର୍ଯ୍ୟନ୍ତ ଭାରତୀୟ ବିଦ୍ୟାଳୟ ସମସ୍ତ ଅସମ୍ପୂର୍ଣ୍ଣ ରହିବେ ଜାତିର ଗୌରବ ହେବ ନାହିଁ ।’ ଏହି ସମସ୍ତ ଉକ୍ତିର ସମ୍ପୂର୍ଣ୍ଣ ଏବଂ ସାର କଥାଗୁଡ଼ିକ ଅବଲମ୍ବନ କରି ଗତ ବଙ୍ଗବାସୀରେ ‘ସ୍ୱଦେଶର ଇତିହାସ ଶିକ୍ଷା’ ବିଷୟରେ ଗୋଟିଏ ସୁନ୍ଦର ପ୍ରବନ୍ଧ ବାହାରିଅଛି ଏବଂ ଆମ୍ଭେମାନେ ତାହା ପାଠ କରି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ବାସ୍ତବରେ ସ୍କୁଲର ପିଲାମାନଙ୍କୁ ଭାରତବର୍ଷରେ ମୁସଲମାନ ଏବଂ ଇଂରାଜଙ୍କର ଶାସନ ସମୟର କୌଣସି କଥା ପଢ଼ାଇବାର ଚେଷ୍ଟା କରି ବୁଝାଇ କହିବେ କିନ୍ତୁ ଆମ୍ଭେମାନେ କେଉଁଠାରୁ ଆସିଲୁଁ ଆମ୍ଭମାନଙ୍କର ଜାତୀୟ ଗୌରବ କ ଏବଂ କେବେ ଆମ୍ଭେମାନେ ଅପ୍ରାଧାନ୍ୟ ଅବସ୍ଥାରେ ସ୍ଥାପନ କରିବାକୁ ସମର୍ଥ ହେବୁ ତାହା ଆମ୍ଭେମାନେ ନା ନିଜେ ଜାଣିବାକୁ ନା ଆମ୍ଭମାନଙ୍କର ଭବିଷ୍ୟତ ବଂଶୀୟମାନଙ୍କୁ ଜଣାଇବାକୁ ଇଚ୍ଛା କରୁଅଛୁଁ । ଫଳତଃ ଆମ୍ଭେମାନେ କ୍ରମାଗତ ପରାଧୀନତାର କଥା ପଢ଼ି ଅଧିକତର ପରାଧୀନ ହେବାର ଯୋଗ୍ୟ ହେଉଅଛୁଁ ଏ ଅବସ୍ଥାରେ ଆମ୍ଭମାନଙ୍କର ଉନ୍ନତିର ଆଶା କାହିଁ ?

---

ଯୁଦ୍ଧ ନା ସନ୍ଧି ।

ଯୁଦ୍ଧ ହେବ କି ନାହିଁ ଏ ପ୍ରଶ୍ନ ଆମ୍ଭମାନଙ୍କୁ ଛାଡ଼ି ନାହିଁ ଯେମନ୍ତ ଗତ ସପ୍ତାହରେ ସେମନ୍ତ ଏ ସପ୍ତାହରେ କେବେବେଳେ ଯୁଦ୍ଧ ଓ କେବେବେଳେ ସନ୍ଧି ହେବାର ସମ୍ଭବ ହୋଇ ସମାଚାର ଆସି ଅଛି ନିଶ୍ଚୟ କିଛି ଜଣା ଯାଇ ପାରୁ ନାହିଁ । ବିଲାତରୁ ଆସିଥିବା ଏହିପରି ଶେଷ ତାରସମ୍ବାଦର ମର୍ମ ଏହି କି ଇଂଲଣ୍ଡ ରୁଷିୟାକୁ ଯେଉଁ ଶେଷ ପତ୍ର ଲେଖିଥିଲେ ତହିଁର ଉତ୍ତର ରୁଷିୟାଧିପ ଜାର ଲେଖି ଅଛନ୍ତି କି ସେ ସନ୍ଧିର ଏକାନ୍ତ କାମନା କରନ୍ତି ଏବଂ ପଞ୍ଜଦେହ ବ୍ୟାପାରରେ ଯେଉଁ ମତାନ୍ତର ଘଟି ଅଛି ତହିଁରେ ତାହାର ଦୋଷ ସାଲିସ ଦ୍ୱାରା ତହିଁର ବିଚାର କରାଇବାକୁ ସମ୍ମତ ଅଛନ୍ତି ଇଂଲଣ୍ଡ ମଧ୍ୟ ସାଲିସି ମୀମାଂସା ନେଉ ଅଛନ୍ତି । ଯେବେ ସାଲିସିରେ କଥା ଗୁଞ୍ଜଗଲା ତେବେ ଆଉ ଯୁଦ୍ଧର ପ୍ରୟୋଜନ ନାହିଁ ଜଣାଉ ହୁଅଇ ଯେ ଡେନ୍‌ମାର୍କର ରଜା ସାଲିସିପଦରେ ବରଣ ହେବେ । ଏ ରଜା ଉଭୟ ପକ୍ଷର ପ୍ରଧାନ ବାନ୍ଧବ ଅଟନ୍ତି ଅର୍ଥାତ୍ ଶ୍ରୀମତୀ ମହାରାଣୀଙ୍କ ସମ୍ପର୍କ ଯେହେତୁ ଇଂଲଣ୍ଡର ଜ୍ୟେଷ୍ଠ ରାଜକୁମାର ପ୍ରିନ୍ସ ଅଵ୍ ୱେଲସ୍ ଏହାଙ୍କର ଏକ କନ୍ୟାକୁ ବିବାହ କରି ଅଛନ୍ତି ଏବଂ ଅନ୍ୟ ଏକ କନ୍ୟାକୁ ବର୍ତ୍ତମାନ ଜାର୍ ବିବାହ କରିଥିବାରୁ ତାହାଙ୍କର ଶ୍ୱଶୁର ଅଟନ୍ତି । ଏପ୍ରକାରେ ସେ ଉଭୟକୁଳର ମୁରବି ଅଟନ୍ତି ସେ ବିବାଦ ଭଙ୍ଗିବେ ଏ ତାହାର ଅମତ ହେବାର କଥା ନାହିଁ । ବର୍ତ୍ତମାନ ଏସମ୍ବାଦକୁ ବିଶ୍ୱାସ କରିବା ମଧ୍ୟ ... ଥିବାରୁ ହେତ । ... ବାର୍ତ୍ତା ଦୁଇ ଏକ ... ପ୍ରକାଶ ହୋଇ ପାରେ । ସମ୍ପ୍ରତି ଯୁଦ୍ଧର ଅନ୍ୟାନ୍ୟ ସର୍ବାଙ୍ଗୀଣ ପ୍ରଖରରୂପେ ଚାଲୁଅଛି ଏବଂ ତାହା ଦେଖି ... ବୋଲିବ ଯେ ଯୁଦ୍ଧ ହେବ ନାହିଁ । ବମ୍ବଇରେ ଏଗାରଖଣ୍ଡ ଜାହାଜ ଭଡ଼ା ହୋଇ ଅଛି ଏବଂ ତହିଁରେ ଦୁଇହଜାର ଗୋରା ସିପାହି ଭାରତବର୍ଷକୁ ଆସୁ ଅଛନ୍ତି ଆଉ ଜାହାଜ ଯେତେ ଯେଉଁ ଆଡ଼େ ମିଳୁଅଛି ଇଂଲଣ୍ଡ ସମସ୍ତ ଭଡ଼ା କରି ନେଉ ଅଛନ୍ତି । ପାରସ୍ୟର ସାହାଙ୍କ ନିକଟକୁ ଏକ ସୈନିକ ଦୂତ ପଠାଇବାର ସ୍ଥିର ହୋଇ ଅଛି । ଦୂତ ପ୍ରେରଣର ଉଦ୍ଦେଶ୍ୟ ଏହି କି ରୁଷିୟା ସଙ୍ଗେ ଯୁଦ୍ଧ ହେଲେ ସାହା ଯେମନ୍ତ ଇଂରାଜଙ୍କ ସହାୟ ହେବେ ତୁରସ୍କର ସାହାଯ୍ୟଲାଭ ନିମିତ୍ତ ଇଂଲଣ୍ଡ ପୂର୍ବରୁ ଯତ୍ନ କରୁଅଛନ୍ତି ମାତ୍ର ସୁଲତାନ ନିରପେକ୍ଷ ରହିବାକୁ ମନସ୍ଥ କରି ଅଛନ୍ତି ଏବଂ ଇଉରୋପର ଅନ୍ୟାନ୍ୟ ରାଜାମାନେ ମଧ୍ୟ ତାହାଙ୍କ ସେହିପରି ପରାମର୍ଶ ଦେଇ ଅଛନ୍ତି । କିନ୍ତୁ ଯେତେବେଳେ ସେ କୃଷ୍ଣସାଗର ଉପକୂଳସ୍ଥ ବନ୍ଦରମାନଙ୍କୁ ବନ୍ଧୁ କରିବା କାର୍ଯ୍ୟରେ ମାତ୍ର ଅଛନ୍ତି ଏବଂ ଅନ୍ୟାନ୍ୟ ସ୍ଥାନରୁ ଗଡ଼ କାଢ଼ିବ ପ୍ରଭୃତି ସଂଗ୍ରହ କରୁ ଅଛନ୍ତି ସେଥିରେ ସେ ଯେ ନିରପେକ୍ଷ ରହିବେ ଏମନ୍ତ ଅନୁମାନ ହେଉ ନାହିଁ ।

---

ମୟୂରଭଞ୍ଜର ନାବାଳକ ରଜା ।

ଢେଙ୍କାନାଳ ଓ ମୟୂରଭଞ୍ଜର ସାହେବ ସିନ୍ନକଙ୍କ ସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ସ୍ଥାନାନ୍ତରରେ ପ୍ରକାଶିତ ହେଲା । ସାହେବ ସିନକ ଉଭୟ କଷ୍ଟର ନାବାଳକ ରଜାମାନଙ୍କୁ ପଢ଼ାଇବା ହାରଣ ଅସିଥିବାରୁ ଉଭୟ କଷ୍ଟରୁ ବେତନ ପାଉଥିଲେ କିନ୍ତୁ ବର୍ତ୍ତମାନକୁ ସେ କଥା ଅନ୍ତର ହେଲା ପ୍ରାୟ ଜଣା ଯାଉଅଛି । ଢେଙ୍କାନାଳର ରଜା ଦୀର୍ଘକାଳ କଟକରେ ରହି ନ ପାରନ୍ତି ଏବଂ ତାହାଙ୍କର ଯେପରି ବୟସ ହୋଇଅଛି ତହିଁରେ ଲେଖା ପଢ଼ା କରିବା ଅପେକ୍ଷା ସ୍ୱରାଜ୍ୟ ଭୂମି ବୁଝା କାର୍ଯ୍ୟରେ ଅଭ୍ୟସ୍ତ ହେବା ଆବଶ୍ୟକ । ମାଜିଷ୍ଟର ବାବୁ ବନମାଳୀ ସିଂହଙ୍କ ସାହାଯ୍ୟରେ ଦସ ଗଡ଼ରେ

Digitized by srujanika@gmail.com

Split by PDF Splitter



କରି ସମସ୍ତ କାର୍ଯ୍ୟ କରିପାରନ୍ତି ତାହାଙ୍କ ଉପରେ ଜଣେ ସାହେବ ଶିକ୍ଷକ ନହେବାର କୌଣସି ଆବଶ୍ୟକତା ଦେଖା ଯାଉ ନାହିଁ ଓ ସାହେବଙ୍କଠାରୁ ଅଧିକ କି ଶିଖିବେ ତାହା ମଧ୍ୟ ଜଣା ଯାଉ ନାହିଁ । କାର୍ଯ୍ୟତଃ ସାହେବ ଏତେବେଳେ ଏକା ମୟୂରଭଞ୍ଜର ଶିକ୍ଷକ ହୋଇଅଛନ୍ତି ଏବଂ ମୟୂରଭଞ୍ଜର ଯେ ଏଥିରେ କି ଉପକାର ହେବ ଆମ୍ଭେମାନେ କହି ନ ପାରୁଁ ବରଂ ଅପକାର ହେବାର ଲକ୍ଷଣ ଅନେକ ଦେଖା ଗଲାଣି । ସାହେବ ଶିକ୍ଷକ ଏକେ ବିଧର୍ମୀ ଏବଂ ଭିନ୍ନ ସ୍ଥାନବାସୀ ହିନ୍ଦୁଧର୍ମ ଓ ବିଶେଷରେ ଓଡ଼ିଶା ପ୍ରଜାଙ୍କର ନୀତି ଗତି କିଛି ଜାଣନ୍ତି ନାହିଁ । ତାହାଙ୍କୁ ରାଜାଙ୍କ ସହିତ ଏକ କୋଠିରେ ରଖାଇ ଦିଆ ଯାଇଅଛି ଓ ରାଜାଙ୍କର ଖାଇବା ପିଇବା ଗାଧୋଇବା ଶୋଇବା ଇତ୍ୟାଦି ସମସ୍ତ କାର୍ଯ୍ୟ ତାହାଙ୍କ ତତ୍ତ୍ୱାବଧାନରେ ରହିଅଛି । ଏଥିରେ ହିନ୍ଦୁ ଧର୍ମର କି ପରିମାଣ ହାନି ହେଉ ଅଛି ତାହା ବୋଲିବାର ଆବଶ୍ୟକ ନାହିଁ ନିକଟରେ ରାଜା ଯେତେବେଳେ କଲିକତା ଓ ଦାର୍ଜିଲିଙ୍ଗକୁ ଗଲେ ଇଂରାଜୀ ହୋଟେଲରେ ତାହାଙ୍କର ବସା କରି ରହିବାର ପ୍ରସ୍ତାବ ହୋଇଥିଲା । ସେ ପ୍ରସ୍ତାବ ନିତାନ୍ତ ଅନ୍ୟାୟ ଥିବାର କମିଶ୍ନର ସାହେବ ଜାଣିପାରି ପୃଥକ୍ ବସାର ବନ୍ଦୋବସ୍ତ କରି ଦେଲେ । ମାତ୍ର ଅନୁକ୍ଷଣେ ସାହେବ ସଙ୍ଗରେ ରହିଲେ ହିନ୍ଦୁର ଆଚାର ବ୍ୟବହାର ରକ୍ଷା ହୋଇ ପାରେ କି ? ରାଜା ସାବାଳଗ ହୋଇ ଯେପରି ବ୍ୟବହାର କରିବେ ତହିଁରେ କାହାରି ଆପତ୍ତି ନାହିଁ କିନ୍ତୁ ନାବାଳଗ ଅବସ୍ଥାରେ ଗବର୍ଣ୍ଣମେଣ୍ଟଙ୍କର ତାହାଙ୍କୁ ଶିକ୍ଷା ଦେବା ଯେମନ୍ତ କର୍ତ୍ତବ୍ୟ ତାହାଙ୍କ ଧର୍ମରକ୍ଷା ଓ ସ୍ୱଧର୍ମରେ ଶିକ୍ଷା ଦେବାର ବନ୍ଦୋବସ୍ତ କରି ଦେବା ସେମନ୍ତ କର୍ତ୍ତବ୍ୟ ଅଟଇ । ଏଥିର କୌଣସି ବ୍ୟବସ୍ଥା ହେବାର ତେଣିକି ଥାଉ ବରଂ କାର୍ଯ୍ୟଦ୍ୱାରା ପ୍ରକାଶ ପାଉଅଛି ଯେମନ୍ତ ଗବର୍ଣ୍ଣମେଣ୍ଟ ସାହେବୀଗୁଣ ଶିଖାଇବାର ବନ୍ଦୋବସ୍ତ କରି ଦେଇଅଛନ୍ତି । ବାସ୍ତବରେ ଏ ବନ୍ଦୋବସ୍ତ ନିତାନ୍ତ ଅସନ୍ତୋଷକର ଅଟଇ ଏବଂ ଏଥିରେ ସ୍ଥାନୀୟ ହାକିମଙ୍କର ବିବେଚନାର ତ୍ରୁଟି ପ୍ରକାଶ ପାଉଅଛି । ପରନ୍ତୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ମୟୂରଭଞ୍ଜ ରାଜପରିବାରସ୍ଥ କୌଣସି ଲୋକ ଅଦ୍ୟାବଧି ଏଥିର ପ୍ରତିବାଦ କରି ନାହାନ୍ତି । ଓଡ଼ିଶାର ସର୍ବଶ୍ରେଷ୍ଠ ଗଡ଼ଜାତ ରାଜାଙ୍କୁ ଏପରି ଅସହାୟ ଓ ବନ୍ଧୁ ବାନ୍ଧବ ରହିତ ଦେଖିବା ଅତି ଶୋଚନୀୟ ବ୍ୟାପାର ଅଟଇ ।

---

### ଓଡ଼ିଶା ରୋଡ଼ସେସ ହିସାବ ।

ଗତ ସେପ୍ଟେମ୍ବର ମାସରେ ଶେଷ ହୋଇଥିବା ବର୍ଷ ଅର୍ଥାତ୍ ସନ ୧୮୮୩।୮୪ ସାଲ ବାବତ ଓଡ଼ିଶା ବିଭାଗର ତିନି ଜିଲ୍ଲାର ହିସାବମାନ କଲିକତା ଗଜେଟରେ ପ୍ରକାଶିତ ହୋଇଅଛି । ତିନିଜିଲ୍ଲାର ମୋଟ ଆୟ ଏକ ଲକ୍ଷ ସତଷଠି ହଜାର ଟଙ୍କା ଏବଂ ବ୍ୟୟ ଏକ ଲକ୍ଷ ପଞ୍ଚାଶୀ ହଜାର ଟଙ୍କା ହୋଇଥିଲା ସୁତରାଂ ଖର୍ଚ୍ଚର ସୀମା ନାହିଁ ଏବଂ ବାକି ରହିବାକୁ ସୁବିଧା ନାହିଁ ଏଥିରେ ଫଳ କି ହୋଇଅଛି ତାହା ଦେଖିଲେ କେତେ ଉପକାର ହୋଇଅଛି ଜଣା ପଡ଼ିବ । ପଥକରର ପ୍ରଧାନ ଉଦ୍ଦେଶ୍ୟ ଗ୍ରାମ୍ୟ ଏବଂ ସଦର ସଡ଼କମାନ ଯୋଗାଇବା । ଏଥିକୁ ଗ୍ରାମ୍ୟ ରାସ୍ତା ସମ୍ପର୍କରେ ଅମ୍ଭମାନଙ୍କ କମିଶନର ସାହେବ ଲେଖିଅଛନ୍ତି କି କଟକ ଜିଲ୍ଲାରେ ଏ ବର୍ଷ ମୋଟ ୧୨ ଟା ନୂତନ ରାସ୍ତା ଟ ୮୮୪୬୧ ଖର୍ଚ୍ଚ ହୋଇଅଛି ତହିଁ ପୂର୍ବବର୍ଷ ଏହି କାର୍ଯ୍ୟରେ ଟ ୭୩୨୬୧ ଖର୍ଚ୍ଚ ହୋଇଥିଲା । ବାଲେଶ୍ୱରରେ ଏ ବର୍ଷ ଟ ୩୯୮୭୧ ଏବଂ ଏଥି ପୂର୍ବବର୍ଷ ଟ ୪୦୧୦୧ ବ୍ୟୟ ହୋଇଥିଲା ଏବଂ ଯେସ୍ଥଳେ ସେଠା ଚେୟାରମାନ ଲେଖିଅଛନ୍ତି କି ଗ୍ରାମ୍ୟ ସଡ଼କ ସକାଶେ ଯେତେଠାରୁ ପ୍ରାର୍ଥନା ଆସିଥିଲା ସେ ସମସ୍ତ ମଞ୍ଜୁର ହୋଇଥିଲା ତେବେ ସ୍ଥଳେ ପୂର୍ବବର୍ଷଠାରୁ କିଛି ଊଣା ଖର୍ଚ୍ଚ ପଡ଼ିଥିଲେହେଁ ତାହା ଧର୍ତ୍ତବ୍ୟ ନୁହଇ । ପୁରୀରେ ପୂର୍ବବର୍ଷ ଟ ୭୨୧୬୯ ବ୍ୟୟ ହୋଇଥିଲା ଏବଂ ଏବର୍ଷ ଟ ୩୮୦୦୧ ମଞ୍ଜୁର ହୋଇଥିବା ପ୍ରତ୍ୟକ୍ଷେ କେବଳ ଟ ୧୨୨୩୧ ବ୍ୟୟ ହେଲା ଏତାଦୃଶ ଊଣା ବ୍ୟୟର କାରଣ ଜଣାଇବା ନିମିତ୍ତ ଶ୍ରୀଯୁକ୍ତ କମିଶନର ସାହେବ ସେଠା ଚେୟାରମାନଙ୍କୁ ଲେଖିଅଛନ୍ତି ।

ସଦର ସଡ଼କ ସମ୍ପର୍କରେ ଶ୍ରୀଯୁକ୍ତ କମିଶନର ସାହେବ ଲେଖିଅଛନ୍ତି କଟକ ଜିଲ୍ଲାରେ କୌଣସି ନୂତନ ସଡ଼କ ଏବର୍ଷ ନିର୍ମାଣ ହୋଇ ନାହିଁ ମାତ୍ର ପୁରୁଣା ସଡ଼କମାନ ଉତ୍ତମରୂପେ ମରାମତ ହୋଇଅଛି । ବାରଇମାସ୍ତଭଦ୍ରାସ୍ଥ ଗୋଟିଏ ବନ୍ଧ କଟାଯାଇ ଥିବାରୁ ସେବାଟେ ପାଣି ପଶି ଗୁନ୍ଦବାନ୍ ସଡ଼କରେ ଏକ ବଡ଼ ଘାଇ କରି ଦେଇଅଛି ଏବଂ କଲେକ୍ଟର ସାହେବ କହୁଅଛନ୍ତି କି ସରକାରୀ ବ୍ୟୟରେ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଏହି ସଡ଼କ ପକ୍କା ନ ହେଲେ ଏହାକୁ ଉତ୍ତମ ଅବସ୍ଥାରେ ରଖିବାର ଭରସା ନାହିଁ । ଏଥିକୁ କମିଶନର ସାହେବଙ୍କର ମତ ଏହି କି ପୂର୍ବରୁ ପ୍ରତିବର୍ଷ ଏହି ସଡ଼କରୁ କିଛି ପକ୍କା କରିବାର ଚେଷ୍ଟା ହୋଇଥିଲେ ଆଜସୁଦ୍ଧା ଅନେକ ଉନ୍ନତି ହୋଇଥାନ୍ତା । ମାଟି କର୍ମରେ ବର୍ଷକୁବର୍ଷ ଅକାରଣ ବହୁତ ଟଙ୍କା ବ୍ୟୟ ହେଉଅଛି । ପୂର୍ବ କମିଶନର ଶ୍ରୀଯୁକ୍ତ ରାମ୍ସିଂ ସାହେବ ମଧ୍ୟ ଏ ବିଷୟରେ ମନୋଯୋଗୀ ହେବା କାରଣ କଟକ କମିଟୀକି ଲେଖିଥିଲେ । ପୁରୀରେ ବଳଙ୍ଗା ଓ ବାଣପୁର ସଡ଼କ ପକ୍କା ହୋଇଥିବାର କଥିତ ହୁଅଇ ମାତ୍ର କମିଶନର ସାହେବ ସ୍ୱୟଂ ସେ ବାଟରେ ବଗିରେ ବୁଲି ଦେଖିଅଛନ୍ତି ଯେ ଏ କାର୍ଯ୍ୟ ନିତାନ୍ତ ମନ୍ଦ ହୋଇଅଛି ଓ ଅନେକ ପରିମାଣରେ ଦୋହରା କରିବାକୁ ହେବ । ପିପିଲିଠାରୁ ଖୋରଧାକୁ ଯାଇଥିବା ସଡ଼କ ମଧ୍ୟ ପକ୍କା ହୋଇଅଛି । ବାଲେଶ୍ୱର ଜିଲ୍ଲାର ସଡ଼କମାନ ଶ୍ରୀଯୁକ୍ତ କମିଶନର ସାହେବଙ୍କ ବିବେଚନାରେ ଆଦୌ ସନ୍ତୋଷ ଜନକ ନୁହଇ । ସଡ଼କମାନ ନିତାନ୍ତ ଅସାବଧାନତା ପୂର୍ବକ ପ୍ରସ୍ତୁତ ହୋଇଥିବାର ଜଣାଯାଏ । ଯଦ୍ୟପି କି ଜିଲ୍ଲାର ପ୍ରଧାନ ସଡ଼କ ପ୍ରଦେଶୀୟ ଟଙ୍କାଦ୍ୱାରା ମରାମତି ହେଉ ଥିବାରୁ ପଥକର ଟଙ୍କାଦ୍ୱାରା ମୋଫସଲ ବାଟ ସବୁ ଭଲ ଅବସ୍ଥାରେ ରହିବାର ସୁବିଧା ଅଛି ମାତ୍ର ମରାମତି ଅଭାବରେ ସେ ସମସ୍ତର ଅତ୍ୟନ୍ତ ଦୈନଦଶା ଘଟିଅଛି । ଏ ଜିଲ୍ଲାର ପଥକର ପାଣ୍ଠି ଅଧିକ ନୁହଇ ସତ୍ୟ କିନ୍ତୁ ମାଟିକାମ ଓ ପୁଲବନ୍ଧ କାମ ଭଲରୂପେ ମରାମତ ନ ହେବା କଥା ଟଙ୍କା ଅପେକ୍ଷା ତଦାରଖ ସଙ୍ଗେ ଅଧିକ ସମ୍ପର୍କ ରଖଇ । ସାହେବ ପ୍ରଶଂସିତ ନିଜେ ଭ୍ରମଣ କରି ବାଲେଶ୍ୱର ସଡ଼କ ସମସ୍ତର ଏପରି ଶୋଚନୀୟ ଅବସ୍ଥା ଦେଖି ସେଠା କମିଟୀକି ତାକିଦ ଚିଠି ଲେଖିଅଛନ୍ତି । ସାହେବ ପ୍ରଶଂସିତ ଉଦ୍ରଖଠାରୁ ଗୁନ୍ଦବାନ୍ ପର୍ଯ୍ୟନ୍ତ ଶୀଘ୍ର ଗୋଟିଏ ସଡ଼କ ନିର୍ମାଣ କରିବାର ଆବଶ୍ୟକତା ଦର୍ଶାଇ ସ୍ଥଳରେ କହିଅଛନ୍ତି କି ଏହିପରି ଅନେକ ପ୍ରଧାନ ସଡ଼କ ନିର୍ମାଣ କରିବାକୁ ବାକି ରହିଅଛି ଏବଂ କର୍ତ୍ତାମାନ ଯେପରି ଭାବରେ ଅଳ୍ପ ଟଙ୍କା ସାମାନ୍ୟ କାର୍ଯ୍ୟରେ ଖର୍ଚ୍ଚ ଦେଉଅଛନ୍ତି ତହିଁରେ କେବଳ ଟଙ୍କା ନଷ୍ଟ ହେଉଅଛି ପ୍ରକୃତ ଉନ୍ନତି କିଛି ହେଉ ନାହିଁ ।

Digitized by srujanika@gmail.com

ଶ୍ରୀଯୁକ୍ତ ନୂତନ କମିଶ୍ନର ମେଟକାଫ ସାହେବଙ୍କର ଉପରଲିଖିତ ମନ୍ତବ୍ୟ ପାଠକରି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ସେ ଏ ପ୍ରଦେଶରୁ ଆସିଲାଦିନୁ ଅଧିକାଂଶ କାଳ ମୋଫସଲରେ ଭ୍ରମଣପୂର୍ବକ ଯାହା ସ୍ୱୟଂ ଦେଖିଅଛନ୍ତି ତହିଁ ଉପରେ ଆପଣା ମନ୍ତବ୍ୟ ଗଠିଥିବାରୁ ତାହା ଅଧିକ ମୂଲ୍ୟବାନ୍ ହୋଇଅଛି ଏବଂ ତହିଁରୁ ପ୍ରକାଶ ପାଉଅଛି ଯେ ସେ କେବଳ ଅଧୀନସ୍ଥ କର୍ମଚାରୀଙ୍କ କଥାରେ ଭୁଲିବାର ଲୋକ ନୁହନ୍ତି ସ୍ୱୟଂ ସକଳ ବିଷୟ ବୁଝିବାକୁ ଯତ୍ନବାନ୍ । ଜିଲ୍ଲାର ପ୍ରଧାନ ସଡ଼କମାନଙ୍କୁ କ୍ରମେ ପକ୍କା କରିବା ଏବଂ ଅନେକ ସ୍ୱତନ୍ତ୍ର ସାନ ସାନ ବା ନାମମାତ୍ର ସଡ଼କରେ ଟଙ୍କା ଉଡ଼ାଇ ଦେବାଠାରୁ ପ୍ରତିବର୍ଷ ଅଳ୍ପପରିମାଣ ସଡ଼କ ଭଲରୂପେ ନିର୍ମାଣ କରିବା ପ୍ରଭୃତି କାର୍ଯ୍ୟ ଏବଂ ତହିଁରେ କମିଟିର ମନୋଯୋଗୀ ହେବାର ଉଚିତ ବୋଲି ଆମ୍ଭେମାନେ ପୁନଃ ପୁନଃ କହିଅଛୁଁ । ଭରସା ହୁଅଇ ଏଣିକି କମିଟିମାନେ ଏହିପ୍ରକାରେ କାର୍ଯ୍ୟ କରିବେ ଓ ତଦ୍ଦ୍ୱାରା ପଥକର ହେବାର ସମୁଚିତ ଫଳ ଲୋକମାନେ ଭୋଗ କରିବାକୁ ସମର୍ଥ ହେବେ ମାତ୍ର ଜିଲ୍ଲା କମିଟିମାନେ ପଥକର ଫଣ୍ଡ ମଧ୍ୟରେ ପଡ଼ି ରହି ଏଥିର ବହୁତ ବଧାଇ ଦେଖାଇଦେବେ କି ନାହିଁ ସନ୍ଦେହର ସ୍ଥଳ ଅଛି । ଏକଆଡ଼େ କମିଟିର ଭାର ଦେଲେବି ବୃଦ୍ଧି ସବୁ କାର୍ଯ୍ୟ କରିବାର ସମସ୍ତ ନାହିଁ ଅନ୍ୟଆଡ଼େ କାର୍ଯ୍ୟ ନ ଦେଖାଇଲେ ଗଭର୍ଣ୍ଣମେଣ୍ଟ ଅସନ୍ତୁଷ୍ଟ ହେବେ ସୁତରାଂ ଜିଲ୍ଲା କମିଟିମାନେ ଯେନତେନ ପ୍ରକାରରେ କାର୍ଯ୍ୟ ସାରନ୍ତି । ଉପଯୁକ୍ତ ସ୍ଥାନୀୟ ସମିତି ସ୍ଥାପନ ଏ ବିଷୟରେ ଏକମାତ୍ର ସୁବ୍ୟବସ୍ଥା ବୋଲି ଆମ୍ଭେମାନେ ଅନୁମାନ କରୁଁ ।

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ କେବଳ ମଙ୍ଗଳବାର ଦିନମାନ ବୃଷ୍ଟି ହୋଇ ଏ ନଗରରେ ବ୍ୟାପିଥିଲା ଓ ଅଳ୍ପ ଦେଶୀଅର ମେଘ ଯୋଗୁ ଆଶିଷରେ ସୁଦା ବର୍ଷା ହୋଇ ନାହିଁ । ଏତେ ଯେପରି ଶୀତଳ ହବାର ଗୁଣା ଅଛି ।

ଏ ନଗରର ଉତ୍ସବମାନ ଗତ ଶୁକ୍ରବାର ଶେଷ ହେଲା । କେବଳ ଅଦାଲତ ଯୋଗଦ ଓ ସାନିଆ ପୋଖରୀରେ ପାଞ୍ଚ ଛଅ ଗାଡ଼ି ସମାରୋହ ସହିତ ହୋଇଥିଲା । ତେଲଗିର ମଠ ନିକଟ ଯୋଗ ସେଠା ଯାତ୍ରା ଏବେଳକେ ଉନ୍ନତ ହୋଇଥିଲା ।

ବାଲେଶ୍ୱର ସେକ୍ରେଟେରି ମହକୁମାରେ ଅନେକ ଗୋଲମାଲ ହୋଇଥିବାରୁ ତହିଁର ତଦନ୍ତ କରିବା ହେତୁ ସଦରର ମାଜିଷ୍ଟ୍ରେଟ ବାବୁ ସୁବୋଧଚନ୍ଦ୍ର ଜାପୁର ଶ୍ରୀଯୁକ୍ତ ସବଡିଭିଜନାଲ ମଜିଷ୍ଟ୍ରେଟ ହୋଇ ପ୍ରେରିତ ହୋଇଅଛନ୍ତି ।

ଇଲମରେ ହୋଷ୍ଟେଲ ଉତ୍ସବରେ ଉଦ୍‌ଯାପ ହେବା ଆଶ୍ଚର୍ଯ୍ୟପ୍ରକାର ହୋଷ୍ଟେଲ ଠିକ୍ କରିଅଛି । ସେହି ଠିକର ଗ୍ୟେଟ ହାତ ଏବଂ ଗ୍ୟେଟ ଗୋଡ । ଗଣେଶପେଟର ଛାପ୍ ପେଟ ବଡ଼ । ଗ୍ୟେଟ ହାତ ମଧ୍ୟରୁ ଗୋଟିଏ ହାତ ସାନ । ଏହି ଦୁଇ ସାନହାତ ଦୁଇ କାନ ଉପରୁ ବାହାରିଅଛି ଗ୍ୟେଟ ଗୋଡ ମଧ୍ୟରୁ ଗୋଟିଏ ଗୋଡ ବଡ଼, ଗୋଟିଏ ଗୋଡ଼ ସାନ । ସାନଗୋଡ ଦୁଇପାଖ ଅଣ୍ଟିରୁ ବାହାରିଅଛି । ପିଲାଟି ବର୍ତ୍ତମାନ ଜୀବିତ । ତାହାକୁ ଦେଖିବାକୁ ଅନେକ ଲୋକ ଯାଉଅଛନ୍ତି । ଏ ନଗରରୁ ମଧ୍ୟ କେତେ-ଲୋକ ଦେଖିବାକୁ ଯାଇଥିଲେ । ଚ.ଭୁଞା

କାଉପୁରର ମହାଶୟ ସ୍ୱୟଂ ତାଙ୍କ ସହିତ ଶାଖା ହେଡ଼ଦେଷ୍ଟ କମିଟିର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ।

କଟକଗ୍ରନ୍ଥ ଅନ୍ତର୍ଗତ ଗୁଣାପାଟଣ ମୁନସଫ ବାବୁ ହୋମେଶ୍ୱରନାଥ ମିଶ୍ର କଟକ ଜିଲ୍ଲା ଅନ୍ତର୍ଗତ ବାଲେଶ୍ୱରର ମୁନସଫ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରର ମୁନସଫ ବାବୁ ଦାମୋଦରଦାସ ମିତ୍ର ଚେଡ଼ା ପ୍ରଗନ୍ନା ଜିଲ୍ଲା ଅନ୍ତର୍ଗତ କଣ୍ଟିଆଡ଼ା ଥୋଇବ ମୁନସଫ ନିଯୁକ୍ତ ହୋଇଅଛନ୍ତି ।

## ଘୁମସର୍ ସମ୍ବାଦ ।

ଗତମାସ ତା ୨୧ ରିଖ ଦିନ ଘୁମୁସର ତାଲୁକା ଜଡ଼ ହୋତଣ୍ଡା ଗ୍ରାମଠାରେ ଜଣେ ଠକ ନୂଆଗଡ଼ ଅଞ୍ଚଳ ଦୁଇ ଜଣ ଋଣଭୃଥଙ୍କ ଶରତ ଲତା ବନ ଇତ୍ୟ ଗ୍ରାମର ଜଣେ ମହାଜନଠାରୁ ଛଡ଼ା କରି ଶରଡ଼ରେ ପୂର୍ଣ କରି ମାନି ମାହାଜନଙ୍କ ପଇସା ଦେଇ ନ ଥିଲା । ଋଣଭୃଥମାନଙ୍କୁ ଠକ କହିବ ଦୁମଠାରେ ବେତେଟଙ୍କା ଅଛି ଅସୁନ୍ତୁ ଦେଉଥିଲା ଭୁଷିର ଲତା ବେଉ ବେଇ ଅନ୍ୟ ଗ୍ରାମଠାରେ ଭୁଷ ଧନ ଦେଉ ଦେଖାଇବା । ଏହି କଥାରେ ଋଣଭୃଥମାନେ ବିଶ୍ୱାସ କରି ତାଙ୍କଠାରେ ଥିବା ୧୦।୧୨ ଟଙ୍କା ଠକକୁ ଦେଲେ ଠକ କହିଲା ଅନ ପାଞ୍ଚଟଙ୍କା ଲୋଡ଼ା ହେଉଅଛି ଭୁଷ ଦୁଇ ଜଣକୁ ଜଣେ ଅନ୍ୟ ସଙ୍ଗେ ଭଞ୍ଜନଗୋସ୍ତ୍ରୀ ଆସ ଜଣେ ଅସୁର ଦଶାମୀ ସେଠାରେ ଅଛନ୍ତି ତାହାଠାରୁ ଲକ୍ଷାର ଆଣିବା ଇତ୍ୟାଦି କହି ଠକ ଜଣକୁ ଭଞ୍ଜନଗୋସ୍ତ୍ରୀପାଏ ଆସି ସେଠାରେ ଗୋଷ୍ଠୀ ପ୍ରସ୍ଥରେ ଋଣଭୃଥଙ୍କୁ ବସାଇଦେଇ ମୁଁ ଅନ୍ୟଠାରୁ ଅଣୁଅଛି ବୋଲି କହି ଟଙ୍କାଠିକ ଠକିଦେଇ ଲୁଚିଗଲା ଗୁଇଜଣା

ଗତମାସ ତା ୨୮ ରିଖ ଦିନ ଘୁମୁସର ତାଲୁକା ଗୋଡିମାଠ ଗ୍ରାମରେ ଗୋଟିଏ ବୃଦ୍ଧବର୍ଷ କନ୍ୟା ତିନ ଅପଣ ଅଗଣାରେ ରହି ଯାଉଥିବା ପର୍ଣ ପେଇ ହାଣ୍ଡିରେ ଭୁଡ଼ ପ୍ରାଣ ତ୍ୟାଗ କରିଅଛି । ହିସ୍ତ ପାଠକେ ! ସାନ ସାନ ବାଳକ ଥିବା ଗୃହମାନଙ୍କରେ ପେଜହାଣ୍ଡି ଓ ପାଣିହାଣ୍ଡି ରଖିବା ସ୍ଥାନମାନଙ୍କ ବାଳକମାନେ ନ ଯାଇ ପାରିବା ଦୃଷ୍ଟି ରଖିବାର ଅତ୍ୟାବଶ୍ୟକ ।

ଏ ପ୍ରଦେଶରେ ଦକ୍ଷିଣ ଖରା କରୁଅଛି ଅନେକଦିନ ହେଲା ବୃଷ୍ଟି ନ ଥିବା ଯୋଗୁଁ ଜାନୁଆରୀରୁ ଜଳ ... କଷ୍ଟ ହେଉଅଛି ମାତ୍ର ଅଳ୍ପ ଦାଉ ଦକଷ ଦୁଇଥା ସମୟରେ କେତେ ଋଷକମାନଙ୍କ ଅଳ୍ପ ସୁବିଧା ହେଉଅଛି ।

ଘୁମୁସର ତାଲୁକାରେ ଏକବର୍ଷ ଦକ୍ଷିଣ ଅନ୍ୟ ଅଛି ତ ଏହା ମାତ୍ର ଘୁମୁସର ତାଲୁକାର ସ୍ଥାନସ୍ଥଳ ସେଭଳି ଶାପ୍ ଏବଂ ଭଞ୍ଜନଗୋସ୍ତ୍ରୀ ତୋଲ ଜାଗ୍ରତ୍ ଯୋଗୁଁ ବର୍ତ୍ତମାନ ଏଠାକୁ କୋଇଲି ଗଲାରୁ ଡାକଘରଥିବା ଦଖା ଅସୁଅଛି ।

ଅତଏବ ଶୀଘ୍ର କ୍ଷେତ୍ର ହୋଇଅଛି ଏଣିକି ଭଞ୍ଜନଗୋସ୍ତ୍ରୀ ମିଡଲ ସ୍କୁଲର ହେଡମାଷ୍ଟର ବାବୁ ପିତାମ୍ବର ଟ୍ରେନିଂ ମହାଶୟ ଏ ପ୍ରଦେଶର ଦକ୍ଷିଣ ଛାତ୍ରମାନଙ୍କୁ ଗାଇ ଦଦଶ ବୃତ୍ତି ଦେଉ ସ୍ୱରେ ପ୍ରଜାମାନଙ୍କୁ ବିଶେଷ ଆହ୍ଲାଦ କରାଇଅଛନ୍ତି । ଏହାଙ୍କ ପୂର୍ବେ ଏଠାର ହେଡମାଷ୍ଟର ଜମା ଓ ଡେପୁଟିମାନଙ୍କ ମଧ୍ୟ

ଭଲ୍ଲ ପଦ ଲଭଥିଲେ ମାତ୍ର ଏହାଙ୍କ ପ୍ରଶ୍ନ ପ୍ରଦେଶ ଲୋକେ କୌଣସି ମାଷ୍ଟର ମଧ୍ୟ ପ୍ରୋତ୍ସାହ ଦେଇ ନ ଥାନ୍ତି । ଏ ମହାତ୍ମା ଓଡ଼ିଆ ଶୀଘ୍ର ହେବା ଯୋଗୁଁ ଓ ଓଡ଼ିଆମାନଙ୍କର ମଙ୍ଗଳ ଚର୍ଚ୍ଚା କରିବା ଅପେକ୍ଷାରେ ସର୍ବଦା ରହନ୍ତି ଅତଏବ ଆମ୍ଭେମାନେ ଜଗନ୍ନାଥଙ୍କ ପଦରେ ସ୍ତବ ପ୍ରାର୍ଥନା କରୁଁ ଯେବେ ଓଡ଼ିଆମାନେ ଏ ପ୍ରଦେଶରେ ଏପରି ଭଦ୍ର ପଦ ମାନଙ୍କୁ ଲଭିବେ ତେବେ ଓଡ଼ିଆମାନଙ୍କର ମଙ୍ଗଳ ସମ୍ଭାବନା ସମ୍ଭାବନା ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଆମ୍ଭେମାନେ ଦାୟୀ ନୋହୁଁ ।

## ଗଡ଼ଜାତର ପ୍ରତି ଅତ୍ୟାଚାର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭେମାନେ ଢେଙ୍କାନାଳର ନାବାଳକ ରାଜାଙ୍କର ଟଙ୍କା ଅପବ୍ୟୟ ଦେଖି ଆଶ୍ଚର୍ଯ୍ୟ ହେଉଅଛୁଁ । ଆମ୍ଭମାନଙ୍କ ବୋଧ ହୁଏ ଏହା ସ୍ଥାନୀୟ କର୍ତ୍ତୃପକ୍ଷୀୟମାନଙ୍କ ଏବଂ ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଜାଣିତ ଅପବ୍ୟୟ ଅଟଇ । ଢେଙ୍କାନାଳର ନାବାଳକ ରାଜା ବର୍ତ୍ତମାନ ୪।୫ ମାସ ହେଲା ଢେଙ୍କାନାଳ ଛାଡ଼ିରେ ଅଛନ୍ତି— କିନ୍ତୁ ତାଙ୍କ ଟ୍ୟୁଟରର ଟଙ୍କା ନେଇ ଇଂରେଜ ଟିଉଟରଙ୍କ ଦରମାହା ପ୍ରଦାନ କରା ହୁଏ । ଇଂରେଜ ଟିଉଟର ବର୍ତ୍ତମାନ ମୟୂରଭଞ୍ଜର ନାବାଳକ ରାଜାଙ୍କ ସେଣ କଲିକତା ଏବଂ ଦାର୍ଜିଲିଂକୁ ଯାଇଅଛନ୍ତି ଅଥଚ ତାଙ୍କ ଦରମାହା ଢେଙ୍କାନାଳର ନାବାଳକ ରାଜାଙ୍କ ତହବିଲରୁ ଖର୍ଚ୍ଚ ହେବାର ସମ୍ଭବ ଅଛି । ଏହା ଜଣେ ନାବାଳକ ରାଜାଙ୍କ ଏବଂ ନାବାଳକ ରାଜାଙ୍କ ତହବିଲପ୍ରତି ସାଧାରଣ ଅତ୍ୟାଚାର ନୁହେ ? ଏରୂପର ଟଙ୍କା ବ୍ୟୟ କରିବାର କି ଅପବ୍ୟୟ ନୁହେ ? ଅବା ସେମାନଙ୍କର ଉଦର ପୂର୍ତ୍ତି କରିବା ବେଳେ ଇଂରାଜୀ ପଢ଼ିବାରେ ତାହା ଅପବ୍ୟୟ ବୋଲି ଯାଇ ନ ପାରେ ? ଏହା ଶ୍ରୀସ୍ଥାନ ସଜ୍ଜନୀତର ଉଦାରତା ପରି ?

ଟିଉଟର ସାହେବ ବର୍ତ୍ତମାନ ଜଏଣ୍ଟ ଗୁଲକଷ୍ଟ ନର ସଙ୍ଗିପର ହୋଇଅଛନ୍ତି ଅର୍ଥାତ୍ ମୟୂରଭଞ୍ଜର ନାବାଳକ ରାଜାଙ୍କର ଏବଂ ଢେଙ୍କାନାଳ ରାଜାଙ୍କର ନୈତିକବ୍ୟଶାଳୀ ହେବତା ହୋଇଅଛନ୍ତି, କିନ୍ତୁ ସେ ବର୍ତ୍ତମାନ ୪।୫ ମାସ କାଳ କେବଳ ମାତ୍ର ମୟୂରଭଞ୍ଜର ରାଜାଙ୍କ ସଙ୍ଗରେ ଥିବା ବେଳେ ତାଙ୍କ ଦରମାହା ଢେଙ୍କାନାଳର ନାବାଳକ ପକ୍ଷରୁ ଖର୍ଚ୍ଚ ହେବା

Split by PDF Splitter
Digitized by srujanika@gmail.com

ଅବା କେଉଁ ନ୍ୟାଯ୍ୟସଙ୍ଗତ କାର୍ଯ୍ୟ ? ନାବାଳକଙ୍କ ଟଙ୍କା ଦେଶୀୟ ସତ୍କାର୍ଯ୍ୟରେ ବ୍ୟୟ କରିବା ବେଳେ ସ୍ଥାନୀୟ କର୍ତ୍ତୃପକ୍ଷୀୟମାନେ ପ୍ରଖର ଦୃଷ୍ଟି ରଖନ୍ତି କିନ୍ତୁ ସାହେବ ଭୋଜନରେ ସେପରି ଦୃଷ୍ଟି ନ ରଖିବାର କାରଣ କଣ ? ଏହି ଟଙ୍କା ଏପରି ଅପବ୍ୟୟ ନ କରି ଢେଙ୍କାନାଳର ଅନେକ ଦରିଦ୍ର ଲୋକ କି ଯେଉଁମାନେ ଅର୍ଥାଭାବରୁ ଏକବେଳ ଖାଇବାକୁ ପାଉନ୍ତି ନାହିଁ ସେମାନଙ୍କର ସାହାଯ୍ୟ କଲେ କି ଭଲ ହୋଇ ନ ଥାନ୍ତା ? ଏହିପରି ସ୍ଵଜାତୀୟ ଅଙ୍କିତ ଦେଖି ଦେଶୀୟ ଲୋକମାନଙ୍କର ଇଂରାଜ କର୍ମଚାରୀମାନଙ୍କପ୍ରତି କିପରି ଶ୍ରଦ୍ଧା ରହିବ ? ଯାହାର ଦରିଦ୍ର ପ୍ରଜାମାନଙ୍କ ପ୍ରକୃତ ସାହାଯ୍ୟ ଅର୍ଥାଭାବରେ ହୋଇ ପାରେ ନାହିଁ । କିନ୍ତୁ ସେହି ନାବାଳଗ ରାଜାଙ୍କ ଟଙ୍କା ଅକାରଣ ଗୋରାଙ୍ଗ ଭୋଜନରେ ଅକାତରରେ ବ୍ୟୟ ହେବ, ଏହା ମାନନୀୟ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କର କିପରି ସ୍ଵୀକାର ? ଏହିପରି ସ୍ଵଜାତୀୟ [illegible] ହେଉଅଛି ମହାମତି ସାର ରିଭର୍ସ ଟମ୍ସନ ସାହେବ ସାଧାରଣ [illegible] ହୋଇଅଛନ୍ତି — [illegible] ପକ୍ଷପାତ ହେତୁକ ସାର ରିଭର୍ସ ଟମ୍ସନ ସାହେବ ଦେଶୀୟମାନଙ୍କଠାରେ ଶ୍ରଦ୍ଧା ପାଇବାରେ ବଞ୍ଚିତ ହୋଇ ରହିଲେ ।

ଯାହା ହେଉ ଅମ୍ଭେମାନେ ସ୍ଥାନୀୟ କର୍ତ୍ତୃପକ୍ଷୀୟମାନଙ୍କୁ ଏବଂ ଲେଫ୍ଟେନାଣ୍ଟ ବାହାଦୁରଙ୍କୁ ବିଶେଷରୂପରେ ଅନୁରୋଧ କରୁଁ ଢେଙ୍କାନାଳର ନାବାଳକ ରାଜାଙ୍କର ଟଙ୍କା ଏପରି ଅପବ୍ୟୟ ନିବାରଣ କରିବାକୁ ଅନୁମତି ପ୍ରଦାନ କରନ୍ତୁ, ଯେପର୍ଯ୍ୟନ୍ତ ରାଜା ରାଜ୍ୟକୁ ଯାଇଅଛନ୍ତି ସେପର୍ଯ୍ୟନ୍ତ ତାଙ୍କ ନାବାଳଗି ଅବସ୍ଥାରୁ କଣ୍ଟ ମାତ୍ର ଟଙ୍କା ସାହେବ ଟ୍ରଷ୍ଟୀରଙ୍କୁ ନ ଦେବା ପକ୍ଷରେ ଅନୁମତି ନ ଦେଲେ ଅମ୍ଭେମାନେ ଏହି ଅବସ୍ଥାର ନିବାରଣ ନିମନ୍ତେ ମହାମତି ଲର୍ଡ ଡଫରିନ ବାହାଦୁରଙ୍କ ଶ୍ରମରେ ଏହି ବିଷୟର ସୁବନ୍ଦୋବସ୍ତ ପ୍ରାର୍ଥନା କରିବାକୁ ବାଧ୍ୟ ହେବୁଁ ।

ଏହି ଗୋଟିଏ ଯେପରି ଅବସ୍ଥାର ଦେଖାଯାଏ — ଅନ୍ୟ ପକ୍ଷେ ଆଉ ଗୋଟିଏ ସ୍ଥାନୀୟ କର୍ତ୍ତୃପକ୍ଷୀୟମାନଙ୍କ ଅନବଧାନତା ଏବଂ ଲେଫ୍ଟେନାଣ୍ଟ ସାହେବଙ୍କ ଅବସ୍ଥାର ଅବା ଅନବଧାନତା ପ୍ରଯୁକ୍ତ ଓଡ଼ିଶାର ରାଜାମାନଙ୍କ ଏବଂ ରାଜାମାନଙ୍କ ପ୍ରଧାନ କର୍ମଚାରୀମାନଙ୍କ ମର୍ଯ୍ୟାଦା ବୃଦ୍ଧିପ୍ରତି କଣ୍ଟ ମାତ୍ର ଦୃଷ୍ଟିପାତ ନାହିଁ । ଲେଫ୍ଟେନାଣ୍ଟ ବାହାଦୁର ବିହାରର ଅଧିନାୟକ ଜମିଦାରମାନଙ୍କୁ ଉପାଧି ଦେଇ ସେମାନଙ୍କର କେତେ ମର୍ଯ୍ୟାଦା କରିଅଛନ୍ତି । ସ୍ଥାନୀୟ କର୍ତ୍ତୃପକ୍ଷୀୟମାନେ ବିହାରୀ ଜମିଦାରମାନଙ୍କ ସଙ୍ଗରେ ମିଶି ସେମାନଙ୍କର କେତେ ହସ୍ତ ହ ବୃଦ୍ଧି କରି ଆସୁଅଛନ୍ତି, କିନ୍ତୁ ଓଡ଼ିଶାର ଭାଗ୍ୟରେ ସେପରି ଘଟଣା ନ ହେବାର କାରଣ କଣ ?

ଓଡ଼ିଶା ମଧ୍ୟରୁ ବର୍ତ୍ତମାନ କେଉଁଝରର ମହାରାଜା, ତାଳଚେର ରାଜା, ନୟାଗଡ଼ର ରାଜା, ନୀଳଗିରିର ରାଜାମାନଙ୍କ ମଧ୍ୟରୁ କେହି କି ଭାରତେଶ୍ଵରୀଙ୍କ ପ୍ରଦତ୍ତ ଉପାଧି ଲାଭ କରିବାର ଯୋଗ୍ୟ ନୁହନ୍ତି ? ବିହାର ଅଞ୍ଚଳରେ ଉପାଧି ବିତରଣ କରିବା ଯେଉଁ ଉଦ୍ଦେଶ୍ୟରେ ହେଉଅଛି ଉତ୍ତର-ପଶ୍ଚିମ ଅଞ୍ଚଳର ରାଜାମାନଙ୍କୁ ଯେଉଁ ଉଦ୍ଦେଶ୍ୟରେ ଉପାଧି ବିତରିତ ହୋଇଥାଏ,— ଓଡ଼ିଶାର ରାଜାମାନଙ୍କ ମଧ୍ୟରେ କେହି କି ସେହି ଉଦ୍ଦେଶ୍ୟର ମଧ୍ୟରେ ଆସି ପାରନ୍ତି ନାହିଁ ? [illegible] ରାଜାମାନେ ବିହାର ଏବଂ ବଙ୍ଗଳାର ଜମିଦାର ଏବଂ ରାଜାମାନଙ୍କ ଅଧିକାଂଶ ମଧ୍ୟରୁ ଅନେକାଂଶରେ [illegible] ଶ୍ରେଷ୍ଠ, ତଥାପି ସେମାନଙ୍କ ମଧ୍ୟରେ କେହି ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରୁ ଉଚିତ ମର୍ଯ୍ୟାଦା ନ ପାଇବାର କାରଣ କଣ ? ଏଥିଯୋଗୁଁ ଓଡ଼ିଶାକୁ ସର୍ବସ୍ଥାନଠାରୁ ହୀନ କରି ରଖା ହୋଇଅଛି ।

ସ୍ଥାନୀୟ କର୍ମଚାରୀ ଅବା କରଦ ରାଜ୍ୟ ନିଜ ରାଜ୍ୟର କର୍ମଚାରୀମାନଙ୍କ ଉତ୍ସାହ ବର୍ଦ୍ଧନ ନିମନ୍ତେ ଗବର୍ଣ୍ଣମେଣ୍ଟ ସେମାନଙ୍କ ଉପାଧି ବିତରଣ କରନ୍ତୁ କିନ୍ତୁ ଦେଖ ଢେଙ୍କାନାଳର ବାବୁ ବନମାଳୀ ସିଂହ, ତାଳଚେରରେ ବାବୁ ଜଗବନ୍ଧୁ ସେ.ଷ ଦେଓ୍ଵାନମାନେ କିପରି ଯୋଗ୍ୟତା ପ୍ରକାଶ କରିଅଛନ୍ତି ତାହା ଗବର୍ଣ୍ଣମେଣ୍ଟଙ୍କୁ ଅବିଦିତ ନାହିଁ, ସେମାନଙ୍କୁ ଗବର୍ଣ୍ଣମେଣ୍ଟର ମର୍ଯ୍ୟାଦା ପ୍ରଦାନ କରି ଅପରାପର ଗଡ଼ଜାତର କର୍ମଚାରୀମାନଙ୍କ ଉତ୍ସାହବର୍ଦ୍ଧନ କରିବା କି ଗବର୍ଣ୍ଣମେଣ୍ଟଙ୍କର ଉଚିତ କାର୍ଯ୍ୟ ନୁହେ ? ଏବିଷୟରେ କେବଳମାତ୍ର ସ୍ଥାନୀୟ କର୍ତ୍ତୃପକ୍ଷୀୟମାନଙ୍କ ଅନବଧାନତା ଯୋଗୁଁ ଘଟୁ ନାହିଁ ଏହା ଅମ୍ଭେମାନେ ବିଶ୍ଵାସ କରିବାକୁ ବାଧ୍ୟ ହେଉଅଛୁଁ । ଯାହା ହେଉ ଅମ୍ଭେମାନେ ସ୍ଥାନୀୟ ଶ୍ରୀଯୁକ୍ତ କମିଶ୍ନର ସାହେବ ଓ ଶ୍ରୀଯୁକ୍ତ ଲେଫ୍ଟେନାଣ୍ଟ ସାହେବ ମହୋଦୟମାନଙ୍କୁ ବିଶେଷ ଅନୁରୋଧ କରୁଁ ସେମାନେ ଓଡ଼ିଶାର ରାଜାମାନଙ୍କର ଏବଂ ସେହି ରାଜାମାନଙ୍କ ପ୍ରଧାନ କର୍ମଚାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯେପରି ଉପଯୁକ୍ତ ଗବର୍ଣ୍ଣମେଣ୍ଟଙ୍କ ଦ୍ଵାରା ସେମାନଙ୍କୁ ଉଚିତ ସମ୍ଭ୍ରମ ପ୍ରଦାନ କରି ଓଡ଼ିଶାର ଅପରାପର ରାଜା ଓ ରାଜକର୍ମଚାରୀମାନଙ୍କୁ ସତ୍କାର୍ଯ୍ୟରେ ଉତ୍ସାହିତ କରନ୍ତୁ । ଇତି

କାଂ୧୮୮୫ } ବଶମ୍ବଦ
କଟକ } ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ

---

ମହାଶୟ !

ଆମ୍ଭେ ଏକ ଦିନ କାର୍ଯ୍ୟୋପଲକ୍ଷେ ଶ୍ରୀରାମଚନ୍ଦ୍ରପୁରକୁ ଗମନ କରିଥିଲୁଁ । ଦୈବାଧୀନ ସେହି ଦିନ ଉତ୍କଳଧର୍ମପ୍ରଧାନୀଧ ସମାଜର ଅଧିବେଶନ ହୋଇଥିଲା । ତଦୀୟ ସମ୍ପାଦକ ଶ୍ରୀ ମଧୁସୂଦନ ମିଶ୍ର ଅମ୍ଭଙ୍କୁ ଦେଖିବା ମାତ୍ର ଅମ୍ଭ ହସ୍ତ ଧାରଣ ପୂର୍ବକ ସଭା ମଧ୍ୟକୁ ନେଇ ଆସନ ପ୍ରଦାନ କଲେ । ତତ୍ପଶ୍ଚାତ୍ ସମ୍ପାଦକ ମହାଶୟ ବକ୍ତୃତା ବିଷୟରେ ପଣ୍ଡିତ ଶ୍ରୀ [illegible]ମଣି ମିଶ୍ର, ପଣ୍ଡିତ ଶ୍ରୀ ମହାଦେବ ବ୍ରହ୍ମା ଏ ଦୁହିଙ୍କ ଉପରେ ସମ୍ପୂର୍ଣ୍ଣ ଭାର ଅର୍ପଣ କଲେ । [illegible] ଶାସ୍ତ୍ର ବିଷୟ [illegible] ଏତାଦୃଶ ବକ୍ତୃତା କଲେ ଯେ ତାହା ଶ୍ରବଣ କରି ସମସ୍ତଙ୍କ ହୃଦୟରେ ଏକ ଅଭୂତପୂର୍ବ ଭାବ ଉଦୟ ହୋଇଗଲା, ତାହାର ଅନୁପ୍ରାସ ଏହି । ଅହେ ଏ ସନାତନ ଆର୍ଯ୍ୟଧର୍ମ ପ୍ରେମିକ ବନ୍ଧୁଗଣ ! ତୁମ୍ଭେମାନେ ଯେବେ ହୃଦୟର ଗାଢ଼ କାଳିମା ଅପନୀତ କରିବାକୁ ଇଚ୍ଛା କର, ଯେବେ ମତ ପ୍ରବୃତ୍ତି ନିଚୟ ଦମନ କରିବାକୁ ସ୍ପୃହା କର, ଯେବେ ସଂସାର ଅନ୍ୟ କ୍ରିୟା ସମ୍ପନ୍ନ କରିବାକୁ ମାନସ କର, ଯେବେ ସ୍ଵାର୍ଥ-ପରତା ରାଜ୍ଞ-ପ୍ରବାହଣ କରିବାକୁ ବାଞ୍ଛାକର, ତେବେ ଅଦ୍ଵୈତ ଧର୍ମକୁ ସାଂସାରିକ ଓ ପାରମାର୍ଥିକ ଅବସ୍ଥାରୂପରେ ଅବଲମ୍ବନ କର ଯେ ତଦ୍ଦ୍ଵାରା ତୁମ୍ଭମାନଙ୍କର ଯଶଃ-ସୁଧାକର ଉଦୟ ହୋଇ ଭାରତ କ୍ଷେତ୍ରରେ ତାହା ବିକ୍ଷେପ କଲେ ବିଧର୍ମରୂପ ଅନ୍ଧକାରକୁ ନାଶ କରିପାରିବ । ଅତଃ କ ସୁଖର ବିଷୟ, ଏତେକାଳେ ଇଂରେଜର କୃପାଦୃଷ୍ଟି ଶାସନସ୍ତମ୍ଭରେ ପଡିବାରୁ ଶ୍ରୀରାମଚନ୍ଦ୍ରପୁର ଯେପ୍ରକାର ଉନ୍ନତି ଲାଭ କରି ଅଛି ସେପରି ଅନ୍ୟାନ୍ୟ ଶାସନ ଉନ୍ନତି ଲାଭ କଲେ ବଡ଼ ଭଲ ହେବ । ଆମ୍ଭେ କହିଲୁଁ ମାତ୍ର ଉନ୍ନତି ହେବା ବଡ଼ ସହଜ ନୁହେ, କାରଣ ? ଯେତେବାର ପଣ୍ଡିତଙ୍କୁ ଦେଖିଲୁଁ

Split by PDF Splitter
Digitized by srujanika@gmail.com

Split by PDF Splitter



ଛେଦଛେଦାର ଦାପିକା ମହାଶୟ କୋଠ, ବୋ-ହଯୋଛା, ଯଗଡ ପଇଲେଁ ଧଣ୍ଡ ବାବୁମାନଙ୍କ ବିଷୟ ନେଇ ଅସ୍ତବ୍ୟସ୍ତ, ତେବେ ତୋଷ ଓ ସ୍ମ୍ରତିଧାରୀ ବ୍ରାହ୍ମଣମାନଙ୍କର ପ୍ରଶଂସା କେଉଁଠାରେ ! ଇତି ।

୨୫।୩।୮୫ } କସ୍ୟଚିତ
ସ୍ୱସ୍ୱତିଧରପୁର } ଶ୍ରୀ ପଦ୍ମନାଭମିଶ୍ର

---

ମହାଶୟ !

ନିମ୍ନଲିଖିତ ପଦ୍ୟଟିକୁ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନଦାନ ଦେଇ ଚିରବାଧିତ କରିବା ହେବେ ।

**ଏ ଗ୍ରୀଷ୍ମ !**

୧

ଉ ଗ୍ରୀଷମ ଅସି ଧଣରେ ବଳସି
ସକଳ ଜୀବଙ୍କ କରେ ଅସ୍ଥିର ।
ତପନ ତାପରେ ବ୍ୟାକୁଳ ଅନ୍ତରେ
ଶୀତଳ ଲୋଡ଼ନ୍ତି ଜୀବନିକର ।

୨

ସ୍ୱେଦ ଗମ ଗମ ବହେ ଅବସ୍ରମ
ରକ୍ତ ହୋଏ ଜଳ ତାପରେ ଫୁଟି ।
କଣ୍ଠ ଶୁଖିବାରେ କଲବଲ କରେ
ଯେସନେ କି ହୃଦ ଯାଉଛି ଫାଟି ।

୩

ଆଉ ଅନାଶନ ଅଗେ ଜଳପାନ
କର ବାରମ୍ବାର ନୁହେ ତୃପତି ।
ଉଦର ପୂରଣ ହେଲେ ମୃତ୍ୟୁ ପୁଣି
ତୃଷାରୁ ନିବର୍ତ୍ତି ନୁହଇ ମତି ।

୪

ଏବେ ଦାବାନଳ ଯଥା ଘରବନ
ଦଗନ୍ଧେ ଚହଟେ ତେଜ ଜଗଲ ।
ସଞ୍ଜୀବ ପଗଣ କରେ ଦହ୍ୟମାନ
ମୃତ୍ତିମନ୍ତେ ଖେଳେ ଷିଷଉଡ଼ୁଳ ।

୫

ଓହୋ ହୋ କ ଝାଞ୍ଜି ଦେହ ଜୁଏ ଭଳି
ବାୟୁ ଅଗ୍ନି ମୈତ୍ରପଣ ପ୍ରକାଶେ ।
ଅହା କ ଅରତ କରେ ଜୀବଜାତ
ସେ ଦୁଃଖ କହଇ ନୁହଇ ଲେଶେ ।

୬

ଧରଣୀର ଧୂଳ ଅଗ୍ନି କଣ ବଳ
ଲଗିଏ ପଥିକ ନାହିଁ ପ୍ରକଟ ।
ଘରେ ଘରେ ରତ ଶଯ୍ୟାରେ ଜଡ
ଛଟଛଟ ଯାନ୍ତି ପେଟ ତୁଟବାଟ ।

୭

ଦିଏ ମରୀଚିକା ଜଳରୂପେ ଦେଖା
ବଢ଼ନ୍ତି ହୃଦୟ ଭ୍ରମିତ ପଥ ।
ପକ୍ଷୀ ବୃକ୍ଷଡାଳେ ପଶଣ ଅଭୁଲେ
କଳକଳ ଧ୍ୱନି କରନ୍ତି ଘୋର ।

୮

ନଦୀ ସରୋବର ଆଦ ଜଳାକର
ଜୀବନବିହୀନ, ମହୁଷଲୁକ ।
କର୍ଦ୍ଦମରେ ପଡ ଫେନମୁଖେ ରଡ
ଛଟ୍ପଟନ୍ତି ହୋଇ ଅଗୁଳ ।

୯

ସନ୍ଧ୍ୟାବେଳେ ନର ଚାଲକୁନ୍ତକର
ବଡ଼ ବାବୁ ଘର ପଖାର ସ୍ନାନ ।—
ଛଳେ ତଡ଼ାଘାଟେ ଧନ୍ୟରେ ଗୃହରେ
ଅଶି ବୁଜ କରୁଥାଏ ଗୃଜନ ।

୧୦

ପିପିଲିକା ଦଳେ, ସଙ୍ଗେ ମଶାମାନେ
ଦଶାକୁ ବରସା ଅଛନ୍ତି ହୋଇ ! ! !
ପାଣି ହୋଇ ବାଘ ଥିବା ରକ୍ତ ଶୁଷି
ଜାଣନ୍ତି ଏମାନେ କ ସୁଖ ଦେଇ ! ! !

୧୧

ହେ ଦେବ ତପନ ! କ୍ଷଣେ କ୍ଷୀଣ
ନ କର ଅଧିକେ ଥାଉ ସହଳେ ।
ଭୂମ ସାହାଯ୍ୟରେ ଗ୍ରୀଷ୍ମ ଦାମ୍ଭିକରେ
ବଳକୁ ଦେଖାଇ ଧରାରେ ଖେଳେ ।

୧୨

ଜୀବେ ଦୟା କର ଘର୍ମ ତେଜ ଧର
ଲୁଚ ରହ ଶୀଘ୍ର ଜଳଦ କୋଳେ ।
ତା ହେଲେ ଭୁବନ ଛାଡି ଶୂସ୍ଥାନ
ଗ୍ରୀଷ୍ମ ନଃସନ୍ଦେହେ ପଳାଇ ବଳେ ।

ଶ୍ରୀ ଗୋ—

---

# ବିଜ୍ଞାପନ ।

ଏତଦ୍ୱାରା ଜ୍ଞାତ କରାଯାଉଅଛି ଯେ ଓଡ଼ିଶା ମେଡିକାଲ ସ୍କୁଲରେ କେଉଁକେତେ ବୃତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁମାନଙ୍କ ସ୍ୱ ପ୍ରଶଂସାପତ୍ର ସହିତ ଚଳିତ ମେମାସ ତା ୨୬ ତାରିଖର ଭିତରେ ସ୍କୁଲରେ ଉପସ୍ଥିତ ହେବେ ।

ପ୍ରକାଶଥାଉ ଯେଉଁମାନେ ପ୍ରବେଶିକା, ଛାତ୍ରବୃତ୍ତି ଓ ମାଇନର ପାଶ କରିଅଛେ ସେହି-ମାନଙ୍କୁ ଉଅପିକ ।

ସୁପରିଣ୍ଟେଣ୍ଡେଣ୍ଟ }
ଓଡ଼ିଶା ମେଡିକାଲ ସ୍କୁଲ } W. D. STEWART.

PUBLIC WORKS DEPARTMENT,
BENGAL.

THE 24th MARCH 1885.

No. 114 — Notification.—Notice is hereby given that the Lieutenant Governor of Bengal, proposes, under the powers conferred on him by sections 78 and 99 of Act III (B. C.) of 1876 to substitute the words "the 1st April 1886" for the words "1st April 1885" in Rule 5 passed for the Orissa Canals in this Department Notification No. 188, published at pages 427—28, Part, of the Calcutta Gazette for the 5th March 1884.

ପବ୍ଲିକ୍ ଓ୍ୱାର୍କସ୍ ବିଭାଗ ବେଙ୍ଗଲ,
ତା ୨୪ ରଖ ମାହେ ମାର୍ଚ୍ଚ ସନ ୧୮୮୫ ମସିହା ।

ନ ୧୧୪ ମ୍ବର ବିଜ୍ଞାପନ ।—ଓଡ଼ିଶା କାଲ ନମନ୍ତେ ଏହି ମହକୁମାର ନ ୧୮୮ ମ୍ବର ବିଜ୍ଞାପନଦ୍ୱାରା ଜାରି ହୋଇଥିବା ଦସ୍ତୁରଅମଲ ର ତାହା ସନ ୧୮୮୪ ମସିହା ମାର୍ଚ୍ଚ ତା ୫ ରଖ ବାବତ କଲିକତା ଗେଜେଟର ପ୍ରଥମ ଭାଗର ପୃ ୪୨୭।୨୮ ସ୍ଥାରେ ମୁଦ୍ରିତ ହୋଇଅଛି ସେହି ଦସ୍ତୁର ଅମଲର ୫ ଧାରା ଲିଖିତ "ତା ୧ ରଖ ଅପ୍ରେଲ ସନ ୧୮୮୫ ମସିହା" ପଦବଦଳରେ "ତା ୧ ରଖ ଅପ୍ରେଲ ସନ ୧୮୮୬" ଏହି କଥାମାନ ବସାଇବାକୁ ବଙ୍ଗ ପ୍ରଦେଶର ଲେଫ୍-ଟେଣ୍ଟ ଗବର୍ଣ୍ଣର ସନ ୧୮୭୬ ମସିହା ବଙ୍ଗୀୟ ଅ ୩ ଇନର ୭୮ ଓ ୯୯ ଦଫାଦ୍ୱାରା ପାଇ-ଥିବା କ୍ଷମତା ଅନୁସାରେ ପ୍ରସ୍ତାବ କରୁଅଛନ୍ତି । ଅତଏବ ବିଜ୍ଞାପନ ଦିଆଗଲା ।

(Sd.) J. M. MCNEILE
*Lieutenant-Colonel R. E.*
*Joint Secretary to the*
*Govt. of Bengal* P. W. D.

---

# ଗିଲଟୀ

ଅର୍ଥାତ୍

ଅଲଙ୍କାରାଦିରେ ସୁନା ଅବା ରୂପା

ଚଢ଼ାଇବାର ।

ଚୂଡ, ପଇଁଚ, ବାଜୁ, ଖଡୁ, ତଡ, ହାର, କର୍ଣ୍ଣଫୁଲ, ବୋଷ୍ଟମ ଇତ୍ୟାଦି ରୂପାର ଅଲ-ଙ୍କାର ସୁନାରେ ଓ ତମ୍ବା ପିତ୍ତଳର ଯାବତୀୟ ଅଳଙ୍କାର, ପାନ ରଖିବା ଡବା, ଛୋଟ ବାସନ, ହୁକାର ସାଜ-ସରପୋଷ, ଜଞ୍ଜିର, ମୁଦ୍ରିକାନ, ଅର୍କଦାନ ଏବ ସ୍ୱଚ୍ଛବର୍ଣ୍ଣଦ୍ରବ୍ୟମାନଙ୍କର କୁବା ପ୍ରଭୃତି ରୂପା ଅଥବା ସୁନାରେ ଗ୍ରାହକଙ୍କ ଇଚ୍ଛା-

Digitized by srujanika@gmail.com

ମାସ ମଧ୍ୟେ ସୁଲଭମୂଲ୍ୟରେ ମିଳନ୍ତି କରି ଦିଆଯିବ । ଯାହାଙ୍କର ଆବଶ୍ୟକ ହେବ ମୋହଠାକୁ ଦ୍ରବ୍ୟାଦି ପଠାଇଲେ ସତ୍ୱର ଉକ୍ତ କାର୍ଯ୍ୟ ସମାଧା କରିଦିଆ ଯିବ ।

ଆଲମଚାନ୍ଦବଜାର କଟକ } ଶ୍ରୀ ଭାଗୀରଥୀ ସାଠିଆ

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୭ ପଣି ବାଡାନି ତମାଉ ଋ ୧୬ ଟ ୨୫ ଦ ୧ ଟ° ୪୦
୧୪ ପଣି „ „ ଟ ୨୪ „ ଟ° ୪
୧୨ ପଣି „ „ ଟ ୧୩ „ ଟ° ୧୨

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ୫ ମ ବା ଅଧିକ କ୍ରୟ କରିବେ ଅପ୍ରତୁଳ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

... ୧୮୮୪ ସମ୍ବନ୍ଧୀୟ ନ $\frac{୧୦୮}{୧୭-୨୦}$ ମ୍ବର ସର୍କୁଲର ।

ସିମଲା, ୧୮୮୪ ସାଲ ତା ୨ ରିଖ ଅକ୍ଟୋବର

ମ୍ୟୁଜିୟମ ଓ ପ୍ରଦର୍ଶନୀ ସମ୍ପର୍କୀୟ ରାଜସ୍ୱ ଓ କୃଷିସଂକ୍ରାନ୍ତ କାର୍ଯ୍ୟବିଭାଗରେ ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ରୁବକାରୀରୁ ଉଦ୍ଧୃତ ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କ ୧୮୮୪ ସାଲ ଜୁଲାଇ ମାସ ୩୧ ତାରିଖ ଲିଖିତ ୧୦୫ ନମ୍ବର ପତ୍ର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ଅଗଷ୍ଟ ମାସ ୩୦ ତାରିଖର ୧୦ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୫ ତାରିଖ ଲିଖିତ $\frac{୧୦୧}{୧୭-୧୦}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କୁଲର ।

ଭାରତବର୍ଷ ପକ୍ଷରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀ ସାହେବଙ୍କ ପ୍ରତି ୧୮୮୪ ସାଲ ସେପ୍ଟେମ୍ବର ମାସ ୨୩ ତାରିଖର ୧୩ ନମ୍ବର ପତ୍ର ।

ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସମୂହ ଓ କର୍ତ୍ତୃପକ୍ଷମାନଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୨}{୧୭-୧୧}$ ନମ୍ବର ପ୍ରଦର୍ଶନୀ ସମ୍ବନ୍ଧୀୟ ସର୍କୁଲର ।

ବଙ୍ଗଦେଶ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ୧୮୮୪ ସାଲ ସେପ୍ଟେମ୍ବର ମାସ ୨୯ ତାରିଖ ଲିଖିତ $\frac{୧୦୮୦ EX}{୧୭EI}$ ନମ୍ବର ପତ୍ର ପାଠ ହେଲା ।

### ନିର୍ଦ୍ଧାରଣ ।

୧୮୮୬ ସାଲରେ ରାଜକୀୟ ଅଜ୍ଞାପତ୍ରକ୍ରମେ ଲଣ୍ଡନରେ ଯେଉଁ ପ୍ରଦର୍ଶନୀ ହେବ ତହିଁରେ ସହଭାଗୀ ହେବା ନିମିତ୍ତ ମହାମାନ୍ୟ ପ୍ରିନ୍ସ ଅବ୍ ଓଏଲ୍ସ ଯେଉଁ ଆମନ୍ତ୍ରଣ ପଠାଇଥିଲେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଷ୍ଟେଟ ସେକ୍ରେଟରୀଙ୍କଦ୍ୱାରା ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତାହା ଗ୍ରହଣ କରିଅଛନ୍ତି । ବ୍ରିଟନୀୟ ଦ୍ୱୀପପୁଞ୍ଜର ଅଧିବାସିମାନଙ୍କ କ୍ଷମତାଧୀନରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଔପନିବେଶିକ ଓ ଭାରତରାଜ୍ୟର ସୀମା ମଧ୍ୟରେ ଯେଉଁ ଅସୀମ ପାରଶ୍ରମିକ ଉପକାରୀକାର ନିଦାନମାନ ଅଛି ସେମାନଙ୍କୁ ତାହା ପୂର୍ଣ୍ଣତମ ପରିମାଣରେ ଦେଖାଇବା ମହାମାନ୍ୟଙ୍କ କଥାନୁସାରେ ସେହି ପ୍ରଦର୍ଶନୀର ଉଦ୍ଦେଶ୍ୟ ।

୨ । ଏହି ବିଷୟରେ ସମସ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଓ କର୍ତ୍ତୃପକ୍ଷଙ୍କ ସାହାଯ୍ୟ ପ୍ରାର୍ଥନା କରାଯାଇଅଛି ଏବଂ ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଏହି ଯେ ଭାରତବର୍ଷର ସର୍ବତ୍ରରେ ସର୍ବସାଧାରଣଙ୍କୁ ଏହି ବିଷୟ ଜଣାଇ ଦିଆଯିବ ଓ ସେହି ସମୟରେ ସର୍ବପୂର୍ଣ୍ଣ ଭାବରେ ସାମ୍ରାଜ୍ୟର ଉତ୍ପନ୍ନ, ଶିଳ୍ପ ଓ କାରିଗରୀ ଦେଖାଇବାକୁ ହେବ ।

୩ । ୧୮୮୬ ସାଲ ମେ ମାସ ଆରମ୍ଭରେ ସାଉଥ କେନସିଂଟନଠାରେ ପ୍ରଦର୍ଶନୀ ହେବ ଓ ସେହି ବର୍ଷ ଜାନୁଏରୀ ମାସ ପୂର୍ବରେ ଭାରତବର୍ଷୀୟ ସମସ୍ତ ପ୍ରଦର୍ଶନୀୟ ଦ୍ରବ୍ୟ ଇଂଲଣ୍ଡରେ ପହଞ୍ଚିବା ଉଚିତ ।

୪ । ଯେଉଁ ୨ ଶର୍ତ୍ତରେ ସ୍ଥାନ ପ୍ରଦାନ ହୋଇ ପାରିବ ଓ ତାହା ଯେଉଁ ପରିମାଣରେ ମିଳିବ, ରାଜକୀୟ କମିଶନରମାନଙ୍କଠାରୁ ଅନ୍ୟ ଉପଦେଶ ମିଳିବା ପର୍ଯ୍ୟନ୍ତ ତାହା ଜଣାଇ ଦିଆ ଯାଇ ପାରିବ ନାହିଁ । କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଯାହାଙ୍କ ନିକଟକୁ ପଠାଇବାର ସ୍ଥିର କରିବେ ତାହାଙ୍କ ନିକଟକୁ ମୁଁ ପ୍ରଦର୍ଶକମାନେ ସାଧ୍ୟକ୍ରମେ ଶୀଘ୍ର କୌଣସି ତାରିଖରେ ସ୍ଥାନ ପ୍ରାପଣାର୍ଥ ଶର୍ତ୍ତଯୁକ୍ତ ପ୍ରାର୍ଥନାପତ୍ର ପଠାଇବା ବାଞ୍ଛନୀୟ । ମାତ୍ର ପ୍ରାର୍ଥିତପରିମାଣ ସ୍ଥାନ ପୂରାପୂରି ମିଳି ପାରିବ ନାହିଁ ବୋଲି ୧୮୮୫ ସାଲ ମାର୍ଚ୍ଚ ମାସ ୧ ତାରିଖ ପୂର୍ବେ ଯେଉଁ ସବୁ ପ୍ରାର୍ଥନାପତ୍ର ଗୃହୀତ ହୋଇଥିବ ତାହା ଅଗ୍ରଗଣ୍ୟ ହେବ ଏବଂ ସ୍ଥାନ ନିମିତ୍ତ ଯେଉଁ ଖର୍ଚ୍ଚା ଦେବାକୁ ପଡିବ ତାହା ଗ୍ରାହ୍ୟ ନ ହେଲେ ପଶ୍ଚାତ୍ ପ୍ରାର୍ଥନାପତ୍ର ଉଠାଇ ନିଆଯିବ ।

୫ । ପ୍ରଦର୍ଶନୀ ସମ୍ବନ୍ଧୀୟ ଯେଉଁ ସବୁ ଚିଠାପତ୍ର ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କୁ ଲେଖିବାକୁ ହେବ ତାହା ରାଜସ୍ୱ ଓ କୃଷି ସଂକ୍ରାନ୍ତ ଅଫିସର ପ୍ରଦର୍ଶନୀଶାଖାର ଭାରପ୍ରାପ୍ତ କର୍ମଚାରୀଙ୍କ ଶିରୋନାମରେ ପଠାଇବାକୁ ହେବ ।

ହୁକୁମ ।—ହୁକୁମ ହେଲା କି ହାସିଆ ଲିଖିତ

| | | |
|---|---|---|
| ମାନ୍ଦ୍ରାଜ । | ମଧ୍ୟପ୍ରଦେଶ । | ସ୍ଥାନୀୟ ଗବ- |
| ବୋମ୍ବାଇ । | ବ୍ରିଟନୀୟ ବ୍ରହ୍ମଦେଶ । | ର୍ଣ୍ଣମେଣ୍ଟ ଓ କ- |
| ବଙ୍ଗଦେଶ । | କୁର୍ଗ । | ର୍ତ୍ତୃପକ୍ଷଙ୍କ ନି- |
| ଉତ୍ତର ପଶ୍ଚିମ ପ୍ରଦେଶ । | ଆସାମ । | କଟକୁ ଏହି ନି- |
| ଅଯୋଧ୍ୟା । | ହାଇଦରାବାଦସ୍ଥ ରେସିଡେଣ୍ଟଙ୍କ ବେରାରର | ର୍ଦ୍ଧାରଣର ନ- |
| ପଞ୍ଜାବ । | ସେକ୍ରେଟରୀ । | କଲ ଏହି |

ଅନୁରୋଧ ସହିତ ପଠାଯାଉ ଯେ ତାହା ସ୍ଥାନୀୟ ଗେଜେଟସମୂହରେ ପ୍ରଚାର କରାଇବେ ଓ ସର୍ବସାଧାରଣଙ୍କ ଜାଣିବା ନିମିତ୍ତ ଦେଶୀୟ ଓ ଇଂରାଜୀ ସମ୍ବାଦପତ୍ରକୁ ସମ୍ବାଦ ଦେବେ ଓ ସ୍ଥାନ ପ୍ରାପଣାର୍ଥ ପ୍ରାର୍ଥନାପତ୍ର ଯାହାଙ୍କ ନିକଟକୁ ପଠାଇବାକୁ ହେବ ତାହା ଜଣାଇବେ ।

ପୁନଶ୍ଚ ହୁକୁମ ହେଲା କି ଇଣ୍ଡିଆ ଗେଜେଟର ପରିଶିଷ୍ଟରେ ଏହି ନିର୍ଦ୍ଧାରଣ ପ୍ରକାଶ କରାଯାଉ ।

ଇ, ସି, ବକ୍ ।

ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ସେକ୍ରେଟରୀ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କର ଦୋକାନରେ ଚନ୍ଦନକୋଣା ଓ ବନାତ ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ ନାନା ଜାତୀୟ ଉତ୍ତମ ଦ୍ରବ୍ୟ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିଷାଦି କଲିକତା ସହରରୁ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-

Split by PDF Splitter
Digitized by srujanika@gmail.com

Split by PDF Splitter



ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଛଡ଼ା ଅମ୍ଭେମାନେ କଲେକ୍ଟର ଖାଡ଼ି ବିକ୍ରୟ ନିକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ନିକାଶେ ଭଡ଼ା ଇଚ୍ଛାନ୍ତି ତେବେ ଏକ ରାତକୁ ଫି ବଗା ଟ୦।୬ ହିସାବ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଷତ ଖ୍ୟତିଇର ଭାର ତାଙ୍କ ଉପରେ ଥିବ । ଷତ ହେଲେ ଖାଡ଼ିର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଇଙ୍ଗସିଲ ।

ଜଳର ଯେସେଣ ବ ଠିହୁଁରେ ଗୃବ ତେଲେ ଲ୍ଲେ ।
ନରେଶ୍ରିଖାତ
କଲେଷୀନ୍ ତେଲ ଲଇଣ୍ଡା ଯେଉ ସାଦା ଓ ତୋମ ସହିତ ।
ଛୁରି ଅର୍ଥାତ୍ ଚକ୍ରସା କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଗଠି-କାଗଜ ଓ ଲଫାପା ।
ଟ୍ରେସିଂ କାଗଜ ।
ଟିଉର ସୁତ ।
ଭଲଗା ଗାବୁଳ ।
ତାହାର ଗାତାନ ଯତ୍ନରେ ଲୁଗା ପଯନ୍ତ ରହୁଏ ।
ଅଷ୍ଟୋଲ ଗ୍ରେନ—ଅର୍ଥାତ୍ ସୁଗନ୍ଧ ଦ୍ରବ୍ୟ ।
ଅଏଲ କ୍ଲଥ ।
ଓଏଷ୍ଟଇ ସ୍ପଞ୍ଜ ଛତା ।
କର୍ପୂର ଅର୍କ ।
କ୍ଲୋରେଡାଇନ୍ ।
ପୋରସ୍ପ୍ଲାଷ୍ଟର କେମ୍ବ୍ରିଜେଜ ଓ ଡଲର ଚୋଙ୍ଗରେ ସଙ୍କେ
ବମେଲର ଲେଭେଣ୍ଡର ।
ସୋଡ଼ା ଏସିଡ୍ ।
କ୍ଲୋରଫରମ୍ ଭାଇ ସାବୁ ବ ଜାଠକଛ ଓ ସେଇରେ ରଖିଲେ ହୃଦ ଇତ୍ୟାଦ ଜନ୍ତୁ ଜଦ ନ ପାରେ କାଠର ଉଙ୍ଗ ଜରୁର ଦୃଶ୍ୟ ହୁଏ ।
ବୋଲତାଇ ସାହାବ ବଣ୍ଟି ଓ ମୁହାଁମାନରେ ସବେ ।
ପକେଟବୁକ ଇଂରେଜୀ ପାଞ୍ଜି ସହିତ ଟ ୦।୭
ବିଲାତି ଘୋଡ଼ା ବ୍ରସ ଓ ସେହାଇ
ମୋଜା ଓ ମୋଜାବନ୍ଧ
ଉତ୍ତମ ଧୂଆ ଇନହେଲର
ବିଲାତି ଗାଣ୍ଟିନ ଜଲ
ଲଣ୍ଡି ଓ ପାଇବର ତୌଡ଼ା ଫିତା
ହାତ ଘିଲସ ଗାଜ ଓ ଜଡ଼ ଉଇଁନ ଓ ସାଦା
ଚଲଗ ବେତ୍ତେଦ
ରକର୍ଷ ଗୁଇପଲ ଜୁଦ୍ର
,, ଏକପଦ ଜୁସ
ନେଲସନ୍ ଇମ୍ପୋରି ନେଂ କେସଇ ଅଏଲ

ଅରଇବସ୍ଥର ଭର କମ୍ପାନୀ

ଚୌଧୁରୀ ବଜାରସ୍ଥ ଅମ୍ଭ ଦୋକାନ ନିକଟରେ ସୁନା ଓ ରୂପାର ମୋଟା ଓ ସରୁ ଅଳଙ୍କାର ଓ ତାରକସି କର୍ମର ଦୋକାନ ଫିଟିଅଛୁ । ଯେ ଯାହା ଫରମାସ କରିବେ ସୁଲଭ ମୂଲ୍ୟରେ ନିଯ୍ୟାଦମତେ ପାଇ ପାରିବେ ।

କାମ ଶେଷ ହେବାକୁ ମେହେନ୍ତାନା ଦେଲେ ଗ୍ରାହକେ ଅଳଙ୍କାର ନେଇ ଯିବେ । ଧାର ଦେବାର ନିୟମ ନାହିଁ ।

ନାମାଙ୍କିତ ମୋହର, ମୁଦ୍ରା ଓ ସ୍ଥାପାଯୋଗ୍ୟ ଛବି ଖୋଦିତ ହେଉଅଛି ।

୧୧।୬।୮୫ } ଶ୍ରୀ ଅଭୟଚରଣ କର
କଟକ }

ନିମ୍ନଲିଖିତ ପରୀକ୍ଷିତ ଔଷଧମାନ ଅମ୍ଭ ଔଷଧାଳୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଗ୍ରାହକମାନେ ଏଠାରେ କିଣି ନେଲେ ପାଇ ପାରିବେ । ବିଦେଶୀୟ ଗ୍ରାହକମାନେ ଡାକମାଶୁଲ ସହିତ ମୂଲ୍ୟ ପ୍ରେରଣ କଲେ ସେବନବିଧି ସହିତ ଔଷଧ ଶୀଘ୍ର ପଠାଇ ଦିଆ ଯିବ ।

କର୍ପୂର ରସ ।

ଏହାକୁ ସେବନ କଲେ ଅଜୀର୍ଣ୍ଣ, ଅତିସାର, ଆମାତିସାର, ରକ୍ତାତିସାର, ଗ୍ରହଣୀ, ବାଳକମାନଙ୍କର ସମସ୍ତ ପ୍ରକାର ଅତିସାର ଓ ଉଦରାମୟ ଭଲ ହୁଏ । ମା ୭ ଗୋଟି ୧।୮ ।

ବଙ୍ଗେଶ୍ୱର ରସ ।

ଏଥିରେ ବିଂଶତି ପ୍ରକାର ମେହ, ତେର ପ୍ରକାର ମୂତ୍ରାଘାତ, ଅଶ୍ମରୀ, ମୂତ୍ରକୃଚ୍ଛ୍ର, ସୋମରୋଗ ଓ ପ୍ରଦର ଭଲ ହୁଏ । ମୂଲ୍ୟ ମା ୭ ଗୋଟି ଟ ୨୧ ଙ୍କା ।

ବଚନ ପୁଷ୍ଟିପଦ୍ମୋଦୟ ।

ରୋଗୀପ୍ରିୟ ଯୋଗୀପ୍ରିୟ ମୋଦକ ।

ନିରୋଗୀ ଲୋକେ ଏ ମୋଦକ ସେବନ କଲେ ବଳ ବୀର୍ଯ୍ୟ ବୃଦ୍ଧି ଓ ଶରୀର ଅପୂର୍ବ ସ୍ଫୂର୍ତ୍ତି ଯୁକ୍ତ ହୁଏ, ବଳକ୍ଷୟ ଶଯ୍ୟା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ରୋଗୀ ପକ୍ଷେ—ରାଜଯକ୍ଷ୍ମା ( କାସଦ୍ୱାରା ରକ୍ତପତନ ), ଶୁକ୍ରକ୍ଷୟ, ପ୍ରମେହ, ଅତିସାର, ଉଷ୍ମଶୁକ, ଧ୍ୱଜଭଙ୍ଗ ପ୍ରଭୃତି ନାନା ରୋଗ ଭଲ ହୁଏ । ମୂଲ୍ୟ ମା ୧୬ ଗୋ ଟ ୧୧ ଙ୍କା ।

ଉତ୍କଳସ୍ଥ ସୂର୍ଯ୍ୟୋଦୟ } ଜଗନ୍ନାଥ,
ଔଷଧାଳୟ ଦରଘା
ବଜାର କଟକ } ଶ୍ରୀ ଫକୀରମିଶ୍ରପାଠୀ ।

ଏକଚିତ୍ରର ମଲମ ।

ଦେଶୀୟ କ୍ୱଥକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବିଆ ଟ୍ୱ ପ୍ୟାକିଂ ଖର୍ଚ୍ଚା ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରର ଘା, ଗରମୀ ଘା, ନାଲି ଘା, ବେଦ ଓ ନାକ ଇତ୍ୟାଦି ଘା, ଶୋଲ ଘା, କାନ ଘା, ବାଳର ଫୁଟ, କୋଷ୍ଠ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ପେଟଫୁଲା ଯନ୍ତ୍ରଣା, କାଶ, କ୍ଷୟକାଶ, ମୂତ୍ରାଶୟପୀଡ଼ା, ଲୁଣ୍ଡ୍ରିଆ, ଧାତୁଦୌର୍ବଲ୍ୟ ଏବଂ ଉତ୍ତପ୍ତ ଜ୍ୱର ଇତ୍ୟାଦି ରୋଗ ଏବଂ ନିଶ୍ଚୟ ଆରାମ ହୁଏ ।

ଗାମୁର ଚେଲି ।

ଭାଲ୍ଲସୀ ଉପାୟରେ ଗାମୁକୁ ପ୍ରସ୍ତୁତ ହେଲେ ଧବଳ ଓ କୁଷ୍ଠ ରୋଗର ଯେତେ ଯନ୍ତ୍ର ଭୋଗ ଥାଏ ତେବେ ତାହା ଯାଏ । ଗାମୁର ଚେଲି ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଦାଦୁ, ଯାବୁ, ଲୁଣ୍ଡ୍ରିଆ, ଗୁଳ, ପଦ୍ମଦାଦୁ, ଧବଳ, କୁଷ୍ଠ, ଗଳତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୧ ଙ୍କା ଓ ଛୋଟ ବୋତଲ ଟ ୨୧ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୧ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକଲ ଟ ୧୦ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉ ଅଛି ।

ମୂଲ୍ୟ ଏକ ସିସିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ନିମନ୍ତେ

| | |
|---|---|
| ଆଠ ଧାଡ଼ି | ଟ ।୵ |
| ଅଷ୍ଟ ଧାଡ଼ିରୁ | ଟ ୵୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ କେତେ ଥର ଛାପିବାକୁ ହେବ ତାହାଁ ନ ଲେଖିଲେ ଟ ।୦ ରୁ ଊଣା ହେବ ନାହିଁ ।

ଉ ବର୍ଷ ଓ ତ୍ରୈମାସିକ ନିମନ୍ତେ ଅଲ୍ପ ଦର ନିଆ ଯିବ ଓ ଲୁଣ୍ଡ ନିଆକରେ ହେବ ।

ଅଧିକ ବିବରଣ ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ନଗର ତତ୍ତ୍ୱାବଧାନରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହେଲା ।

Digitized by srujanika@gmail.com

Split by PDF Splitter



ସନ ୧୮୮୫ ମସିହାର ମାଇନର ବୃତ୍ତି ପରୀକ୍ଷାର ଫଳ ପାରଦର୍ଶିତାନୁସାରେ

୧ ମ ଶ୍ରେଣୀ ।

ଛାତ୍ରର ନାମ — ସ୍କୁଲର ନାମ ।

୧ । ଲମ୍ବୋଦର ମହାନ୍ତି — ବାରିପଦା ସ୍କୁଲ
୨ । ଯମୁନାଥ ଜେନା — "
୩ । ଜଟେଶ୍ୱର ପଟ୍ଟନାୟକ — ଖୋର୍ଦ୍ଧା
୪ । ନୀଳକଣ୍ଠ ଦାସ — ଢେଙ୍କାନାଳ
୫ । ରଘୁନାଥ ବୋଷ — ଖୋର୍ଦ୍ଧା
୬ । ମହେନ୍ଦ୍ରନାରାୟଣ ଦତ୍ତ — ବାରବାଟି, ବାଲେଶ୍ୱର
୭ । ଅଦ୍ଭୁନାଥ ଦତ୍ତ — " "
୮ । ଶ୍ରୀନାଥ ଗୁପ୍ତ — " "
୯ । ଦୁର୍ଗାଚରଣ ହୈହ — ବାରିପଦା
୧୦ । ରାସବିହାରୀ ସେନ — ପୁରୁଷୋତ୍ତମପୁର
୧୧ । ରାସବିହାରୀ ମହାନ୍ତି — ଖୋର୍ଦ୍ଧା
୧୨ । ଶ୍ରୀଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ — "
୧୩ । ଲକ୍ଷ୍ମୀଧର ଦାସ — ମଡେଲ ସ୍କୁଲ କଟକ

୨ ୟ ଶ୍ରେଣୀ ।

୧ । ଚିନ୍ତାମଣି କର — ଢେଙ୍କାନାଳ
୨ । ଗୋକୁଳଚନ୍ଦ୍ର ଦାସ — ବାରିପଦା
୩ । ମଦନପ୍ରସାଦ ଦତ୍ତ — ପୁରୁଷୋତ୍ତମପୁର
୪ । ଚକ୍ରେଶ୍ୱର ପାଣି — ଢେଙ୍କାନାଳ
୫ । ଗୋଲକନାଥ କର — ଟାଉନ ସ୍କୁଲ, କଟକ
୬ । ବନମାଳୀ ପାଣିଗ୍ରାହୀ — ଧରମ
୭ । ଶ୍ୟାମାଚରଣ ଦାସ — ମଡେଲ ସ୍କୁଲ, କଟକ
୮ । ଜଶୀବ ଖାଁ — ଖୋର୍ଦ୍ଧା
୯ । ସେଖ ଅବଦୁଲ ମଜିଦ — ବାରବାଟି, ବାଲେଶ୍ୱର
୧୦ । ମଥୁରାମୋହନ ମିଶ୍ର — ଧାମନଗର
୧୧ । ମାଧବ ଦାସ — ଖୋର୍ଦ୍ଧା
୧୨ । ପ୍ରାଣବନ୍ଧୁ ଶ୍ରୀଚନ୍ଦନ ମହାପାତ୍ର — ମଡେଲ ସ୍କୁଲ, କଟକ
୧୩ । ବିହାରୀଚନ୍ଦ୍ର ଦତ୍ତ — ବାରବାଟି, ବାଲେଶ୍ୱର
୧୪ । ପୂର୍ଣ୍ଣଚନ୍ଦ୍ର ବିଶ୍ୱାସ — " "
୧୫ । ବୈଦ୍ୟନାଥ ଦାସ — ସଙ୍ଗତ ସ୍କୁଲ, କଟକ
୧୬ । ନନ୍ଦବନ୍ଧୁ ଦାସ — " "
୧୭ । ମଦନମୋହନ ପଟ୍ଟନାୟକ — ଖୋର୍ଦ୍ଧା
୧୮ । ଅନନ୍ତ କାନୁନଗୋ — "

୩ ୟ ଶ୍ରେଣୀ ।

୧ । ଲୋକନାଥ ମହାନ୍ତି — ଶ୍ରୀକୃଷ୍ଣପୁର
୨ । ଯୋଗୀନ୍ଦ୍ର ଦାସ — କମାପଡ଼ା
୩ । ବଳଭଦ୍ର କର — ଟାଉନ ସ୍କୁଲ, କଟକ
୪ । ବିମ୍ବାଧର ମହାନ୍ତି — ଗଞ୍ଜା
୫ । ଚିନ୍ତାମଣି ରାଉତରାୟ — ଖୋର୍ଦ୍ଧା
୬ । ଜଗମୋହନ ରାଉତରାୟ — କମାପଡ଼ା
୭ । ସେଖ ଅବଦୁଲ ହକ୍ — ଅରୁଆ
୮ । କୁଞ୍ଜମୋହନ ବସୁ — ଯୁଲଙ୍ଗ
୯ । କୈଳାସଚନ୍ଦ୍ର ମିଶ୍ର — ଧାମନଗର

RADHANATH RAI
Joint Inspector of schools
Orissa Division.

---

ସନ ୧୮୮୫ ମସିହା ଦେଶୀୟ ଛାତ୍ରବୃତ୍ତି ପରୀକ୍ଷାର ଫଳ ପାରଦର୍ଶିତା ଅନୁସାରେ ।

୧ ମ ଶ୍ରେଣୀ ।

୧ । ବାସନ୍ତୀ ବାଈ ହିନ୍ଦୁ ବାଳିକା ବିଦ୍ୟାଳୟ, କଟକ
୨ । { ନଗାମଣି ଦେଈ " " / ରାଧାକୃଷ୍ଣ ଦାସ ମିଶନ ସ୍କୁଲ ବାଲେଶ୍ୱର }
୩ । ପିତାମ୍ବର ଦାସ — ଉଦୟପୁର
୪ । ବୈଦ୍ୟନାଥ ସେନାପତି — ବାରିପଦା
୫ । ନରସିଂହଚରଣ ମହାନ୍ତି — ଚଣାହଟା
୬ । ଚନ୍ଦ୍ରଶେଖର ସାମନ୍ତ — ଖୋର୍ଦ୍ଧା
୭ । ପଞ୍ଚାନନ ପାଣିଗ୍ରାହୀ ଶିକ୍ଷକ, ଚିମ୍ପୁଣୀ ସ୍କୁଲ
୮ । ନୀଳକଣ୍ଠ ମିଶ୍ର — ଶ୍ରୀରାମଚନ୍ଦ୍ରପୁର
୯ । ଚିନ୍ତାମଣି ମହାନ୍ତି ଶିକ୍ଷକ — କୃପେଲପ୍ରସାଦ
୧୦ । ନୀଳବନ୍ଧୁ ନାୟକ — ଛଢଥ
୧୧ । କଣାରାମ ବସୁ — ଦେହୁଡଦା
୧୨ । ମଦନ ମହାପାତ୍ର — ବେଗୁନିଆ
୧୩ । ଗୋପାଳଚରଣ ମହାନ୍ତି — ଛଢଥ
୧୪ । ରାଘବ ପ୍ରଧାନ — ଅଳ୍ପାସୀପୁର
୧୫ । ଦଇତରି ପଟ୍ଟନାୟକ — ସୁବର୍ଣ୍ଣପୁର
୧୬ । ଚିନ୍ତାମଣି ପଟ୍ଟନାୟକ ମଡେଲସ୍କୁଲ କଟକ
୧୭ । କାର୍ତ୍ତିକଚରଣ ପରିଡ଼ା — ଅଲଲପୁର
୧୮ । ସର୍ବେଶ୍ୱର କର — ଅସୁରେଶ୍ୱର
୧୯ । ସୂର୍ଯ୍ୟାନନ୍ଦ ମହାନ୍ତି — ଚର୍ଚ୍ଚିକା
୨୦ । କୃଷ୍ଣ ସାହୁ — "
୨୧ । ହରପ୍ରସାଦ ଦେ — ଅଲଲପୁର
୨୨ । ଭବଗ୍ରାହୀ ମହାନ୍ତି — ପୁରୁଣାଗଡ଼
୨୩ । ଛଷ୍ଟବ ପଣ୍ଡା — ସୁବର୍ଣ୍ଣପୁର
୨୪ । କୃପାସିନ୍ଧୁ ଜେନା — କଟକ ଟାଉନସ୍କୁଲ
୨୫ । ରଘୁନାଥ ଷଢ — ମହାସିଂହପୁର
୨୬ । ନୀଳକଣ୍ଠ ରାୟଗୁରୁ — ବିଶ୍ୱନାଥପୁର
୨୭ । ଚୈତନ୍ୟପ୍ରସାଦ ମହାପାତ୍ର — ଅଲଲପୁର
୨୮ । ଦାମୋଦର ମହାପାତ୍ର — ଭୁବନେଶ୍ୱର
୨୯ । ଆନନ୍ଦ କର — ମହାସିଂହପୁର
୩୦ । କୃଷ୍ଣଚନ୍ଦ୍ର ମିଶ୍ର — ଚର୍ଚ୍ଚିକା
୩୧ । ମଧୁସୂଦନ ମିଶ୍ର — କଡାମ୍ବା
୩୨ । ଚିନ୍ତାମଣି ନନ୍ଦ — ଭୁବନେଶ୍ୱର
୩୩ । ଗୋବିନ୍ଦ ତ୍ରିପାଠୀ ଡିଲେଚନ୍ଦ୍ରପୁର ଶିକ୍ଷକ
୩୪ । ଭବଗ୍ରାହୀ ନାୟକ — ଦୋଳଗାଛି
୩୫ । ମଧୁସୂଦନ ମିଶ୍ର — ଅଳ୍ପାସିପୁର
୩୬ । ନରେନ୍ଦ୍ରନାରାୟଣ ଜେନା — ଦେହୁଡଦା
୩୭ । ନାରାୟଣ ପ୍ରସାଦ ଜେନ — ବାରବାଟି, ବାଲେଶ୍ୱର

୨ ୟ ଶ୍ରେଣୀ ।

୧ । ମାଧବ ମିଶ୍ର — କଟକ ମଡେଲ
୨ । ବଳରାମ ଦାସ — "
୩ । ଦ୍ୱାରକାନାଥ ସିଂହ — "
୪ । ଭଗବତଚରଣ ଦାସ — କଟକ ଟାଉନ
୫ । ରାଧାମୋହନ କାନୁର୍ଯ୍ୟା — ଶ୍ରୀକୃଷ୍ଣପୁର
୬ । କୁଞ୍ଜବିହାରୀ ସାହୁ — ସାମନ୍ତରାପୁର
୭ । ଦୁର୍ଗାଚରଣ ପଣ୍ଡା — "
୮ । ବୃନ୍ଦାବନ ମିଶ୍ର — "
୯ । କୃଷ୍ଣଚନ୍ଦ୍ର ନନ୍ଦ — ମହାସିଂହପୁର
୧୦ । ବିନୋଦ ମିଶ୍ର — "
୧୧ । [illegible] ଦାସ — "
୧୨ । ରାଧାକୃଷ୍ଣ ଷଡଙ୍ଗୀ — "
୧୩ । ବୈଷ୍ଣବଚରଣ ମହାନ୍ତି — ସୁନ୍ଦରଗ୍ରାମ
୧୪ । ଆନନ୍ଦଚନ୍ଦ୍ର ମହାନ୍ତି — "
୧୫ । ହରେକୃଷ୍ଣ ଦାସ — "
୧୬ । ଜଗନ୍ନାଥ ଦାସ — "
୧୭ । ରୁକ୍ମଣି ମିଶ୍ର — "
୧୮ । ସେଖ୍ ଇନାୟତ ହୁସେନ — କୃଷ୍ଣାନନ୍ଦପୁର
୧୯ । ପଞ୍ଚାନନ ରାଉତ — "
୨୦ । ନୀଳବନ୍ଧୁ କାନୁନଗୋ — ପଲଙ୍ଗ
୨୧ । ଶ୍ରୀମନ୍ତ ଷଢ — ଗଞ୍ଜା
୨୨ । ସେଖ୍ ଅବଦୁଲ ଅଜିମ — ଅରୁଆ
୨୩ । ସୂର୍ଯ୍ୟମଣି ଦାସ — ଅସୁରେଶ୍ୱର
୨୪ । ବ୍ରଜବିହାରୀ ରାୟ — "
୨୫ । ବାମନ ଦାସ — "
୨୬ । ରାଜକିଶୋର ଶୁବଳ — ଅଳ୍ପାସିପୁର
୨୭ । ନୀଳବନ୍ଧୁ ଦାସ — ଉଦୟପୁର
୨୮ । କୃପାସିନ୍ଧୁ ମହାନ୍ତି — "
୨୯ । ଦୟାନିଧି ଦାସ — "
୩୦ । ଜଗନ୍ନାଥ ଦାସ — "
୩୧ । ଭାଗୀରଥୀ ମିଶ୍ର — ସୁବର୍ଣ୍ଣପୁର
୩୨ । ବୈଦ୍ୟନାଥ ଲଟେଶ୍ୱର — ଚର୍ଚ୍ଚିକା

Digitized by srujanika@gmail.com

Split by PDF Splitter



| | | |
|---|---|---|
| ୩୩ । | ଗଙ୍ଗାଧର ପଟ୍ଟନାୟକ | ,, |
| ୩୪ । | ଗଙ୍ଗାନାରାୟଣ ପଟ୍ଟନାୟକ | ,, |
| ୩୫ । | ବନମାଳୀ ପଟ୍ଟନାୟକ | ,, |
| ୩୬ । | ଲୋକନାଥ ପଣ୍ଡା | ,, |
| ୩୭ । | ଚୈତନ୍ୟଚରଣ ଦାସ | ବାହାରଖଣ୍ଡ |
| ୩୮ । | ଭଜନାନନ୍ଦ ଜେନା | ,, |
| ୩୯ । | ଗଙ୍ଗାଧର ମହାପାତ୍ର | ଦଣ୍ଡଲାଅପୁର |
| ୪୦ । | ନାରାୟଣ ରଥ ଶାସନ | ଦାମୋଦରପୁର |
| ୪୧ । | ସୁପ୍ରେଶ୍ୱର ପାଣି | ,, |
| ୪୨ । | ଲକ୍ଷ୍ମୀଧର ଦଳାଇ | ପାଉକୁଦ |
| ୪୩ । | ମଧୁସୂଦନ ପଣ୍ଡା | ଦମାପଡ଼ା |
| ୪୪ । | ମଧୁସୂଦନ ମିଶ୍ର | ଭୁବନେଶ୍ୱର |
| ୪୫ । | ଗୋପାଳ ପଟ୍ଟନାୟକ | ବୈରବେଲ |
| ୪୬ । | ଗୋବିନ୍ଦ ମିଶ୍ର | ,, |
| ୪୭ । | ଚନ୍ଦ୍ରଧର ପଟ୍ଟନାୟକ | ବେଗୁନିଆ |
| ୪୮ । | ନଟବର ମହାନ୍ତି | ସୁବାପଧାନ |
| ୪୯ । | ବାଳକୃଷ୍ଣ ମହାପାତ୍ର | ,, |
| ୫୦ । | ମହାଦେବ ମହାନ୍ତି | ,, |
| ୫୧ । | ହରେକୃଷ୍ଣ ନାୟକ | ଗିଉଙ୍ଗା ଶିକ୍ଷକ |
| ୫୨ । | ଉପେନ୍ଦ୍ରନାଥ ନାୟକ | ବଲଗ୍ରଣ୍ଡି ଶିକ୍ଷକ |
| ୫୩ । | ମୃତ୍ୟୁଞ୍ଜୟ ମହାପାତ୍ର | ପୁରୀମାର୍କଣ୍ଡେଶ୍ୱରସାହି |
| ୫୪ । | [illegible] | ବାରବାଟି |
| ୫୫ । | ରମାନାଥ ଦାସ | ,, |
| ୫୬ । | ସୁଧାଚରଣ ବନ୍ଦ୍ୟୋପାଧ୍ୟାୟ | ରେମୁଣା |
| ୫୭ । | ରମାନାଥ ବନ୍ଦ୍ୟୋପାଧ୍ୟାୟ | ,, |
| ୫୮ । | ନୀଳରତନ ବନ୍ଦ୍ୟୋପାଧ୍ୟାୟ | ,, |
| ୫୯ । | ବାଳକୃଷ୍ଣ ପଣ୍ଡା | ବାଲେଶ୍ୱର ମିଶନ |
| ୬୦ । | ଶୀତଳଚନ୍ଦ୍ର ହଜରା | ,, |
| ୬୧ । | କୃଷ୍ଣବିହାରୀ ସାହୁ | ,, |
| ୬୨ । | କ୍ଷେମେଶଚନ୍ଦ୍ର ସିଂହ | ,, |
| ୬୩ । | ଶେଖମହିରୁଦ୍ଦିନ | ବଡ଼ନ୍ ମଦ୍ରାସା |
| ୬୪ । | ରମାନାଥ ଦେ | ବାଗୁଆଇ |
| ୬୫ । | ହରିପ୍ରସାଦ ଦାସ | ଜାଜପୁର |
| ୬୬ । | ମଦନମୋହନ ପାଣିଗ୍ରାହୀ | ଦୋଳସାହି |
| ୬୭ । | ଘନମଣି ପଟ୍ଟନାୟକ | ,, |
| ୬୮ । | ଅଦ୍ୱୈତପ୍ରସାଦ ଦାସ | ଭୋଗରାଇ |
| ୬୯ । | ଦୌଲତ ପରିଡ଼ା | ,, |
| ୭୦ । | ବ୍ରଜମୋହନ ପ୍ରଧାନ | ଅନ୍ତଲପୁର |
| ୭୧ । | ବାସୁଦେବ କର | ଢେଙ୍କାନାଳ |
| ୭୨ । | ଲକ୍ଷ୍ମୀଧର ଦାସ | ,, |
| ୭୩ । | ଲୋକନାଥ ମିଶ୍ର | ,, |
| ୭୪ । | ବୃନ୍ଦାବନ ଦାସ | ବାହାର ଖଣ୍ଡ |
| ୭୫ । | ଲକ୍ଷ୍ମୀଚରଣ ଭ୍ରମରବର ସାମନ୍ତ | ତାଳଚେର |
| ୭୬ । | ଦାଶରଥି ମିଶ୍ର | ,, |
| ୭୭ । | ପାଣୁ ଖାଡ଼ଙ୍ଗା | ,, |
| ୭୮ । | ସୋମନାଥ ପ୍ରଧାନ | ବାହାର ଖଣ୍ଡ |
| ୭୯ । | ବନମାଳୀ ପଟ୍ଟନାୟକ | କେନ୍ଦୁଝର |
| ୮୦ । | କୃପାସିନ୍ଧୁ ସାହୁ | ହରିପଡ଼ା |
| ୮୧ । | ଯୋଗୀନାଥ ମିଶ୍ର | ବଡ଼ମ୍ବା |
| ୮୨ । | ଭଗବାନ ପଟ୍ଟନାୟକ | ,, |
| ୮୩ । | ସୁଶୀଳା ସଉଲ | କଟକ ଫିମେଲ୍ଅର୍ଫାନେଜ |

୩ ୟ ଶ୍ରେଣୀ ।

| | | |
|---|---|---|
| ୧ । | ଦୁର୍ଗାଚରଣ ଦାସ | କଟକ ମଡେଲ |
| ୨ । | ବ୍ରଜେନ୍ଦ୍ର କୁମାର ଘୋଷ | ,, |
| ୩ । | ଗୋବିନ୍ଦଚନ୍ଦ୍ର ତ୍ରିପାଠୀ | ,, |
| ୪ । | ଗଙ୍ଗାଧର ଧଳ | ,, |
| ୫ । | ରାମଦତ୍ତ | ,, |
| ୬ । | ଈଶାନଚନ୍ଦ୍ର ଗାଙ୍ଗୁଲି | ,, |
| ୭ । | ମଧୁସୂଦନ ମହାପାତ୍ର | କଟକ ମଡେଲ |
| ୮ । | ରାମଚନ୍ଦ୍ର ପାଢ଼ୀ | ,, |
| ୯ । | କୃଷ୍ଣ ମୋହନ ପଣ୍ଡା | ,, |
| ୧୦ । | ଦୟାନିଧି ଚୌଧୁରୀ | [illegible] ଟାଉନ |
| ୧୧ । | [illegible] | କଟକ ସଙ୍ଗତ |
| ୧୨ । | ଗୌରୀଶଙ୍କର ପଟ୍ଟନାୟକ | ,, |
| ୧୩ । | କାମଧାଳି ମହାପାତ୍ର | ,, |
| ୧୪ । | ନୀଳଚନ୍ଦ୍ର ସିଂହ | ,, |
| ୧୫ । | ବ୍ରଜାନନ୍ଦ ଦାସ | ବ୍ୟାପଟିଷ୍ଟ ଜେନରଲ |
| ୧୬ । | ନୂତନ ସାହୁ | ,, |
| ୧୭ । | ପରମାନନ୍ଦ ଦାସ | ,, |
| ୧୮ । | ବଟକୃଷ୍ଣ ଦାସ | ,, |
| ୧୯ । | ହରାନନ୍ଦ ସିଂହ | ,, |
| ୨୦ । | ଇନ୍ଦ୍ରମଣି ମହାନ୍ତି | ସାମନ୍ତରାପୁର |
| ୨୧ । | ବଳରାମ ସିଂହ | ,, |
| ୨୨ । | [illegible] ପଣ୍ଡା | ,, |
| ୨୩ । | ଅବ୍ଦୁଲ ଗଫୁର | ,, |
| ୨୪ । | ଦୁର୍ଗାଚରଣ ମହାନ୍ତି | ,, |
| ୨୫ । | ଫଜଲ ମହମ୍ମଦ | କୃଷ୍ଣାନନ୍ଦପୁର |
| ୨୬ । | ଗୋପାଳଚରଣ ପଟ୍ଟଯୋଶୀ | ସିଦ୍ଧେଶ୍ୱରପୁର |
| ୨୭ । | ମଧୁସୂଦନ ମହାନ୍ତି | ଗଞ୍ଜା |
| ୨୮ । | [illegible] ମହାପାତ୍ର | ଚର୍ଚ୍ଚିକା |
| ୨୯ । | [illegible] ଦାସ | ଜଗତସିଂହପୁର |
| ୩୦ । | [illegible] ପରିଡ଼ା | ,, |
| ୩୧ । | ଚକ୍ରଧର ନାୟକ | ,, |
| ୩୨ । | ବାଳକୃଷ୍ଣ ମହାପାତ୍ର | ବାହାର ଖଣ୍ଡ |
| ୩୩ । | ବାଞ୍ଛାନିଧି ନାୟକ | ବାହାର ଖଣ୍ଡ |
| ୩୪ । | ଚନ୍ଦ୍ରମଣି ମହାନ୍ତି | ଶ୍ରୀରାମଚନ୍ଦ୍ରପୁର |
| ୩୫ । | ଲୋକନାଥ କାନୁନଗୋ | ନରସିଂହପୁର |
| ୩୬ । | ମାନଗୋବିନ୍ଦ ମିଶ୍ର ଶାସନ | ଦାମୋଦରପୁର |
| ୩୭ । | ଦାଶରଥି ଜେନା | ଘାଇକୁଦ |
| ୩୮ । | ସତ୍ୟନାରାୟଣ ପଟ୍ଟନାୟକ | ,, |
| ୩୯ । | କୃଷ୍ଣମୋହନ ପଟ୍ଟନାୟକ | ଖୋର୍ଦ୍ଧା |
| ୪୦ । | ଜଗବନ୍ଧୁ ପଟ୍ଟନାୟକ | ଦମାପଡ଼ା |
| ୪୧ । | ଯୋଗେନ୍ଦ୍ରନାଥ ନନ୍ଦ | ଭୁବନେଶ୍ୱର |
| ୪୨ । | ଚିନ୍ତାମଣି ମଙ୍ଗରାଜ | [illegible] |
| ୪୩ । | ବାଳକୃଷ୍ଣ ପଟ୍ଟନାୟକ | ଜାଅଁଳା |
| ୪୪ । | ହରିକୃଷ୍ଣ ମହାପାତ୍ର | ବାହାରଖଣ୍ଡ |
| ୪୫ । | ମଦନମୋହନ ମହାପାତ୍ର | ,, ବାଲିଗଣ୍ଡି |
| ୪୬ । | ଅକ୍ରୂର ଦାସ | ମଙ୍ଗଳପୁର |
| ୪୭ । | କୃଷ୍ଣଚନ୍ଦ୍ର ପଟ୍ଟନାୟକ | ବାସୁଦେବପୁର |
| ୪୮ । | ଲକ୍ଷ୍ମୀଚରଣ ମହାନ୍ତି | କୋଠାର |
| ୪୯ । | ଉପେନ୍ଦ୍ର ଦାସ | କାନ୍ତପୁର |
| ୫୦ । | ନାରାୟଣ ପଟ୍ଟନାୟକ | ଦୋଳସାହି |
| ୫୧ । | ଉପେନ୍ଦ୍ର ନାୟକ | ,, |
| ୫୨ । | ଲକ୍ଷ୍ମୀକାନ୍ତ ମିଶ୍ର | ବାଲିଅଣ୍ଟା |
| ୫୩ । | ପୁରୁଷୋତ୍ତମ ଦାସ | ,, |
| ୫୪ । | ଯଦୁନାଥ ପାତ୍ରୀ | ଛଉମ |
| ୫୫ । | ନନ୍ଦକିଶୋରଦାସ ମହାପାତ୍ର | ଅନ୍ତଲପୁର |
| ୫୬ । | କୃଷ୍ଣ ଦାସୀ | ଭୁବନେଶ୍ୱର ମିଶନ ବାଳିକା ସ୍କୁଲ |
| ୫୭ । | ରାଧିକା ଦାସୀ | ,, |
| ୫୮ । | ସିଦ୍ଧେଶ୍ୱରନାୟକ | ବାହାର ଖଣ୍ଡ |
| ୫୯ । | ଲକ୍ଷ୍ମୀକାନ୍ତପ୍ରସାଦ ଦାସ | ,, |
| ୬୦ । | ଚକ୍ରଧର ମହାନ୍ତି | [illegible] |
| ୬୧ । | ନାରାୟଣ ମିଶ୍ର | ଅଠଗଡ଼ |
| ୬୨ । | କାଳିଚରଣ ମହାନ୍ତି | ଢେଙ୍କାନାଳ |
| ୬୩ । | ବୈଦ୍ୟନାଥ ସିଂହ | ପୁରୁଣାଗଡ଼ |
| ୬୪ । | ହରିଚରଣ ବସୁ | ,, |
| ୬୫ । | ଲକ୍ଷ୍ମଣସିଂହ | ,, |
| ୬୬ । | [illegible] ମିଶ୍ର | ତାଳଚେର |
| ୬୭ । | ଗୋବିନ୍ଦ ନାୟକ | ,, |
| ୬୮ । | ଗଙ୍ଗାଧର ପାଢ଼ୀ | କେନ୍ଦୁଝର |
| ୬୯ । | ଯୋଗୀନାଥ ପଟ୍ଟନାୟକ | ବଡ଼ମ୍ବା |
| ୭୦ । | ନାରାୟଣ ମହାନ୍ତି | କୃଷ୍ଣାନନ୍ଦପୁର |
| ୭୧ । | [illegible] ଦାସ | ବାହାର ଖଣ୍ଡ |

RADHANATH RAI
Joint Inspector of schools
Orissa Division.

[illegible]

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୦ ସ
ସଂ ୨୦ ସଂଖ୍ୟା

ତା ୧୭ ଦିନ ମାହେ ମଇ ସନ ୧୮୮୫ ମସିହା । ମୂ । ଜ୍ୟେଷ୍ଠ ଦ ୫ ଜ ସନ ୧୨୯୨ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୨୷ | ଟ ୨୷ |
| ଡାକମାସୁଲ | ଟ ୦ ।/ | ଟ ୧୷ |

ଏ ଜିଲ୍ଲା ଶଙ୍କରପୁର ଡକାଇତି ମୋକଦ୍ଦମା ଗତ ଶନିବାର ନିଷ୍ପତ୍ତି ପାଇଲା । ଏଥିରେ ଜ ୨୨ ଣ ଆସାମୀ ଡକାଇତି କରିଥିବା ଅପରାଧରେ ଦୋଷିସ୍ଥିର ହୋଇଥିଲେ ଓ ବୋଧ ବିଚାର ପ୍ରାୟ ଦ ୨୦ ଜ ଲଗିଲା । ଆସାମିଙ୍କ ପକ୍ଷରୁ ଦୁଇଜଣ ଉକିଲ ଉପସ୍ଥିତ ହୋଇଥିଲେ । ପ୍ରମାଣ ଭଲ ନ ହେବାରୁ ଶ୍ରୀଯୁକ୍ତ ଜଜ ସାହେବ ସମସ୍ତ ଆସାମିଙ୍କୁ ଖଲାସ ଦେଇ ଏଠା ପୁଲିସ ପ୍ରତି କଷ୍ଟ ଭାବ ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି ।

---

ବଙ୍ଗବାସୀନାମକ କଲିକତାର ବଙ୍ଗଳା ସାପ୍ତାହିକ ସମ୍ବାଦପତ୍ରିକା କାର୍ଯ୍ୟାଳୟରୁ କେତେକ ଦିନରୁ ଖଣ୍ଡିଏ ଦୈନିକ ସମ୍ବାଦପତ୍ର ବାହାରିବାର ଆରମ୍ଭ ହୋଇ ଅଛି । ଏହାର ନାମ ଦୈନିକ ପତ୍ର । ଆମ୍ଭେମାନେ ଏ ପତ୍ରିକାକୁ ଦେଖି ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଅମ୍ଭମାନଙ୍କର ଆଶା ହୋଇଅଛି ଯେ ବଙ୍ଗଳାଭାଷାରେ ଯେଉଁ ଦୁଇ ତିନିଖଣ୍ଡ ଦୈନିକପତ୍ରିକା ଅଛି ଏହି ଦୈନିକ ଗୁଡ଼ିକମଧ୍ୟରେ ଉତ୍କୃଷ୍ଟ ଅଟଇ । ଏଥିରେ ସମ୍ପାଦକ ବିଶେଷରେ ସୁଶିକ୍ଷିତମାନଙ୍କ ଚିତ୍ତରଞ୍ଜନାର୍ଥେ ଇଂରାଜୀ ଓ ବଙ୍ଗଳା ଉଭୟ ଭାଷାରେ ପ୍ରକାଶ ହେଉ ଅଛି । କଥିତ ହୁଅଇ ଏଥିମଧ୍ୟରେ ଏ ପତ୍ରିକାର ଗ୍ରାହକସଂଖ୍ୟା ୫୦୦୦ ହୋଇଅଛି ଏବଂ ଅଳ୍ପ ଦାମ ଯେମନ୍ତ ଗ୍ରାହକଙ୍କ ଯଥାର୍ଥ କଥା ପତ୍ର ଅଛି ଛନ୍ଦରେ ଅଧିକ ଉନ୍ନତି ହେବାର ଆଶା କରାଯାଇ ପାରେ । ପତ୍ରିକାର ମୂଲ୍ୟ ମଧ୍ୟ ଶସ୍ତା ଡାକମାସୁଲ ସହିତ ଟ ୩୲ ଅଟଇ । ଆମ୍ଭେମାନେ ଏହାର ଦୀର୍ଘଜୀବନ କାମନା କରୁଁ ।—

---

କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ପରୀକ୍ଷାର ଫଳ ବାହାରି ଅଛି । ପ୍ରାୟ ୪୦୨ ଜଣ ପ୍ରାର୍ଥୀ ହୋଇଥିବାର କଥିତ ହୁଅଇ ତହିଁମଧ୍ୟରୁ ଜ ୨୫୫ ଣ ସାଧାରଣରୂପେ ଏବଂ ସ ମ୍ମ ଜ ୪୦ ସାନ୍ନ୍ୟସହିତ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତବର୍ଷ ଏ ପରୀକ୍ଷାରେ ଜ ୨୨୯ ଣ ଉତ୍ତୀର୍ଣ୍ଣ ହୋଇଥିଲେ ସୁତରାଂ ଏଥର ଅଧିକ ପିଲା ପାସ କରି ଅଛନ୍ତି ଏବଂ ପରୀକ୍ଷାର୍ଥିଙ୍କ ମଧ୍ୟରୁ ଶତକଡ଼ା ୬୫ ପାସ କରିଥିବା ଅତ୍ୟନ୍ତ ପ୍ରଶଂସାର ବିଷୟ ଅଟଇ । ଇଂରାଜୀରେ ଆଗ୍ରା କଲେଜ ପ୍ରଥମ ସ୍ଥାନ ଏବଂ ବିଦ୍ୟାସାଗରଙ୍କ ମେଟ୍ରପଲିଟନ କଲେଜ ୨ୟ ସ୍ଥାନ ଲାଭ କରିଅଛି । ପ୍ରେସିଡେନସୀ କଲେଜ ଚତୁର୍ଥରେ ପଡ଼ି ଯାଇଅଛି । ସାଧାରଣ ଫଳ ସଙ୍ଗେ ଏଠା ରେଭେନ୍ସା କଲେଜର ଫଳ ସମାନ ଅନୁପାତ ରକ୍ଷା କରିଅଛି । ଏଠାରୁ ୪ ଜଣ ଛାତ୍ର ପରୀକ୍ଷା ଦେବାକୁ ଯାଇଥିଲେ ତହିଁମଧ୍ୟରୁ ୩ ଜଣ ଅର୍ଥାତ୍ ଗଡ଼ଜାତବାସୀ ଚୌଧୁରୀ ନାସ୍ମିଥ ଦାସ ଓ ବିଜୟଚନ୍ଦ୍ର ପାଣିଗ୍ରାହୀ ଉତ୍ତୀର୍ଣ୍ଣ ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟଇ । ପ୍ରଥମ ଲିଖିତ ଛାତ୍ର ବାଲେଶ୍ୱର ଏବଂ ଅନ୍ୟ ଦୁଇଜଣ କଟକ ଜିଲ୍ଲାର ଅଟନ୍ତି ।

---

ଏ ଜିଲ୍ଲାର ସ୍କୁଲସମୂହର ଡେପୁଟିଇନ୍‌ସ୍‌ପେକ୍ଟରଙ୍କ ଉଦ୍ୟମରେ ଗତ ସପ୍ତାହରେ ଏ ଜିଲ୍ଲାର ଦେଶୀୟ ବିଦ୍ୟାଳୟମାନଙ୍କର ଶିକ୍ଷକ, ଇନ୍‌ସ୍‌ପେକ୍ଟିଂ ପଣ୍ଡିତ ଏବଂ ସବ୍‌ଇନ୍‌ସ୍‌ପେକ୍ଟରର ପ୍ରଭୃତି ପ୍ରାୟ ୧୦୦ ଜଣଙ୍କର ଏକ ସଭା ବସିଥିଲା । ସଭାଟି ଦୁଇଦିନ କାଳ ଏ ନଗରସ୍ଥ ହିନ୍ଦୁ ବାଳିକାବିଦ୍ୟାଳୟରେ ହୋଇଥିଲା ଏବଂ ଶ୍ରୀଯୁକ୍ତ ଜଏଣ୍ଟ ଇନ୍‌ସ୍‌ପେକ୍ଟର ସଭାପତିର ଭାର ଗ୍ରହଣ କରିଥିଲେ । କେତେକ ପାଠ୍ୟପୁସ୍ତକର ଦୋଷଗୁଣ ବ୍ୟାୟାମଶିକ୍ଷା ଛାତ୍ରାବାସ ଓ ଶିକ୍ଷକଙ୍କ ଜ୍ଞାନୋନ୍ନତିର ଉପାୟ ଇତ୍ୟାଦି ବିଚାର କରିବା ସଭାର କାର୍ଯ୍ୟ ଥିଲା । କେଉଁ ବିଷୟରେ ସଭାରୁ କ ସିଦ୍ଧାନ୍ତ ହେଲା ଆମ୍ଭେମାନେ ଅବଗତ ହୋଇ ନାହୁଁ । ଶୁଣିବାରେ କିଛି ଠିକ ହେଲା ନାହି । ବାସ୍ତବରେ ଏ ସମସ୍ତ ବିଷୟର ମୀମାଂସା ଏକଦିନରେ ହୋଇ ନ ପାରେ । ଜିଲ୍ଲାର ଅବସ୍ଥା ଦେଖି ଶିକ୍ଷାବିଭାଗକୁ ପରାମର୍ଶ ଦେବା ଉପଦେଶକ କର୍ମଚାରୀଙ୍କର କାର୍ଯ୍ୟ ହେଉଅଛି । ସଭା ଶେଷ ହେଲାରୁ ଆଗନ୍ତୁକ ସଭ୍ୟମାନେ ଡେପୁଟି ଇନ୍‌ସ୍‌ପେକ୍ଟରଙ୍କ ଗୃହରେ ଗୋଟିଏ ପ୍ରୀତିଭୋଜନରେ ସମ୍ମାନିତ ହୋଇ ସ୍ୱ ସ୍ୱ ସ୍ଥାନକୁ ପ୍ରତ୍ୟାଗମନ କଲେ ଏବଂ ଏହି ବ୍ୟାପାରଟି ଅମ୍ଭମାନଙ୍କୁ ଅଧିକ ସୁଖକର ବୋଧ ହେଲା ।

---

ଗତ ଶୁକ୍ରବାର ଅପରାହ୍ନ ସମୟରେ ଏଠା ସରକାରୀ ସ୍କୁଲର ଛାତ୍ରମାନଙ୍କ ବାର୍ଷିକ ପାରିତୋ-

Digitized by srujanika@gmail.com

ଶିକ୍ଷା ବିତରଣ ନିମିତ୍ତ ଏଠା ସବ୍ ଜଜ ବାବୁ ରାଧାକୃଷ୍ଣ ସେନଙ୍କ ବାସାରେ ସଭା ହୋଇ ଥିଲା ଏବଂ ନଗରବାସୀ କେତେକଣ ଦେଶୀୟ ଭଦ୍ରଲୋକ ଉପଗତ ହୋଇ ଏ ଶୁଭକାର୍ଯ୍ୟରେ ଯୋଗ ପ୍ରଦାନ କରି ଥିଲେ । ଏହି ବିଦ୍ୟାଳୟର ସମ୍ପାଦକ ବାବୁ କାଳୀପ୍ରସାଦ ବାନର୍ଜୀ । ସେହି ବାର୍ଷିକ ବିଜ୍ଞାପନୀ ପାଠ କଲେ ତହିଁରୁ ପ୍ରକାଶ ହେଉଛି ଯେ ଏ ବିଦ୍ୟାଳୟଦ୍ୱାରା ନଗରବାସୀ ଦୁଃସ୍ଥିତିଲୋକଙ୍କର ଉପକାର ଅନେକ ସୁବିଧା ହୋଇ ଅଛି ଏବଂ କେତେବର୍ଷ ହେଲା ସାଧାରଣ ପରୀକ୍ଷାରେ ଭଲ ଫଳ ଦେଖାଇ ଆସୁ ଅଛି । ବିଦ୍ୟାଳୟର ଆୟ ଅତ୍ୟନ୍ତ ଊଣା ଥିବାରୁ ଶିକ୍ଷକମାନଙ୍କର ବେତନ ମଧ୍ୟ ଊଣା ଦିଆ ଯାଉଅଛି ଏବଂ ବିଦ୍ୟାଳୟର ଉପଯୁକ୍ତ ଗୋଟିଏ ଘର ନ ଥିବାରୁ ଛାତ୍ରମାନଙ୍କର ମଧ୍ୟ କଷ୍ଟ ହେଉ ଅଛି । ରିପୋର୍ଟରୁ ଜଣା ଗଲା ଯେ ଅଧିକା ସରକାରୀ ଦାନ ଲାଭ କରିବା ନିମିତ୍ତ ଏଥି ମଧ୍ୟରେ ପ୍ରସ୍ତାବ ହୋଇ ଅଛି ଏବଂ ସର୍ବେ ସ୍କୁଲଗୃହ ନ ଯାହା ଏଥି ପୂର୍ବେ ଉଦ୍ଦିଷ୍ଟ ଥିଲା ତାହା ପୁନଃ ପ୍ରାପ୍ତିର ଉଦ୍ୟମ ଲାଗି ଅଛି । ଅତଏବ ଭରସା ହୁଅଇ ଆଗାମୀ ବର୍ଷକୁ ଉପରଲିଖିତ ଅସୁବିଧାମାନ ଘୁଞ୍ଚି ଯିବ । ସଭାପତି ମହାଶୟ ଏ ବିଦ୍ୟାଳୟର କାର୍ଯ୍ୟକାରିତା ସଂକ୍ଷେପରେ ସ୍ୱୀକାର କରି ଉପଦେଶ ସ୍ୱରୂପ କହିଲେ ଯେ ଦରିଦ୍ର ବାଳକଙ୍କ ନିମିତ୍ତ ସ୍ଥାପିତ ହୋଇଥିବା ବିଦ୍ୟାଳୟରେ ବଢାଇ କମାର ପ୍ରଭୃତି ଶ୍ରମଯୁକ୍ତ ଶିଳ୍ପବ୍ୟବସାୟର ଶିକ୍ଷା ଦେବା ନିତାନ୍ତ ପ୍ରୟୋଜନୀୟ ତାହା ହେଲେ ପିଲାମାନେ ବିଦ୍ୟାଳୟ ସଙ୍ଗେ ସଙ୍ଗେ ଭବିଷ୍ୟତରେ ଜୀବନ ନିର୍ବାହର ଉପାୟ ଶିକ୍ଷା କରିବେ ଏବଂ ସମସ୍ତେ ଏକା ବୃତ୍ତିର ସନ୍ଧାନେ ବ୍ୟଗ୍ର ବ୍ୟସ୍ତ ହେବେ ନାହିଁ ବା ଗବର୍ଣ୍ଣମେଣ୍ଟଙ୍କୁ ବିରକ୍ତ କରିବେ ନାହିଁ । ଏ ଉପଦେଶ ଅବଶ୍ୟ ମୂଲ୍ୟବାନ୍ ଅଟଇ ଏବଂ ସ୍ଥାନୀୟ କୌଣସି ବିଦ୍ୟାଳୟରେ ଏଥିର ଅନୁଷ୍ଠାନ ହେଲେ ବଡ ସୁଖର ବିଷୟ ହେବ । ସଭାପତିଙ୍କ ବକ୍ତୃତା ଶେଷ ହେଲା ଉତ୍ତାରୁ ପାରିତୋଷିକ ବଣ୍ଟନ ହୋଇ ସଭା ଭଙ୍ଗ ହେଲା ।

---

## ସମର ଆଶା ।

ରୁଷିୟା ସଙ୍ଗେ ଇଂଲଣ୍ଡର ଯୁଦ୍ଧ ହେବା ଆଉ ଦୂର ନୁହେ । ଇଂଲଣ୍ଡ ଯୁଦ୍ଧ କରିବାକୁ ଅଦ୍ୟାପି ଚେଷ୍ଟିତ ଥିଲେ । କେବଳ ରୁଷିୟା ଯୁଦ୍ଧ କରିବେ କି ନା ଏଥିରେ ସନ୍ଦେହ ଥିଲା ଏଥର ଲଣ୍ଡନଠାରୁ ଆସିଥିବା ଟେଲିଗ୍ରାମ ତା ୭ ରିଖର ତାରସମ୍ବାଦରୁ ପ୍ରକାଶ ଯେ ରୁଷିୟା ମଧ୍ୟସ୍ଥତା କରିବା କାରଣ ଡେନମାର୍କର ରାଜାଙ୍କ ସମୀପକୁ ନିମନ୍ତ୍ରଣପତ୍ର ପଠାଇବାରୁ ରାଜା ମହୋଦୟ ଉକ୍ତ ନିମନ୍ତ୍ରଣପତ୍ର ଗ୍ରହଣ କରିଅଛନ୍ତି ଏବଂ ଇଂଲଣ୍ଡରୁ ତଦ୍ରୂପ ନିମନ୍ତ୍ରଣପତ୍ର ପ୍ରାପ୍ତ ହେଲେ କାର୍ଯ୍ୟାରମ୍ଭ କରିବେ ବୋଲି କହୁଅଛନ୍ତି । ରୁଷିୟା ଗବର୍ଣ୍ଣମେଣ୍ଟ ହିରାତ ଅଧିକାର କରିବା ପକ୍ଷେ କୌଣସି କଳ୍ପନା କରୁ ନ ଥିବା ବିଷୟରେ ଇଂଲଣ୍ଡକୁ ଭରସା ଦେଇଅଛନ୍ତି । ସୁତରାଂ ଆପୋଷରେ ସନ୍ଦେହ ବିଷୟ ମୀମାଂସିତ ହୋଇ ଯିବା ପକ୍ଷେ ଆଉ ସନ୍ଦେହ ନାହିଁ । ମନ୍ତ୍ରୀବର ଗ୍ଲାଡଷ୍ଟୋନ ସାହେବ ଏଥିରେ ଅଗ୍ରସ୍ତ ହୋଇ କେଉଁ ନ୍ୟାୟରେ ଆଫଗାନସ୍ଥାନର ସୀମା ଘଟିତ ବିବାଦ ମୀମାଂସା ହେବ ତହିଁର ମୂଳ ନିୟମମାନ ସ୍ଥିର କରିବା କାରଣ ସରପିଟର ଲମସ୍‌ଡେନ ସାହେବଙ୍କୁ ଲଣ୍ଡନ ନଗରକୁ ଡାକି ଆଣୁଅଛନ୍ତି । ଇଂରାଜ ଏବଂ ରୁଷିୟା କର୍ମଚାରୀମାନେ ଉକ୍ତ ନଗରରେ ବସି ସେ ସମସ୍ତ ବିବେଚନା ପୂର୍ବକ ସ୍ଥିର କରି ହେଲେ ମୀମାଂସା କମିଶନରମାନେ ମୋଫସଲକୁ ଯାଇ କେବଳ ରେଖା ବନ୍ଧାଇ ଦେଇ ଦେବେ ଆଉ କୌଣସି ଗଣ୍ଡଗୋଳ ପଡିବାକୁ ରହିବ ନାହିଁ । ଅନୁମାନ ହୁଅଇ ରୁଷିୟା ପଞ୍ଜଦେ ପ୍ରଦେଶ ପ୍ରାପ୍ତ ହେବ ଏବଂ ତହିଁରେ ଆମୀରଙ୍କ ବିଶେଷ ଆପତ୍ତି ନାହିଁ ବୋଲି ଏକେବେଳେ କଥିତ ହୁଅଇ । ଇଂଲଣ୍ଡ ପକ୍ଷରେ ଏ କଥାଟା ଭଲ ହେଲା ଏବଂ ଏଥିପାଇଁ ସମରପିପାସୁ ଇଂରାଜମାନେ ବୃଦ୍ଧ ମନ୍ତ୍ରୀବରଙ୍କ ବହୁତର କେତେ କଥା [illegible] ହୁଅଛନ୍ତି । ମାତ୍ର ଆମ୍ଭମାନଙ୍କ ବିବେଚନା [illegible] ତୁଚ୍ଛ କଥାରେ ଅସଂଖ୍ୟ ମନୁଷ୍ୟପ୍ରାଣୀ ନାଶ ଏବଂ ଅର୍ଥବ୍ୟୟଠାରୁ ରକ୍ଷା କରିବା ଗୁଣରେ ଶ୍ରେୟସ୍କର ଏବଂ ଇଂଲଣ୍ଡର ମନ୍ତ୍ରୀ ତହିଁର ପଥ ପରିଷ୍କାର କରିବାଦ୍ୱାରା ସ୍ୱଦେଶର ହିତ ସାଧ୍ୟ ଧନ୍ୟବାଦର ଉପଯୁକ୍ତ କରିଅଛନ୍ତି । ହିରାତ ଅଧିକାର କରିବାକୁ କୌଣସି ସମୟରେ ଇଚ୍ଛା ନାହିଁ ଯେତେବେଳେ ରୁଷିୟା ସ୍ୱୀକାର କରୁଅଛନ୍ତି ସେ ସ୍ଥଳେ ଯୁଦ୍ଧ ନ ହେବାର ଅନ୍ୟ କୌଣସି କାରଣ ନାହିଁ । ଆଉ ଯଦ୍ୟପି ବା ଇଂଲଣ୍ଡର ଟେକ ରହିଲା ଭଳି ହେବାର ବୋଲି ଯିବ ସେଥିର ତହିଁରେ ମନ୍ତ୍ରୀବର୍ଗଙ୍କର କୌଣସି ଦୋଷ ନାହିଁ କେବଳ କେତେ ଜଣ ସମର ପ୍ରିୟ ଇଂରାଜ ଏବଂ ଉତ୍ତରସ୍ୱଭାବାପନ୍ନ ଇଂରାଜୀ ସମ୍ବାଦପତ୍ରର ଲେଖକ ତହିଁ ନିମିତ୍ତ ଦାୟୀ ଅଟନ୍ତି । ଆଫଗାନମାନଙ୍କ ମଠାଇବାରେ ବିନା ଅପରାଧରେ ବ୍ୟାପାର ଘଟିଲା ହେଲା । ନୋହିଲେ ଯୁଦ୍ଧ ହେବାର ଉପକାର୍ଯ୍ୟ ଲାଗିଥିବା ସମୟରେ କାହିଁକି ସେଠାରେ ଯୁଦ୍ଧ ହୁଅନ୍ତା ଯାହା ହେଉ କୌଣସି ମତେ ଶାନ୍ତି ରକ୍ଷା ହୋଇ ଗଲେ ଆମ୍ଭେମାନେ ସନ୍ତୁଷ୍ଟ ହେବୁଁ ।

---

## ମାଇନର ଓ ବର୍ଣ୍ଣାକୁଲର ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ଏହି ପରୀକ୍ଷାର ଫଳ ଗତବର୍ଷ ପରି କେବଳ ଓଡିଶା ଗେଜେଟରେ ପ୍ରକାଶିତ ହୋଇଅଛି ଅର୍ଥାତ ତହିଁ ପୂର୍ବେ ଯେମନ୍ତ ଆମ୍ଭେମାନେ ଓ ସ୍ଥାନୀୟ ଅନ୍ୟାନ୍ୟ ସମ୍ବାଦପତ୍ରମାନେ ସ୍ୱତନ୍ତ୍ରରୂପେ ତାହା ପାଉଥିଲେ ସେ ପ୍ରକାର ପୂର୍ବବର୍ଷ ହେଲା ନ ପାଇବାରୁ ଉକ୍ତ ନିୟମ ଏକାବେଳକେ ଉଠି ଗଲା ଏବଂ [illegible] ବିଦ୍ୟାଳୟର ଫଳ ପ୍ରକାଶର ସୁବିଧା ଏ ଫଳ ଅନାବଶ୍ୟକ ବୋଲିବାକୁ ହେବ କିନ୍ତୁ ବିଶ୍ୱବିଦ୍ୟାଳୟ ପକ୍ଷରେ ଅଚଳ ଅଛି ଏ ଫଳ ପ୍ରକାଶ ପକ୍ଷରେ ସେପରି ନାହିଁ । ପର ହେଉ ସ୍ଥାନୀୟ ସମ୍ବାଦପତ୍ରକୁ ଏ ଫଳ ଯୋଗାଇବାର ନିୟମ ନ ଥିଲେ ସୁଦ୍ଧା ସମସ୍ତ ସମ୍ବାଦପତ୍ର ଯେ ଏକା ଗେଜେଟକୁ ଚାହିଁ ବସିଥିଲେ ଓ ପୁସ୍ତକକୁ ଯେ କଷ୍ଟ ଜାଣୁ ନ ଥିଲେ ଏ କଥା ବୋଲିଯାଇ ନ ପାରେ । ଅନୁମାନ ହୁଅଇ ଅନ୍ୟ ପ୍ରକାରେ ଯାହାର ଯେତେ ଦୂର ସୁବିଧା ଥିଲା ସେ ସେତେଦୂର କୃତକାର୍ଯ୍ୟ ହୋଇଅଛି । ଯଥା ଗେଜେଟ ବାହାରିବାର ତିନିଦିନ ପୂର୍ବରୁ ଶିକ୍ଷାବନ୍ଧୁ ଏଥିର ତାଲିକା ସମାଲୋଚନା ଲେଖିଥିଲେ ଏବଂ ଗେଜେଟ ବାହାରିବା ଉତ୍ତାରୁ ଶାସକ ମଧ୍ୟରେ ଉକ୍ତ ଫଳ ସେମାନେ ଓ ସମ୍ବାଦିକା ଅଫିସକୁ ଛପା ହେଉ ଅବଦାନ ସମ୍ବାଦ ପ୍ରସ୍ତୁତ ହେଲା । ଆମ୍ଭମାନଙ୍କର ଅପର ସୁବିଧା କିଛି ନାହିଁ । [illegible] ଗେଜେଟରେ ଫଳ ବାହାରିବାରୁ [illegible] ଭାଷା ଉକ୍ତ ଲେଖ ହେଲଅଛୁ ବର୍ତ୍ତମାନ ତହିଁର ବିଷୟ ଉଲ୍ଲେଖରେ [illegible] ହେଲୁଁ ।

ମାଇନର ପରୀକ୍ଷାରେ ଗତ ବର୍ଷ ୫୦ ଜଣ ଉପସ୍ଥିତ ହୋଇ କେବଳ ୧୫ ଜଣ ପାସ କରିଥିଲେ ଏ ବର୍ଷ ୫୧ ଜଣ ମଧ୍ୟରୁ ଛଅଜଣ

Split by PDF Splitter
Digitized by srujanika@gmail.com

Split by PDF Splitter



ପାସ କରିଅଛନ୍ତି । ସୁତରାଂ ଉଭୟ ସଂଖ୍ୟା ଏବଂ ଦରରେ ଗତବର୍ଷଠାରୁ ଏ ବର୍ଷର ମୋଟ ଫଳ ଅତ୍ୟନ୍ତ ଭଲ ହୋଇଅଛି ସୁଖର ବିଷୟ ଅଟଇ। କଟକ ଶିକ୍ଷାବନ୍ଧୁ ଯାହା ଲେଖିଅଛନ୍ତି ସେ ତିନି ଜିଲ୍ଲାର ଫଳ ତୁଳନାରେ କଟକର ଫଳ ଅତ୍ୟନ୍ତ ମନ୍ଦ ହୋଇଅଛି ଏଥିରେ ସନ୍ଦେହ ନାହିଁ । ପୁରୀରେ ଜ ୧୫ ଣ ମଧ୍ୟରୁ ଜ ୧୧ ଣ ଓ ବାଲେଶ୍ୱରରେ ଜ ୧୩ ଣ ମଧ୍ୟରୁ ଜ ୯ ଣ ପାସ କରିଥିବା ପ୍ରତ୍ୟକ୍ଷେ କଟକରେ ଜ ୫୫ ଣ ମଧ୍ୟରୁ କେବଳ ଜ ୧୩ ଣ ପାସ କରିଅଛନ୍ତି । ଗତ ବର୍ଷ ବାଲେଶ୍ୱର ଜିଲ୍ଲାର ବାରବାଟି ଏ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ପାଇ ଥିଲା ଏ ବର୍ଷ ସେହି ଜିଲ୍ଲା ଅନ୍ତର୍ଗତ ମୟୂରଭଞ୍ଜ ଗଡ଼ଜାତର ବାରିପଦା ସ୍କୁଲ ପ୍ରଥମ ସ୍ଥାନ ପାଇଅଛି । ବାରିପଦା ଗତ ବର୍ଷ ୨ୟ ସ୍ଥାନ ଲଭିଥିଲା ଏବଂ ବାରବାଟି ଏ ବର୍ଷ ଷଷ୍ଠ ସ୍ଥାନ ଲଭିଅଛି । ଏହି ଦୁଇ ସ୍କୁଲ ବିଶେଷରେ ବାରିପଦା ଗତ ଦୁଇ ବର୍ଷଯାକ ସମାନରୂପ ଠେକ ରଖିଅଛି ବଡ ପ୍ରଶଂସାର ବିଷୟ ଅଟଇ । ଖୋରଧା ଓ ଢେଙ୍କାନାଳ ବିଦ୍ୟାଳୟମାନ ମଧ୍ୟ ଉତ୍କୃଷ୍ଟ ଫଳ ଦେଖାଇଅଛନ୍ତି । ଏ ନଗରସ୍ଥ ସଙ୍ଗତ ସ୍କୁଲର ଦୁଇ ଜଣ ଏବଂ ଟାଉନ ସ୍କୁଲର ଦୁଇ ଜଣ ଛାତ୍ର ପାସ କରିଅଛନ୍ତି। ବଡ ଦୁଃଖର ବିଷୟ ଯେ ଏଠା ମଡେଲ ସ୍କୁଲ ପାରଦର୍ଶିତାନୁସାରେ ତ୍ରୟୋଦଶ ସ୍ଥାନ ଅର୍ଥାତ ପ୍ରଥମ ଶ୍ରେଣୀର ସର୍ବ ନିମ୍ନରେ ପଡି ରହିଅଛି ଏବଂ ସର୍ବ ସୁଦ୍ଧା ଏଥିର ଜ ୩ ଣ ଛାତ୍ର ପାସ କରିଛନ୍ତି । ଏହି ବିଦ୍ୟାଳୟକୁ ଓଡିଶାରେ ସର୍ବଶ୍ରେଷ୍ଠ ଦେଖିବାକୁ ଅମ୍ଭେମାନେ ଆଶା କରୁଁ । ମାଇନର ପରୀକ୍ଷାରେ ଏଥର ଗଡଜାତ ବିଦ୍ୟାଳୟମାନ ମୋଗଲବନ୍ଦିକୁ ହରାଇ ଦେଇଅଛନ୍ତି ବଡ ବାହାଦୁରୀ ଅଟଇ ।

ଛାତ୍ରବୃତ୍ତି ବା ଦେଶୀୟ ଛାତ୍ରବୃତ୍ତି ପରୀକ୍ଷାରେ ଗତ ବର୍ଷ ଜ ୨୧୪ ଣ ଛାତ୍ର ମଧ୍ୟରୁ ଜ ୧୩୪ ଣ ଓ ସେଥିରେ ପ୍ରଥମ ଶ୍ରେଣୀରେ ଜ ୧୩ ଣ ପାସ କରିଥିଲେ । କଟକ ମଡେଲ ସ୍କୁଲ ସର୍ବୋଚ୍ଚ ଓ ତହିଁ ତଳେ ରେମନା ଏବଂ ଗଡଜାତରେ ସୁରୁଣାଗଡ଼ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଏ ବର୍ଷ ସର୍ବସୁଦ୍ଧା ଜ ୩୬୨ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ଜ ୩୮ ଣ ୨ୟ ଶ୍ରେଣୀରେ ଜ ୩୩ ଣ ଏବଂ ୩ୟ ଶ୍ରେଣୀରେ ଜ ୭୧ ଣ ସର୍ବସୁଦ୍ଧା ଜ ୧୪୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କଟକ ହିନ୍ଦୁବାଳିକାବିଦ୍ୟାଳୟ ପ୍ରଥମ ଏବଂ ବାଲେଶ୍ୱର ମିଶନସ୍କୁଲ ୨ୟ ସ୍ଥାନ ଅଧିକାର କରିଅଛି । ଗଡ଼ଜାତ ମଧ୍ୟରେ ବାରିପଦା ଚତୁର୍ଥ ସ୍ଥାନରେ ଶୋଭା ପାଉଅଛି। ହିନ୍ଦୁବାଳିକା ଦୁଇଜଣ - ଛାତ୍ରୀ ଏ ପରୀକ୍ଷାରେ ପ୍ରଥମଥର ଉତ୍ତୀର୍ଣ୍ଣହେବା ଏବଂ ଓଡିଶାର ସମସ୍ତ ବିଦ୍ୟାଳୟର ବାଳକମାନଙ୍କୁ ଜିଣିବା ଏ ବର୍ଷର ପ୍ରଧାନ ଓ ଆଶାତୀତ ଶୁଭଘଟଣା ଅଟଇ । ଏହି ଦୁଇ ବାଳିକା ଗତ ବର୍ଷ ଉଚ୍ଚ ପ୍ରାଇମେରୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁତରାଂ ଏମାନଙ୍କର ଉଚ୍ଚ ସ୍ଥାନ ଲଭିବା ଆକସ୍ମିକ ଘଟଣା ନ ଥାଇ ଗାଢ ଅଧ୍ୟବସାୟ ଏବଂ ବୁଦ୍ଧିମତ୍ତାର ଫଳ ବୋଲିବାକୁ ହେବ ଏବଂ ଏଥିପାଇଁ ଏମାନଙ୍କର ବିଶେଷ ପ୍ରଶଂସା କରୁଅଛୁଁ । ଏପର କଟକ ଫିମେଲ ଅର୍ଫାନେଜର ଏକଜଣ ଛାତ୍ରୀ ଏବଂ ଜଲେଶ୍ୱର ମିଶନ ବାଳିକାସ୍କୁଲର ଦୁଇ ଜଣ ଛାତ୍ରୀ ଯଥାକ୍ରମେ ୨ୟ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସୁଖର ବିଷୟ ଅଟଇ । ମୋଟ ଫଳ ଗତବର୍ଷ ତୁଳନାରେ ସଂଖ୍ୟାରେ ଅଧିକ ମାତ୍ର ଦରରେ ପ୍ରାୟ ସମାନ ଅଟଇ ଏବଂ ଶିକ୍ଷାବନ୍ଧୁଙ୍କ ପ୍ରକାଶିତ ତିନି ଜିଲ୍ଲାର ତାଲିକା ତୁଳନାରେ କଟକର ଫଳ ଉତ୍କୃଷ୍ଟ ହୋଇଅଛି ବୋଲିବାକୁ ହେବ ଯଥା; କଟକର ଜ ୧୪୬ ଣ ମଧ୍ୟରୁ ଜ ୯୧ ଣ ପୁରୀର ଜ ୬୧ ଣ ମଧ୍ୟରୁ ଜ ୩୬ଣ ଓ ବାଲେଶ୍ୱରର ଜ ୯୦ ଣ ମଧ୍ୟରୁ ଜ ୪୦ ଣ ପାସ କରିଅଛନ୍ତି । ମାଇନର ପରୀକ୍ଷାପରି ଏ ପରୀକ୍ଷାରେ ମଧ୍ୟ ଗଡଜାତର ଫଳ ଭଲ ହୋଇ ଅଛି ଅର୍ଥାତ ଜ ୩୫ ଣ ମଧ୍ୟରୁ ଜ ୨୪ ଣ ପାସ କରିଅଛନ୍ତି । ଏ ପରୀକ୍ଷାରେ ମଧ୍ୟ କଟକ ମଡେଲସ୍କୁଲ ଅନେକ ତଳକୁ ଖସି ପଡିଅଛି ଅର୍ଥାତ ପ୍ରଥମ ଶ୍ରେଣୀର ଷୋଡଶ ସ୍ଥାନରେ ଏଥିର ପ୍ରଥମ ଉଲ୍ଲେଖ ଦେଖା ଯାଉଅଛି । କେବଳ ସଂଖ୍ୟାରେ ଏ ବିଦ୍ୟାଳୟର ଅନେକଗୁଡ଼ିଏ ଛାତ୍ର ପାସ କରିଅଛନ୍ତି ଏହିତ ଭଲ ଲକ୍ଷଣ ଅଟଇ । ଅନ୍ୟାନ୍ୟ ସ୍କୁଲ ସମ୍ବନ୍ଧରେ ବିଶେଷ ବିବେଚନାର ପ୍ରୟୋଜନ ନାହିଁ । ସ୍କୁଲରେ ପରୀକ୍ଷାର ଫଳ ଭଲ ହୋଇଅଛି ।

ପରିଶେଷରେ ବକ୍ତବ୍ୟ ଏହି କି ପରୀକ୍ଷା ଗ୍ରହଣ ସମୟରେ କୌଣସି ୨ ସ୍ଥଳରେ ସେହି ବିଦ୍ୟାଳୟ ସମ୍ପର୍କୀୟ ସବ୍‌ଇନସ୍ପେକ୍ଟରଙ୍କ ଶିକ୍ଷକ ପ୍ରତିନିଧି ହବା କାର୍ଯ୍ୟରେ ନିଯୁକ୍ତ ହେବାର ଦେଖି କେହି ୨ ଅମ୍ଭମାନଙ୍କ ନିକଟରେ ଆପତ୍ତି ପ୍ରକାଶ କରିଅଛନ୍ତି । ଅବଶ୍ୟ ଦେଶର ଅବସ୍ଥା ଦୃଷ୍ଟିରେ କୌଣସି ୨ ସ୍ଥଳରେ ଏହା ଅନିବାର୍ଯ୍ୟ ହୋଇ ପାରେ ମାତ୍ର ଚେଷ୍ଟା କଲେ ଅନେକ ସ୍ଥଳରେ ଭିନ୍ନ ବନ୍ଦୋବସ୍ତ ହୋଇ ପାରେ । ଅମ୍ଭେମାନେ ସମସ୍ତ କେନ୍ଦ୍ରର ଅବସ୍ଥା ଜାଣି ନ ପାରିବାରୁ ବିଶେଷ ପ୍ରସ୍ତାବ କରି କରି ନ ପାରି ସାଧାରଣରେ ଶିକ୍ଷାବିଭାଗୀୟ କର୍ମଚାରୀଙ୍କୁ ଅନୁରୋଧ କରୁଅଛୁଁ କି ସେମାନେ ଯଥାସମ୍ଭବ ଉକ୍ତ ଅଳ କାର୍ଯ୍ୟରେ ଏପରି ଲୋକଙ୍କୁ ନିଯୁକ୍ତ କରିବାର ବନ୍ଦୋବସ୍ତ କରିବେ କି ଯହିଁରେ ଉପର ଲିଖିତ ଆପତ୍ତି କେହି କରିବାକୁ ସକ୍ଷମ ହେବେ ନାହିଁ ।

---

# ସାପ୍ତାହିକ ସଂବାଦ ।

ଏଥିପୂର୍ବେ ଯେମନ୍ତ କେତେଦିନ ତେଜ ମେଘ ଗର୍ଜନ ଥିଲା ଏ ସପ୍ତାହରେ ସେମନ୍ତ ପ୍ରତିଦିନ ଘଣ୍ଟା ଅଧିକ କତାଳ ସହିତ ବୃଷ୍ଟି ହୋଇଅଛି । ପୁରୀ ଯାଜପୁର ଓ ବାଲେଶ୍ୱରଠାରୁ ମଧ୍ୟ ଏହିପରି ବର୍ଷାର ସମ୍ବାଦ ଆସିଅଛି । ପ୍ରତିଦିନ ବର୍ଷା ହେବାରୁ ତଳରେ ବସ୍ତୁର ଜଳ ଜମା ହୋଇ ପାଣି ବସାଇ ଦେବାର କଥିତ ହୁଅଇ । ଏ ସମୟରେ ଏତେ ବର୍ଷା ଭଲ ନୁହଇ । ବୃଷ୍ଟି ସଙ୍ଗେ ୨ କୁଆ ଲେଖକ ଜିଣିହି ଦୃଷ୍ଟି ଦେଖା ଯାଉଅଛି ।

ଗତ ସପ୍ତାହରେ ଏଠାର ଜଣେ ମିଉନିସିପଲ କମିଶନର ଏକ ମିଉନିସିପଲ ବିଦ୍ୟାଳୟ ପରୀକ୍ଷଣ କରୁ ୨ ଅବଧାନ ସଙ୍ଗେ ମାଡ଼ପିଟ ହୋଇଗଲା ଅବଧାନ ପକ୍ଷରୁ ନାଲିଶ ଦାଏର ହୋଇ ବିଗ୍ରଧୀନରେ ଅଛି । ମୋକଦ୍ଦମା ଫଏସଲ ହେଲେ ଦୋଷାଦୋଷ ଜଣା ପଡିବ ।

ଏଥିପୂର୍ବେ ଲେଖିଥିବା କୃତ୍ତିଲର ବନାମ ମଉଜାବାଦ ବିଶ୍ୱାସ ଘାତକତା ମୋକଦ୍ଦମାରେ ଗତ ଶନିବାର ଆସାମୀ ପ୍ରତି ଛମାସ କାରାବାସ ଓ ଏକଶତ ଟଙ୍କା ଅର୍ଥଦଣ୍ଡ ବିଧାନ ହେଲା । ଆସାମୀ ଗତ ସୋମବାର ଜଜ ସାହେବଙ୍କଠାରେ ଦରଖାସ୍ତ କରି ଟ ୫୦୦ ର ଜାମିନ ଜମା ଦେଲେ ଖଲାସ ପାଇଅଛି ।

ଏଠା ମହାନଦୀର ବାଲିରୁ ଗତ ଶୁକ୍ରବାର ଜଣେ ମୁସଲମାନର ମୃତ ଦେହ ପାଇ ଯାଇଅଛି । ଦେହ ପରୀକ୍ଷା ପରେ ସେ କିପରି ମରିଥିଲା କଥା ବାହାରିବ ଜଣା ନାହିଁ । ପୁଲିସ ଅନୁସନ୍ଧାନ କରୁଅଛି ।

ଶୁଣିବାରେ ଏ ସପ୍ତାହର ବୃଷ୍ଟିରେ ଏକାଦିନ ବଜ୍ରପାତ ହାର ତେଲଙ୍ଗାପେଣ୍ଠରେ ତିନିଜଣ ମନୁଷ୍ୟ ଏବଂ ୧୦।୧୨ ଗୋଟା ଛେଳି ମରି ଯାଇଅଛନ୍ତି ।

ଅତ୍ୟନ୍ତ ଗ୍ରୀଷ୍ମ ହେତୁରୁ ଯାଜପୁର ସବ୍‌ଡିଭିଜନ କଟେଇ କେତେକ ଦିନ ଅକାଳୁଅ ହୋଇଥିଲା ମାତ୍ର ବୃଷ୍ଟି ହେବାରୁ ଉପସ୍ଥିତରୂପେ ଏହାର ଶାନ୍ତିସ୍ଥି କମେଇ ହୋଇଅଛି ।

ବାବୁ ସଦାନନ୍ଦଦାସ ଏମ୍, ଏ, ଡେପୁଟି କଲେକ୍ଟର ଓ ଡେପୁଟି ମାଜିଷ୍ଟ୍ରେଟ ପଦରେ ଏକାଟିଂ ନିଯୁକ୍ତ ହୋଇ ଦୁଇ ଜିଲ୍ଲାର ସବଡି ଭିଜନରେ ସ୍ଥାପିତ ହୋଇଅଛନ୍ତି ।

ଦୁସଦର ଜଜ ଜେ, ପି, ଗ୍ରାଣ୍ଟ ସାହେବ ଏକାଟିଂ ସ୍ୱତନ୍ତ୍ର ହାଇକୋର୍ଟର ଜଣେ ଜଜ ନିଯୁକ୍ତ ହୋଇଅଛନ୍ତି ।

ସାହାବାଦର ଡିଏଣ୍ଡ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏଚ୍ ଟିଲକ ସାହେବ ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବଙ୍କ ଅନୁପସ୍ଥିତକାଳ ନିମିତ୍ତ ଦୁସଦର ଏକାଟିଂ ଜଜ ନିଯୁକ୍ତ ହୋଇଅଛନ୍ତି । ଟିଲକ ସାହେବ ଗତବର୍ଷ ଏହି ସମୟରେ ଏଠାରୁ ଏକାଟିଂ ଜଜ ହୋଇ ଅସିଥିଲେ ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏଠାରୁ ମାଛଗାଁ ପର୍ଯ୍ୟନ୍ତ ଗୋଟିଏ ନାଳ ଖୋଳା ଯାଉଅଛି, ଏହି କାର୍ଯ୍ୟ ପ୍ରାୟ ଏକବର୍ଷ ହେବ ଆରମ୍ଭ ହୋଇଅଛି । ସ୍ଥାନେ୨ ବନ୍ଧ ଠିକ୍ ପ୍ରସ୍ତୁତ ହେଲଣି । କେବଳ ଏଠାରୁ 'ଓଡଖୋ' ନାମକ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦୁଇ ମାଇଲ ମଧ୍ୟରୁ ସ୍ଥାନେ୨ କବାଟ କଟା ଯାଇ ଅଛି, କୌଣସି୨ଠାରେ ସେହି ବନ୍ଧ ଅନ୍ୟସ୍ଥାନରେ ପଡୁଅଛି ଏବଂ କେତେକ ସ୍ଥାନରେ ମେଳ ଅଛି । ବର୍ଷାକାଳ ଆଗତ ପ୍ରାୟ; ଏହି କେତେକ ଦିବସ ମଧ୍ୟରେ ଉପରୋକ୍ତ କାର୍ଯ୍ୟ ଶେଷ ହୋଇ ବନ୍ଧ ଶକ୍ତ ହେବା କଷ୍ଟକର । ପୁନଶ୍ଚ, ଜନଡଅରଠାରେ ଏହି ଅଲକାଳଦୀର ଗୋଟିଏ ଧାର ବନ୍ଦ ହୋଇ ଥିବାରୁ ଏହି ଧାରରେ ଯୋଡିଏ ଧାରର ପାଣି ଯାଏ । ଏବର୍ଷ ନୂତନ ବନ୍ଧ ଏହା ରକ୍ଷା କରିବା ଦୁଃସାମର୍ଥ । ଉପରୋକ୍ତ ମା ୨ ଇଲ ମଧ୍ୟରୁ କୌଣସି ସ୍ଥାନରେ ବନ୍ଧ ଭାଙ୍ଗିଲେ ଏଠାରୁ କେଦାହାର ପ୍ରଗଣାର ଶେଷ ସୀମା ପର୍ଯ୍ୟନ୍ତ ସମସ୍ତ ପ୍ରଦେଶସ୍ଥ ପ୍ରାୟ ୧୫ କୋଶ ମଧ୍ୟସ୍ଥିତ ଶସ୍ୟକ୍ଷେତ୍ର ପ୍ରଭୃତି ଜଳମଗ୍ନ ହେବ । କାର୍ଯ୍ୟ ଯେପରି ଶୀଘ୍ର ଶେଷ ହୋଇ ବନ୍ଧ ଶକ୍ତ ହେବ, କର୍ମଚାରୀମାନେ ତହିଁ ପ୍ରତି ଦୃଷ୍ଟି ରଖିବା ଉଚିତ ।

ଦୁଇଦିନ ହେଲା ଅତ୍ରସ୍ଥ ବଣିଆସାହିରେ ମଳଦ୍ୱାରହୀନ ଗୋଟିଏ ବାଳକ ଜନ୍ମ ହୋଇଅଛି । କେନାଲ ଡାକ୍ତର ବାବୁ ଜ, ଅ ଦନାସାମୃଣ ପ୍ରାୟ ଜ ୧ ଇଞ୍ଚ ଗର୍ତ୍ତରେ ମଳଦ୍ୱାର କରି ଦେଇଅଛନ୍ତି । ଡାକ୍ତର ବାବୁ ଏଠାରେ ଅନେକ ଲୋକଙ୍କୁ ଆରୋଗ୍ୟ କରି ଅଛନ୍ତି ।

ଏଥିମଧ୍ୟରେ ବାଗସାହି ଗ୍ରାମରେ ୭୦ ଖଣ୍ଡ, ମୃଦଙ୍ଗ ଗ୍ରାମରେ ୩୦ ଖଣ୍ଡ ଏବଂ ପଠାଣ ମହଲାରେ ୫ ଖଣ୍ଡ ଘର ପୋଡି ଯାଇଅଛି । ଦୁଃଖର ବିଷୟ ଯେ ସର୍ବତ୍ର ଏହିରୂପ ଘଟୁଅଛି ।

ଗତ ତା ୭ ରିଖ ବୁଧବାର ଏକ ଅଣ୍ଟା ବୃଷ୍ଟି ହୋଇଥିଲା । ଶୁକ୍ରବାରଠାରୁ କ୍ରମାନ୍ୱୟ ପ୍ରତିଦିନ ଉତ୍ତମ ବୃଷ୍ଟି ହେଉଅଛି ।

ଏ ଅଞ୍ଚଳରେ ୨ ଯାଗା ଚନ୍ଦନଯାତ୍ରା ହୁଏ । ୧ମ—ଶ୍ରୀ ରାଧାମାଧବ ଜିଉଙ୍କଠାରେ ଏବର୍ଷ ମହା ଆଡମ୍ବର ସହିତ ହୋଇଥିଲା । ପ୍ରତିବର୍ଷ ଏଠାରେ ଅନେକ ଟଙ୍କା ବ୍ୟୟ ହୁଏ । ୨ୟ—ଶ୍ରୀ ବଳରାମ ଜିଉଙ୍କଠାରେ ସାଧାରଣରୂପେ ହୋଇଥିଲା । ଇତି

୧୦।୫।୮୫ ଜଗତସିଂହପୁର } ଶ୍ରୀକୃଷ୍ଣ ମହାପାତ୍ର ଗୃହସ୍ଥ

---

## ଚଳିତବର୍ଷ ଗତ ଚୈତ୍ରଶୁକ୍ଳ ଅଶୋକାଷ୍ଟମୀର ସମାଲୋଚନା ।

ମହାଶୟ !

ସୋମବାର ସପ୍ତମୀ ଦ ୧୪।୫୩ ଗତେ ମଙ୍ଗଳବାର ଦ ୮।୫୩ ଲଗା ପର୍ଯ୍ୟନ୍ତ ଅଷ୍ଟମୀ ବ୍ୟାପିଥିଲା । ଏ ବିଷୟରେ ସ୍ମୃତ୍ୟୁକ୍ତ କାଳ ଯଥା ଦିନମାନକୁ ଆଠଭାଗ କରି ପଞ୍ଚମ ଭାଗକୁ ଯେଉଁଦିନ ଅଷ୍ଟମୀ ପୂର୍ଣ୍ଣରୂପେ ଭୋଗ ହେଉଥିବ, ସେହିଦିନ ଅଶୋକକଳିକା ପାନ କରିବାକୁ ହେବ ଏବଂ ଉକ୍ତ ଅଷ୍ଟମୀ ସୋଦୟ ତ୍ରିମୂହୂର୍ତ୍ତ ବ୍ୟାପିଥିବା ଦିନ ଏକା ଚୈତ୍ର ଗୁଣ୍ଡିଚା କରିଯିବ ଏ ପ୍ରମାଣ ସ୍ପଷ୍ଟ ମିଳୁଅଛି । କିନ୍ତୁ ଆପଣଙ୍କ ନୂତନ ପଞ୍ଜିକାରେ ଲେଖାଅଛି କି ଅଶୋକକଳିକା ପାନ ଓ ଗୁଣ୍ଡିଚାଯାତ୍ରା ଉଭୟ ମଙ୍ଗଳବାର ହେବ ଏବଂ ଗୁଣ୍ଡିଚା ବିଷୟରେ ସ୍ମୃତିପ୍ରମାଣ ଦର୍ଶାଇ ଅଛନ୍ତି ଏହି କି; ପଞ୍ଚମଭାଗ ବ୍ୟାପିନ୍ୟାମଷ୍ଟମ୍ୟାଂ ଦ୍ୱ୍ୟାହ ବ୍ୟାପିନୀ ଗ୍ରାହ୍ୟା ଏହି ସ୍ମୃତି ବାକ୍ୟରେ ଯାହା ଅର୍ଥ ପ୍ରକାଶ ପାଉଅଛି ତାହା ହୃଦୟଙ୍ଗମ କଲେ ବୋଧହୁଏ ଯେ ଅଶୋକକଳିକା ପାନ ସୋମବାର ଲେଖା ହୋଇଥାନ୍ତା । ଯାହାହେଉ ଆମ୍ଭମାନଙ୍କର ସନ୍ଦେହ ହେଉଅଛି ଆପଣମାନେ ପୂର୍ବଦିନ ଅଶୋକକଳିକା ପାନ ଓ ପରଦିନ ଚୈତ୍ର ଗୁଣ୍ଡିଚା କରାଇଅଛୁଁ । କିନ୍ତୁ ଓଡିଶାବାସୀ ଅଧିକାଂଶ ଲୋକେ ପଞ୍ଜିକାଲିଖିତ ବ୍ୟବସ୍ଥାକୁ ଠିକ ଜାଣି କରି ତଦନୁରୂପ ବ୍ୟବହାର କରୁଥିବାର ଦେଖୁଅଛୁଁ ବର୍ତ୍ତମାନ ମଧ୍ୟ ଏ ଅଞ୍ଚଳର ଅନେକ ଗ୍ରାମର ଲୋକେ (ଯେଉଁଠାରେ କି ସ୍ମୃତିବିଜ୍ଞ ପଣ୍ଡିତ ନାହାନ୍ତି) ମଙ୍ଗଳବାର ଦିନ ଅଶୋକକଳିକା ପାନ କରିଅଛନ୍ତି । କାରଣ ପଞ୍ଜିକାରେ ଲେଖାଥିବାର ଦେଖିଲେ ଆମ୍ଭମାନଙ୍କ ବିବେଚନାରେ ଯେଉଁ୨ ସ୍ଥଳରେ ସନ୍ଦେହ ହେବାର ସମ୍ଭବ ସେପରି ସ୍ଥଳର ମୀମାଂସା ପୂର୍ବରୁ ସାଧାରଣରେ ପ୍ରକାଶ କରି ଦେଇଥିଲେ କାହାର ସନ୍ଦେହ ରହିବ ନାହିଁ । ସୁତରାଂ ଧର୍ମର ହାନି ହେବ ନାହିଁ । ଅତଏବ ପଞ୍ଜିକା ଛପାଇବା ପୂର୍ବରୁ ସ୍ମୃତି ଶାସ୍ତ୍ର ଅନୁସାରେ ପର୍ବଦିନ ସ୍ଥିର କରାଇ ଦେଇ ପଶ୍ଚାତ ଛପା କରାଇଲେ ଭଲ ହୁଅନ୍ତା । ଏ ବିଷୟରେ ଆମ୍ଭମାନଙ୍କ ସମାଜ ସାହାଯ୍ୟ ପ୍ରଦାନ କରିବାକୁ ସମ୍ମତ ଉପରୋକ୍ତ ପତ୍ରର ଉତ୍ତର ପାଇବାକୁ ସମାଜ ଉତ୍କଣ୍ଠିତ । କିମଧିକମିତି ।

୨୭।୩।୮୫ ଗୀର୍ବ୍ବାଣରସିଂହପୁର } ଅର୍ଯ୍ୟନୀତିପ୍ରଦୀପ ସମାଜ ।

---

To The Editor, Utkal Dipika,

Sir,

Beholdest thou the mote that is in thy brother's eye, but considerest not the beam that is in thine own eye, is applicable to the cynical *Darpan* It comes down upon the Balasore sub-committee, simply because they approved of the purchase of a few copies of Ramayan and Bachoutisa, but it lightly passes over the serious fault of its patron in publishing Meghadute, a book written by Radhanath Babu and selected as a school book by that officer. The *Darpan* very convenientely forgets teat there is a vast difference between a prize-book and a text-book. The former may contain some objectionable passages, but the latter should not contain any such passages.

The Darpan ought to remember that the Kumar will be looked upon by the public in the light of a book-seller. It is very rash for him to fall foul upon a public officer for the simple reason that he did not advise the Magistrate to purchase a large number of books published from his press. It will at once strike every reasonable person that the origin of the agitation is nothing but selfishness.

Yours truely
An observeer.

---

## ସନ ୧୮୮୫ ମସିହା ଉଚ୍ଚ ପ୍ରାଇମେରୀ ବୃତ୍ତି ପରୀକ୍ଷାର ଫଳ ।

### ୧ମ ଶ୍ରେଣୀ ।

ପାରଦର୍ଶିତାନୁସାରେ ।

୧ । ରଘୁନାଥ ମହାନ୍ତି ଉମ୍‌ପଡା କଟକ
୨ । ଭାଗବତ ପଟ୍ଟନାୟକ କୁବଡଲୋ ପୁରୀ
୩ । ସୁଦର୍ଶନ ପାଠୀ ମାଣକୀର ମୟୂରଭଞ୍ଜ
୪ । ବଳରାମ ସତ୍ପଥୀ ଲକ୍ଷ୍ମଣପୁର କଟକ

Digitized by srujanika@gmail.com

Split by PDF Splitter



୫ । ବାଉବନ୍ଧୁ ନାୟକ ବ୍ରହ୍ମପୁର „
୬ । ଚିନ୍ତାମଣି ରାଉତ ଢୋଲପୁର „
୭ । ଯଦୁମଣି ଜେନା „ „
୮ । ଘନଶ୍ୟାମ ସିଂହ କୃଷ୍ଣନଗର „
୯ । ଗୌରାଙ୍ଗ ମହାନ୍ତି ଉମ୍ପଡା „
୧୦ । ରାଧାମୋହନ ନାୟକ ବାରବା „
୧୧ । ଦାମୋଦର ପଟ୍ଟନାୟକ ଶ୍ରୀମପୁର ପୁରୀ
୧୨ । ଲିଙ୍ଗରାଜ ପଟ୍ଟନାୟକ ଉମ୍ପଡା କଟକ
୧୩ । ଲକ୍ଷ୍ମୀଧର ଦାସ ମାଣ୍ଡାର ମୟୂରଭଞ୍ଜ
୧୪ । ଚିନ୍ତାମଣି ବଞ୍ଚ ବ୍ରହ୍ମପୁର କଟକ
୧୫ । ବଂଶୀଧର ଜେନା ବର „
୧୬ । ଯଦୁମଣି ତ୍ରିପାଠୀ ଝରସ ପୁରୀ
୧୭ । କଣାଗ୍ରମ ବସୁ ପୁରୁଷୋତ୍ତମପୁର ବା,
୧୮ । ଲକ୍ଷ୍ମଣ ଜେନା ଢୋଲପୁର କଟକ
୧୯ । ସଦାନନ୍ଦ କର କାଶୀପୁର „
୨୦ । ବ୍ରଜକିଶୋର କନାଣି ହିଂଶ୍ଳାରପୁର „
୨୧ ଦୟାନିଧିଦାସ ବାହାରଗଡ଼ କଟକ (ବାଙ୍କି)
୨୨ । ରାମଚନ୍ଦ୍ର ପଣ୍ଡ ବାଲିସାହି ପୁରୀ
୨୩ । ଭଗବାନ ମହାପାତ୍ର ବାଙ୍କପୁର „
୨୪ । ବ୍ରଜବନ୍ଧୁ ମହାନ୍ତି „ „
୨୫ । ନଟବର ଡମ୍ବରୁ କପିଳପ୍ରସାଦ „
୨୬ । ଭଗବାନ ଦାସ ଶ୍ରୀବାସପୁର „
୨୭ । ନାରାୟଣ ମହାନ୍ତି ସାହାଡାପଡା „
୨୮ । ଲିଙ୍ଗରାଜ ଦାସ ଦଶପଲ୍ଲା ଗଞ୍ଜାମ
୨୯ । ଦାଶରଥି ମହାପାତ୍ର ପାଟପୁର କଟକ
୩୦ । ଘନଶ୍ୟାମ ପଣ୍ଡା ଗାବଡେଶ୍ୱର „
୩୧ । ଫକୀର ମହାନ୍ତି ଶ୍ରୀମଲ୍ଲାଶାସନ ପୁରୀ
୩୨ । ସର୍ବେଶ୍ୱର ନନ୍ଦ କପିଳପ୍ରସାଦ „
୩୩ । ଜଗନ୍ନାଥ ପରିଡା ପୁରୁଷୋତ୍ତମପୁର
୩୪ । ବୃନ୍ଦାବନ କର କାଶୀପୁର କଟକ
୩୫ । ଗୋପବନ୍ଧୁ ମହାପାତ୍ର ଦଣାର ପୁରୀ
୩୬ । ନୃସିଂହ ଦାସ ଗୋଷ୍ଠୀପଡା „
୩୭ । ଅର୍ଜୁନ ସାମଲ ଶେରପୁର କଟକ
୩୮ । ନନ୍ଦଲାଲ ପାଲ ବଦଲଦା ମୟୂରଭଞ୍ଜ
୩୯ । ବୈକୁଣ୍ଠ କର କାଶୀପୁର କଟକ
୪୦ । ଗୋବିନ୍ଦ ମହାପାତ୍ର ପାଟପୁର „
୪୧ । ବାଳକୃଷ୍ଣ ବଡଶୋଳ ନୂଆଗଡ „
୪୨ । ଚନ୍ଦ୍ରମଣି ଦେବୀ ହିନ୍ଦୁ ବାଳିକା ବିଦ୍ୟାଳୟ
୪୩ । ବିଶ୍ୱନାଥ ମିଶ୍ର ସପ୍ତଶଙ୍ଖପୁର ପୁରୀ
୪୪ । କେଦାରନାଥ ଅଧିକାରୀ ଶାଳଗାଁ ମୟୂରଭଞ୍ଜ
୪୫ । ଅନ୍ତର୍ଯାମୀ ପଟ୍ଟନାୟକ ବରମୁଣ୍ଡ କଟକ
୪୬ । ବୈଦ୍ୟନାଥ ଦାସ ମହାରାଜପ୍ରତିଷ୍ଠିତ ବା,
୪୭ । ଗୋପାଳ ସିଂହ ବାରବା କଟକ
୪୮ । ବାଳକୃଷ୍ଣ ଜେନା ଜଗନ୍ନାଥପୁର „
୪୯ । ରାମଚନ୍ଦ୍ରଧର୍ମରାଜ କୃଷ୍ଣଚନ୍ଦ୍ରଦେବସାହି ପୁ,
୫୦ । ଘନଶ୍ୟାମଦାସ ଗୋପାଳଜୀଉପାଠଶାଳା,
୫୧ । ମାର୍କଣ୍ଡ ନାୟକ ଖେତଗାଁ ପୁରୀ
୫୨ । ଭଗବାନ୍ ସାହୁ ପଦ୍ମପୁର କଟକ
୫୩ । ନାରାୟଣ ଦାସ ପଲ୍ଲସପୁର ପୁରୀ
୫୪ । ନାରାୟଣ ଦାସ ଭୁବନେଶ୍ୱର „
୫୫ । ଯଜ୍ଞେଶ୍ୱର ନନ୍ଦ ଶ୍ରୀମପୁର „
୫୬ । ଭୁବନେଶ୍ୱର ସିଂହ ବଳଭଦ୍ରପୁର „
୫୭ । ନରେନ୍ଦ୍ର କୁଅଁରସିଂହ କପିଳପ୍ରସାଦ „
୫୮ ମଦନମୋହନ ପଟ୍ଟନାୟକ ବେଦେଶ୍ୱର କ,
୫୯ । ବୈଷ୍ଣବଚରଣ ତ୍ରିପାଠୀ ଝରସ ପୁରୀ
୬୦ । ଗୋବିନ୍ଦ ମିଶ୍ର ଗେଙ୍ଗୁଟିଆ ବାଲେଶ୍ୱର
୬୧ । ବୈଦ୍ୟନାଥ ଦାସ ଗୋପିନାଥପୁର କ,
୬୨ । ଜଗବନ୍ଧୁ ଦାସ ପଲାସପୁର ପୁରୀ
୬୩ । କୃପାସିନ୍ଧୁ ଜେନା ଗୁଡଲା ବା,
୬୪ । ବ୍ରଜବନ୍ଧୁ ପଟ୍ଟନାୟକ ସ୍ୱର୍ଣ୍ଣଗଡ ପୁରୀ
୬୫ । କୃଷ୍ଣଚନ୍ଦ୍ର ମିଶ୍ର ଉମ୍ପଡା କଟକ
୬୬ । ହୃଷିକେଶ ଉଦ୍ଗାତା କପିଳପ୍ରସାଦ ପୁରୀ
୬୭ । କରୁଣାକର ପ୍ରଧାନ ବୈଦେଶ୍ୱର କଟକ
୬୮ । କଣ୍ଠୁ ପରିଡା ଚଢ଼ା ପୁରୀ
୬୯ । କୃତ୍ତିବାସ ପଟ୍ଟନାୟକ ପାଟଣା „
୭୦ । ଗୋପୀମୋହନ ସାହୁ ଛଣାପୁର ବା,
୭୧ । ରାମକୃଷ୍ଣ ପଣ୍ଡା ପରୋଗଳପୁର କଟକ
୭୨ । ଗୌରମୋହନ ଦାସ ବସ୍ତା „
୭୩ । କାଶୀନାଥ ପରିଡା ହିଂଶ୍ଳାରପୁର „
୭୪ । ଗଙ୍ଗାଧର ମହାପାତ୍ର ପାଟପୁର „
୭୫ । ଚିନ୍ତାମଣି ମହାନ୍ତି ଗୋପାଳ ଗଞ୍ଜାମ
୭୬ । ନଟବର ପଟ୍ଟନାୟକ ମାଟିବଣ ପୁରୀ
୭୭ । ରାଧାମୋହନ ମହାନ୍ତି ସାହାଡାପଡା „
୭୮ । ବିନୋଦ ବରମ୍ଭୀ ପଦ୍ମପୁର କଟକ
୭୯ । ବେଣୁଧର ମହାନ୍ତି ଜନପୁର କଟକ
୮୦ । ଦାମୋଦର ସାହୁ ପଦ୍ମପୁର „
୮୧ । ରାମଚନ୍ଦ୍ର ପଣ୍ଡା ବଙ୍କପୁର „
୮୨ । ନଟବର ମହାନ୍ତି ବଣାଶ ପୁରୀ
୮୩ । ବଳରାମ ସାହୁ ଗୁଡଲା ବାଲେଶ୍ୱର
୮୪ । ପଦ୍ମନାଭ ତ୍ରିପାଠୀ ପଦ୍ମପୁର କଟକ
୮୫ । ମାଗୁଣିଧର ଷଡ଼ଙ୍ଗୀ ଡାଲିଜୋଡା „
୮୬ । ସଦାନନ୍ଦ ମିଶ୍ର କଲ୍ୟାଣପୁର „
୮୭ । ଜଗନ୍ନାଥ ମିଶ୍ର ବଡାବୁଡା „
୮୮ । ଲକ୍ଷ୍ମଣ ସାହୁ କୁଡାମଣ ବାଲେଶ୍ୱର
୮୯ । ହରେକୃଷ୍ଣ ବ୍ରହ୍ମା ବ୍ରହ୍ମପୁର କଟକ
୯୦ । ମଦନମୋହନ ସେନାପତି ବାଘଲପୁର
୯୧ । କେଶବାନନ୍ଦ ମହାନ୍ତି ସାହାଡାପଡା ପୁ,
୯୨ । ଶ୍ୟାମସୁନ୍ଦର ପଟ୍ଟନାୟକ ବଡଗାଁ
୯୩ । ନୀଳକଣ୍ଠ ପଟ୍ଟନାୟକ କାଉଁରପଟଣା
୯୪ । ଅର୍ଜୁନଚରଣ ମହାନ୍ତି ଜଳଙ୍ଗ ସିଦ୍ଧ
୯୫ । ସାଧୁଚରଣ ମହାନ୍ତି ଶୁକଦେବପୁର
୯୬ । ହରେକୃଷ୍ଣ ମହାନ୍ତି ବେଣ୍ଟପୁର ପୁ,
୯୭ । ମଧୁସୂଦନ ପଣ୍ଡା ମଧୁପୁର ବ
୯୮ । ଚିନ୍ତାମଣି ମିଶ୍ର ଗାବଡେଶ୍ୱର ବ,
୯୯ । ଗୋପୀନାଥ ପ୍ରଧାନ କଡାଙ୍ଗଲା ବ,
୧୦୦ । ଶ୍ୟାମସୁନ୍ଦର ଦାସ ହିଂଶ୍ଳାରପୁର ବ,
୧୦୧ । ସ୍ୱପନ ମଣ୍ଡଳ ଶାଳଗାଁ ମୟୂରଭଞ୍ଜ
୧୦୨ । ହେମଲତାକୁମାରୀ ଦେବୀ
ହିନ୍ଦୁ ବାଳିକା ବିଦ୍ୟାଳୟ କ,
୧୦୩ । ଜଗନ୍ନାଥ ସିଂହ ବାରବା କ,
୧୦୪ । ନାରଣୀ ହିଂଶ୍ଳାରପୁର କ,
୧୦୫ । ନାରାୟଣ ଦାସ ପଦ୍ମେଶ୍ୱର ବା,
୧୦୬ । ମୃଣାଳିନୀ ଦେବୀ
ହିନ୍ଦୁ ବାଳିକା ବିଦ୍ୟାଳୟ କ,
୧୦୭ । ଗଦାଧର ମିଶ୍ର କାଳସର ପୁ,
୧୦୮ । ଶାରଦାପ୍ରସାଦ ବସୁ ମୟୂରଭଞ୍ଜ ଶାଳଗାଁ
୧୦୯ । ଚିନ୍ତାମଣି ମହାନ୍ତି ଜଗିପୁର କ,
୧୧୦ ମଧୁସୂଦନ ରଥ ବାଲିସାହି ପୁ,
୧୧୧ । ସର୍ବେଶ୍ୱର ଷଡ଼ଙ୍ଗୀ ସ୍ୱପ୍ନ ପଦ୍ମପୁର ପୁ,
୧୧୨ । ବାଳକୃଷ୍ଣ ମହାନ୍ତି ଗୋପିଡା ପୁ,
୧୧୩ । ଗୋକୁଳନାଥ ନାୟକ ଶାନ୍ତିପୁର ମେଦନ ବା,
୧୧୪ । ପ୍ରହ୍ଲାଦ ସତ୍ପଥୀ ଭାଗବୋଟ କ,
୧୧୫ । ଦୋଳଗୋବିନ୍ଦ ଷଡ଼ଙ୍ଗୀ ପରୋଗଳପୁର
୧୧୬ । ଗୋବର୍ଦ୍ଧନ ଚନ୍ଦ୍ର କର ହରିଚଣ୍ଡି ସାହି ପୁ,
୧୧୭ । କୃଷ୍ଣଚରଣ ତ୍ରିପାଠୀ ପଦ୍ମପୁର ପୁ,
୧୧୮ । ବିଶ୍ୱମ୍ଭର ମହାପାତ୍ର କାଲିଗୁଣ୍ଡି ପୁ,
୧୧୯ । ସଙ୍କର୍ଷଣ ମିଶ୍ର କାଶୀପୁର କ,
୧୨୦ । ଦାଶରଥି ତ୍ରିପାଠୀ କିଶୋରଚନ୍ଦ୍ରପୁର ପୁ
୧୨୧ । ବିଶ୍ୱନାଥ ଦାସ ବଧୀରପୁର ପୁ,
୧୨୨ । ବୃନ୍ଦାବନ ବରାଳ ଚନ୍ଦ୍ରବ୍ରହ୍ମପୁର ପୁ,
୧୨୩ । ଯଦୁମଣି ଦାସ ଶ୍ରୀମପୁର ପୁ,
୧୨୪ । କିଶୋରୀକୁମାରୀ ସ୍ୱାଇଁ
ମିଶନ ବାଳିକା ବିଦ୍ୟାଳୟ ବା,
୧୨୫ । ବିଶ୍ୱନାଥ ପଣ୍ଡା ଗାବଡେଶ୍ୱର କ,
୧୨୬ । ବୃନ୍ଦାବନ ସିଂହ ଚନ୍ଦନନଗର କ,
୧୨୭ । ଦାମୋଦର ଦାସ ଉଦୟଗିରି କ,
୧୨୮ । କୈଳାସଚନ୍ଦ୍ର ରଥ ବଡଚଣ୍ଡିସାହି ପୁ,
୧୨୯ । ଅନନ୍ତ କର ଚୌଦ୍ୱାରୀପାଟଣା କ,
୧୩୦ । ଗଉରକୃଷ୍ଣ ଦେବତା ବ୍ରହ୍ମପୁର କ,

Digitized by srujanika@gmail.com